

# ଓଡ଼ିଶା ଭାସ୍କର
ODISHA BHASKAR
ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store



୧୦ହଜାର ଭାରତୀୟଙ୍କୁ ମୁକୁଳାଇଛନ୍ତି | ୬
ପରିବେଶ ଶୀର୍ଷକ ଜାତୀୟ ସମ୍ମିଳନୀକୁ ଉଦ୍‌ଘାଟନ କଲେ | ୬

RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଏକବିଂଶତମ ବର୍ଷ ସଂଖ୍ୟା-୩୫୮ Vol. 21 No-358 30 MARCH 2025 SUNDAY BHUBANESWAR ରବିବାର, ୩୦ ମାର୍ଚ୍ଚ ୨୦୨୫ ପୃଷ୍ଠା-୮ ମୂଲ୍ୟ: ୭.୦୦


## ସଂକ୍ଷେପରେ...

### ୧୨ରେ ନଡ୍ଡାଙ୍କ ଓଡ଼ିଶା ଗସ୍ତ

ଭୁବନେଶ୍ୱର, ୨୯।୩(ଭାସ୍କର ନ୍ୟୁଜ): ଆସନ୍ତା ୧୨ ତାରିଖରେ ବିଜେପିର ଜାତୀୟ ସଭାପତି ତଥା କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେପି ନଡ୍ଡା ଓଡ଼ିଶା ଗସ୍ତରେ ଆସିବେ। ସେ କାର୍ଯ୍ୟକର୍ତ୍ତାମାନଙ୍କୁ ମାର୍ଗଦର୍ଶନ କରିବେ। ଦଳକୁ ତୃଣମୂଳ ସ୍ତରରୁ କିପରି ସୁଦୃଢ କରାଯିବ, ସରକାରଙ୍କ ସଫଳତାର ପ୍ରଚାର ପ୍ରସାର ଦିଗରେ ଦଳର ଭୂମିକା କ'ଣ ରହିବ ସେ ନେଇ ରୋଡମ୍ୟାପ ପ୍ରସ୍ତୁତ କରିବାର ସମ୍ଭାବନା ରହିଛି। କନ୍ଧମାଳ ସାଂସଦ ସୁକାନ୍ତ ପାଣିଗ୍ରାହୀ କହିଛନ୍ତି ଯେ ନଡ୍ଡାଙ୍କ ଓଡ଼ିଶା ଗସ୍ତ ସମୟରେ ସେ ବହୁ କାର୍ଯ୍ୟକର୍ତ୍ତାଙ୍କ ସହ ଆଲୋଚନା କରିବାର ମଧ୍ୟ କାର୍ଯ୍ୟକ୍ରମ ରହିଛି।

### ସୁଜାତା କାର୍ତ୍ତିକେୟନଙ୍କ ସ୍ୱେଚ୍ଛାକୃତ ଅବସରକୁ କେନ୍ଦ୍ରର ମଞ୍ଜୁରି



ଭୁବନେଶ୍ୱର, ୨୯।୩(ଭାସ୍କର ନ୍ୟୁଜ): ବରିଷ୍ଠ ବିଜେଡି ନେତା ଭି.କେ.ପାଣ୍ଡିଆନଙ୍କ ପତ୍ନୀ ତଥା ବରିଷ୍ଠ ଆଇଏଏସ୍ ଅଧିକାରୀ ସୁଜାତା କାର୍ତ୍ତିକେୟନ ସ୍ୱେଚ୍ଛାକୃତ ଅବସର ନେଇଥିବା ସୂଚନା ମିଳିଛି। ସେ ଏଥିପାଇଁ କେନ୍ଦ୍ର ସରକାରଙ୍କ ନିକଟରେ • ପୃଷ୍ଠା ୫ ଦେଖନ୍ତୁ

## ମିଆଁମାରକୁ ସହଯୋଗର ହାତ ବଢାଇଲେ ମୋଦୀ

# ଅପରେସନ 'ବ୍ରହ୍ମା' ଆରମ୍ଭ





### ୮୦ ଜଣିଆ ଏନଡିଆରଏଫ ଟିମ୍‌ର ମିଆଁମାର ଯାତ୍ରା
### ସହାୟତାରେ ସାମିଲ ହେଲା ନୌସେନା
### ୟାଙ୍ଗୁନ ବନ୍ଦର ଅଭିମୁଖେ ଆଇଏନଏସ ସାତପୁରା, ସାବିତ୍ରୀ
### ୪୦ଟନ୍‌ର ବିଭିନ୍ନ ସାମଗ୍ରୀ ନେଇ ଯାତ୍ରା କଲେ
### ୧୬ ଶହରୁ ଅଧିକ ମୃତଦେହ ଉଦ୍ଧାର
### ମୃତ୍ୟୁସଂଖ୍ୟା ୧୦ହଜାର ଟପିବା ଆଶଙ୍କା
### ୫.୧ ତୀବ୍ରତାର ପୁଣି ଭୂକମ୍ପ ଝଟ୍‌କା

ନୂଆଦିଲ୍ଲୀ, ୨୯।୩: ଭୂମିକମ୍ପ ମିଆଁମାର ପିଛା ଛାଡୁନି। ଶୁକ୍ରବାର ଦୁଇ ଦୁଇଟି ଭୟଙ୍କର ଭୂକମ୍ପ ଝଟ୍‌କାରେ ଛିନଛତ୍ର ହୋଇଯାଇଥିବା ମିଆଁମାରରେ ପୁଣି ଶନିବାର ଆଉ ଏକ ଭୂକମ୍ପ ଝଟ୍‌କା ଅନୁଭୂତ ହୋଇଛି। ରିକ୍ଟର ସ୍କେଲରେ ଏହାର ତୀବ୍ରତା ୫.୧ ରେକର୍ଡ ହୋଇଛି। ଏହାର କେନ୍ଦ୍ରସ୍ଥଳ ନାପିଡୋ ସହରରେ ରହିଥିବା ସୂଚନା ଦିଆଯାଇଛି। ଲଗାତାର ଭୂମିକମ୍ପ ଅନୁଭୂତ ହେଉଥିବାରୁ ଲୋକମାନେ ଭୟଭୀତ ହୋଇ ଘରଦ୍ୱାର ଛାଡ଼ି ରାସ୍ତାକୁ ପଳାଇ ଆସିଛନ୍ତି। ଅନ୍ୟପକ୍ଷରେ ଶୁକ୍ରବାର ହୋଇଥିବା ଭୂକମ୍ପରେ ମୃତ୍ୟୁସଂଖ୍ୟା ୧ ହଜାରରୁ ଅଧିକ ହୋଇଛି। ପ୍ରାୟ ୧୬୪୪ଟି ମୃତଦେହ ଉଦ୍ଧାର କରାଯାଇଛି। ମୃତ୍ୟୁସଂଖ୍ୟା ୧୦ହଜାର ଟପିବ ବୋଲି ଆମେରିକାର ଭୂତତ୍ତ୍ୱ ସର୍ଭେ ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି ଆହତଙ୍କ ସଂଖ୍ୟା ୨୩୦୦ ଅଛି ବୋଲି ମିଆଁମାର ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ମିଆଁମାରର ଏହି ବିପର୍ଯ୍ୟୟ ସମୟରେ ବିଭିନ୍ନ ରାଷ୍ଟ୍ର ସହାୟତା ଯୋଗାଇ ଦେବାକୁ ଆଗଭର ହୋଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସବୁପ୍ରକାର ସହାୟତା ଯୋଗାଇ ଦିଆଯିବ ବୋଲି ଘୋଷଣା କରିବା ପରେ ସହାୟତା ପ୍ରଦାନ ଆରମ୍ଭ ହୋଇଛି। ଏକ ୮୦ଜଣିଆ ଏନଡିଆରଏଫ ଟିମ୍ ଉଦ୍ଧାର କାର୍ଯ୍ୟରେ ସାମିଲ ହେବାପାଇଁ ମିଆଁମାର ଅଭିମୁଖେ ଯାତ୍ରା କରିଛନ୍ତି। ଏଥିପୂର୍ବରୁ ଭାରତ ୧୫ ଟନ୍‌ର ରିଲିଫ ସାମଗ୍ରୀ ମଧ୍ୟ ପଠାଇ ସାରିଛି। ସେଗୁଡ଼ିକ ମଧ୍ୟରେ ତମ୍ବୁ, କମ୍ବଳ, ସ୍ଲିପିଂ ବ୍ୟାଗ, ଜେନେରେଟର, କିଟ୍ ଓ ଔଷଧ ରହିଛି। ସେହିପରି ସହାୟତାରେ ନୌସେନାକୁ ସାମିଲ କରାଯାଇଛି। ମିଆଁମାରର ୟାଙ୍ଗୁନ ବନ୍ଦର ଅଭିମୁଖେ ନୌସେନାର ଜାହାଜ ଆଇଏନଏସ୍ ସାବିତ୍ରୀ ଓ ସାତପୁରା ଯାତ୍ରା କରିଛନ୍ତି। ଏହି ଦୁଇଟି ଜାହାଜରେ ୪୦ ଟନର ବିଭିନ୍ନ ସାମଗ୍ରୀ ପଠାଯାଇଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ମଧ୍ୟ ସମସ୍ତ • ପୃଷ୍ଠା ୫ ଦେଖନ୍ତୁ



ଲୋକସେବା ଭବନରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହିତ ସୌଜନ୍ୟମୂଳକ ସାକ୍ଷାତ କରୁଛନ୍ତି।

## ସୁରକ୍ଷାକର୍ମୀଙ୍କୁ ବଡ଼ ସଫଳତା

# ୧୮ ମାଓବାଦୀ ମୃତ



ମାଲକାନଗିରି, ୨୯।୩(ଭାସ୍କର ନ୍ୟୁଜ): ୨୦୨୬ ମାର୍ଚ୍ଚ ୩୧ ସୁଦ୍ଧା ସାରା ଦେଶରୁ ମାଓବାଦକୁ ବିଲୋପ କରିବା ପାଇଁ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଆହ୍ୱାନ ଦେବାପରେ ବିଭିନ୍ନ ମାଓପ୍ରବଣ ରାଜ୍ୟରେ ସୁରକ୍ଷାକର୍ମୀ ଘନଘନ ସର୍ଚ୍ଚ ଅପରେସନ ଜାରି ରଖିଛନ୍ତି। ବହୁ ସମୟରେ ସୁରକ୍ଷାକର୍ମୀ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ଘଟୁଛି। କେତେବେଳେ ମାଓବାଦୀଙ୍କ ଗୁଳିରେ ସୁରକ୍ଷାକର୍ମୀଙ୍କ ଜୀବନ ଯାଉଛି • ପୃଷ୍ଠା ୫ ଦେଖନ୍ତୁ









# ଓଡ଼ିଶା ଭାସ୍କର

ODISHA BHASKAR | ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store




ସୁରକ୍ଷାକର୍ମୀଙ୍କୁ ଶୁଭେଚ୍ଛା ଜଣାଇଲେ ବିଷ୍ଣୁଦେବ |୬

ଆଇପିଏଲକୁ ରାହୁଲଙ୍କ ପ୍ରତ୍ୟାବର୍ତ୍ତନ |୬

RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଏକବିଂଶତମ ବର୍ଷ ସଂଖ୍ୟା-୩୫୮ Vol. 21 No-358 30 MARCH 2025 SUNDAY BHUBANESWAR ରବିବାର, ୩୦ ମାର୍ଚ୍ଚ ୨୦୨୫ ପୃଷ୍ଠା-୮ ମୂଲ୍ୟ: ୭.୦୦

ଓଡ଼ିଶା ଶାସନ | ଅନ୍ତ୍ୟୋଦୟ ଗୃହ ଯୋଜନା



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

# ଶୁଭାରମ୍ଭ

ମୁଖ୍ୟମନ୍ତ୍ରୀ **ଶ୍ରୀ ମୋହନ ଚରଣ ମାଝୀ**ଙ୍କ
କରକମଳରେ

# ଅନ୍ତ୍ୟୋଦୟ ଗୃହ ଯୋଜନା

ପୂରଣ ହେବ ପକ୍କାଘରର ଆଶା, ବିକଶିତ ହେବ ଆମ ଓଡ଼ିଶା

**ଭିନ୍ନକ୍ଷମ, ବିଧବା, ରୋଗାକ୍ରାନ୍ତ, ଶହୀଦ ପରିବାର, ଘରପୋଡ଼ି, ହାତୀ ଉପଦ୍ରବ, ବନ୍ୟା ବାତ୍ୟା କ୍ଷତିଗ୍ରସ୍ତ ଯୋଗ୍ୟ ପରିବାରଙ୍କୁ ଅଗ୍ରାଧିକାର ଭିତ୍ତିରେ ଗୃହ ମଞ୍ଜୁର ହେବ ।**

**୩ ବର୍ଷରେ ବିନିଯୋଗ ହେବ ୭,୫୫୦ କୋଟି ଟଙ୍କା**

ଏବଂ

**ସମୁଦାୟ ୭୦୦ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ଓ ଲୋକାର୍ପଣ**

୩୦ ମାର୍ଚ୍ଚ ୨୦୨୫ । ଦିବା ୧୦.୩୦ ଘଟିକା
ଶ୍ରୀକୃଷ୍ଣ ନଗର ପଡ଼ିଆ, ରିସିଗାଁ, ଭବାନୀପାଟଣା, କଳାହାଣ୍ଡି

**www.rhodisha.gov.in** | ନିଃଶୁଳ୍କ ନମ୍ବର ୦୬୭୪- ୬୮ ୧୭୭୭୭

## ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ, ଓଡ଼ିଶା ସରକାର

PRDeptOdisha | prdw_odisha | PRDWDeptOdisha

DSPL - 436

OIPR 19001/13/0015/2425



"ଭଗବତ୍ କରୁଣା, ଭଗବତ୍ ଇଚ୍ଛା ଓ ଭଗବତ୍ କର୍ମରେ ପୂର୍ଣ୍ଣ ବିଶ୍ୱାସ ରଖି ଚାଲ। ସବୁ କିଛି ଠିକ୍ ହୋଇଯିବ।"
-ଶ୍ରୀମା



"ନିଜ ସୁଖ ଲାଗି ଜାତ ନୁହେଁ ହିନ୍ଦୁ ବିଶ୍ୱ ହିତେ ହିନ୍ଦୁ ପ୍ରତି ରକ୍ତବିନ୍ଦୁ।"
- ଉତ୍କଳମଣି ଗୋପବନ୍ଧୁ ଦାସ



# ଦମ୍ମାମ୍‌ର ସୌଭାଗ୍ୟ-୭ ଠାରୁ ଆରାମ୍‌କୋ ପର୍ଯ୍ୟନ୍ତ




ସୁଜାତା ପ୍ରହରାଜ
ଭୁବନେଶ୍ୱର
ମୋ : ୮୨୪୯୭୦୫୪୨୧


## ମୁଦ୍ରା କାହାଣୀ

୧୯୩୭ ମସିହାର ଜୁନ୍-ଜୁଲାଇ ମାସ। କାଲିଫର୍ଣ୍ଣିଆସ୍ଥିତ ତେଲ ଖୋଦେଇ ଷ୍ଟାଣ୍ଡାଡ୍ ଅଏଲ୍ କମ୍ପାନୀ ଦିନଦିନ ଧରି ସୁଖବରର ପ୍ରତୀକ୍ଷାରେ ଥିଲା। ଦିନ ଯେତେ କଟୁଥିଲା ନିରାଶା ସେତେ ବଢୁଥିଲା। ସାଉଦି ଆରବର ଦମ୍ମାମ୍‌ରେ ତୈଳକୂପ ଖନନ ଚାଲିଥିଲା। ପାରସ୍ୟ ଉପସାଗର ତଟରୁ କିଛି ଦୂରରେ ମରୁଭୂମି ଭିତରେ ଖୋଜା ଚାଲିଥିଲା ଭବିଷ୍ୟତର ଯାଦୁଛଡ଼ି। କମ୍ପାନୀ ଛଅଛଅଟି କୂଅ ଖୋଳିବା ପରେ ମଧ୍ୟ ସଫଳତା ପାଇନଥିଲା। କର୍ମଚାରୀ ଫେରିବା ପାଇଁ ନିଜ ଜିନିଷପତ୍ର ସଜାଡୁଥିଲେ। ଦମ୍ମାମରେ ଚାଲିଥିବା କାମ ବିଷୟରେ କେବୁଲ ମାଧ୍ୟମରେ ଲସ୍ ଆଞ୍ଜେଲସ୍‌କୁ କେବୁଲ୍ ଯୋଗେ ନିୟମିତ ଭାବେ ଖବର ଯାଉଥିଲା। ୧୯୩୮ ମସିହା ମାର୍ଚ୍ଚ ମାସ। ସପ୍ତମ କୂଅରୁ ଦିନକୁ ୧୬୦୦ ବ୍ୟାରେଲ୍ ତେଲ ବହାରିବାର ଅନୁମାନର ଖବର ଧରି କେବୁଲ୍ ଅପେରେଟର୍ ଖୁସିରେ ଦୌଡୁଥିଲା। ଆଠ-ନ' ମାସ ଧରି ବିଫଳତାର ସ୍ୱାଦ ଚାଖୁଥିବା କମ୍ପାନୀର ଲୋକେ ଖୁସିରେ ନାଚି ଉଠିଲେ।

ବିଂଶ ଶତାବ୍ଦୀର ତୃତୀୟଦଶକ ବେଳକୁ ପ୍ରାକୃତିକତୈଳର ସନ୍ଧାନ ଆରମ୍ଭ ହୋଇ ସାରିଥିଲା। ସେ ଦିଗରେ ଆମେରିକା ଆଗୁସାର ଥିଲା। ଆମେରିକାର ତେଲ ଅନୁସନ୍ଧାନ ଓ ଖନନକାରୀ ସଂସ୍ଥା ୱାଇଲ୍ଡ କାଟ୍ଚର୍ସ୍ ସାରା ପୃଥିବୀରେ ବୁଲି ତେଲ ସନ୍ଧାନ କରୁଥିଲେ। ଜାଗାର ଭୌଗୋଳିକ ସଂରଚନାକୁ ଦେଖି ଭିନ୍ନ ଭିନ୍ନ ପଦ୍ଧତି ଅବଲମ୍ବନ କରି ତେଲ ବାହାର କରାଯାଉଥିଲା। ଟେକ୍ସାସରେ ପ୍ରଥମେ ତେଲ ଅନୁସନ୍ଧାନ ଓ ଖନନ କାମ ପରେ ସେମାନେ ଭେନେଜୁଏଲା, ଇକ୍ୱେଡର୍, ଚୀନ୍ ଆଦି ଦେଶରେ ସେ କାମ କରିସାରିଥିଲେ। ପାରସ୍ୟ ଉପସାଗର ତଟରେ ବିସ୍ତୀର୍ଣ୍ଣ ମରୁଭୂମି ଘେରା ଆରବୀୟ ଦେଶମାନଙ୍କରେ ରାଜନୀତିରେ ପରିବର୍ତ୍ତନର ଧାରା ଆରମ୍ଭ ହେଉଥିଲା। ୱାଇଲ୍ଡ କାଟ୍ଚର୍ସ୍ ସେ ଦେଶମାନଙ୍କରେ ମରୁଭୂମିରେ ତେଲ ଖୋଜିବା ଆରମ୍ଭ କରି ଦେଇଥିଲେ।

ପ୍ରଥମ ସାଉଦି ସୁଲତାନ ଅବ୍ଦ-ଅଲ୍-ଅଜୀଜ୍ ଇବନ୍ ଅବ୍- ରେହମାନ୍ ଅଲ୍-ସାଉଦ୍ ଅଟୋମାନ୍ ସାମ୍ରାଜ୍ୟକୁ ହରେଇ ଇତଃସ୍ତତଃ ରହିଥିବା ଜନଜାତି ଦଳଙ୍କୁ ଏକାଠି କରି ସାଉଦି ଆରବ ଦେଶ ନିର୍ମାଣ କଲେ। ଯୁଦ୍ଧରେ ଜିତିବା ପରେ ସେ ମକ୍କା ଏବଂ ମଦିନାକୁ ନିଜ ଅକ୍ତିଆରକୁ ନେଇଗଲେ, ରିୟାଧକୁ ଦେଶର ରାଜଧାନୀ ଭାବରେ ସ୍ଥାପନ କଲେ। ଦେଶର ପଶ୍ଚିମ ଭାଗରେ ଇଂଲଣ୍ଡର ଇଷ୍ଟର୍ଣ୍ଣ ଆଣ୍ଡ ଜେନେରାଲ୍ ସିଣ୍ଡିକେଟ୍‌କୁ କାମ କରିବାର ମଞ୍ଜୁରି ମିଳିଥିଲା। ସେ ଅଞ୍ଚଳରୁ ତେଲ ବାହାରିବାର କୌଣସି ସମ୍ଭାବନା ନଥିବାରୁ ବ୍ରିଟିଶ୍ ତେଲ କମ୍ପାନୀ ସେ ପ୍ରସଙ୍ଗରେ ଆଗ୍ରହ ପ୍ରକାଶ କରିନଥିଲା। ତେଣୁ ଜେନେରାଲ୍ ସିଣ୍ଡିକେଟ୍ ଏହି ମଞ୍ଜୁରୀ ବିକିବାକୁ ଚାହୁଁଥିଲା। ୧୯୨୮ ମସିହାରେ ଏହି ମଞ୍ଜୁରୀର ଅବଧି ସରିଯିବା ପରେ ସେ ଅଞ୍ଚଳ ବ୍ରିଟିଶ୍ କବଳରୁ ମୁକ୍ତ ହୋଇଗଲା।

ଇଜିପ୍ଟ, ଓମାନ, କାତାର, ୟେମନ୍, ଜୋର୍ଡାନ, ଇରାକ, ସିରିଆ ଏବଂ ତୁର୍କୀ ଇତ୍ୟାଦି ଦେଶକୁ ନେଇ ଆରବର ଏହି ଅଞ୍ଚଳ ରେଡ୍ ଲାଇନ୍ ସନ୍ଧିର ଅନ୍ତର୍ଭୁକ୍ତ ଥିଲା। ଏହି ସନ୍ଧି ଅନୁସାରେ ଇରାକର ତେଲ କମ୍ପାନୀ କିଛି ଅଞ୍ଚଳରେ ତୈଳ ଅନୁସନ୍ଧାନ ଏବଂ ଖନନର ମଞ୍ଜୁରି ପାଇଥିଲା। ବାହାରିନ୍‌ରେ ତେଲ ଖନନରେ ସଫଳତା ପାଇଥିବା ଷ୍ଟାଣ୍ଡାର୍ଡ୍ କମ୍ପାନୀ ସହିତ ସୁଲତାନ ଅଲ୍-ସୌଦ୍ ଆରବରେ ତେଲ ଖନନ ପାଇଁ ଚୁକ୍ତି ସ୍ୱାକ୍ଷର କଲେ। ଭୂ-ବୈଜ୍ଞାନିକ ପ୍ରାଥମିକ ସର୍ବେକ୍ଷଣ କରିବା ପରେ ୱାଇଲ୍ଡ କାଟ୍ଚର୍ସ୍ ଖନନ କାମ ଆରମ୍ଭ କଲେ। ଗୋଟିଏ ପରେ ଗୋଟିଏ ତୈଳ କୂପ ଖୋଳା ଯାଉଥିଲେ ହେଁ ତେଲ ବାହାରୁ ନଥିଲା। ଭୂଗର୍ଭରେ ଅତି ଗଭୀରସ୍ତର ଅର୍ଥାତ୍ ଦୁଇହଜାର ମିଟର ତଳକୁ ଖନନ କରିବା ପାଇଁ ସ୍ଥିର ହେଲା। ନୂଆ ମେସିନ୍ ଆସିଲା। ସାନ୍‌ଫ୍ରାନ୍‌ସିସ୍କୋରୁ ପଞ୍ଚମ କୂଅ ଖୋଳିବା ପାଇଁ ନିର୍ଦ୍ଦେଶ ଆସିଲା। ତଥାପି ତୈଳ ଯାହା ବାହାରୁଥିଲା ତାହା ଅତ୍ୟନ୍ତ ନିରାଶାଜନକ ଥିଲା।

ଷଷ୍ଠ କୂଅ ଖୋଳା ହେବା ପରେ ଯେତେବେଳେ ତୈଳର ସନ୍ଧାନ ମିଳିଲାନି କମ୍ପାନୀ ପୁନଃଖନନ ନକରି ଫେରି ଯିବାକୁ ପ୍ରସ୍ତୁତ ହେଲା। ୧୯୩୭ ମସିହାରେ ସପ୍ତମ କୂପ ଖନନ ପାଇଁ ସ୍ଥିର ହେଲା। ତିନିହଜାର ମିଟର ଖୋଳା ହେଲା। ତଥାପି ତେଲର ଦର୍ଶନ ନାହିଁ। ଫେରି ଆସିବା ପୂର୍ବରୁ ଶେଷଚେଷ୍ଟାରେ ତେଲ ବାହାରିଲା। ସମଗ୍ର ଆରବର ଭବିଷ୍ୟତ ବଦଳିବାକୁ ଆରମ୍ଭ କରୁଥିଲା। ପ୍ରତିଦିନ ପନ୍ଦରଶହ ବ୍ୟାରେଲ୍ ତେଲ ବାହାରୁଥିଲା। ତୃତୀୟ ଦିନ ବେଳକୁ ଦମ୍ମାମ୍‌ର ସପ୍ତମ କୂଅରୁ ତେଲ ଚାରିହଜାର ବ୍ୟାରେଲ୍‌ରେ ପହଞ୍ଚିଲା। ସପ୍ତମ କୂଅରୁ ତେଲ ବାହାରିବା ପରେ ପ୍ରଥମ ଓ ଦ୍ୱିତୀୟ କୂଅରୁ ମଧ୍ୟ ବହୁତ ତେଲ ବହାରିବାକୁ ଲାଗିଲା। ୧୯୩୮ ମସିହାର ଅକ୍ଟୋବର ମାସରେ ଷ୍ଟାଣ୍ଡାର୍ଡ୍ ଅଏଲ୍ କମ୍ପାନୀ ଆଧିକାରିକ ଭାବରେ ସୁଲତାନଙ୍କୁ ଏ ବାବଦରେ ଅବଗତ କଲା। ୧୯୪୦ ମସିହାରେ କମ୍ପାନୀର ନାମ ଆରବିଅନ୍ ଆମେରିକାନ ଅଏଲ୍ କମ୍ପାନୀ (ଆରାମ୍‌କୋ) ରଖାଗଲା। ୧୯୪୯ ମସିହା ବେଳକୁ ତେଲ ପ୍ରତିଦିନ ପାଞ୍ଚ ଲକ୍ଷ ବ୍ୟାରେଲ୍‌ରେ ପହଞ୍ଚିଲା।

ଶିଳ୍ପ ବିକାଶ ଯୋଗୁ ସେତେବେଳକୁ ଇଉରୋପ ମହାଦେଶର ଶକ୍ତିର ଚାହିଦା ନାହିଁ ନା ଥିବା। ଏହାର ସବୁଠାରୁ ବଡ଼ ଲାଭ ସାଉଦି ଆରବ ଉଠାଇଲା। ୧୯୫୦ ମସିହାରେ କମ୍ପାନୀ ଭୂମଧ୍ୟସାଗର ଦେଇ ୧୨୧୨ କିଲୋମିଟର ବା ୭୫୩ ମାଇଲ୍ ଟ୍ରାନସ୍-ଆରବିଅନ୍ ପାଇପ୍ ଲାଇନ୍ ନିର୍ମାଣ କରି ସମଗ୍ର ଇଉରୋପ ମହାଦେଶକୁ ତେଲ ରପ୍ତାନୀ କଲା। ୧୯୬୨ ମସିହା ବେଳକୁ ତେଲର ମୋଟ ପରିମାଣ ଦୁଇ ବିଲିଅନ୍ ବ୍ୟାରେଲ୍‌ରେ ପହଞ୍ଚି ସାରିଥିଲା। ଆଜିର ସମୟରେ ସାଉଦି ଆରବର ଦୈନିକ ତୈଳ ଉତ୍ପାଦନ ୧୧ରୁ ୧୨ ମିଲିଅନ ବ୍ୟାରେଲ୍। ୧୯୭୦ ମସିହାରେ କମ୍ପାନୀକୁ ସାଉଦି ସୁଲତାନ୍ ନିଜ ଅଧୀନକୁ ନେଇଗଲେ। ୧୯୮୦ ମସିହାରେ ଏହାର ଜାତୀୟକରଣ କରାଗଲା ଏବଂ ୧୯୮୮ ମସିହାରେ ଏହାର ନାମ ସାଉଦି ଆରାମ୍‌କୋ ରଖାଗଲା। ବର୍ତ୍ତମାନ କମ୍ପାନୀର ମୂଲ୍ୟ ୧.୮୮ ଟ୍ରିଲିଅନ୍ ଡଲାରରୁ ଅଧିକ ଏବଂ ଏହାର ବାର୍ଷିକ ଲାଭ ଗୁଗଲ୍ ଏବଂ ଆପଲ୍ କମ୍ପାନୀ ଠାରୁ ମଧ୍ୟ ଅଧିକ। ଦେଶର ପୂର୍ବଭାଗର ଧାହରାନ୍ ଥରେ ଅବସ୍ଥିତ ଏହି କମ୍ପାନୀର କାରବାର ଆମେରିକା, ଚୀନ୍, ଦକ୍ଷିଣ କୋରିଆ, ଭାରତ ଏବଂ ଅନେକ ୟୁରୋପୀୟ ଏବଂ ଏସୀୟ ଦେଶରେ ବିକ୍ଷିପ୍ତ।

ସପ୍ତମ କୂଅ ସାଉଦି ଆରବରେ 'ପ୍ରସ୍‌ପେରିଟି ୱେଲ୍' ବା 'ସମୃଦ୍ଧିର କୂଅ' ଏବଂ 'ସୌଭାଗ୍ୟ - ୭' ନାମରେ ପ୍ରସିଦ୍ଧ। ଏହି କୂଅ ସାଉଦି ଆରବର ଭାଗ୍ୟ ବଦଳେଇ ଦେଇଛି ଏବଂ ଏହାକୁ ଶକ୍ତିର ଏକ ବିରାଟ ଉତ୍ସରେ ପରିଣତ କରିଛି। ଦେଶର ନେତୃତ୍ୱ ଏହାକୁ ସଠିକ୍ ଭାବରେ ଉପଯୋଗ କରି ଦେଶର ବିକାଶ କରିବା ସହିତ ବିଶ୍ୱରେ ନିଜର ଆଧିପତ୍ୟ ସ୍ଥାପନ କରିବାକୁ ସାହାଯ୍ୟ କରିପାରିଛନ୍ତି। ଯଦିଓ ବିଶ୍ୱରେ ତୈଳ ଉତ୍ପାଦନ ଓ ରପ୍ତାନୀ ୧୬ ଦେଶ ବିଶିଷ୍ଟ ଅର୍ଗାନାଇଜେସନ୍ ଅଫ୍ ଅଏଲ୍ ଏକ୍ସପୋର୍ଟିଙ୍ଗ୍ କଣ୍ଟ୍ରିଜ୍ (ଓପେକ୍) ନିୟନ୍ତ୍ରଣ କରେ, ପ୍ରକୃତରେ ଏହି ସଂଗଠନ ଉପରେ ସାଉଦି ସୁଲତାନ୍‌ଙ୍କର ପ୍ରଭାବ ଅଧିକ। ତୈଳଲବ୍ଧ ଅର୍ଥ ସାଉଦି ଆରବକୁ ଦ୍ରୁତ ସାମଗ୍ରିକ ବିକାଶ ସହିତ ବିଳାସପୂର୍ଣ୍ଣ ଜୀବନଶୈଳୀ ପ୍ରଦାନ କରିଛି। ଆମେରିକା ପରେ ଏହି ଦେଶ ବିଶ୍ୱର ଦ୍ୱିତୀୟ ବୃହତ୍ତମ ତୈଳ ଉତ୍ପାଦନକାରୀ। ସେଥିପାଇଁ ଏହି ଦେଶ ଆମେରିକାର ମନମୁଖୀ ନୀତି ଓ ବଡ଼ଭାଇପଣିଆକୁ ଖାତିର ନକରି ଆମେରିକାର ବଡ଼ ଶତ୍ରୁ ଚୀନ୍ ସହିତ ସୁସମ୍ପର୍କ ରଖିଛି ଯାହା ବିଶ୍ୱ ରାଜନୀତି, ଅର୍ଥନୀତି ଓ କୂଟନୀତିକୁ ପ୍ରଭାବିତ କରୁଛି। ବର୍ତ୍ତମାନ ସାଉଦି ଆରାମ୍‌କୋ ପୃଥିବୀର ସବୁଠାରୁ ବଡ଼ ଇନ୍ଧନ ତୈଳ କମ୍ପାନୀ। ସାଉଦି ଆରବର ଏହି ସରକାରୀ କମ୍ପାନୀ ପୃଥିବୀର ମୋଟ ତୈଳ ଉତ୍ପାଦନର ଦଶ ଭାଗ ଉତ୍ପନ୍ନ କରେ। ପ୍ରତିଦିନ ୧୧-୧୨ ନିୟୁତ ବ୍ୟାରେଲ୍ ତେଲ ଉତ୍ପାଦିତ ହୁଏ। ସାଉଦି ସୁଲତାନ ସାରା ଦୁନିଆର ତେଲର ରାଜା। ଗୋଟେ ସମୟରେ ମରୁଭୂମିରେ ଏଠି ସେଠି ଯାଯାବର ଓ ଆଦିବାସୀ ସଂପ୍ରଦାୟର ନୁଆଁଣିଆ ଘରର ଜନବସତି ଥିବା ସାଉଦି ଆରବ ବର୍ତ୍ତମାନ ବିଶ୍ୱର ଅନ୍ୟତମ ଧନୀ ଓ ଚାକଚକ୍ୟଭରା ବିଳାସମୟ ଦେଶ।

# ଜଳବାୟୁ ପରିବର୍ତ୍ତନରେ ହିମ ପର୍ବତର ଭୂମିକା


ଡ. ଅମୂଲ୍ୟ କୁମାର ପଣ୍ଡା
ଅରଙ୍ଗାବାଦ, ବରୀ, ଯାଜପୁର
ମୋ : ୮୨୪୯୫୦୨୭୭୬


ଜଳବାୟୁ ଓ ପାଣିପାଗ ମଧ୍ୟରେ ଫରକକୁ ଏକ ଜନପ୍ରିୟ ଶବ୍ଦାବଳୀରେ ପ୍ରକାଶ କରାଯାଏ: 'ତୁମେ ଯାହା ଆଶା କର ତାହା ଜଳବାୟୁ, ତୁମେ ଯାହା ପାଅ ତାହା ପାଣିପାଗ।' ଐତିହାସିକ ସମୟରୁ ଦ୍ରାଘିମା, ଉଚ୍ଚତା, ଜଳ-ସ୍ଥଳର ଅନୁପାତ ଓ ସମୁଦ୍ର-ପର୍ବତ ଭଳି ଅନେକ ଗୁଡ଼ିଏ ସ୍ଥିର ଭାରିଏବଲ ଅଛି। ପ୍ଲେଟ ଟେକ୍ଟୋନିକସ ଯୋଗୁ ଏମାନଙ୍କର ନିୟୁତ ନିୟୁତ ବର୍ଷ ଧରି ପରିବର୍ତ୍ତନ ହୋଇଆସୁଛି। ଅନ୍ୟାନ୍ୟ ନିର୍ଦ୍ଧାରକମାନଙ୍କ ମଧ୍ୟରେ ସମୁଦ୍ରର ଥର୍ମୋହାଲାଇନ ସଞ୍ଚାଳନ ଯୋଗୁ ଅନ୍ୟାନ୍ୟ ସମୁଦ୍ର ବେସିନ ଅପେକ୍ଷା ଆଟଲାଣ୍ଟିକ ସମୁଦ୍ରରେ ୫ଡିଗ୍ରୀ ସେଲ୍‌ସିଅସ୍ ଯାହା ୯ଡିଗ୍ରୀ ଫାରେନହିଟ ଉଷ୍ମତା ବୃଦ୍ଧି ହେଉଛି। ଅନବରତ ପରିବର୍ତ୍ତନଶୀଳ ବିଶ୍ୱରେ ଅନେକ ଘଟଣା ଆପେ ଆପେ ଘଟେ। ଯାହା ବିବର୍ତ୍ତନର ଦ୍ୱାର ଖୋଲେ। ତନ୍ମଧ୍ୟରୁ ମହାଦେଶୀୟ ଭୂସ୍ଖଳନ, ଆଗ୍ନେୟଗିରି ଉଦ୍‌ଗୀରଣ, ପୃଥିବୀର ଭାରସାମ୍ୟ ନଷ୍ଟ ଓ ସାମୁଦ୍ରିକ ସ୍ରୋତ ଜଳବାୟୁ ପରିବର୍ତ୍ତନର ମୁଖ୍ୟ ଭୂମିକା ଗ୍ରହଣ କରିଛି। ଜଳବାୟୁ କହିଲେ ଦୀର୍ଘ ସମୟ ମଧ୍ୟରେ ହାରାହାରି ପାଣିପାଗକୁ ବୁଝାଏ। ତେଣୁ ଉଭୟ ପାଣିପାଗ ଓ ଜଳବାୟୁ ଘନିଷ୍ଠ ଭାବରେ ସମ୍ପୃକ୍ତ। ଜଳବାୟୁ ଦ୍ୱାରା ବିଭିନ୍ନ ରକମର ଉଦ୍ଭିଦ ଜାତ ହୁଅନ୍ତି। ପୃଥିବୀର ବିଭିନ୍ନ ଅଞ୍ଚଳରେ ବିଭିନ୍ନ ରକମର ଜଳବାୟୁ ଦେଖାଯାଏ। କେବଳ ଗୋଟିଏ ସ୍ଥାନର ବିଷୁବରେଖା ଠାରୁ ଦୂରତ୍ୱ ଜଳବାୟୁ ପରିବର୍ତ୍ତନ କରେନାହିଁ। ସମୁଦ୍ର ସ୍ରୋତ ମଧ୍ୟ ଜଳବାୟୁ ନିର୍ଣ୍ଣୟ କରେ। ଉଷ୍ଣ ଓ ଶୀତଳ ସମୁଦ୍ର ସ୍ରୋତମାନ ପ୍ରବାହିତ ହେଲେ, ସେହି ଅଞ୍ଚଳମାନଙ୍କୁ ଗରମ ଓ ଥଣ୍ଡା ରଖେ। ତା'ଛଡା ପୃଥିବୀର ବାୟୁ ପ୍ରବାହ ବ୍ୟବସ୍ଥା, ଜଳୀୟ ବାଷ୍ପର ପରିମାଣ, ଜଳବାୟୁ ଉପରେ ପ୍ରଭାବ ପକାଏ। କେତେ ବର୍ଷ ଅନ୍ତରରେ ପ୍ରବାହିତ ହେଉଥିବା ଏଲ୍ନିନୋ ସମୁଦ୍ର ସ୍ରୋତ ମଧ୍ୟ ଜଳବାୟୁକୁ ବଦଳାଏ। ଅନେକ ସମୟରେ ବାଣିଜ୍ୟ ବାୟୁ ଦୁର୍ବଳ ହୁଏ ଏବଂ ତାପମାତ୍ରା ଓ ବୃଷ୍ଟିପାତ ବ୍ୟବସ୍ଥା ବଦଳେ। ଏହାକୁ ଦକ୍ଷିଣ ଅସିଲେସନ୍ କହନ୍ତି। ଏହା ପୃଥିବୀର ଜଳବାୟୁକୁ ବଦଳାଏ।

ବୈଜ୍ଞାନିକମାନଙ୍କ ସବୁଠାରୁ ବଡ଼ ଚିନ୍ତା ହେଉଛି ବିଶ୍ୱର ବରଫ ତରଳିବା ହେତୁ ସମୁଦ୍ରର ଜଳସ୍ତର ବୃଦ୍ଧି। ପୃଥିବୀର ପ୍ରାକୃତିକ ଓ ଆଭ୍ୟନ୍ତରୀଣ ଉତ୍ତାପ ଗ୍ଲେସିୟରର ତରଳିବା ହାର ବୃଦ୍ଧି କରିବାରେ ସହାୟକ ହେଉଛି। ଜଳବାୟୁ ପରିବର୍ତ୍ତନ ଓ ବିଶ୍ୱ ତାପମାତ୍ରା ପାଇଁ ମାନବ କାର୍ଯ୍ୟକଳାପ ମୁଖ୍ୟତଃ ଦାୟୀ ବୋଲି ବିବେଚନା କରାଯାଏ। କିନ୍ତୁ ଏହାକୁ ପ୍ରଭାବିତ କରୁଥିବା ପ୍ରାକୃତିକ କାରଣ ମଧ୍ୟ ଅଛି। ବର୍ତ୍ତମାନ, ଜଳବାୟୁରେ ସବୁଠାରୁ ବଡ଼ ଚିନ୍ତା ହେଉଛି ବିଶ୍ୱର ବରଫ ତରଳିବା ହେତୁ ସମୁଦ୍ରର ଜଳ ସ୍ତର ବୃଦ୍ଧି। ଏଥିରେ ସବୁଠାରୁ ବଡ଼ ବିପଦ ହେଉଛି ପଶ୍ଚିମ ଆଣ୍ଟାର୍କଟିକାର ବରଫ ସିଟ୍ ନିକଟରେ ଥ୍ୱାଇଟ୍ ଗ୍ଲେସିୟର ତରଳିବା। ଏକ ରିପୋର୍ଟ ଅନୁଯାୟୀ, ୧୯୮୦ ଦଶକରୁ ଏହି ଗ୍ଲେସିୟର ୫୯୫ବିଲିୟନ ଟନ ବରଫ ହରାଇଛି। ତେଣୁ ବୈଜ୍ଞାନିକମାନେ ଏହି ଗ୍ଲେସିୟରର ତରଳିବା ବରଫର ପ୍ରତ୍ୟେକ ଇଞ୍ଚ ଉପରେ ନଜର ରଖିଛନ୍ତି। ବୈଜ୍ଞାନିକମାନେ ମଧ୍ୟ ଏହି ଗ୍ଲେସିୟର ତରଳିବାର କାରଣଗୁଡ଼ିକ ବିଷୟରେ ଅଧ୍ୟୟନରୁ ସୂଚନା ପାଇଛନ୍ତି ଓ ଏହାକୁ ରୋକିବା ପାଇଁ ଆବଶ୍ୟକ ପଦକ୍ଷେପ ମଧ୍ୟ ଖୋଜୁଛନ୍ତି। ତଥାପି, ବିଶ୍ୱର ସମସ୍ତ ବୈଜ୍ଞାନିକ ବିଶ୍ୱାସ କରନ୍ତି ଯେ ବିଶ୍ୱ ତାପମାତ୍ରାରେ ଆନ୍ଥ୍ରୋପୋଜେନିକ କାର୍ଯ୍ୟର ଭୂମିକାକୁ ଅଣଦେଖା କରାଯାଇପାରିବ ନାହିଁ।

ନୂତନ ଅଧ୍ୟୟନରୁ ଜଣାପଡ଼ିଛି ଯେ ପୃଥିବୀର ପ୍ରାକୃତିକ ଓ ଆଭ୍ୟନ୍ତରୀଣ ଉତ୍ତାପ ମଧ୍ୟ ଏହି ଗ୍ଲେସିୟରର ତରଳିବା ହାର ବୃଦ୍ଧି କରିବାରେ ସହାୟକ ହେଉଛି। ଏହି ଗ୍ଲେସିୟରକୁ ଡୁମସଡେ ଗ୍ଲାସିଅର କୁହାଯାଏ। ୧୯୨ ହଜାର ବର୍ଗ କିଲୋମିଟର ଉପରେ ବ୍ୟାପିଥିବା ଏହି ଗ୍ଲେସିୟର ତରଳିବା ପାଇଁ ଜଳବାୟୁ ବୈଜ୍ଞାନିକମାନେ ବହୁତ ଚିନ୍ତିତ ଓ ଏହା ଉପରେ ବିଶେଷ ଗବେଷଣା କରୁଛନ୍ତି। କାରଣ ଏହାର ଜଳ ପୃଥିବୀର ଅନେକ ଉପକୂଳବର୍ତ୍ତୀ ଅଞ୍ଚଳରେ ଜଳମଗ୍ନ କରିବାର କ୍ଷମତା ଅଛି। ଏହି ଗବେଷଣାରେ ବୈଜ୍ଞାନିକମାନେ ଏହି ଗ୍ଲେସିୟର ଉପରେ ବିଶ୍ୱ ତାପମାତ୍ରା ବ୍ୟତୀତ ପୃଥିବୀର ଆଭ୍ୟନ୍ତରୀଣ ଉତ୍ସର ଦ୍ରୁତ ପ୍ରଭାବ ଜାଣିବାକୁ ପାଇଛନ୍ତି। ବୈଜ୍ଞାନିକମାନେ ବହୁ ପୂର୍ବରୁ ସନ୍ଦେହ କରୁଥିଲେ ଯେ ପୃଥିବୀର ପ୍ରାକୃତିକ ଉତ୍ତାପ ଏହି ଅଞ୍ଚଳର ପୃଷ୍ଠକୁ ସ୍ପର୍ଶ କରୁଛି। ଏହା ସମ୍ଭବତଃ ପଶ୍ଚିମ ଆଣ୍ଟାର୍କଟିକା, ଯେଉଁଥିରେ ଥ୍ୱାଇଟ ଅନ୍ତର୍ଭୁକ୍ତ, ଏକ ଟେକ୍ଟୋନିକ ପ୍ଲେଟରେ ଅଛି ଯାହା ପୂର୍ବ ଆଣ୍ଟାର୍କଟିକା ଠାରୁ ବହୁତ ପତଳା ଓ ବହୁତ ସାନ ଅଟେ। ପଶ୍ଚିମ ଆଣ୍ଟାର୍କଟିକାର ଭୂତଳ ମାତ୍ର ୧୭ ରୁ ୨୫ କିଲୋମିଟର ମୋଟା ହୋଇଥିବାବେଳେ ପୂର୍ବ ଭାଗ ୪୦ ମିଟର ମୋଟା। ଏହି କାରଣରୁ, ଆଣ୍ଟାର୍କଟିକାର ଅନେକ ଭୂମି ସମୁଦ୍ର ପଉନଠାରୁ ଦୁଇ କିଲୋମିଟର ତଳେ ଆରମ୍ଭ ହୁଏ। ଏକ ଅଧ୍ୟୟନରୁ ଜଣାପଡ଼ିଛି ଯେ ୧୭ ରୁ ୨୫ କିଲୋମିଟର ମୋଟା ମଧ୍ୟରେ ପୃଥିବୀର ଭୂତଳ ୧୫୦ ମିଲିୱାଟ ବର୍ଗ ଧାରଣ କରିଥାଏ। ଜିଓଟର୍ମାଲ ଉତ୍ତାପ ପ୍ରତି ମିଟର ପ୍ରବାହିତ ହୋଇପାରେ। ତେଣୁ ଏହା ଗ୍ଲେସିୟରର ତରଳିବାର ହାର ବଢ଼ାଇପାରେ। ଗ୍ଲେସିୟର ତଳେ ଥିବା ତାପମାତ୍ରା ଅନେକ କାରଣ ଉପରେ ନିର୍ଭର କରେ ଯେପରିକି ଜମି କେତେ କଠିନ, ଏଥିରେ କେତେ କଠିନ ପଥର କିମ୍ବା ଜଳ ଅବସାଦ ରହିଛି। ଜଳ ଉତ୍ତାପର ଏକ ଭଲ କଣ୍ଡକ୍ଟର ଭାବରେ କାର୍ଯ୍ୟ କରେ। କିନ୍ତୁ ଏହା ଗ୍ଲେସିୟରରେ ପହଞ୍ଚିବା ପୂର୍ବରୁ ଉତ୍ତାପ ବିସ୍ତାର କରେ। ବିଗତ କିଛି ଦଶନ୍ଧି ମଧ୍ୟରେ ବରଫ ତରଳିବାର ସ୍ତର ଉପରେ ଅନେକ ଗବେଷଣା ଚେତାବନୀ ଦେଇଛି। ଯେତେବେଳେ ଏହି ଗ୍ଲେସିୟର ତରଳିଯାଏ, ଏହା ବିଶ୍ୱର ଅନେକ ଛୋଟ ଦ୍ୱୀପ ଓ ଉପକୂଳବର୍ତ୍ତୀ ଅଞ୍ଚଳକୁ ବୁଡ଼ାଇବାର କ୍ଷମତା ରଖିଥାଏ।

ପୃଥିବୀରେ ପ୍ରଥମେ ହିମ ବା ବରଫ ଯୁଗ ଥିଲା। ଯେତେବେଳେ ଥଣ୍ଡା ଜଳବାୟୁ ଯୋଗୁଁ ପୃଥିବୀର ଅଧିକାଂଶ ଭାଗ ବରଫ ଆଚ୍ଛାଦିତ ଥିଲା। ତା'ପରେ ଉଷ୍ମ ଯୁଗ ଆସିଲା। ତା'ପରେ ପୁଣି ବରଫ ଯୁଗ ଆସିଲା। ନିୟୁତ ନିୟୁତ ବର୍ଷ ଧରି ଏଭଳି ଭାବରେ ପୃଥିବୀର ଜଳବାୟୁ ଚାଲୁଛି। ଲମ୍ବା ହିମ ବା ବରଫ ଯୁଗ ଏବଂ ତାପରେ ସ୍ୱଳ୍ପ ଉଷ୍ମ ଯୁଗ। ବରଫ ଯୁଗ ପରେ ମଧ୍ୟ ତାପମାତ୍ରା ବଦଳେ। ବୈଜ୍ଞାନିକମାନେ ମତପୋଷଣ କରନ୍ତି ଯେ, ପୃଥିବୀର ଜଳବାୟୁ ବରାବର ବଦଳେ। ଯେତେବେଳେ ପୃଥିବୀରେ ସୂର୍ଯ୍ୟରୁ ଆସୁଥିବା ଉତ୍ତାପ କମିଯାଏ, ସେତେବେଳେ ହିମ ଯୁଗ ଆସେ। ଏହାର କାରଣ ହେଲା ପୃଥିବୀର ଅକ୍ଷ ବେଶି ଢଳିବା, ପୃଥିବୀର ଘୂର୍ଣ୍ଣନର ପରିବର୍ତ୍ତନ ହେବା ଏବଂ ପୃଥିବୀର ପରିକ୍ରମା କକ୍ଷ ଲମ୍ବାକୃତି ହେବା। ବର୍ତ୍ତମାନ ୨୯୦ ନିୟୁତ ବର୍ଷ ପୂର୍ବେ ଥିବା ପୃଥିବୀର ହିମ ଯୁଗର ସନ୍ଧାନ ମିଳିଅଛି। ଗତ ୨ ନିୟୁତ ବର୍ଷ ମଧ୍ୟରେ ଚାରୋଟି ବୃହତ ବରଫ ଯୁଗ ଅତିବାହିତ ହୋଇଛି। ବରଫ ଯୁଗ କାଳରୁ ଉତ୍ତର ଓ ଦକ୍ଷିଣ ମେରୁରେ ବରଫମାନ ରହିଅଛି। ବିଗତ ବରଫ ଯୁଗରେ ପୃଥିବୀରେ ବିରାଟକାୟ ଲୋମଭରା ଜନ୍ତୁମାନେ ଥିଲେ। ହାତୀ ସେ ସମୟରେ ବିରାଟ ଲୋମକାୟ ଜନ୍ତୁ ଥିଲା। ୬୫ ନିୟୁତ ବର୍ଷ ପୂର୍ବେ ଜଳବାୟୁ ପରିବର୍ତ୍ତନ ହେବା ଫଳରେ ବିରାଟକାୟ ଡାଇନୋସରସ୍ ଭଳି ଜନ୍ତୁମାନେ ମରିଗଲେ। ସେହିପରି ୧୪୦ ନିୟୁତ ବର୍ଷ ପୂର୍ବେ ଥିବା ସାପ ଓ ଝିଟିପିଟି ଜାତୀୟ ବିରାଟକାୟ ଜୀବ ଲୋପ ପାଇଲେ।

ପୃଥିବୀରେ ଯେତେ ସବୁ ସମସ୍ୟା ସୃଷ୍ଟି ହେଉଛି ତାର ମୂଳରେ ହିଁ ମଣିଷ। ଏକଥା କହିବା ଅନାବଶ୍ୟକ ଯେ ମଣିଷ ହିଁ ସମସ୍ୟା ସୃଷ୍ଟି କରେ ଓ ତା'କୁ ସମାଧାନ କରିବାକୁ ଚେଷ୍ଟାକରେ ମାତ୍ର ସେ ଭାବି ପାରିନଥାଏ ଯେ ସବୁ ସମସ୍ୟାର ସମାଧାନ ତା'ହାତରେ ନାହିଁ ବୋଲି ? ଏଭଳି ମନୁଷ୍ୟକୃତ କାରଣ ମାନଙ୍କ ମଧ୍ୟରୁ ଜଳବାୟୁ ପରିବର୍ତ୍ତନର ମୁଖ୍ୟଭୂମିକା ଗ୍ରହଣ କରିଥିବା କାରକ ହେଉଛି ପରିବେଶ ପ୍ରଦୂଷଣ ଓ ତତ୍‌ଜନିତ ସବୁଜଗୃହ ବାଷ୍ପ। ଯେଉଁ ଯେଉଁ ଉତ୍ପତ୍ତିସ୍ଥଳରୁ ଏହି ଗ୍ୟାସ ସମୂହ ବାହାରୁଛି ତାହାର ମୁଖ୍ୟ ପ୍ରଯୋଜକ ହିଁ ମଣିଷ। ମଣିଷମାନେ ପ୍ରତିଦିନ ଏହି ଗ୍ୟାସ ବୃଦ୍ଧିରେ ସହାୟକ ହେଉଛନ୍ତି। ବାୟୁମଣ୍ଡଳରେ ଅଙ୍ଗାରକାମ୍ଳ, ମିଥେନ, ନାଇଟ୍ରସ ଅକ୍ସାଇଡ ଆଦି ସବୁଜଗୃହ ପ୍ରଭାବ ସୃଷ୍ଟିକାରୀ ଗ୍ୟାସର ମାତ୍ରା ବୃଦ୍ଧି ପାଇବାରେ ଲାଗିଛି। ଶିଳ୍ପ ବିପ୍ଳବ ପରଠାରୁ ବାୟୁମଣ୍ଡଳରେ ଅଙ୍ଗାରକାମ୍ଳର ପରିମାଣ ୩୦ ପ୍ରତିଶତ ବୃଦ୍ଧି ପାଇଛି। ଆମେରିକା, ଋଷ, ଚୀନ, ଜାପାନ ଓ ଭାରତ ବିଶ୍ୱରେ ସବୁଠାରୁ ଅଧିକଗୃହ ଗ୍ୟାସ ସୃଷ୍ଟି କରୁଛନ୍ତି। ଏହି ଗ୍ୟାସ ଯୋଗୁଁ ବାୟୁମଣ୍ଡଳୀୟ ତାପମାତ୍ରା ଦିନକୁ ଦିନ ବୃଦ୍ଧି ପାରିବାରେ ଲାଗିଛି। ଏହାର ପ୍ରଭାବ ଯୋଗୁଁ ଶୀତଦିନେ ମଧ୍ୟ ତାପମାତ୍ରା ଯଥେଷ୍ଟ ଉଚ୍ଚରେ ରହୁଛି। ଏସବୁକୁ ନିରୀକ୍ଷା କଲେ ଜଣାଯାଏ ଯେ ଏହି ହିମ ପର୍ବତର ତରଳିବା ତୀବ୍ରତାକୁ ଯଦି ରୋକା ନଯିବ ତେବେ ଏ ପୃଥିବୀର ପ୍ରଳୟ ଆସିବାକୁ କେହି ରୋକିପାରିବେ ନାହିଁ।

# କୃଷ୍ଣ ସୁନ୍ଦରର ଲେଖିକା : ଅନା ସୁଲ୍




ଡ. ଅରୁନ୍ଧତୀ ଦେବୀ
ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ କଟକ,
ମୋ: ୯୯୩୭୧୭୨୮୧୦


ମାତ୍ର ଗୋଟିଏ ଉପନ୍ୟାସ ଲେଖି ବିଶ୍ୱସ୍ତରରେ ପ୍ରସିଦ୍ଧ ହୋଇଥିବା କତିପୟ ସାହିତ୍ୟିକାଙ୍କ ମଧ୍ୟରେ ଅନା ସୁଲ୍ ଜଣେ। ତାଙ୍କର ଏକମାତ୍ର ପ୍ରସିଦ୍ଧ କୃତିଟି ହେଉଛି ବ୍ଲାକ୍ ବିଉଟି ବା ଓଡ଼ିଆରେ 'କୃଷ୍ଣ ସୁନ୍ଦର'। ମୃତ୍ୟୁର ମାତ୍ର ଦୁଇବର୍ଷ ପୂର୍ବରୁ ଅତ୍ୟନ୍ତ ଅସୁସ୍ଥ ଅବସ୍ଥାରେ ଶଯ୍ୟାଶାୟୀ ଥିବାବେଳେ ଅନ୍ୟ ଉପନ୍ୟାସଟିର ରଚନା ଆରମ୍ଭ କରିଥିଲେ। ଟେବୁଲ ପାଖରେ ବସି ଲେଖିପାରୁ ନଥିବାରୁ ସେ ଡାକୁଥିଲେ ଏବଂ ତାଙ୍କ ମାଆ ଲେଖୁଥିଲେ। ମାତ୍ର ଅଳ୍ପ କିଛି ପୃଷ୍ଠା ସେ ହାତରେ ଲେଖିଥିବା ଜଣାଯାଏ। ଉପନ୍ୟାସଟି ପ୍ରକାଶ ପାଇବାର ପାଞ୍ଚ ମାସ ପରେ ଅନାଙ୍କ ଦେହାନ୍ତ ହୋଇଥିଲା। ଉପନ୍ୟାସଟି ପାଠକ ପ୍ରିୟତା ହାସଲ କରିଥିବା ଶୁଣି ଶାନ୍ତିରେ ସେ ଶେଷନିଶ୍ୱାସ ତ୍ୟାଗ କରିଥିଲେ। ୩୦ ମାର୍ଚ୍ଚ ୧୮୨୦ରେ ଇଂଲଣ୍ଡ ଅନ୍ତର୍ଗତ ଗ୍ରେଟ୍ ୟର୍ମାଉଥ୍‌ରେ ଏକ ଧାର୍ମିକ ପରିବାରରେ ଅନା ଜନ୍ମଗ୍ରହଣ କରିଥିଲେ। ମାଆ ମେରି ରାଇଟ୍ ସୁଲ ଥିଲେ ଶିଶୁ ଲେଖିକା। ବାର ବର୍ଷ ବୟସରେ ସ୍କୁଲରୁ ଘରକୁ ଫେରୁଥିବାବେଳେ ଏକ ଦୁର୍ଘଟଣା ଯୋଗୁଁ ଅନାଙ୍କ ଦୁଇଟିଯାକ ବଳା ଗଣ୍ଠି ଭାଙ୍ଗି ଯାଇଥିଲା। ତ୍ରୁଟିପୂର୍ଣ୍ଣ ଚିକିତ୍ସା ଓ ଦୁର୍ଭାଗ୍ୟ ଯୋଗୁଁ ସେ ଦୁଇଟି ଯୋଡ଼ି ହେବାରେ ଅନେକ ଦିନ ଲାଗିଯାଇଥିଲା ଏବଂ ଶେଷରେ ବିକୃତ ହୋଇଯାଇଥିଲା। ତେଣୁ ଅନା ଆଜୀବନ ଆଶାବାଡ଼ି ଧରି ଚାଲୁଥିଲେ। ଅଧିକାଂଶ ସମୟରେ ଘୋଡ଼ାଗାଡ଼ି ଉପରେ ନିର୍ଭର କରୁଥିଲେ। ଏହା ତାଙ୍କୁ ଘୋଡ଼ାଙ୍କ ଉପରେ ଉପନ୍ୟାସ ଲେଖିବା ପାଇଁ ଅନୁପ୍ରାଣୀତ କରିଥିଲା। ବ୍ଲାକ୍ ବିଉଟିକୁ ଏକ ଶିଶୁ ସାହିତ୍ୟ ଭାବେ ଗ୍ରହଣ କରାଯାଇଥିଲେ ହେଁ ଆନା ଅଶ୍ୱପାଳକଙ୍କ ନିମନ୍ତେ ବହିଟି ଲେଖିଥିଲେ।

ତାଙ୍କ ସମୟରେ ସଇସମାନେ ଘୋଡ଼ାଙ୍କ ଉପରେ ଅତି ନିର୍ଦ୍ଦୟ ଭାବେ ଅତ୍ୟାଚାର କରୁଥିଲେ। ଘୋଡ଼ାଙ୍କୁ ଦିଆଯାଉଥିବା ନିର୍ଯାତନା ବନ୍ଦ କରିବା ଲାଗି ଅନା ଉପନ୍ୟାସଟି ରଚନା କରିଥିଲେ। ଅନା ଜନ୍ମ ହୋଇଥିବା ଘରଟି ଏବେ ବି ଅଛି ଏବଂ ସେଠାରେ ଏକ ସଂଗ୍ରହାଳୟ ଚାଲିଛି। ଅନେକ ହୁଏତ ଜାଣିନଥିବେ ଅନା ସୁଲ୍‌ଙ୍କ ଉପରୋକ୍ତ ପୁସ୍ତକ ବିଶ୍ୱର ଅନ୍ୟତମ ବେଷ୍ଟ ସେଲର ପୁସ୍ତକର ମାନ୍ୟତା ପାଇଛି। ଜଣେ ସାରସ୍ୱତ ସାଧିକା ବ୍ୟତୀତ ପ୍ରକୃତିକୁ ଭଲପାଉଥିବା ଏହି ସାହିତ୍ୟିକ ପ୍ରକୃତି ଗହଣରେ ଭ୍ରମଣ କରି ମଧ୍ୟ କିଛି ରଚନା ଆମ ଭ୍ରମଣ କାହାଣୀ ସାରସ୍ୱତ ଜଗତକୁ ସମୃଦ୍ଧ କରିଛନ୍ତି। ସେ ସବୁବେଳେ କୁହନ୍ତି ଯେ ସାରସ୍ୱତ ଜୀବନରେ ପ୍ରକୃତି ଠାରୁ ଶ୍ରେଷ୍ଠ ପ୍ରେରଣା ଅନ୍ୟ କେଉଁଠି ନାହିଁ। ୧୮୭୮ ଏପ୍ରିଲ ୨୫ ତାରିଖରେ ଅନାଙ୍କ ଦେହାନ୍ତ ହୋଇଥିଲା। ଜୀବନ ସଂଗ୍ରାମରେ ଭିନ୍ନକ୍ଷମ ହୋଇମଧ୍ୟ ନିଜକୁ ଅସହାୟ ମନେନକରି ବା ଅନ୍ୟମାନଙ୍କ ଉପରେ ନିର୍ଭର ନହୋଇ ବି ସେ ସାରସ୍ୱତ ସାଧନାରେ ଯେଉଁ କୃତି ଅର୍ଜନ କରିଛନ୍ତି ତାହା କ୍ୱଚିତ୍ ସାହିତ୍ୟିକଙ୍କ ଭାଗ୍ୟରେ ମିଳେ। ଆମ ସମୟରେ ଅନେକ ଲେଖିକା ଜୀବନର ପ୍ରତିକୂଳତାକୁ ସାମ୍ନା ନକରି ଧୈର୍ଯ୍ୟହରା ହୋଇପଡୁଥିବାବେଳେ ଏହି କୃଷ୍ଣସୁନ୍ଦରର ଲେଖିକାଙ୍କ ଜୀବନନାମା ପ୍ରେରଣା ଯୋଗାଇବ ବୋଲି ଆଶା କରୁଛୁ। ତାଙ୍କ ଜୟନ୍ତୀ ଅବସରରେ ତାଙ୍କ ଅମ୍ଳାନ ଆତ୍ମା ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଛୁ।

# ଭୁଲ କରିବା ପାପ ନୁହେଁ




ପ୍ରଦୀପ୍ତ କୁମାର କର
ସୂର୍ଯ୍ୟ ନଗର, ଭୁବନେଶ୍ୱର
ମୋ : ୯୮୬୧୦୭୫୪୦୪


ଭୁଲ କରିବା ପାପ ନୁହେଁ।କିନ୍ତୁ ସେହି ଭୁଲକୁ ଯଦି ନିଜ ଭିତରେ ବା ସର୍ବସମ୍ମୁଖରେ ସ୍ୱୀକାର କରାନଯାଏ ତେବେ ତାହା ହିଁ ପାପ। ଏପରି କୌଣସି ମନୁଷ୍ୟ ସଂସାରରେ ନାହିଁ ଯିଏକି ତା ଜୀବକାଳରେ କେବେବି କୌଣସି ଭୁଲ କରିନାହିଁ। ପୂର୍ଣ୍ଣଜ୍ଞାନର ଅଧିକାରୀ ନହେବା ପର୍ଯ୍ୟନ୍ତ ପ୍ରତି ମନୁଷ୍ୟ କିଛି ନା କିଛି ଭୁଲ କରି ବସନ୍ତି ଯାହାକୁ ଅନ୍ୟ ଭାବରେ ଆମେ ପାପ ବୋଲି ମଧ୍ୟ କହିଥାନ୍ତି। ଯେଉଁମାନେ ନିଜ ଭୁଲରୁ କିଛି ଶିଖନ୍ତି ବା ନିଜକୁ ସୁଧାରି ନିଅନ୍ତି ଓ ଆଉ ସେପରି ଭୁଲ ନକରିବାକୁ ସଚେତନ ହୁଅନ୍ତି ସେଇ ମାନେ ହିଁ ଦିନେ ନା ଦିନେ ଚେତନାର ସର୍ବୋଚ୍ଚ ସ୍ତରକୁ ଯାଆନ୍ତି ଓ ସେହିମାନେ ଶେଷରେ ମହାତ୍ମା ଭାବରେ ସମସ୍ତଙ୍କର ଶ୍ରଦ୍ଧା ଓ ସମ୍ମାନର ଅଧିକାରୀ ହୋଇପାରନ୍ତି। ସାଧାରଣ ମନୁଷ୍ୟରୁ ମହାତ୍ମା ହେବାର ଏହି ପ୍ରକ୍ରିୟା ହିଁ ହେଉଛି ଯୋଗ । ଯୋଗରୁ ଆସେ ଜ୍ଞାନ ଓ ଜ୍ଞାନରୁ ଆସେ ଭକ୍ତି। ଯାହାକି ଭକ୍ତ ଦାସିଆ, ପ୍ରଭୁ ଚୈତନ୍ୟ, ମୀରାବାଇ କ୍ଷେତ୍ରରେ ହୋଇଥିଲା, ମାନେ ଭକ୍ତର ଭକ୍ତି ଓ ପ୍ରଭୁ ଏକାକାର ହେବା । ଏହି ସ୍ତରରେ ପହଞ୍ଚିଲା ପରେ ମନୁଷ୍ୟ ରୂପକ ଆତ୍ମାର ପରମାତ୍ମାଙ୍କ ସହିତ ମିଳନ ହୁଏ। ଜ୍ଞାନ ଓ ଭକ୍ତି ହେଉଛି କର୍ମ ପ୍ରବାହର ଦୁଇଟି ଧାରା ବା ମାର୍ଗ । ଯେକୌଣସି ଗୋଟିଏ ମାର୍ଗକୁ ନିଷ୍ଠାର ସହିତ ଧରିଲେ ଜୀବନ ପୂର୍ଣ୍ଣାଙ୍ଗ ହୁଏ ଓ ମନୁଷ୍ୟ ପାପ ପୁଣ୍ୟ ଉଭୟକୁ ଅତିକ୍ରମ କରିଯାଏ।ଏହିଠାରେ ହିଁ ଆଉ ଗୋଟିଏ କଥା ଆସୁଛି ଯେ ମନୁଷ୍ୟର ବାହ୍ୟ ଓ ଅନ୍ତରରେ ସବୁଠାରୁ ଅସ୍ଥିର ହେଉଛି ମନ ଯାହା କି ସମସ୍ତ କର୍ମର ବୀଜ। ମନ ହିଁ ମାନବର ବିଶେଷତ୍ୱ। ମନକୁ ସଂଯମ ରଖିବା ପାଇଁ ସାଧୁ, ସନ୍ଥ, ଯୋଗୀ, ମୁନିମାନେ ଅନେକ ଉପାୟ କରିଥାନ୍ତି। ମନ ସଂଜମ ହେଲାପରେ ଯାଇ ଜ୍ଞାନ, ଭକ୍ତି, ସ୍ଥିରତା ଓ ନିବୃତ୍ତି ମାର୍ଗର ଆରମ୍ଭ ହୋଇପାରିବ। ମନକୁ ଅଭ୍ୟାସ ଓ ବୈରାଗ୍ୟ ଦ୍ୱାରା ହିଁ ଆୟତ କରିହେବ। ଏହାକୁ ଆୟତ୍ତ କରିବା ପାଇଁ ଯୋଗ, ପ୍ରାଣାୟମ ଓ ଭଗବତ୍ ଚିନ୍ତାର ଅଭ୍ୟାସ ନିହାତି ଆବଶ୍ୟକ। ଯାହାଦ୍ୱାରା ଚଞ୍ଚଳ ମନ ଧୀରେ ଧୀରେ ଆମ ଆୟତକୁ ଆସିଯିବ। ବୈରାଗ୍ୟ ଯାହାକୁ ଆମେ ପ୍ରତି ମୁହୂର୍ତ୍ତରେ ଅନୁଭବ କରିଛନ୍ତି କିନ୍ତୁ ତାହା କାର୍ଯ୍ୟରେ ପରିଣତ କରିପାରୁ ନାହାନ୍ତି ଯେହେତୁ ସାଂସାରିକ ମାୟାର ବନ୍ଧନ ସର୍ବଦା ଆମକୁ ଗୁଡ଼େଇ ଧରିଛି। ଏହା କେବଳ ଆନ୍ତରିକ ତ୍ୟାଗ ଦ୍ୱାରା ହିଁ ଆମ ମନରେ ସୃଷ୍ଟି ହୁଏ ଏହା ସାଧାରଣ ଜୀବନରେ ଅନେକ କାରଣରୁ ହିଁ ଆସିଥାଏ। ଅନୁକୂଳତାର ଅଭାବରୁ ଅନେକ ସମୟରେ ବୈରାଗ୍ୟ ସୃଷ୍ଟି ହୁଏ ମାତ୍ର ସେହି ସମୟରେ ମନୁଷ୍ୟ ସାଧୁ, ସନ୍ଥ ସାନ୍ନିଧ ପ୍ରାପ୍ତ ହେଇପାରିଲେ ତାହା ସମ୍ପୂର୍ଣ୍ଣ ବୈରାଗ୍ୟରେ ପରିଣତ ହୁଏ। ଏହି ଅନୁଭବ ହିଁ ମନୁଷ୍ୟକୁ ପାପ ପୁଣ୍ୟ, ଭଲ ମନ୍ଦ ଓ ସକଳ ସାଂସାରିକ ମାୟାର ବନ୍ଧନରୁ ମୁକ୍ତ କରାଇ ଦିଏ ଐଶ୍ୱରିକ ସୁଖ ଓ ଆନନ୍ଦ ଯାହା ଜୀବନର ପୂର୍ଣ୍ଣତା।

# ପୂଜା ବିଚାର : କିପରି ମିଳିବ ଶାନ୍ତି




ଉତ୍କଳାନନ୍ଦ ଅଜୟ କୁମାର ବେହେରା
ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ
କଟକ, ମୋ: ୯୪୩୭୦୩୧୨୫୩


ପ୍ରତିଦିନ ଆମେ ଭେଟୁଥିବା ଲୋକଙ୍କ ମଧ୍ୟରେ ସାଧାରଣତଃ ତିନି ଚାରି ପ୍ରକାର ଲୋକ ଦେଖାଯାଇଥାନ୍ତି। କିଛି ଲୋକଙ୍କର ପୂଜା ପାଠରେ ଆଗ୍ରହ ଥାଏ, କିନ୍ତୁ ଶ୍ରଦ୍ଧା ନଥାଏ (ଅର୍ଥାତ୍ ପୂଜାଟି କେବଳ ଶାରୀରିକ ପରିଶ୍ରମ ମଧ୍ୟରେ ସୀମିତ ରହେ), କିଛି ଲୋକଙ୍କ ମନ ସେଆଡ଼କୁ ମୋଟେ ଯାଏନାହିଁ ବା ପୂଜାପାଠରେ ଆଦୌ ଆଗ୍ରହ ହୁଏନାହିଁ, କିଛି ଲୋକଙ୍କର ଆଗ୍ରହ ରହିଥିଲେ ମଧ୍ୟ ସମୟ ମିଳେ ନାହିଁ ବା କୌଣସି କାରଣରୁ ସେମାନେ ସେଥିରେ ବ୍ୟାପୃତ ହୋଇପାରନ୍ତି ନାହିଁ, ଆଉ କିଛି ସମୟ ଦେଇ ଶ୍ରଦ୍ଧା ସହକାରେ ପୂଜା କରନ୍ତି, କିନ୍ତୁ ମନ ଓ ଧ୍ୟାନ ନିର୍ମଳ ନଥାଏ, ଆଉ କିଛି ଅତ୍ୟନ୍ତ ଶ୍ରଦ୍ଧା ସହକାରେ ଆପ୍ଳୁତ ହୁଅନ୍ତି, ସେମାନଙ୍କର ମନ ଓ ଚିତ୍ତ ନିର୍ମଳ। ପୂଜାଦି କର୍ମ ସେମାନେ କେବଳ ଶ୍ରଦ୍ଧାବଶତଃ କରିଥାନ୍ତି। ଆର୍ଥାତ୍ ରୁଚିକର ଖାଦ୍ୟ ଖାଇଲେ ଯେପରି ମନକୁ ସନ୍ତୋଷ ମିଳେ, ସେହିପରି ପୂଜା ଦ୍ୱାରା ସେମାନେ ସନ୍ତୋଷ ଲାଭ କରିଥାନ୍ତି।

ବାସ୍ତବରେ ପୂଜା କରିବା ଦ୍ୱାରା ଆତ୍ମସନ୍ତୋଷ ମିଳିଥାଏ, ଆତ୍ମଶକ୍ତି ବୃଦ୍ଧି ପାଏ, ଏଥିରେ କୌଣସି ସନ୍ଦେହ ନାହିଁ। ତେବେ କାହାରି ବି କ୍ଷେତ୍ରରେ ଦିନଟିଏରେ ଏଭଳି ଅନୁଭୂତି ଆସିଯିବା ସମ୍ଭବ ନୁହେଁ। ଦୀର୍ଘଦିନ ଧରି ପୂଜାଦି କର୍ମ କରିବା ପରେ ଧୀରେ ଧୀରେ ଭଗବାନଙ୍କ ପ୍ରତି ଆକର୍ଷଣ ଓ ଶ୍ରଦ୍ଧା ବୃଦ୍ଧି ହୋଇଥାଏ। ଏଣୁ ନିତ୍ୟ ଅଭ୍ୟାସ ଜାରି ରଖିବା ଜରୁରୀ। ଜଣକ ଭିତରେ ଯେତେବେଳେ ପୂଜା ପାଠ ପ୍ରତି ଶ୍ରଦ୍ଧା ଆସିଯାଏ ତା ମନରେ ଏକ ଦୃଢ଼ ସାହସର ରଜ୍ଜୁ ବାନ୍ଧି ହୋଇଯାଏ। ମନ ଭିତରୁ ଭୟ ଚାଲିଯାଇ ଏକ ସକରାତ୍ମକ ଉର୍ଜା ବୃଦ୍ଧି ପାଏ।

ଅବଶ୍ୟ କେତେକ ବ୍ୟକ୍ତି କହିଥାନ୍ତି ଯେ ପୂଜା ପାଠ ନିୟମିତ କରୁଥିଲେ ମଧ୍ୟ ସେମାନଙ୍କର ମାନସିକ ଏକାଗ୍ରତା ରହୁନାହିଁ। ଫଳପ୍ରାପ୍ତି ତ ଆହୁରି ଦୂର କଥା। ଏହାର କାରଣ କ'ଣ ? ବାସ୍ତୁବିତ୍‌ମାନେ ଏହାକୁ ଗୃହର ପୂଜାସ୍ଥଳରେ ଦୋଷ ତ୍ରୁଟି ଥିଲେ ଏପରି ସମସ୍ୟା ଦେଖାଦିଏ ବୋଲି କହିଥାନ୍ତି। ସେମାନଙ୍କ କହିବା ଅନୁସାରେ - ପୂଜାସ୍ଥଳ ଗୃହର ଉତ୍ତର ପୂର୍ବ (ଐଶାନ୍ୟ କୋଣ) ଦିଗରେ ରହିଥିବା ଆବଶ୍ୟକ ଏହି କୋଣ ଶକ୍ତି-ଜ୍ଞାନ ତଥା ଆଧ୍ୟାତ୍ମ ବୃଦ୍ଧି କାରକ। ଅତଏବ ପୂଜା, ପାଠ ଅଥବା ଅଧ୍ୟୟନ ଅଧ୍ୟାପନା ଏହି ଦିଗ ବା ପୂର୍ବ କିମ୍ବା ଉତ୍ତର ଦିଗକୁ ମୁହଁ କରି କରିବା ଉଚିତ। ବହୁ ବ୍ୟକ୍ତି ସ୍ଥାନାଭାବ ଥିଲେ ରୋଷେଇ ଘରେ ବା ଶୋଇବା ଘରେ ପୂଜାଘର କରିଦିଅନ୍ତି। ଆପଣ ଯଦି ଭଡ଼ାଗୃହରେ ରହୁଥାନ୍ତି ଏବଂ ଗୋଟିଏ ହିଁ ରୁମ୍ ଅଛି ତାହାହେଲେ ସେ କ୍ଷେତ୍ରରେ ଆପଣ ଶୋଇବା ଘରେ ପୂଜାଘର କରିପାରିବେ, ତେବେ ଠାକୁରଙ୍କୁ ଉତ୍ତର କିମ୍ବା ପୂର୍ବପଟ କାନ୍ଥ ଆଲମିରାରେ ରଖିବା ଉଚିତ୍। ବେଡ଼ରୁମରେ ଏପରି ମନ୍ଦିର ଥିଲେ ପୂଜା ପରେ ପରଦା ଢ଼ାଙ୍କିବା ବିଧେୟ। କୌଣସି ପରିସ୍ଥିତିରେ ରୋଷେଇଘରେ ପୂଜା ଘର କରିବା ଉଚିତ ନୁହେଁ। ରେଶମ ଆସନ ବା କୁଶାସନରେ ବସି ପୂଜା କରିବା ଉଚିତ୍। ଖାଲି ଚଟାଣରେ ବସି କରିବା ଅନୁଚିତ। ପୂଜାମନ୍ତ୍ର ଦ୍ୱାରା ଯେଉଁ ଓଜ ବୃଦ୍ଧିକାରକ ଉର୍ଜା ଉତ୍ପନ୍ନ ହୋଇଥାଏ ତଳେ ବସିବା ଦ୍ୱାରା ତାହା ଭୂତଳକୁ ଚାଲିଯାଏ। ଫଳରେ ପୂଜା ଫଳଶୂନ୍ୟ ହୁଏ।

ଅନେକ ଗୃହରେ ବହୁ ଦେବଦେବୀଙ୍କର ଏକାଠି ବଡ଼ ବଡ଼ ମୂର୍ତ୍ତି ସବୁ ରଖାଯାଇଥାଏ। ଏହା ଅନୁଚିତ। ପୂଜାଘରେ ଯେତେ ସମ୍ଭବ କମ୍ ମୂର୍ତ୍ତି ରଖାଯିବା ଉଚିତ। ନିଜର ଇଷ୍ଟ ଦେବତାଙ୍କ ସହିତ ଗୋଟିଏ ବା ଦୁଇଟି ମୂର୍ତ୍ତି ବା ଫଟୋ ଯଥେଷ୍ଟ। ମୂର୍ତ୍ତି ଚୟନ କରିବା ସମୟରେ ମଧ୍ୟ ଅତ୍ୟନ୍ତ ସାବଧାନତା ଅବଲମ୍ବନ କରାଯିବା ଆବଶ୍ୟକ। ଛଅ ଇଞ୍ଚରୁ ଅଧିକ ଉଚ୍ଚତାର ମୂର୍ତ୍ତି ରଖାଯିବା ଉଚିତ ନୁହେଁ। ଏହାଠାରୁ ଅଧିକ ଉଚ୍ଚତାର ମୂର୍ତ୍ତି କେବଳ ମନ୍ଦିରରେ ରହିପାରିବ କାରଣ ସେଠାରେ ବିଧିପୂର୍ବକ ସ୍ଥାପନା ଓ ନିତ୍ୟ ନିୟମିତ ମାଙ୍ଗଳିକ ଜାଗରଣ, ଧୂପ, ଭୋଗ, ସନ୍ଧ୍ୟା, ଶୟନ ଆଦି କାର୍ଯ୍ୟ ତଥା ଆରତୀ ସମ୍ପନ୍ନ କରାଯାଇଥାଏ, ଯାହା ଗୃହ ମଧ୍ୟରେ ସମ୍ଭବ ନୁହେଁ। ପୂଜାସ୍ଥଳରେ ଠାକୁରଙ୍କ ବିଗ୍ରହ ଉପରେ କୌଣସି ଭାରି ଜିନିଷ ରଖିବେ ନାହିଁ। ନିହାତି ଆବଶ୍ୟକସ୍ଥଳେ କେବଳ ଧାର୍ମିକ ପୁସ୍ତକ କିମ୍ବା ଠାକୁରଙ୍କର ବ୍ୟବହାର ଉପଯୋଗୀ ବାସନକୁସନ ରଖାଯାଇ ପାରିବ। ମୂର୍ତ୍ତି ଏବଂ ଫଟୋଚିତ୍ର ତଳେ ସର୍ବଦା ନୂତନ ବସ୍ତ୍ର ବିଛାଇବା ଉଚିତ୍।

ପୂଜାସ୍ଥଳରେ ପୁରୁଣା ବସ୍ତ୍ର ବଦଳାଇବାକୁ ହେଲେ ଉକ୍ତ ବସ୍ତ୍ର, ଠାକୁରଙ୍କୁ ଚଢ଼ାଯାଇଥିବା ଫୁଲ, ପତ୍ର ଆଦି ଏଣେତେଣେ ଫିଙ୍ଗିବା ଅନୁଚିତ। ଏହାଦ୍ୱାରା ତାହା ଗୋଡ଼ ଆଦିରେ ଲାଗି ଦେବତାଙ୍କ ପ୍ରତି ଅପମାନ ଯୋଗୁଁ ମହାପାପ ଲାଗିଥାଏ। ବାସି ଫୁଲ, ପତ୍ର ଏବଂ ବସ୍ତ୍ର ଆଦିକୁ ଜଳାଶୟ କିମ୍ବା ଅଶ୍ୱତ୍ଥ ବୃକ୍ଷ ମୂଳରେ ପକାଇଦେବା ଉଚିତ୍। ପୂଜାସ୍ଥଳରେ ପ୍ରତିଦିନ ସକାଳେ ଓ ସନ୍ଧ୍ୟାରେ ଧୂପ, ଦୀପ ଦେବା ଉଚିତ। ଅଶୁଦ୍ଧି ସମୟର ପୂଜା ଘରେ ପ୍ରବେଶ କରିବା ଉଚିତ୍ ନୁହେଁ। ମନ୍ତ୍ରାଦି ଜପ କରୁଥିବା ମାଳାକୁ ଗଳାରେ ଧାରଣ କରିବା ଉଚିତ ନୁହେଁ। ମନ୍ତ୍ର ଜପ ପରେ ଉକ୍ତ ମାଳାକୁ ପୂଜାସ୍ଥଳରେ ରଖିଦେବା ଉଚିତ। ମାଳାକୁ କୌଣସି ସ୍ଥାନରେ ଝୁଲାଇ ରଖିବା ମଧ୍ୟ ଉଚିତ ନୁହେଁ। ଗୋମୁଖୀ ବସ୍ତ୍ର ଭିତରେ ମାଳଦ୍ୱାରା ମନ୍ତ୍ର ଜପ କରିବା ଉଚିତ। ଗୋମୁଖୀ ବିନା ଏବଂ ଉନ୍ମୁକ୍ତ ମାଳା ଜପ କରିବା ଦ୍ୱାରା ଜପର ଫଳ ଆସୁରିକ ଶକ୍ତି ପାଖକୁ ଚାଲିଯାଇଥାଏ ବୋଲି କୁହାଯାଏ। କେହି କେହି ବାସ୍ତୁବିତ ଗୃହ ଭିତରେ ଠାକୁରଘର ନକରିବାକୁ ପରାମର୍ଶ ଦେଇଥାନ୍ତି। ଆଗ କାଳରେ ଗାଁ ଭିତରେ ଗୋଟିଏ ମନ୍ଦିର ହେଉଥିଲା, ଯେଉଁଠି ସମସ୍ତେ ଯାଇ ପୂଜା କରୁଥିଲେ। ଘର ଭିତରେ ମନ୍ଦିର ହେଉନଥିଲା। ଜଣେ ରୋଜଗାର କଲେ ସମସ୍ତେ ସୁଖଶାନ୍ତିରେ ଚଳୁଥିଲେ। ଆଜି ଘରେ ଘରେ ମନ୍ଦିର, ଘରର ସମସ୍ତେ ରୋଜଗାର କରୁଛନ୍ତି, ତଥାପି ସୁଖ କି ଶାନ୍ତି ନାହିଁ। ସବୁବେଳେ ଗୋଟିଏ କଥା ମନେ ରଖିବା ଉଚିତ ଯେ ଆମମାନଙ୍କର ସତ୍‌କର୍ମ, ସତ୍‌ଶିକ୍ଷା ଏବଂ ସମାଜର ସର୍ବମଙ୍ଗଳ ଉନ୍ନତି କଳ୍ପେ ନିଜ ସାଧ୍ୟମତେ ଦାୟିତ୍ୱ ରହିବା ଉଚିତ। ପୂଜା କର୍ମ ଆମ ହିନ୍ଦୁ ଓ ସନାତନ ସଂସ୍କୃତିର ଏକ ଅବିଚ୍ଛେଦ୍ୟ ଅଙ୍ଗ କହିଲେ ଅତ୍ୟୁକ୍ତି ହେବନାହିଁ। ତେବେ ଆପଣ ଯାହାଙ୍କୁ ବି ପୂଜା କରନ୍ତୁ, ଯିଏ ବି ଆପଣଙ୍କର ଇଷ୍ଟ ହୁଅନ୍ତୁ ଏଥିରେ ଶ୍ରଦ୍ଧା ଓ ଭାବ ଅତୀବ ଗୁରୁତ୍ୱପୂର୍ଣ୍ଣ।

ଓଡ଼ିଶା ଭାସ୍କର
ODISHA BHASKAR
ରାଜ୍ୟ ଖବର





ପଟ୍ଟାମୁଣ୍ଡାଇ(ଭାସ୍କର ନ୍ୟୁଜ): କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇ ମୁନିସିପାଲିଟି ଅନ୍ତର୍ଗତ ୯ ନଂ ୱାର୍ଡ ନୂଆଗାଁ ସରକାରୀ ପ୍ରାଥମିକ ବିଦ୍ୟାଳୟର ୩୮ ତମ ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ ଉତ୍ସବ ପାଳିତ ହୋଇଯାଇଛି । କାର୍ଯ୍ୟକ୍ରମକୁ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ବିଜୟନ୍ତୀ ସାହୁ, ମଣ୍ଡଳ ଶିକ୍ଷାଅଧିକାରୀ ହରିହର ଦଳାଇ ପ୍ରଦୀପ ଲଗାଇ ଉଦ୍ଘାଟନ କରିଥିଲେ । ସଭାରେ ପ୍ରଧାନଶିକ୍ଷୟତ୍ରୀ ବିଜୟନ୍ତୀ ସାହୁ ସଭାପତିତ୍ୱ କରିଥିଲେ । ମୁଖ୍ୟ ଅତିଥି ପଟ୍ଟାମୁଣ୍ଡାଇ ପୌରପରିଷଦ ଅଧ୍ୟକ୍ଷ ହେମନ୍ତ କୁମାର ସାହୁ, ସିଆରସିସି ମଳୟ ଜେନା, ସ୍କୁଲର ସଭାପତି ଶତ୍ରୁଘନ ଚୌଧୁରୀ, ୯ ନଂ ୱାର୍ଡ କାଉନସିଲର ପ୍ରିୟଙ୍କା ସେଠି, ପଞ୍ଚଶାଖା ସେତୁ ସଭାପତି ସୁଧାଂଶୁ ତ୍ରିପାଠୀ, ଗ୍ରାମ କମିଟିର ସଭାପତି ରାମଚନ୍ଦ୍ର ମିଶ୍ର ଓ ବିଦ୍ୟାଳୟ ପରିଚାଳନା କମିଟିର ସଭ୍ୟସଭ୍ୟା ଓ ପୂର୍ବତନ ପ୍ରଧାନ ଶିକ୍ଷୟିତ୍ରୀ ପ୍ରେମଲତା ପତି ମଞ୍ଚାସୀନ ଅତିଥି ରୂପେ ଯୋଗଦେଇଥିଲେ । ଶିକ୍ଷୟତ୍ରୀ ସରସ୍ୱତୀ ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିଲେ । ବିଶିଷ୍ଟ ଶିକ୍ଷାବିତ ଓ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ । ଉଦଯାପନୀ ଉତ୍ସବରେ ବରିଷ୍ଠ ଶିକ୍ଷାବିତ ମାନେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶିକ୍ଷା କ୍ଷେତ୍ରରେ ନୂଆଗାଁ ସରକାରୀ ପ୍ରାଥମିକ ବିଦ୍ୟାଳୟ ଏକ ମାଇଲଖୁଣ୍ଟ ଭାବେ ପଟ୍ଟାମୁଣ୍ଡାଇରେ ବହୁ ମେଧାବୀ ଛାତ୍ରଛାତ୍ରୀ ତିଆରି କରିଛନ୍ତି । ଶେଷରେ ସଂଯୋଜକ ତଥା ଶିକ୍ଷାବିତ୍, ଶିକ୍ଷୟିତ୍ରୀ ପ୍ରମିଳା ବେହେରା । ଶିକ୍ଷୟିତ୍ରୀ ସାରସ୍ୱତୀ ପଣ୍ଡା, ଅନ୍ନପୂର୍ଣ୍ଣା ସାହୁ ପରିଚାଳନା କରିଥିଲେ । ଶିକ୍ଷୟିତ୍ରୀ ପ୍ରମିଳା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ । କ୍ରୀଡା, ସଂଗୀତ, ବକ୍ତୃତା. ନାଚ, ଦୌଡ, ମିଉଜିକ ଚେୟାରରେ କୃତି ଛାତ୍ରଛାତ୍ରୀଙ୍କୁ ସପୁରସ୍କୃତ କରାଯାଇଥିଲା ।

# କଳିଙ୍ଗ ଛକରେ ନିର୍ମାଣ ହେବ ଗଳାପୋଲ: ସ୍ଥିତି ଅନୁଧ୍ୟାନ କଲେ ସାଂସଦ

ଟାଙ୍ଗୀ-ଚୌଦ୍ୱାର(ଭାସ୍କର ନ୍ୟୁଜ): ଚୌଦ୍ୱାର ସହରର ମୁଖ୍ୟ ବ୍ୟବସାୟ ସ୍ଥଳ ତଥା ଚାରବାଟିଆ ରାସ୍ତାର ସଂଯୋଗ ସ୍ଥଳ ବ୍ୟସ୍ତବହୁଳ କଳିଙ୍ଗ ଛକରେ ୫୫ନମ୍ବର ଜାତୀୟ ରାଜପଥରେ ଏକ ଗଳାପୋଲ ନିର୍ମାଣ ପାଇଁ ସ୍ଥିତି ଅନୁଧ୍ୟାନ କରିଛନ୍ତି କଟକ ସାଂସଦ ଭର୍ତ୍ତୃହରି ମହତାବ । କଳିଙ୍ଗ ଛକସ୍ଥିତ ଉକ୍ତ ରାସ୍ତାରେ ପ୍ରତିଦିନ ହଜାର ହଜାର ସଂଖ୍ୟାରେ ଲୋକ ଓ ଗାଡ଼ି ମଟର ଯାତାୟତ କରୁଥିବାରୁ ଏହି ସ୍ଥାନରେ ଏକ ଛୋଟ ଗଳାପୋଲ ନିର୍ମଣ ପାଇଁ କଳିଙ୍ଗ ବଜାର ବ୍ୟବସାୟୀ ସଂଘ ଏବଂ ଜନସାଧାରଣଙ୍କ ବାରମ୍ବାର ଅନୁରୋଧ ଓ ଦାବିକୁ ରକ୍ଷା କରି କଟକ ଲୋକସଭା ସାଂସଦ ଭର୍ତ୍ତୃହରି ମହତାବ ଶନିବାର କଳିଙ୍ଗ ଛକ ପରିଦର୍ଶନ କରି ଗଳାପୋଲ ନିର୍ମାଣର ସ୍ଥିତି ଅନୁଧ୍ୟାନ କରିଥିଲେ । ବିଜେପି ନେତା ନୟନ କିଶୋର ମହାନ୍ତି, ତହସିଲଦାର ଚୌଧୁରୀ ପ୍ରଜ୍ଞାନନ୍ଦ ଦାସ, ଏନଏଚଆଇର ପ୍ରକଳ୍ପ ନିର୍ଦ୍ଦେଶକ ବି.କେ.ଚୌଧୁରୀ, ରିଜିଓନାଲ ଅଫିସର ବିରେନ୍ଦ୍ର ସିଂ ପ୍ରମୁଖ ମଧ୍ୟ



ସାଂସଦଙ୍କ ସହିତ ଉପସ୍ଥିତ ରହି କ୍ଷେତ୍ର ପରିଦର୍ଶନ କରିଥିଲେ । ଏ ଦିଗରେ ଆସନ୍ତା ୧୫ଦିନ ଭିତରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସାଂସଦ ଶ୍ରୀ ମହତାବ ଉପସ୍ଥିତ ଜନସାଧାରଣଙ୍କୁ ପ୍ରତିଶ୍ରୁତି ଦେଇଥିଲେ । ସୂଚନାଯୋଗ୍ୟ ଯେ ବ୍ୟସ୍ତବହୁଳ କଳିଙ୍ଗ ଛକକୁ ସଂଯୋଗ କରୁଥିବା ରାରବାଟିଆ ରାସ୍ତାରେ ଇଏସଆଇ ମେଡିକାଲ, ଚୌଦ୍ୱାର ସର୍କଲ ଜେଲ, ଇମ୍ଫା କରାଖାନା, ଏଆରସି ଭଳି ପ୍ରତିଷ୍ଠିତ ଅନୁଷ୍ଠାନ ଓ ଚାରବାଟିଆ ବଜାର ରହିଥିବା ବେଳେ ୬ଟି ପଞ୍ଚାୟତର ପ୍ରାୟ ୧୦୦ରୁ ଉର୍ଦ୍ଧ ଗ୍ରାମର ଲୋକେ ଉକ୍ତ ଛକ ଦେଇ ଯାତାୟାତ କରିଥାନ୍ତି । ଅନ୍ୟପଟେ ଜାତୀୟ ରାଜପଥର ଭୁଲ ସର୍ବେକ୍ଷଣ ପାଇଁ ଗଳାପୋଲ ସଠିକ୍ ଜାଗାରେ ହୋଇନଥିବା ହେତୁ କଳିଙ୍ଗ ଛକରେ ବ୍ୟବସାୟ କରି ପରିବାର ପ୍ରତିପୋଷଣ କରୁଥିବା ବ୍ୟବସାୟୀ ଓ ସାଧାରଣ ଲୋକେ ପ୍ରାୟ ଏକ କିଲୋମିଟର ରାସ୍ତା ଅଯଥାରେ ବୁଲିକରି ଯିବା ସହିତ ନାନାଦି ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏନେଇ କଳିଙ୍ଗ ଛକରେ ଅନ୍ୟ ଏକ ଗଳାପୋଲ ନିର୍ମାଣ ପାଇଁ ଦୀର୍ଘଦିନ ହେଲା ଦାବି ହୋଇ ଆସୁଛି । ସାଂସଦଙ୍କ ରାସ୍ତା ପରିଦର୍ଶନ ସମୟରେ ଚୌଦ୍ୱାର କଲେଜର ଅଧ୍ୟକ୍ଷ ରଶ୍ମୀ ରାଉତରାୟ, ସ୍ଥାନୀୟ କାଉନସିଲର ଆଶୁତୋଷ ଦାସ, କଲେଜର ଅଧ୍ୟାପକ ଅଧ୍ୟାପିକାମାନେ ସାଂସଦଙ୍କୁ ଭେଟି କଲେଜ ସମ୍ମୁଖରେ ଏକ ଫୁଟ ଓଭରବ୍ରିଜ ନିର୍ମାଣ ପାଇଁ ଅନୁରୋଧ କରିଥିଲେ । ସାଂସଦ ତୁରନ୍ତ କଲେଜ ସମ୍ମଖକୁ ଆସି କ୍ଷେତ୍ର ପରିଦର୍ଶନ କରି ଛାତ୍ର ଛାତ୍ରୀମାନଙ୍କ ପାଇଁ କଲେଜ ସମ୍ମୁଖରେ ଫୁଟ ଓଭର ବ୍ରିଜର ନିତ୍ୟାନ୍ତ ଆବଶ୍ୟକତା ଥିବା ଅନୁଭବ କରି ନିର୍ମାଣ ପାଇଁ ଜାଗା ନିରୁପଣ କରିବାକୁ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ କଳିଙ୍ଗ ବଜାର ସଭାପତି ପ୍ରଶାନ୍ତ କୁମାର ସାହୁ, ରମେଶ ନାୟକ, ମାନସ କୁମାର ସାହୁ, ବିମଲ କୁମାର ବେଉରା, ସ୍ମୃତି ରଞ୍ଜନ ମହାପାତ୍ର, ସଞ୍ଜୟ ରାୟ, ପ୍ରଭାକର ସ୍ୱାଇଁ, ସୋରେନ ବେହେରାଙ୍କ ସମେତ ବଜାର କମିଟିର ସମସ୍ତ ସଦସ୍ୟ ଓ ବହୁ ଜନସାଧାରଣ ଉପସ୍ଥିତ ଥିଲେ ।

## ପୂର୍ବ ବିବାଦରୁ ପୁଅକୁ ଟାଙ୍ଗିଆରେ ଆକ୍ରମଣ

# ପୋଲିସ୍ ଉପଖଣ୍ଡ ଅଧିକାରୀଙ୍କୁ ମା'ଙ୍କ ନ୍ୟାୟ ଭିକ୍ଷା



ନିମାପଡା(ଭାସ୍କର ନ୍ୟୁଜ): ନିମାପଡା ଜଣେ ବିଧବା ମହିଳାଙ୍କ ପୁଅକୁ ପୂର୍ବବିବାଦକୁ ନେଇ ଟାଙ୍ଗିଆରେ ଆକ୍ରମର ହୋଇଥିବା ବେଳେ ମହିଳାଙ୍କ ପୁଅ ସ୍ୱାସ୍ଥ୍ୟକେନ୍ଦ୍ରରେ ପଡିରହି ଜୀବନ ମୃତ୍ୟୁ ସହିତ ସଂଗ୍ରାମ କରୁଛନ୍ତି । ଏ ସଂପର୍କରେ ବିଧବା ମହିଳା ଥାନାରେ ଅଭିଯୋଗ କରିବା ପରେ ଅଭିଯୋଗ ଆଧାରରେ ପୋଲିସ୍ ମାମଲା ରୁଜୁ କରି ଅଭିଯୁକ୍ତମାନଙ୍କୁ ଗିରଫ କରୁନାହିଁ । ଏକ ସପ୍ତାହ ବିତିଯାଇଥିଲେ ମଧ୍ୟ ବିଧବା ମହିଳା ଥାନାକୁ ଧାଁ ଧପଡ କରି ନିରାଶ ହୋଇ ନିମାପଡା ପୋଲିସ୍ ଉପଖଣ୍ଡ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଛନ୍ତି । ତୁରନ୍ତ ବିଧବା ମହିଳାଙ୍କୁ ନ୍ୟାୟ ପ୍ରଦାନ ପାଇଁ ବିଭିନ୍ନ ମହଲରୁ ଦାବି ହୋଇଛି । ମିଳିଥିବା ସୂଚନା ଅନୁଯାୟୀ ପୁରୀ ଜିଲ୍ଲା ନିମାପଡା ନିର୍ବାଚନମଣ୍ଡଳୀ ଗୋପ ଥାନା ବାସୁଦେଇପୁର ଗ୍ରାମର ବାସନ୍ତୀ ନାୟକ ଅଭିଯୋଗ କରିଛନ୍ତି ଧାର ଟଙ୍କା ମାଗିବାରୁ ସେହି ଗ୍ରାମର ଚନ୍ଦନ ନାୟକ ପୂର୍ବ ବିବାଦର ରାଗ ରଖି ମହିଳାଙ୍କୁ ଟଣା ଓଟରା କରି ମାଡ ମାରିଥିଲା । ମହିଳାଙ୍କ ପୁଅ ପ୍ରତିବାଦ କରିବାରୁ ତାଙ୍କୁ ଏକ ଲୁହା ଟାଙ୍ଗିଆରେ ଆକ୍ରମଣ କରିଥିଲା । ମହିଳାଙ୍କ ପୁଅ ମୁଣ୍ଡ ଓ ଶରରରରେ ଆଘାତ ଲାଗିଥିବା ବେଳେ ଚନ୍ଦନର ଭଉଣୀ ମଧ୍ୟ ଆକ୍ରମଣ କରିଥିଲା । ଆହତଙ୍କୁ ଗୋପ ସ୍ୱାସ୍ଥ୍ୟକେନ୍ଦ୍ର ଚିକିତ୍ସା ପାଇଁ ପରିବାର ଲୋକେ ଆଣିଥିବା ବେଳେ ଅବସ୍ଥା ଗୁରୁତର ହୋବରୁ ପୁରୀ ସଦରମହକୁମା ଚିକିତ୍ସାଳୟରେ ଚିକିତ୍ସା ହେଉଛନ୍ତି । ବିଧବା ମହିଳାଙ୍କ ପୁଅ ଗୁରୁତର ଥିବା ବେଳେ ପୋଲିସ୍ ମାମଲା ରୁଜୁ କରି ନୀରବ ରହିବାରୁ ବିଧବା ମହିଳା ନିମାପଡା ପୋଲିସ୍ ଉପଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟକୁ ଆସି ଅଧିକାରୀଙ୍କୁ ଅଭିଯୋଗ ଦେବା ସହ ଆସାମୀମାନଙ୍କୁ ଗିରଫ କରିବା ପାଇଁ ଦାବୀ କରିଛନ୍ତି ।

# ସାମ୍ବାଦିକଙ୍କ ପିତୃ ବିୟୋଗ

ପାରାଦୀପ(ଭାସ୍କର ନ୍ୟୁଜ): ପାରାଦୀପର କାର୍ଯ୍ୟରତ ସାମ୍ବାଦିକ ସୁଧାଂଶୁ ନାୟକଙ୍କ ପିତା ନବ କିଶୋର ନାୟକଙ୍କ ଭୁବନେଶ୍ୱର ସ୍ଥିତ ଏକ ଘରୋଇ ଚିକିତ୍ସାଳୟରେ ଚିକିତ୍ସାଧୀନ ଅବସ୍ଥାରେ ଶନିବାର ଅପରାହ୍ନରେ ପରଲୋକ ହୋଇଯାଇଛି । ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କର ଏକମାତ୍ର ପୁଅ, ଝିଅ, ଜ୍ୱାଇଁ, ନାତି ନାତୁଣୀ ଓ ବନ୍ଧୁ ପରିଜନମାନେ ଉପସ୍ଥିତ ଥିଲେ । ତାଙ୍କର ଅନ୍ତିମ ସଂସ୍କାର ନିଜ ଗ୍ରାମ କେନ୍ଦ୍ରାପଡା ଜିଲ୍ଲା ପାଟକୁରା ଥାନା ଅନ୍ତର୍ଗତ ବନ୍ଧକଟା ଗ୍ରାମରେ କରାଯାଇଛି । ସ୍ୱର୍ଗତ ନାୟକ ପାରାଦୀପ ବନ୍ଦରର ଜଣେ ଅବସରପ୍ରାପ୍ତ କର୍ମଚାରୀ । ତାଙ୍କ ବିୟୋଗରେ ପାରାଦୀପର କାର୍ଯ୍ୟରତ ସାମ୍ବାଦିକ ଶୁକଦେବ ଜେନା, ଶଶାଙ୍କ ଆଚାର୍ଯ୍ୟ, ରବୀନ୍ଦ୍ର ଜେନା, ରତ୍ନାକର ଜେନା, ରାକେଶ ପଟ୍ଟନାୟକ, ଦୀପକ ଦାସ, ପ୍ରଭାକର ସାହୁ, ସନ୍ତୋଷ ଭାରତୀ, ଆଲୋକ ମହାପାତ୍ର, ବିବେକାନନ୍ଦ ରାଉତ, ସଦାନନ୍ଦ ବେହେରା, ବିରଜା ତ୍ରିପାଠୀ, ରଶ୍ମୀ ରାଉତରାୟ ପ୍ରମୁଖ ଗଭୀର ଶୋକବ୍ୟକ୍ତ କରିବା ସହ ତାଙ୍କ ଆତ୍ମାର ସଦଗତି କାମନା କରି ଶୋକସନ୍ତପ୍ତ ପରିବାରକୁ ଭଗବାନ ଅସୀମ ଧୈର୍ଯ୍ୟ ପ୍ରଦାନ କରିବାକୁ ପ୍ରାର୍ଥନା କରିଛନ୍ତି ।

# କାକଟପୁର ଓକିଲ ସଂଘ କର୍ମକର୍ତ୍ତା ନିର୍ବାଚନ

କାକଟପୁର(ଭାସ୍କର ନ୍ୟୁଜ): ପୁରୀଜିଲ୍ଲା କାକଟପୁର ଓକିଲ ସଂଘର ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକ ରେ ନିର୍ବାଚନ ଅଧିକାରୀ ଆଇନଜୀବୀ ହରେକୃଷ୍ଣ ସ୍ୱାଇଁଙ୍କ ପ୍ରତ୍ୟେକ୍ଷ ତତ୍ୱାବଧାନରେ କର୍ମକର୍ତ୍ତା ନିର୍ବାଚନ ଅତ୍ୟନ୍ତ ଶାନ୍ତିଶୃଙ୍ଖଳାର ସହିତ ଶେଷ ହୋଇଯାଇଛି । ଏହି ନିର୍ବାଚନରେ ୨୮ ଜଣ ଆଇନଜୀବୀ ସେମାନଙ୍କର ମତଦାନ ସାବ୍ୟସ୍ତ କରିଥିଲେ । ଏଥିରେ ଓକିଲ ସଂଘର ସଭାପତି ଭାବେ ଆଇନଜୀବୀ ଅଶୋକ କୁମାର ଦାଶ, ଉପ ସଭାପତି ଆଇନଜୀବୀ ଉମାକାନ୍ତ ମିଶ୍ର ଏବଂ ସମ୍ପାଦକ ଭାବେ ଆଇନଜୀବୀ ନିରେନ ପ୍ରସାଦ ମହାନ୍ତି, ଯୁଗ୍ମ ସମ୍ପାଦକ ଆଇନଜୀବୀ ଦିଲ୍ଲୀପ କୁମାର ବେହେରା, ସହ-ସମ୍ପାଦକ ଆଇନଜୀବୀ ପ୍ରଭାତ କୁମାର ଦୀକ୍ଷିତ, କୋଷାଧ୍ୟକ୍ଷ ଭାବେ ଆଇନଜୀବୀ ଲକ୍ଷ୍ମୀକାନ୍ତ ଶତପଥୀ, ଲାଇବ୍ରେରୀ ସମ୍ପାଦକ ଭାବେ ଆଇନଜୀବୀ ଦିଲ୍ଲୀପ କୁମାର ବାରିକ ନିର୍ବାଚିତ ହୋଇଥିବା ବେଳେ ଉପଦେଷ୍ଟା ଭାବେ ଆଇନଜୀବୀ ଅସରଫ ଖାନ, ଆଇନଜୀବୀ ଦିବ୍ୟଦର୍ଶୀ ବିଶ୍ୱାଳ, ଆଇନଜୀବୀ ଶେଖ ମୁସ୍ତାକିମ ଓ ଆଇନଜୀବୀ କମଳ ଲୋଚନ ଦୀକ୍ଷିତ ମନୋନୀତ ହୋଇଥିଲେ ।

# ଭୂମିହୀନ ଦର୍ଶାଇ ସରକାରୀ ଜମି ହଡପ, ତଦନ୍ତ ଦାବି

ସୋରଡ଼ା(ଭାସ୍କର ନ୍ୟୁଜ): ସୋରଡ଼ା ତହସିଲର ୯ଗୋଟି ଆରଆଇ ରେଭେନ୍ୟୁ ସର୍କଲ ମାନଙ୍କର ଶହ ଶହ ଏକର ଜମିକୁ ଧନୀକ ଶ୍ରେଣୀ, ମୁଷ୍ଟିମେୟ ରାଜନୈତିକ ବ୍ୟକ୍ତିବିଶେଷଙ୍କ କବ୍ଜାରେ ରଖିଛନ୍ତି ଏବଂ ତହସିଲଦାରଙ୍କୁ ଗରିବ, ଭୂମିହୀନ ଦର୍ଶାଇ ସରକାରଙ୍କ ଜମିକୁ ହାତେଇ ଥିବାରୁ ପ୍ରକୃତ ଗରିବ, ଶ୍ରମିକ ଶ୍ରେଣୀ, ହରିଜନ, ଆଦିବାସୀ, ଅର୍କମଣ୍ୟ ଭୂମିହୀନ ମାନେ ସରକାରୀ ଜମି, ଘରଡ଼ିହ ଖଣ୍ଡେ ସରକାରଙ୍କ ଠାରୁ ପାଇବାରେ ବଞ୍ଚିତ ହୋଇଥାନ୍ତି । ଦୈନିକ ଧନୀକ ଶ୍ରେଣୀର ବ୍ୟକ୍ତି ମାନଙ୍କ ନିଜସ୍ୱ ଜଗଥିବା ବେଳେ ସେ ଓ ତାଙ୍କ ପରିବାର ନିଜକୁ ଭୂମିହୀନ ପରିବାର ଦର୍ଶାଇ ସରକାରୀ ଜମିକୁ ବେନିୟମ ଭାବେ ହଡପ କରିଥିବା ନେଇ ତଦନ୍ତ କରି କାର୍ଯ୍ୟନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି ହେଉଛି । ସୋରଡ଼ା ରେଭେନ୍ୟୁ ଅନ୍ତର୍ଗତ କେଶାରା ଗ୍ରାମରେ ବାସ କରୁଥିବା ବିଷୋୟୀ ପରିବାରଙ୍କ ସ୍ତ୍ରୀ ସରକାରୀ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟ କରୁଥିଲେ ମଧ୍ୟ ନିଜକୁ ଭୂମିହୀନ ଦର୍ଶାଇ ସରକାରଙ୍କ ତରଫରୁ ଏକ ଚାଷ ଜମିଙ୍କୁ ଚତୁର ତାର ସହିତ ନିଜ ନାମରେ ହାତେଇଛନ୍ତି କିନ୍ତୁ ତାଙ୍କ ସ୍ୱାମୀଙ୍କ ବାପା ଓ ପୂର୍ବ ପୁରୁଷଙ୍କ ନାମରେ ଘରବାରି, କୋଠାଘର, ୫୦ରୁ ୬୦ଏକର ଚାଷ ଜମିଥିବା ସ୍ଥଳେ ଶ୍ରୀମତୀ ବିଷୋୟୀ ଓ ତାଙ୍କ ଶ୍ୱଶୁରଙ୍କ ଘର ପରିବାର କିପରି ଭୂମିହୀନ ହୋଇ ସରକାରୀ ଜମିଙ୍କୁ ହାତେଇଲେ ସେ ନେଇ ନୁଆଁଗଡ଼ ଗ୍ରାମପଞ୍ଚାୟତର କିଛି ଲୋକ ତାଙ୍କ ବିରୁଦ୍ଧରେ ଲୋକ ଆମ ପ୍ରତିନିଧିଙ୍କ ଠାରେ ଅଶ୍ୱିନୀ ବିଷୋୟୀଙ୍କ ବିରୁଦ୍ଧରେ ନୁଆଁଗଡ଼ରେ ଅଭିଯୋଗ କରି କହିଛନ୍ତି ଅଶ୍ୱିନୀ ଯୋଗାଣ ସହାୟକ, ଗ୍ରାମପଞ୍ଚାୟତରେ ସ୍ତ୍ରୀ ଶିକ୍ଷୟିତ୍ରୀ ଆସିକାରେ ଚାକିରୀ କରୁଥିବା ବେଳେ ଓ ଧନୀକ ଶ୍ରେଣୀର ଥିବାରୁ ସେ କିପରି ଭୂମିହୀନ ଦର୍ଶାଇ ସରକାରଙ୍କୁ ଠକି ସରକାରୀ ଜମିଙ୍କୁ ହଡପ କରିଛନ୍ତି ବୋଲି ପ୍ରଶ୍ନ କରିଛନ୍ତି । ଏ ନେଇ ସୋରଡ଼ା ତହସିଲଦାର, ଉପ ଜିଲ୍ଲାପଳ ଭଞ୍ଜନଗର, ଏବଂ ଜିଲ୍ଲାପାଳଙ୍କୁ ଲେଖି ଅଭିଯୋଗ କରିଥିଲେ ମଧ୍ୟ ଅଭିଯୋଗକାରୀଙ୍କୁ ଉଚିତ ନ୍ୟାୟ ମିଳିପାରି ନଥିବାରୁ ତତ୍କାଳୀନ ତହସିଲଦାରଙ୍କ ତଦନ୍ତ ଉପରେ ପ୍ରଶ୍ନ ଉଠାଇ ଅଶ୍ୱିନୀ ବିଷୋୟୀ ତାଙ୍କ ସ୍ତ୍ରୀ ବିରୁଦ୍ଧରେ ଆଇନରତ କାର୍ଯ୍ୟନୁଷ୍ଠାନ ଗ୍ରହଣ କରିବା ପାଇଁ ଅଗ୍ରଣୀ ଏନଜିଓ, ଶଶୀଭୂଷଣ ଯୁବକ ସଙ୍ଘର ସଭାପତି ଆରପଲି ସାରଥୀ ଜିଲ୍ଲା ପ୍ରଶାସକଙ୍କ ଠାରେ ଦାବି କରିଛନ୍ତି ।

# କାରକୁ ପିଟିଲା ଟ୍ରକ୍, ଜଣେ ଗୁରୁତର



ରଘୁନାଥପୁର(ଭାସ୍କର ନ୍ୟୁଜ): କଟକ ପାରାଦ୍ୱୀପ ରାଜରାସ୍ତାର ତାରାପୁର ବାଇପାସ୍ ନିକଟରେ ଏକ ଟ୍ରକ ଅପରପକ୍ଷରୁ ଆସୁଥିବା ଏକ କାରରେ ଧକ୍କା ଦେବାରୁ କାର ଚାଳକ କନକପୁର ଅଂଚଳର ସତ୍ୟ ଭୁଷଣ ଦାଶ (୫୧)ଗୁରୁତର ହୋଇ ପ୍ରଥମେ ରଘୁନାଥପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ଅଧିକ ଚିକିତ୍ସା ପାଇଁ କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି । ଘଟଣାରୁ ପ୍ରକାଶ, କନକପୁର ଅଂଚଳର ସତ୍ୟ ଭୁଷଣ ଦାଶ ଓ ତାଙ୍କର ଜଣେ ସାଥୀ କଟକରୁ ଘରକୁ ଫେରୁଥିବା ବେଳେ ଅପରାହ୍ନ ୩ଟା ସମୟରେ ପାରାଦ୍ୱୀପ ପଟରୁ ଆସୁଥିବା ଏକ ଦ୍ରୁତଗାମୀ ଟ୍ରକର ପଛ ଚକ ବାହାରି ଯିବାରୁ ଟ୍ରକଟି ଭାରସାମ୍ୟ ହରାଇ କାରକୁ ସମ୍ମୁଖ ପଟରେ ଧକ୍କା ଦେଇଥିଲା । ଫଳରେ ଶ୍ରୀ ଦାଶ ଘଟଣା ସ୍ଥଳରେ ଗୁରୁତର ହୋଇ ଯାଇଥିବା ବେଳେ ସାଥୀ ଆରୋହି ଜଣକ ଆହତ ହୋଇ ରଘୁନାଥପୁର ଡାକ୍ତରଖାନାରେ ଚିକିତ୍ସିତ ହୋଇଥିଲେ । ସେଠାରେ ଶ୍ରୀ ଦାଶଙ୍କ ଅବସ୍ଥା ଗୁରୁତର ଯୋଗୁଁ ତାଙ୍କୁ ଅଧିକ ଚିକିତ୍ସା ପାଇଁ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଥିଲା । ଘଟଣାସ୍ଥଳରୁ ଟ୍ରକ ଡ୍ରାଇଭର ଫେରାର ହୋଇ ଯାଇଥିବା ବେଳେ ଖବରପାଇ ରଘୁନାଥପୁର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଘଟଣାର ଛାନଭିନ କରିଛନ୍ତି ।

# ନିମାପଡାର ୨ ବାର୍ ଆସୋସିଏସନ୍‌ରେ ନିର୍ବାଚନ ଶେଷ



ନିମାପଡା(ଭାସ୍କର ନ୍ୟୁଜ): ନିମାପଡା ନିମାପଡା ବାର ଆସୋସିଏସନର ନିର୍ବାଚନ ଫଳାଫଳ ଘୋଷଣା କରାଯାଇଛି । ଓଡିଶା ରାଜ୍ୟ ବାର କାଉନସିଲ ଦ୍ୱାରା ସାରା ଓଡିଶାର ସମସ୍ତ ବାର ଆସୋସିଏସନର ଭୋଟ ଆଜି ଗ୍ରହଣ କରାଯାଇଅଛି । ମିଳିଥିବା ସୂଚନା ଅନୁଯାୟୀ ୨୯ତାରିଖ ଦିନ ନିମାପଡା ବାର ଆସୋସିଏସନର ନିର୍ବାଚନରେ ସଭାପତି ପଦ ପାଇଁ ତିନିଜଣ ପ୍ରତିଯୋଗିତା କରୁଥିବା ବେଳେ ଅଭିମନ୍ୟୁ ସ୍ୱାଇଁ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦୀ ଛବିନ୍ଦ୍ର ମୁଖୀଙ୍କୁ ହରାଇଥିବା ବେଳେ ରଣଜିତ୍ ସାହୁ ତୃତୀୟ ସ୍ଥାନରେ ରହିଛନ୍ତି । ଉପସଭାପତି ଭାବେ ଦ୍ୱିଜବର ସ୍ୱାଇଁ ତାଙ୍କ ପ୍ରତିଦ୍ୱନ୍ଦୀ ଦୁର୍ଯ୍ୟୋଧନ ବାରକଙ୍କୁ ୯ଟି ଭୋଟ ବ୍ୟବଧାନରେ ପରାସ୍ତ କରିଛନ୍ତି । ସଂପାଦକ ଭାବେ ପ୍ରଭାତ ନାୟକ ତାଙ୍କ ପ୍ରତିଦନ୍ଦୀ ଶୈଳେନ୍ଦ୍ର ନାରାୟଣ ସାହୁଙ୍କ ୨ଟି ଭୋଟରେ ପରାସ୍ତ କରି ବିଜୟୀ ହୋଇଛନ୍ତି । ସହ ସଂପାଦକ ଭାବେ ରାଧାଶ୍ୟାମ ଜେନା, ପ୍ରିୟଙ୍କା ରଥଙ୍କୁ ୧୫ଟି ଭୋଟରେ ପରାସ୍ତ କରି ବିଜୟୀ ହୋଇଛନ୍ତି । ନିର୍ବାଚନ ଅଧିକାରୀ ଭାବେ ଗୌରାଙ୍ଗଚରଣ ସାହୁ ପରିଚାଳନା କରିଥିଲେ । ସେହିପରି ନିମାପଡା ଜୁଡିସିଆଲ ବାର୍ ଆସୋସିଏସନରର ସର୍ବସମ୍ମତିକ୍ରମେ ସଭାପତି ଭାବେ ବାମନ ଚରଣ ନାୟକ, ଉପ ସଭାପତି ଭାବେ ମିହିର ରଂଜନ ମହାନ୍ତି, ସଂପାଦକ ଭାବେ ପ୍ରଶାନ୍ତ କୁମାର ରାଉତରାୟ ଓ ସହ ସଂପାଦକ ଭାବେ ସରୋଜ କୁମାର ଦାସ ନିର୍ବାଚିତ କରାଯାଇଛି । ରୋଚକପୂର୍ଣ୍ଣ ଭାବେ ନିମାପଡା ଓକିଲ ସଂଘ ନିର୍ବାଚନ ଅନୁଷ୍ଠିତ ହୋଇଥିଲା । ସକାଳ ୭ଟା ୩୦ରୁ ନିର୍ବାଚନ ଆରମ୍ଭ କରାଯାଇ ଦିନ ୩ଟାରେ ନିର୍ବାଚନ ଶେଷ ହୋଇଥିଲା । ଏହି ନିର୍ବାଚନରେ ୯୨ଜଣ ଆଇନଜିବୀଙ୍କ ମଧ୍ୟରୁ ୮୯ଜଣ ମତଦାନ କରିଥିଲେ । ଅପରାହ୍ନ ୪ଟା ସମୟରେ ଭୋଟଗଣତି କରାଯାଇ ଫଳାଫଳ ପ୍ରକାଶ କରିବା ପରେ ନିର୍ବାଚିତ ପ୍ରତିନିଧି ଓ ତାଙ୍କ ସହଯୋଗୀମାନେ ଖୁସିରେ ଉତ୍ସବ ପାଳନ କରିଥିଲେ । ଏ ସଂପର୍କରେ ଦୁଇ ଆସୋସିଏସନର ସଭାପତି ଓ ସଂପାଦକଙ୍କ ମତ ନେବାରେ କହିଛନ୍ତି ବାର ଆସୋସିଏସନ ଗୃହ ନିର୍ମାଣ କରାଯିବା ସହ ଆଇନଜୀବୀଙ୍କ ସମସ୍ୟା ଦୂର କରାଯିବ ।

# ପରିତ୍ୟକ୍ତ କ୍ରସର ଖଣିଜ ଗଦାରୁ ପୁଣି ଚୋରି

## ଟ୍ରକ୍ ଜବତ, ଡ୍ରାଇଭର ଫେରାର



କେନ୍ଦୁଝର(ଭାସ୍କର ନ୍ୟୁଜ): କେନ୍ଦୁଝର ଜିଲ୍ଲା ଯୋଡ଼ା ସ୍ଥିତ ବେହେରା ହାଟିଂ ଠାରେ ଥିବା ଏକ ପରିତ୍ୟକ୍ତ କ୍ରସରରୁ ଗଦା ହୋଇ ପଡ଼ି ରହିଥିବା ଖଣିଜ କ୍ରମାଗତ ଭାବେ ଚୋରି ହୋଇ ଚାଲିଛି । ଗୁରୁବାର ବିଳମ୍ବିତ ରାତ୍ରି ସମୟରେ ଉକ୍ତ କ୍ରସରରୁ ଚୋରା ଖଣିଜ ପରିବହନ ପାଇଁ ଟ୍ରକ୍ ନିୟୋଜିତ ହୋଇଥିବା ସୂତ୍ରରୁ ଖବର ପାଇ ଯୋଡ଼ା ପୋଲିସ ଘଟଣାସ୍ଥଳରେ ଅତର୍କିତ ଚଢ଼ାଉ କରିଥିଲା । ପୋଲିସକୁ ଦେଖି ସେଠାରେ ଥିବା ଖଣିଜ ଚୋର ଦୌଡ଼ି ପଳାଇଥିବା ବେଳେ ଚୋରା ଖଣିଜ ବୋଝେଇ ହୋଇଥିବା ଟ୍ରକ୍ ଟିଏସ-୩୫ଟି-୩୩୩୯ ର ଡ୍ରାଇଭର ସେଠାରୁ ଦ୍ରୁତ ଗତିରେ ଟ୍ରକ୍ ନେଇ ପଳାଉଥିବା ବେଳେ ଟ୍ରକଟି ଅନିୟନ୍ତ୍ରିତ ହୋଇ ଏକ ଗାତ ଭିତରେ ପଶି ଯାଇଥିଲାଏବଂ ଡ୍ରାଇଭର ସେଠାରୁ ଚମ୍ପଟ ମାରିଥିଲା । ଟ୍ରକଟିରେ ପ୍ରାୟ ୨୨ ମେଟ୍ରିକ୍ ଟନ୍ ଲୁହା ପଥର ବୋଝେଇ ହୋଇ ଥିବା ବେଳେ ଏହାର ଆନୁମାନିକ ମୂଲ୍ୟ ପ୍ରାୟ ୧ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ଆକଳନ କରାଯାଇଛି । ସୂଚନା ଯୋଗ୍ୟ ଯେ,ଗତ ୩ ମାସ ଧରି ଏହି ପରିତ୍ୟକ୍ତ କ୍ରସରରୁ ଅନବରତ ଭାବେ ଖଣି ଚୋର ମାନେ ଚୋରା କାରବାର ଚଳାଇ ଆସୁଛନ୍ତି । ଗତ ଫେବୃଆରୀ ୧୭ରେ ଗୋଟିଏ ଟ୍ରକ୍ ଜବତ ହୋଇ ଥିବା ବେଳେ ଓ ୨୮ ତାରିଖ ଦିନ ୨ଗାଡ଼ି ଜବତ ହୋଇ ଥିବା ନକଲି ଚାଲାଣ ଜବତ କରିଥିଲା ପୋଲିସ । ଏହି ଘଟଣାରେ ଏପର୍ଯ୍ୟନ୍ତ କେହି ଗିରଫ ହୋଇ ପାରି ନାହାଁନ୍ତି । ଯୋଡ଼ାରୁ ଝାଡଖଣ୍ଡ ଏବଂ ପଶ୍ଚିମବଙ୍ଗ ରାଜ୍ୟକୁ ଚୋରା ଖଣିଜ ପରିବହନ ହେଉଥିବା ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି । ଏ ସମ୍ପର୍କରେ ଯୋଡ଼ା ଥାନା ଆଇଆଇସି ସୁଶାନ୍ତ ପ୍ରଧାନ କହିଛନ୍ତି ଯେ, ଖଣିଜ ଚୋରା କାରବାରରେ ସମ୍ପୃକ୍ତ ଥିବା ଚୋର ମାନଙ୍କୁ ଧରିବା ପାଇଁ ପୋଲିସ ବିଭିନ୍ନ ସ୍ଥାନରେ ଚଢାଉ ଆରମ୍ଭ କରିଛି । ଚୋରା କାରବାର ନେଇ ସୁରାକ୍ ମିଳୁ ନ ଥିବାରୁ ଏହାର ଅଧିକ ଅନୁସନ୍ଧାନ ଚଳାଇଛି । ତେଣେ ସ୍ପଷ୍ଟ ପରିଲକ୍ଷିତ ହେଉଛି ଯେ ତିନି ଥର ଏହି ପରିତ୍ୟକ୍ତ କ୍ରସରରୁ ଖଣିଜ ଚୋରା କାରବାର ସମ୍ପର୍କରେ ଯୋଡ଼ା ଖଣି ଉପ ନିର୍ଦ୍ଦେଶକଙ୍କ ନିର୍ଦ୍ଦେଶରେ ଖଣି ଅଧିକାରୀ ଦୀପକ କୁମାର ଧୁରୁଆ ଖଣି ନିରୀକ୍ଷକଙ୍କ ସହିତ ଆସି ସରଜମିନ ତଦନ୍ତ କରିଥିଲେ । ଏନେଇ ଉକ୍ତ କ୍ରସରର ମାଲିକଙ୍କୁ ଯୋଡ଼ା ଖଣି ଉପ ନିର୍ଦ୍ଦେଶାଳୟରୁ ସୁରକ୍ଷା କର୍ମୀ ନିୟୋଜିତ କରିବା ପାଇଁ କୁହା ଯାଇଥିବା ଖଣି ଉପ ନିର୍ଦ୍ଦେଶକ ଦିନେଶ ଅଗ୍ରୱାଲ କହିଥିଲେ । ପରବର୍ତ୍ତୀ ସମୟରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ଯାଇନଥିବାରୁ ପରିତ୍ୟକ୍ତ କ୍ରସରରେ ଗଦା ହୋଇଥିବା ମୂଲ୍ୟବାନ ଖଣିଜ ଚୋରି ହେବାରେ ଲାଗିଛି । ଏତଦ୍ ବ୍ୟତୀତ ସମ୍ପୃକ୍ତ କ୍ରସର ମାଲିକଙ୍କୁ ତଦନ୍ତ ପରିସର ଭୁକ୍ତ କରା ଯାଉନାହିଁ ଏବଂ କ୍ରସରରେ ଖଣିଜର ଓପନିଂ ଷ୍ଟକ ଓ ବାଲାନ୍ସ ଷ୍ଟକ୍ ଖଣି ବିଭାଗ ଦ୍ୱାରା ଯାଞ୍ଚ କରାଯାଉନାହିଁ । ଯାହାକୁ ନେଇ ସାଧାରଣରେ ପ୍ରଶ୍ନ ଉଠୁଛି ।

# ନକଲି ସିମ୍ କାର୍ଡ ବିକିବା ଅଭିଯୋଗରେ ଦଲାଲ ଗିରଫ

କେନ୍ଦୁଝର(ଭାସ୍କର ନ୍ୟୁଜ): ସିମ୍ କାର୍ଡ ଦେବା ବେଳେ ସରକାର ନାନା କଟକଣା କରିଛନ୍ତି ଯାହାକୁ ପାଳନ କରିବା ଉଚିତ । ଭାରତୀୟ ସିମ୍ କାର୍ଡ ବିଦେଶୀ ଆତଙ୍କବାଦୀ ମଧ୍ୟ ବ୍ୟବହାର କରୁଥିବା ଜଣାଯାଇଛି । ତେଣୁ ଦେଶର ସୁରକ୍ଷା ବିପନ୍ନ ହେଉଛି ଏଠାରୁ ତଥ୍ୟ ପାକିସ୍ଥାନ ଚାଇନା ଯାଉଛି । ସୂଚନା ମିଳିଛି ପାଟଣା ବ୍ଲକ ଅଞ୍ଚଳରେ ଜଣେ ସିମ କାର୍ଡ ଏଜେଣ୍ଟ ଓ ୨ ଜଣ ଲୋକଙ୍କୁ ପୋଲିସ ଗିରଫ କରିଛି । ମୋଟ ଚାରି ଜଣ ନକଲି ସିମ୍ କାର୍ଡ ବିକ୍ରୀ କରୁଥିବା ଅଭିଯୋଗ ଥିଲା । ଉକ୍ତ ଏଜେଣ୍ଟ ରାଜ୍ୟ ବାହାରେ ମଧ୍ୟ ସିମ୍ ବେପାର କରୁଥିବା କଥା ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶ୍ରୀ ପ୍ରିତିଶ ମହାପାତ୍ର କହିଛନ୍ତି । କେନ୍ଦୁଝର ସାଇବର ଥାନା ପକ୍ଷରୁ ଏହି ଚଢାଉ କରାଯାଇଥିଲା । ଗିରଫ ବ୍ୟକ୍ତି ଦୁଇ ଜଣ ହେଲେ କପୁଣ୍ଡି ଗ୍ରାମର ଲଳିତ ମହାନ୍ତ ଓ ସାହାରପଡ଼ା ପଧାନ ସାହିର ଧୀରଜ ମହାନ୍ତ । ପୋଲିସ ଅନ୍ୟ ଲୋକଙ୍କୁ ଖୋଜୁଥିବା ଖବର ଆସିଛି ।

# ବିଧାୟକଙ୍କ ଦ୍ୱାରା ଥଣ୍ଡା ପାନୀୟ ଜଳ ପ୍ରକଳ୍ପ ଉଦ୍‌ଘାଟିତ



ଜଗତସିଂହପୁର(ଭାସ୍କର ନ୍ୟୁଜ): ଜଗତସିଂହପୁର ଜିଲ୍ଲାର ବହୁ ପ୍ରାଚୀନ୍ନ ସର୍ପଭୟ ନିବାରିଣୀ କ୍ଷେତ୍ର ପିତେଇପୁରସ୍ଥିତ ମା' କନକ ଦୁର୍ଗାଙ୍କ ମନ୍ଦିର ପରିସରରେ ପବିତ୍ର ବାରୁଣୀ ଯାତ୍ରା ଉପଲକ୍ଷେ ହଜାର ହଜାର ଭକ୍ତଙ୍କ ସମାଗମକୁ ଦୃଷ୍ଟିରେ ରଖି ପିତେଇପୁର ପଞ୍ଚାୟତ ସମିତି ସଭ୍ୟ ହିମାଂଶୁ ଭୂଷଣ ପରିଡାଙ୍କ ଅନୁଦାନ ପାଣ୍ଠିରୁ ଥଣ୍ଡା ପାନୀୟ ଜଳ ପ୍ରକଳ୍ପର ଉଦଘାଟନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାଶ ରିବନ କାଟି ଥଣ୍ଡା ପାନୀୟ ଜଳ ପ୍ରକଳ୍ପର ଶୁଭ ଉଦଘାଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ମା' କନକ ଦୁର୍ଗା ମନ୍ଦିର ଟ୍ରଷ୍ଟି ବିଷ୍ଣୁ ଚରଣ ବାରିକ, ଅଳସୁଧା ପଞ୍ଚାୟତ ସରପଞ୍ଚ ଭ୍ରମରବର ସ୍ୱାଇଁ, ପୂର୍ବତନ ସରପଞ୍ଚ ଦେବେନ୍ଦ୍ର ଦାସ, ସମାଜସେବୀ ଗଜେନ୍ଦ୍ର ବାରିକ, ଅଶୋକ ଦାସ, ଜିତେନ୍ଦ୍ର ଦାଶ, ଧୀରେନ୍ଦ୍ର ମହାରଣା, ଅରୁଣ କୁମାର ବାରିକ ପ୍ରମୁଖ ଉଦଘାଟନୀ ଉତ୍ସବରେ ଯୋଗ ଦେଇଥିଲେ । ସୂଚନାଯୋଗ୍ୟ ମା' କନକ ଦୁର୍ଗାଙ୍କ ପୀଠକୁ ଦୈନନ୍ଦିନ ରାଜ୍ୟର କୋଣ ଅନୁକୋଣରୁ ହଜାର ହଜାର ଭକ୍ତ ମା'ଙ୍କ କୃପା ଓ ମନବାଞ୍ଛା ପୂର୍ଣ୍ଣ ଲାଗି ପୀଠକୁ ଆସିଥାନ୍ତି । ଅସହ୍ୟ ଗରମକୁ ଦୃଷ୍ଟିରେ ରଖି ସେଠାରେ ଥଣ୍ଡା ପାନୀୟ ଜଳ ବ୍ୟବସ୍ଥା କରାଯାଇଥିବାରୁ ବୁଦ୍ଧିଜୀବୀ ଖୁବ୍ ପ୍ରଶଂସା କରିଛନ୍ତି ।

# ସ୍ୱାସ୍ଥ୍ୟ ପରୀକ୍ଷା ଓ ପ୍ରାଥମିକ ଚିକିତ୍ସା ପ୍ରଶିକ୍ଷଣ ଶିବିର



ଭୁବନ(ଭାସ୍କର ନ୍ୟୁଜ): ପିଏମଶ୍ରୀ ଭୁବନ ଉଚ୍ଚ ବିଦ୍ୟାଳୟରେ ପ୍ରାଥମିକ ଚିକିତ୍ସା ଓ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ପ୍ରଧାନ ଶିକ୍ଷକ ରୁଦ୍ରନାରାୟଣ ସାମଲଙ୍କ ନିର୍ଦ୍ଦେଶକ୍ରମେ ଚଳିତ ବର୍ଷ ପ୍ରଥମରୁ ନବମ ଶ୍ରେଣୀ ଛାତ୍ରଛାତ୍ରୀମାନଙ୍କର ପରୀକ୍ଷା ଫଳ ପ୍ରକାଶ କରାଯାଇ ଥିଲା । ଛାତ୍ରଛାତ୍ରୀ ଓ କେତେକ ଅଭିଭାବକ ଆସି ନିଜ ପିଲାମାନଙ୍କର ବାର୍ଷିକ ପରୀକ୍ଷା ଫଳ ଶ୍ରେଣୀ ଶିକ୍ଷକଙ୍କଠାରୁ ଗ୍ରହଣ କରିଥିଲେ । ବରିଷ୍ଠ ଶିକ୍ଷକ ଗଣେଶ୍ୱର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଏବିଇଓ ରାଜଲକ୍ଷ୍ମୀ ଟୁଡୁ ମୂଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ସକାଳ ୮ ଘଟିକା ସମୟରେ ପ୍ରାଥମିକ ଚିକିତ୍ସା ତାଲିମ୍ ଜିଲ୍ଲା ସମ୍ବଳ ବ୍ୟକ୍ତି ସତ୍ୟବ୍ରତ ପାତ୍ର ଓ ସ୍ୱାତି ମିଶ୍ର ଯୋଗଦେଇ ଆକସ୍ମିକ ଦୁର୍ଘଟଣା ସମୟରେ କିପରି ପ୍ରାଥମିକ ଚିକିତ୍ସା ପ୍ରଦାନ କରାଯାଇ ବଡ଼ ବଡ଼ ବିପଦରୁ ନିଜକୁ ଏବଂ ଅନ୍ୟମାନଙ୍କୁ କିପରି ରକ୍ଷା କରାଯାଇପାରିବ ସେ ସମ୍ପର୍କରେ ବିଭିନ୍ନ ଆସନ ଓ ସ୍ଥିତିମାନ ପ୍ରଦର୍ଶନ କରିଥିଲେ । ଶେଷ ପର୍ଯ୍ୟାୟରେ ଆଲୁମିନା କମିଟିର ସଭାପତି ଇଂ ଦେବେନ୍ଦ୍ର ପୃଷ୍ଟି ଓ ପରିଚାଳନା କମିଟି ସଭାପତି କେଦାର ଦାସଙ୍କ ଉପସ୍ଥିତିରେ ମଠକରୋଗଳା ଚିକିତ୍ସା କେନ୍ଦ୍ରରୁ ଆସିଥିବା ଡାକ୍ତର ଅରବିନ୍ଦ ଶତପଥୀ ଓ ଡା, ଦେବଦର୍ଶିନୀ ସାହୁ ଦ୍ୱାରା ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଫାର୍ମାସିଷ୍ଟ ଲିଟନ ମିଶ୍ରଙ୍କ ଦ୍ୱାରା ଔଷଧ ବଣ୍ଟନ କରାଯାଇଥିଲା ।

# କେଏଲ୍ଏଚ୍ ହାଇଦ୍ରାବାଦ ପକ୍ଷରୁ କଳା ଉତ୍ସବ ୨୦୨୫ ଆୟୋଜିତ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): କେଏଲ୍ଏଚ ହାଇଦ୍ରାବାଦ ପକ୍ଷରୁ ସଂସ୍କୃତି ଏବଂ ସୃଜନଶୀଳତାର ଏକ ବିଶାଳ ସମାବେଶ କଳା ଉତ୍ସବ ୨୦୨୫ର ଆୟୋଜନ କରାଯାଇଛି ଯାହା ଭାରତରେ କଳାତ୍ମକ ଅଭିବ୍ୟକ୍ତି ପାଇଁ ଏକ ନୂଆ ବେଂଚମାର୍କ ସ୍ଥାପନ କରିଛି । ମାର୍ଚ୍ଚ ୨୧ ଓ ୨୨ ତାରିଖରେ କେଏଲ୍ଏଚ ବାଚୁପଲ୍ଲୀ କ୍ୟାମ୍ପସରେ ଆୟୋଜିତ ଏହି ପ୍ରତିଷ୍ଠିତ ଜାତୀୟ ସ୍ତରୀୟ ମହୋତ୍ସବକୁ କେଏଲ୍ଏଚ ଷ୍ଟୁଡେଣ୍ଟ ଆକ୍ଟିଭିଟି ସେଣ୍ଟର (ଏସ୍ଏସି) ପକ୍ଷରୁ ତେଲେଙ୍ଗାନା ସରକାରଙ୍କ ଭାଷା ଓ ସଂସ୍କୃତି ବିଭାଗ ସହ ସହଭାଗିତାରେ ଆୟୋଜନ କରାଯାଇଛି । ଭାରତର ଲୁପ୍ତ ହେଉଥିବା କଳାଗୁଡିକ ପ୍ରତି ଆଗ୍ରହକୁ ପୁନର୍ଜୀବିତ କରିବା ଏବଂ ଯୁବ ପ୍ରତିଭାଙ୍କ ପାଇଁ ଏକ ଉନ୍ନତ ମଂଚ ସୃଷ୍ଟି କରିବାର ଲକ୍ଷ୍ୟ ସହିତ କଳା ଉତ୍ସବରେ ସଙ୍ଗୀତ, ଭିଜୁଆଲ ଆର୍ଟ, ସାହିତ୍ୟ, ଫଟୋଗ୍ରାଫି ଓ ଚଳଚିତ୍ର ନିର୍ମାଣର ଏକ ବିଶାଳ ସଙ୍ଗମ ଦେଖିବାକୁ ମିଳିଥିଲା । ଏହି ମହୋତ୍ସବରେ ଏକାଧିକ ବର୍ଗରେ କଡା ପ୍ରତିଦ୍ୱନ୍ଦ୍ୱିତା ଦେଖିବାକୁ ମିଳିଥିଲା ଏବଂ ଅଂଶଗ୍ରହଣକାରୀ ନୃତ୍ୟ-ସଂକ୍ରାନ୍ତି (ନୃତ୍ୟ), କଳା-ସ୍ୱର୍ଦ୍ଧ (ଆର୍ଟସ୍), ଦୃଶ୍ୟାନ୍ତର (ଚଳଚିତ୍ର ନିର୍ମାଣ), ପ୍ରତିବିମ୍ବ-ଯୁଦ୍ଧମ (ଫଟୋଗ୍ରାଫି), ସଙ୍ଗୀତ-ସଗ୍ରାମ (ସଙ୍ଗୀତ), ବାଣୀ-ସଂଘର୍ଷ (ସାହିତ୍ୟ) ଓ ବଡ ସଂଗ୍ରାମ (ତର୍କ) ଆଦି କ୍ଷେତ୍ରରେ ନିଜର ଦକ୍ଷତା ପ୍ରଦର୍ଶିତ କରିଥିଲେ । ଏହାର ବିଶାଳ ପରିସର, ସମ୍ମାନିତ ଅତିଥିବୃନ୍ଦ ଓ କଳାତ୍ମକ ଉତ୍କର୍ଷତା ପ୍ରତି ଦୃଢ ପ୍ରତିବଦ୍ଧତା ସହିତ କଳା ଉତ୍ସବ କଳାକାରଙ୍କ ଭବିଷ୍ୟତର ପିଢି ଏବଂ ସଂସ୍କୃତିପ୍ରେମୀମାନଙ୍କୁ ଅନୁପ୍ରାଣିତ କରି ନୂଆ ଇତିହାସ ସୃଷ୍ଟି କରିଛି ।

# ମଣ୍ଡଳ କାରାଗାରରେ ଲକ୍ଷ୍ମଣ ନାୟକଙ୍କ ଶହୀଦ ଦିବସ ପାଳିତ

ଛତ୍ରପୁର(ଭାସ୍କର ନ୍ୟୁଜ): ଓଡିଶାର ବଣ ପାହାଡ ଘେରା ଆଦିବାସୀ ପଲ୍ଲୀ ତେନ୍ତୁଲିଗୁମ୍ମାରୁ ଭାରତର ସ୍ୱାଧୀନତା ପାଇଁ ହୁଁକାର ଦେଇଥିଲେ ଲକ୍ଷ୍ମଣ ନାୟକ । ସ୍ୱାଧୀନତା ସଂଗ୍ରାମର ସ୍ରୋତରେ ସାମିଲ୍ ହୋଇ ବ୍ରିଟିଶ୍ ଶାସନ ବିରୁଦ୍ଧରେ ଆନ୍ଦୋଳନ, ସତ୍ୟାଗ୍ରହ ଓ ଅସହଯୋଗ କରି ଜନ୍ମମାଟିକୁ ଇଂରେଜ କବଳରୁ ମୁକ୍ତ କରିବା ପାଇଁ ସେ ନେଇଥିଲେ ଅଗ୍ନେୟ ଶପଥ । ମିଥ୍ୟା ଆରେପରେ ଆରୋପିତ ହୋଇ ୧୯୪୩ ମସିହା ମାର୍ଚ୍ଚ ୨୯ ତାରିଖରେ ବ୍ରହ୍ମପୁର ଜେଲ୍‌ରେ ଫାଶୀ ଦଣ୍ଡରେ ଦଣ୍ଡିତ ହୋଇ ନିଜ ଜୀବନକୁ ଉତ୍ସର୍ଗ କରିଥିଲେ । ଫାଶୀ ହେବା ପୂର୍ବରୁ ନିଜ ବକ୍ତବ୍ୟରେ ଯେବେ ଆକାଶରେ ସୂର୍ଯ୍ୟ ଚନ୍ଦ୍ର ଅଛନ୍ତି, ଦେଖିବ ରହିଥାଅ ସ୍ୱରାଜ ନିଶ୍ଚୟ ଆସିବ । ଭାରତ ସ୍ୱାଧୀନତା ହେବାର ଦେଖିପାରିନଥିଲେ । ସେହି ଥିଲା ତାଙ୍କର ଦୁଃଖ । ଶନିବାର ତାଙ୍କର ତିରୋଧାନ ଦିବସ ବ୍ରହ୍ମପୁର ମଣ୍ଡଳ କାରାଗାର ପରିସରରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ମହାନ୍ ସଂଗ୍ରାମୀଙ୍କ ପ୍ରତିମୂର୍ତ୍ତୀରେ ବ୍ରହ୍ମପୁର ମହାନଗର ନିଗମ ମେୟର ସଂଘମିତ୍ରା ଦଳେଇ ମୁଖ୍ୟ ଅତିଥି ଭାବେ ଏବଂ ବ୍ରହ୍ମପୁର ମଣ୍ଡଳ କାରାଗାର ଅଧୀକ୍ଷକ ଧୀରେନ୍ଦ୍ର ନାଥ ବାରିକ ଅନ୍ୟତମ ଅତିଥି ଭାବେ ଯୋଗଦାନ କରିଥିଲେ । ମୁଖ୍ୟ ଅତିଥି ମେୟର ଶ୍ରୀମତୀ ଦଳେଇ ନିଜ ବକ୍ତବ୍ୟରେ ମହାନ୍ ଆତ୍ମାଙ୍କ ସ୍ମୃତିଚାରଣ ପୂର୍ବକ ଆଦିବାସୀ ଅଞ୍ଚଳରେ ଶହୀଦ୍ ଲକ୍ଷ୍ମଣ ନାୟକ କିଭଳି ନିଜ ଜୀବନକୁ ସ୍ୱାଧୀନତା ସଂଗ୍ରାମରେ ସାମିଲ୍ କରିଥିଲେ ତାହା ଜଣାଇଥିଲେ । ସର୍ବପ୍ରଥମେ ଜେଲ ପରିସର ମଧ୍ୟରେ ରହିଥିବା ଶହୀଦ ଲକ୍ଷ୍ମଣ ନାୟକଙ୍କ ସ୍ମୃତି ମନ୍ଦିରରେ ପୁଷ୍ପମାଲ୍ୟାର୍ପଣ କରାଯାଇଥିଲା । ପରେ ମଣ୍ଡଳ କାରାଗାର ପାର୍ଶ୍ୱରେ ରହିଥିବା ବୀର ଶହୀଦଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟାର୍ପଣ କରାଯାଇଥିଲା । ଭାରପ୍ରାପ୍ତ ଉପନିର୍ଦ୍ଦେଶକ (ଦକ୍ଷିଣାଞ୍ଚଳ) ରବି ନାରାୟଣ ବେହେରାଙ୍କ ପରିଚାଳନା ଓ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବ୍ରହ୍ମପୁର ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରଶ୍ମି ରାଣୀ ନିମାକା, ବ୍ରହ୍ମପୁର ସହରର ବହୁ ବିଶିଷ୍ଟ ବ୍ୟକ୍ତି, ମାନ୍ୟଗଣ ବ୍ୟକ୍ତି, ଅନେକ ସାମ୍ବାଦିକ ଗଣ ଓ ମଣ୍ଡଳ କାରାଗାରର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ । ସୂଚନା ଓ ଲୋକସମ୍ପର୍କ ବିଭାଗର ବରିଷ୍ଠ କର୍ମଚାରୀ ଲୋକନାଥ ଶତପଥୀ, ରବୀନ୍ଦ୍ର ସାହୁ ଓ ରାମ ମୂର୍ତ୍ତି ଆଚାରୀ ସହଯୋଗ କରିଥିଲେ ।

# ଜିଲ୍ଲାସ୍ତରୀୟ ଲକ୍ଷ୍ମଣ ନାୟକଙ୍କ ସହିଦ ଦିବସ ପାଳିତ

ମାଲକାନଗିରି(ଭାସ୍କର ନ୍ୟୁଜ): ଜିଲ୍ଲା ପ୍ରଶାସନ ଓ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଠାରେ ଜିଲ୍ଲାସ୍ତରୀୟ ଲକ୍ଷ୍ମଣ ନାୟକ ସହୀଦ ଦିବସ ପାଳନ କରାଯାଇଛି । ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ ସାଧାରଣ ସୋମନାଥ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସହୀଦଙ୍କ ପ୍ରତି ମାଲ୍ୟାର୍ପଣ ଓ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ସ୍ୱାଧୀନତା ସଂଗ୍ରାମର ପ୍ରତ୍ୟେକ ପର୍ଯ୍ୟାୟରେ ଓଡ଼ିଶାର ଆଦିବାସୀ ସମାଜ ସମସ୍ତ ପ୍ରତିବନ୍ଧକକୁ ଅତିକ୍ରମ କରି ସେମାନଙ୍କର ଦେଶପ୍ରେମ, ଜାତୀୟତାବୋଧ ଓ ସ୍ୱାଭିମାନର ପରିଚୟ ଦେବାକୁ କେବେ ଭୁଲି ନାହାନ୍ତି ବୋଲି ଶ୍ରୀ ପ୍ରଧାନ କହିଥିଲେ । ସେ ଆହୁରି ମଧ୍ୟ କହିଥିଲେ ଯେ କୋରାପୁଟ ଜିଲ୍ଲାରେ



ଭାରତଛାଡ ଆନ୍ଦୋଳନର ନେତୃତ୍ୱ ନେଇଥିବା ଆଦିବାସୀ ବୀର ଲକ୍ଷ୍ମଣ ନାୟକଙ୍କ ଅସାଧାରଣ ଦେଶପ୍ରେମ, ଅଦମ୍ୟ ସାହସ ଓ ନିର୍ଭୀକ ସଂଗ୍ରାମୀ ଜୀବନ ଓ ଅସୀମ ତ୍ୟାଗ ଏ ଜାତି ପାଇଁ ଗର୍ବ ଓ ଗୌରବର ବିଷୟ । ଲକ୍ଷ୍ମଣ ନାୟକଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ପ୍ରତ୍ୟେକ ଦିନ ତାଙ୍କୁ ଭକ୍ତି ଓ ନତମସ୍ତକ କରିବାକୁ ଛାତ୍ରଛାତ୍ରୀଙ୍କୁ ଅତିରିକ୍ତ ଜିଲ୍ଲାପାଳ ଆହ୍ୱାନ କରିଥିଲେ । ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ପ୍ରମିଳା ମାଝୀ ସମସ୍ତଙ୍କୁ ସ୍ୱାଗତ ଜଣାଇ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ବିଦ୍ୟାଳୟ ଅଧ୍ୟକ୍ଷ ଦୁଷ୍ମନ୍ତ ଜେନାଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା । ଶ୍ରୀ ଜେନା କହିଥିଲେ ଯେ ଲକ୍ଷ୍ମଣ ନାୟକ ଜଣେ ସ୍ୱାଧିନତା ସଂଗ୍ରାମୀ ସହ ସମାଜ ସଂସ୍କାରକ ଥିଲେ । କୋରାପୁଟ ଜିଲ୍ଲାର ତେନ୍ତୁଲିଗୁମ୍ମା ଠାରେ ୧୮୯୯ ନଭେମ୍ବର ୨୨ ରେ ଲକ୍ଷ୍ମଣ ନାୟକ ଜନ୍ମଗ୍ରହଣ କରିଥିଲେ । ନିଶା ନିବାରଣ, ବାଲ୍ୟ ବିବାହ, ଜାତି ପ୍ରଥା, ବଳି ପ୍ରଥା ଭଳି କୁସଂସ୍କାର ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିଥିଲେ । ସେହିପରି ଅଧ୍ୟାପିକା ଇନ୍ଦୁରେଖା ପଟ୍ଟନାୟକ, ଗାୟତ୍ରୀ ଜେନା ଓ ରତ୍ନାକର ଦାସ ମଧ୍ୟ ଲକ୍ଷ୍ମଣ ନାୟକଙ୍କ ଜୀବନୀ ଉପରେ ସ୍ମୃତି ଚାରଣ କରିଥିଲେ । କାର୍ଯ୍ୟକ୍ରମ ଆୟୋଜନ କରିବାରେ ହରେକୃଷ୍ଣ କିର୍ତ୍ତନିଆ ଓ ରଞ୍ଜନ ମହାନ୍ତି ସହଯୋଗ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ବିଦ୍ୟାଳୟର ସମସ୍ତ ଅଧ୍ୟାପକ ଅଧ୍ୟାପିକା ଓ ଛାତ୍ରୀମାନେ ଉପସ୍ଥିତ ଥିଲେ ।

ଓଡ଼ିଶା ଭାସ୍କର
ODISHA BHASKAR
ରାଜ୍ୟ ଖବର






ପଟ୍ଟାମୁଣ୍ଡାଇ (ଭାସ୍କର ନ୍ୟୁଜ): ପଟ୍ଟାମୁଣ୍ଡାଇ ମନ୍ମଥନାଥ ଉଚ୍ଚ ବିଦ୍ୟାଳୟ କେନ୍ଦ୍ରାପଡ଼ା ଜିଲ୍ଲାର ଏକ ଖ୍ୟାତି ସମ୍ପନ୍ନ ତଥା ଏକ ଅଗ୍ରଣୀ ଶିକ୍ଷାନୁଷ୍ଠାନ ଅଟେ। ଏହି ବିଦ୍ୟାଳୟର ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ, ସ୍କାଉଟ ଗାଇଡ଼ ଭଳି ଏକ ଷ୍ଟୁଡେଣ୍ଟ ପୋଲିସ କାଡେଟ୍ ବିଭାଗ ଖୋଲିଛନ୍ତି। ଏଥିରେ ୨୨ଜଣ ପୁଅ ଓ ୨୨ଜଣ ଝିଅ ରହିଛନ୍ତି। ଆଜି ସେହି ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଏକ ଥାନା ପରିଭ୍ରମଣ କାର୍ଯ୍ୟକ୍ରମ ରହିଥିଲା। ପୋଲିସ ଆମର ବନ୍ଧୁ ଓ ଥାନାରେ ଚାଲିଥିବା କାର୍ଯ୍ୟକଳାପ ସମ୍ପର୍କରେ ଜାଣିବା ଥିଲା ଅଭିଯାନର ଉଦ୍ଦେଶ୍ୟ। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ସୁକାନ୍ତ କୁମାର ରାଉତରାୟଙ୍କ ମାର୍ଗଦର୍ଶନରେ ଷ୍ଟୁଡେଣ୍ଟ ପୋଲିସ କାଡେଟ୍‌ର ସଂଯୋଜକ ତଥା ଏନସିସି ଶିକ୍ଷକ ସରୋଜ କୁମାର ସ୍ୱାଇଁ ଓ ତପସ୍ୱିନୀ ମଲ୍ଲିକ, କ୍ରୀଡ଼ା ଶିକ୍ଷକ ଶଶାଙ୍କଶେଖର ସାହୁ ଓ ଶିକ୍ଷୟିତ୍ରୀ ଅନିତା ଧଳଙ୍କ ତତ୍ତ୍ୱାବଧାନରେ ୪୪ଜଣ କାଡେଟ୍ ଥାନା ପରିଭ୍ରମଣରେ ଯାଇଥିଲେ। ଥାନା ଅଧିକାରୀ ସଦ୍ଦନା ପାତ୍ର ପିଲାମାନଙ୍କୁ ସ୍ୱାଗତ କରି ଜୀବନରେ ଏକତା ଓ ଶୃଙ୍ଖଳା ପିଲାମାନଙ୍କୁ ସଫଳତା ଆଣି ଦେବ ବୋଲି ଉପଦେଶ ଦେଇ ଥାନା କ'ଣ ଓ ଏହାର କାର୍ଯ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ପିଲାମାନଙ୍କୁ ଥାନା ଭିତରେ ଚାଲିଥିବା କାର୍ଯ୍ୟ ସମ୍ପର୍କରେ ବୁଲାଇ ଦେଖାଇଥିଲେ। ଶେଷରେ ଷ୍ଟୁଡେଣ୍ଟ ପୋଲିସ କାଡେଟ୍‌ର ସଂଯୋଜକ ସରୋଜ କୁମାର ସ୍ୱାଇଁ ମାନାମଙ୍କୁ କୃତଜ୍ଞତା ସହ ଧନ୍ୟବାଦ ଜଣାଇଥିଲେ। ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିବା ଅନ୍ୟ ଶିକ୍ଷକ ଶିକ୍ଷୟିତ୍ରୀମାନେ ଥିଲେ ଶିକ୍ଷକ ଅଶୋକ କୁମାର ଦାସ, ତାପସ କୁମାର ବେହେରା, ଶିବଶଙ୍କର ବାରିକ ଓ ସ୍ମିତା ପ୍ରଜ୍ଞା ରାଉତ।

# ଅନିଶ୍ଚିତତାରେ ବଡରାଉଳିଆ ଓ ଗଣେଶ୍ୱରପୁର ସେତୁ ନିର୍ମାଣ



ପଟ୍ଟାମୁଣ୍ଡାଇ (ଭାସ୍କର ନ୍ୟୁଜ): ପଟ୍ଟାମୁଣ୍ଡାଇ ଥାନା ଅନ୍ତର୍ଗତ ବଡରାଉଳିଆ କାଣି ନଦୀ ଉପରେ ହେଉଥିବା ସେତୁର ସ୍ଥିତି ଏବେ ସଙ୍କଟାପନ୍ନ ଅବସ୍ଥାରେ। ଶ୍ରୀ ବିରଞ୍ଚି ନାରାୟଣ ଶିଙ୍ଗ ନାମକ ସଂସ୍ଥା ୨୦୧୯ ମସିହାରେ ଏଗ୍ରିମେଣ୍ଟ କରି ବଡ଼ ରାଉଳିଆ ସେତୁ କାମକୁ ଆରମ୍ଭ କରିଥିଲା। ଦୀର୍ଘ ଦୁଇ/ତିନି ବର୍ଷ ମଧ୍ୟରେ କେବଳ ପିଲର ମୁଳଦୁଆ ପକାଇ ୨୦୨୨ ମସିହା ଅଗଷ୍ଟ ମାସ ଠାରୁ କାମ ବନ୍ଦ କରିଦେଇଥିଲା। ପରବର୍ତ୍ତୀ ସମୟରେ ବହୁ ଅଭିଯୋଗ ଓ ଗ୍ରାମ୍ୟ ଉନ୍ନୟନ ବିଭାଗଙ୍କୁ ସେତୁ ନିର୍ମାଣ ସମ୍ପୂର୍ଣ୍ଣ କରିବା ପାଇଁ ନିବେଦନ କରାଯାଇଥିଲା। ସେତୁ ନିର୍ମାଣ କାର୍ଯ୍ୟରେ ଅବହେଳା ଦର୍ଶାଇ ଗ୍ରାମ୍ୟ ଉନ୍ନୟନ ବିଭାଗ ଉକ୍ତ ସଂସ୍ଥାକୁ ୨୦୨୩ ଡିସେମ୍ବର ମାସରେ ବହିଷ୍କାର କରିଥିଲା। ସେତୁ ନିର୍ମାଣର ପାଞ୍ଚବର୍ଷ ପରେ ଗତବର୍ଷ ମାର୍ଚ୍ଚ ମାସରେ ନୂତନ ଟେଣ୍ଡର ପ୍ରକ୍ରିୟାରେ ସେତୁ ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯିବ ବୋଲି ସୂଚନା ଦେଇଥିଲେ।୨୦୨୪ ନଭେମ୍ବର ମାସରେ ନୂତନ ମହିଳା ଇଞ୍ଜିନିୟର କଣ୍ଟ୍ରାକ୍ଟର ସେତୁ ନିର୍ମାଣ ଆରମ୍ଭ କଲେ ଓ ସେତୁ କାର୍ଯ୍ୟ ମଧ୍ୟ ଦ୍ରୁତଗତିରେ ଚାଲୁ ରହିଥିଲା। ମାତ୍ର ଫେବୃଆରୀ ମାସ ଠାରୁ ସେତୁ ନିର୍ମାଣ କାର୍ଯ୍ୟକୁ ହଠାତ୍ ବନ୍ଦ ହୋଇଯାଇଛି। ଶ୍ରୀ ବିରଞ୍ଚି ନାରାୟଣ ଶିଙ୍ଗ କଣ୍ଟ୍ରାକ୍ଟର ସଂସ୍ଥା କୋର୍ଟରେ କେସ୍ ଦେଇଥିବାରୁ ସେତୁ ନିର୍ମାଣ କାର୍ଯ୍ୟ ବନ୍ଦ ରହିଥିବା ଗ୍ରାମ୍ୟ ଉନ୍ନୟନ ବିଭାଗ ଦର୍ଶାଇଛି। ଉକ୍ତ ସଂସ୍ଥା ଦୀର୍ଘ ୪ ବର୍ଷ ସମୟ ସୀମାରେ ସେତୁ ନିର୍ମାଣ କାର୍ଯ୍ୟ ଶେଷ କରିପାରି ନଥିବାରୁ ତା'ର ଏଗ୍ରିମେଣ୍ଟକୁ ସରକାର ୨୦୨୩ ମସିହାରୁ ନାକଚ କରି ଟେଣ୍ଡିନାମା ଧାରା ୨ବି ଅନୁଯାୟୀ ନୂତନ କଣ୍ଟ୍ରାକ୍ଟ ସଂସ୍ଥାକୁ ଦିଆ ଯାଇଥିଲା। ଆଇନ ଅନୁଯାୟୀ ସେତୁ ନିର୍ମାଣ ଶେଷ କରି ନପାରିବା ହେତୁ ଶ୍ରୀ ବିରଞ୍ଚି ନାରାୟଣ ଶିଙ୍ଗଙ୍କ ସଂସ୍ଥାର ୨୦ ପ୍ରତିଶତ ଫାଇନ କରାଯିବ ସେଥିପାଇଁ ଉକ୍ତ ସଂସ୍ଥା ଉଚ୍ଚ ନ୍ୟାୟାଳୟରେ ସାହାରା ନେଇ ଗୋଟିଏ ପରେ ଗୋଟିଏ କେସ କରିଚାଲିଛି। ଉକ୍ତ କଣ୍ଟ୍ରାକ୍ ସଂସ୍ଥାର କୌଣସି ଭିତ୍ତିଭୂମି ନଥିବାବେଳେ ସର୍ବମୋଟ ତିନୋଟି କେସ କରି ସମୟ ଗଡେଇ ଚାଲିଛି। ପ୍ରକାଶ ଥାଉ କି କାଣୀ ନଦୀର ଏହି ସେତୁ ଦୁଇଟି ଗ୍ରାମ ଯଥା ବଡ ରାଉଳିଆ ଓ ସାନ ରାଉଳିଆକୁ ସଂଯୋଗ କରିବା ସହିତ ବନ୍ୟା ସମୟରେ ବିପଦମୁକ୍ତ ଗମନାଗମନ ସୃଷ୍ଟି କରିବ। ବର୍ଷାଦିନେ ଛାତ୍ରଛାତ୍ରୀ ବିଦ୍ୟାଳୟ ଓ ମହାବିଦ୍ୟାଳୟ, ରୋଗୀ ଚିକିତ୍ସା ଇତ୍ୟାଦିରୁ ବଞ୍ଚିତ ହେବା ଦୁର୍ଭାଗ୍ୟଜନକ। ବହୁବର୍ଷ ଧରି ଅଧା ପଡିଆ ଭାବେ ପଡି ରହିଥିବା ସେତୁକୁ ସମ୍ପୂର୍ଣ୍ଣ କରିବା ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗ କୌଣସି ପଦକ୍ଷେପ ନେଉନାହିଁ। ଏହି ସେତୁ ନହେବା ହେତୁ କାଣୀ ନଦୀର ଉଭୟ ପାର୍ଶ୍ୱରେ ଥିବା ୧୫ରୁ ୨୦ ଖଣ୍ଡ ଗ୍ରାମବାସୀ ପ୍ରଭାବିତ ହେବା ସହିତ ଆଳି ବିଧାନସଭା କ୍ଷେତ୍ରରୁ କେନ୍ଦ୍ରାପଡ଼ା ବିଧାନସଭା କ୍ଷେତ୍ରକୁ ଗମନାଗମନ ପାଇଁ ସୁବିଧା ହୋଇ ପାରନ୍ତା। ଜନସାଧାରଣଙ୍କ ଦୁର୍ଦ୍ଦଶାର ସମାଧାନ ହେବା ପାଇଁ ସରକାରଙ୍କ ନିକଟରେ ଅଞ୍ଚଳବାସୀ ଦାବି କରିଛନ୍ତି।

# କର୍କଟ ପୀଡିତାଙ୍କୁ ଆର୍ଥିକ ସହାୟତା



କେନ୍ଦ୍ରାପଡ଼ା(ଭାସ୍କର ନ୍ୟୁଜ): ବାଞ୍ଛାନିଧି ଦାସ ଓ ଶ୍ରୀମତୀ ଦେବୀ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଜଣେ କର୍କଟ ପିଡିତାଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଟ୍ରଷ୍ଟର ମୁଖ୍ୟ ପୃଷ୍ଟପୋଷକ ଆମେରିକାସ୍ଥିତ ଆଲାସ୍କା ବିଶ୍ୱବିଦ୍ୟାଳୟର ଏମରିଟସ ପ୍ରଫେସର ଡ. ଦେବେନ୍ଦ୍ର କୁମାର ଦାସଙ୍କ ନିର୍ଦ୍ଦେଶ କ୍ରମେ ଟ୍ରଷ୍ଟ ପକ୍ଷରୁ ତାଙ୍କୁ ତୁରନ୍ତ ସହାୟତା ପ୍ରଦାନ କରାଯାଇଛି। ଟ୍ରଷ୍ଟି ଭୁବନମୋହନ ଦାସ କେନ୍ଦ୍ରାପଡା ଜିଲ୍ଲାର ମହାକାଳପଡା ଗ୍ରାମର କର୍କଟରେ ପୀଡିତ ଧ୍ରୁବଚନ୍ଦ୍ର ରାଉତଙ୍କ ପତ୍ନୀ ପ୍ରମିଳା ରାଉତଙ୍କ ଘରେ ପହଞ୍ଚି ତାଙ୍କୁ ଟ୍ରଷ୍ଟ ପକ୍ଷରୁ ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ଆର୍ଥିକ ସହାୟତା ପ୍ରଦାନ ସମୟରେ ସ୍ୱୟଂଭୂବ ଦାସ ଓ ରତ୍ନାକର ସାର୍ ଉପସ୍ଥିତ ଥିଲେ।

# 'କାୟାକଳ୍ପ'ରେ ମାଲକାନଗିରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପ୍ରଥମ ଚିତ୍ରକୋଣ୍ଡା ଉପଖଣ୍ଡ ଚିକିତ୍ସାଳୟ ପୁରସ୍କୃତ




ମାଲକାନଗିରି (ଭାସ୍କର ନ୍ୟୁଜ): ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ସରକାରଙ୍କ ପକ୍ଷରୁ ଦିଆ ଯାଉଥିବା କାୟାକଳ୍ପ ସମ୍ମାନରେ ରାଜ୍ୟରେ ପ୍ରଥମ ସ୍ଥାନ ହାସଲ କରିଛି ମାଲକାନଗିରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ। ଜିଲ୍ଲାର ଚିତ୍ରକୋଣ୍ଡା ଉପଖଣ୍ଡ ଚିକିତ୍ସାଳୟ ୨୦୨୪-୨୫ ବର୍ଷ ପାଇଁ ଦ୍ୱିତୀୟ ସ୍ଥାନ ଅଧିକାର କରିଛି ଓ ଗତ କିଛି ବର୍ଷ ହେବ ମାଲକାନଗିରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ଚିତ୍ରକୋଣ୍ଡା ଉପଖଣ୍ଡ ଚିକିତ୍ସାଳୟ ଏହି ସମ୍ମାନ ହାସଲ କରିବା ବଜାୟ ରଖିଛି। ଚିତ୍ରକୋଣ୍ଡା ଉପଖଣ୍ଡ ଚିକିତ୍ସାଳୟ ବିଗତ ବର୍ଷ ୨୦୨୩-୨୪ରେ ରାଜ୍ୟରେ ପ୍ରଥମସ୍ଥାନ ଅଧିକାର କରିଥିଲା। ଏହାର ଆହୁରି ଉନ୍ନତିକରଣ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ମାଲକାନଗିରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ୫୦ଲକ୍ଷ ଓ ଚିତ୍ରକୋଣ୍ଡା ଉପଖଣ୍ଡ ଚିକିତ୍ସାଳୟକୁ ୧୦ଲକ୍ଷ ଟଙ୍କା ପୁରସ୍କାର ଭାବରେ ମିଳିବ। ଚଳିତ ମାସ ୨୩ ତାରିଖ ଦିନ ଭୁବନେଶ୍ୱରରେ ହୋଇଥିବା ବୈଠକରେ ମାଲକାନଗିରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ରାଜ୍ୟରେ ଜିଲ୍ଲା ଚିକିତ୍ସାଳୟ ସ୍ତରରେ ପ୍ରଥମ ଓ ଚିତ୍ରକୋଣ୍ଡା ଉପଖଣ୍ଡ ଚିକିତ୍ସାଳୟ ସ୍ତରରେ ରାଜ୍ୟରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ବିଭାଗ ସୂଚିତ କରିଥିଲା ଓ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଓ ଚିତ୍ରକୋଣ୍ଡା ଉପଖଣ୍ଡ ଚିକିତ୍ସାଳୟର ଅଧ୍ୟକ୍ଷ କ୍ଷୀରୋଦ ଚନ୍ଦ୍ର ମହନ୍ତ ଏହି ପୁରସ୍କାରର ଶ୍ରେୟ ସମସ୍ତ ଡାକ୍ତର ଓ କର୍ମଚାରୀଙ୍କୁ ଦେଇଛନ୍ତି। ଏହି ପୁରସ୍କାର ମିଳିଥିବାରୁ ଜିଲ୍ଲାର ସମସ୍ତ କର୍ମଚାରୀ ଖୁସି ପ୍ରକଟ କରିଛନ୍ତି।

# ଆଗ୍ରିଆ ନୂଆଁ ଗାଁ ବିଦ୍ୟାଳୟର ବାର୍ଷିକୋତ୍ସବ



ବେତନଟୀ ( ଭାସ୍କର ନ୍ୟୁଜ): ବେତନଟୀ ବ୍ଲକ ଆଗ୍ରିଆ ନୂଆଁ ଗାଁ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବକୁ ସହକାରୀ ଶିକ୍ଷୟିତ୍ରୀ ସୈାମ୍ୟଶ୍ରୀ ଦାସ ସଂଯୋଜନା ଓ ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ମମତା ମହାନ୍ତଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବରେ ଆଗ୍ରିଆ ସରପଞ୍ଚ ମିନତୀ ସିଂ, ମୁଖ୍ୟବକ୍ତା ଭାବରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ସବିତା ମହାନ୍ତି, ସ୍ୱତନ୍ତ୍ର ଅତିଥି ଭାବରେ ସହକାରୀ ଶିକ୍ଷା ଅଧିକାରୀ ଗୋପାଳ ଚନ୍ଦ୍ର ମହାପାତ୍ର, ସିଆର୍‌ସିସି ସପନ କୁମାର ମହାପାତ୍ର ପ୍ରମୁଖ ମଞ୍ଚାସୀନ ରହି ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ନିଜ ନିଜର ବକ୍ତବ୍ୟ ରଖିଥିଲେ। ଅବସରପ୍ରାପ୍ତ ଶିକ୍ଷକ ରମାକାନ୍ତ ମହାନ୍ତ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ବୃତ୍ତି ଓ ଆର୍ଦଶ ପରୀକ୍ଷାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା ଓ ଅବସରପ୍ରାପ୍ତ ଅତିରିକ୍ତ ଶିକ୍ଷା ଅଧିକାରୀ ରମାକାନ୍ତ ମହାନ୍ତଙ୍କୁ ମଧ୍ୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି ଅବସରରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଦ୍ୟାଳୟ ପରିଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀମାନେ ଉପସ୍ଥିତ ରହି ସହଯୋଗ କରିଥିଲେ।

# ଭୌତିକ ଚିକିତ୍ସା ଶିବିର



ପରଜଙ୍ଗ (ଭାସ୍କର ନ୍ୟୁଜ): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ଗୋଷ୍ଠୀ ଶିକ୍ଷା ସାଧନ ଗୃହ ଠାରେ ତିନିଦିନ ବ୍ୟାପି ଭୌତିକ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିର ଚଳିତ ମାସ ୨୭ ତାରିଖରୁ ଆରମ୍ଭ ହୋଇ ୨୯ତାରିଖ ପର୍ଯ୍ୟନ୍ତ ହୋଇଥିବା ବେଳେ, ଶିବିରକୁ ଗୋଷ୍ଠୀ ଶିକ୍ଷାଧିକାରିଣୀ ପ୍ରିୟଦର୍ଶିନୀ ନାୟକ ଓ ଗୋଷ୍ଠୀ ସାଧନ କେନ୍ଦ୍ର ସଂଯୋଜକ ପ୍ରିୟବ୍ରତ ସାହୁ ଯୋଗ ଦେଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ବିଭିନ୍ନ ଗ୍ରାମରୁ ଆସିଥିବା ମସ୍ତିଷ୍କ, ପକ୍ଷାଘାତ ଓ ଶାରୀରିକ ବାଧିତ ପିଲା ଏବଂ ଅଭିଭାବକମାନଙ୍କୁ ସେମାନଙ୍କର ପିଲାମାନଙ୍କ ବିଷୟରେ ବିସ୍ତୃତ ଭାବେ ଆଲୋଚନା କରିବା ସହିତ ଅଭିଭାବକମାନଙ୍କୁ କିଛି ପରାମର୍ଶ ଦିଆଯାଇଥିଲା ।୨୦ଜଣ ଭିନ୍ନକ୍ଷମଙ୍କୁ ଢେଙ୍କାନାଳ ଅମଲାପଡାରୁ ଆସିଥିବା ଫିଜିଓଥିରାପିଷ୍ଟ ଲକ୍ଷ୍ମୀକାନ୍ତ ମହାପାତ୍ର ଫିଜିଓଥେରପି ଦେବା ସହିତ ଦୈନିକ ଘରେ ଅଭ୍ୟାସ କଲେ ନିଶ୍ଚୟ ଧୀରେ ଧୀରେ ପରିବର୍ତ୍ତନ ହୋଇପାରିବ ବୋଲି ଶ୍ରୀ ମହାପାତ୍ର ଦିଗ୍‌ଦର୍ଶନ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ବିଆର୍‌ପି ଅଶୋକ କୁମାର ପଣ୍ଡା ପରିଚାଳନା କରିଥିବା ବେଳେ, ଆଇଇଭିମାନେ ପୂର୍ଣ୍ଣ ସହଯୋଗ କରିଥିଲେ।

# ବାଲିପଡ଼ିଆର ମୁକ୍ତମଞ୍ଚ ନାଟକ ପ୍ରତିଯୋଗିତା ଉଦ୍‌ଯାପିତ



ବାଲିଚନ୍ଦ୍ରପୁର(ଭାସ୍କର ନ୍ୟୁଜ୍): ବଡ଼ଚଣା ବ୍ଲକ ବାଲିପଡ଼ିଆ ପଞ୍ଚାୟତରେ ପ୍ରତିବର୍ଷ ପରି ମୁକ୍ତମଞ୍ଚ ନାଟକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବାଲିପଡ଼ିଆ ଯୁବସଂଘର ୫୨ତମ ବାର୍ଷିକ ଉତ୍ସବ ପାଳିତ ହୋଇଥିବା ବେଳେ ୩୯ତମ ଜିଲ୍ଲାସ୍ତରୀୟ ମୁକ୍ତମଞ୍ଚ ନାଟକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ୬ଟି ନାଟ୍ୟ ସଂସଦ ଭାଗନେଇଥିବା ବେଳେ ଧର୍ମଶାଳା ବ୍ଲକ କଣ୍ଟିଗଡ଼ିଆର ମଧୁକେଶ୍ୱର ନାଟ୍ୟ ପରିଷଦ ମଞ୍ଚସ୍ଥ କରିଥିବା (କାନ୍ଦେନା ଲୁହ ସରିଯିବ) ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ବଡ଼ଚଣା ବ୍ଲକ ବାଲିପଡ଼ିଆ ପଞ୍ଚାୟତ ମା'ଡ୍ରାମାଟିକ୍ କ୍ଲବ ତିଗିରିଆ ଦେକୁଡ଼ି (ହାଃ କୃଷ୍ଣ ବୋଲି ଯାଉ ଜୀବ) ନାଟକ ମଞ୍ଚସ୍ଥ କରି ଦ୍ୱିତୀୟ ସ୍ଥାନ ଓ ମା'ବାୟାଣି ଡ୍ରାମାଟିକ୍ କ୍ଲବ ସକୁନ୍ତଳାପୁର (ଆଖି ଅବୁଝାକୁ ଲୁହ ଅବୁଝା) ନାଟକ ମଞ୍ଚସ୍ଥ କରି ତୃତୀୟ ସ୍ଥାନ ଅଧିକାର କରିଥିଲା। ଉଦ୍‌ଯାପନୀ ଅବସରରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ ବଡ଼ଚଣା ବିଡ଼ିଓ ରବୀନ୍ଦ୍ର କୁମାର ପ୍ରଧାନ ଓ ସମ୍ମାନିତ ଅତିଥି ଭାବେ ବାଲିଚନ୍ଦ୍ରପୁରର ଥାନାଧିକାରୀ ସମରଜିତ୍ ନାୟକ ଯୋଗଦେଇ ଉଦ୍‌ଯାପନୀ ଉତ୍ସବକୁ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ପ୍ରାରମ୍ଭରେ ଅତିଥିମାନେ ଯୁବକ ସଂଘ ନିକଟସ୍ଥ ନେତାଜୀ ସୁବାଷ ଚନ୍ଦ୍ର ବୋଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ପରେ ସେଠାରେ ଥିବା ଦିବଂଗତ ସ୍ୱାଧୀନତା ସଂଗ୍ରାମୀ ବଡ଼ଚଣା ଗାନ୍ଧୀ ବୃନ୍ଦାବନ ତ୍ରିପାଠୀ, ହରି ବାରିକ, ନୀଳ ମଳିକ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଯୁବକସଂଘର ସମ୍ପାଦକ ସୁବାଷ ଚନ୍ଦ୍ର ତ୍ରିପାଠୀଙ୍କ ସଞ୍ଚାଳନାରେ ଆୟୋଜିତ ଉତ୍ସବରେ ସଭାପତି ଦିଲ୍ଲୀପ କୁମାର ସାମଲ, ସାଂସ୍କୃତିକ ସମ୍ପାଦକ ଅନିରୁଦ୍ଧ ପ୍ରଧାନ, ସରପଞ୍ଚ କିଶୋର ଚନ୍ଦ୍ର ବେହୁରା, ଶିକ୍ଷାବିତ୍ ଉମାକାନ୍ତ ବଳ, ପୂର୍ବତନ ସରପଞ୍ଚ ଅନିରୁଦ୍ଧ ସାମଲ, ଚନ୍ଦ୍ରକାନ୍ତ ପ୍ରଧାନ, ସୁମନ୍ତ କୁମାର ଜେନା ପ୍ରମୁଖ ଯୋଗଦେଇ ନାଟ୍ୟ ପ୍ରତିଯୋଗିତା ଦ୍ୱାରା ବିଭିନ୍ନ ଅଞ୍ଚଳ ସହ ଭାଇଚାରା ସୃଷ୍ଟି ହେବା ସହ କଳା ଓ ସଂସ୍କୃତିକୁ କିପରି ଜୀବିତ ରଖାଯାଇ ପାରିବ ସେ ନେଇ ନିଜ ନିଜର ମତପୋଷଣ କରିଥିଲେ। ନାଟକ ପ୍ରତିଯୋଗିତାରେ କଣ୍ଟିଗଡ଼ିଆର ଅରୁପାନନ୍ଦ ଜେନା ଶ୍ରେଷ୍ଠ ନାୟକ, ଶ୍ରେଷ୍ଠ ନାୟିକା ସନ୍ତୋଷୀ ପଣ୍ଡା(ସତିଆ), ଶ୍ରେଷ୍ଠ ପାର୍ଶ୍ୱ ନାୟିକା ସଂଜିତା ଦାସ (ଶ୍ରାବଣୀ), ସହପାର୍ଶ୍ୱ ନାୟିକା ଭାବେ ଗୀତା, ଶ୍ରେଷ୍ଠ ପାର୍ଶ୍ୱ ଖଳନାୟକ ଭାବେ ଉଦୟଭାନୁ ଦାସ (ବାଦଲ), ଶ୍ରେଷ୍ଠ ଖଳନାୟିକା ଲକ୍ଷ୍ମୀପ୍ରିୟା ଶତପଥି (ରୂପଶ୍ରୀ), ଶ୍ରେଷ୍ଠ ହାସ୍ୟ ଅଭିନେତା ସୁଶାନ୍ତ କୁମାର ବାରିକ (ଚୁଡୁମା), ଶ୍ରେଷ୍ଠ ହାସ୍ୟ ଅଭିନେତ୍ରୀ ମାନା ସାହୁ (ଚୁଟୁମି), ଶ୍ରେଷ୍ଠ ନିର୍ଦ୍ଦେଶକ ଉଦୟଭାନୁ ଦାସ (କାନ୍ଦନା ଲୁହ ସରିଯିବ), ଶ୍ରେଷ୍ଠ ଗାୟକ ପୁରୁଷ (ରାଜା ବାବୁ), ଶ୍ରେଷ୍ଠ ସଂଗୀତ ନିର୍ଦ୍ଦେଶକ ପ୍ରତାପ ରୁଦ୍ର ବିଶ୍ୱାଳ ପ୍ରମୁଖ ବିବେଚିତ ହୋଇ ଅତିଥିମାନଙ୍କ ଦ୍ୱାରା ଟ୍ରଫି ସହ ନଗଦ ଅର୍ଥରାଶି ପୁରସ୍କାର ଭାବେ ଗ୍ରହଣ କରିଥିଲେ। ଅଜିତ୍ କୁମାର ପ୍ରଧାନ, ଗଗନ ବିହାରୀ ସ୍ୱାଇଁ, ରମେଶ କୁମାର, ଆଲୋକ ପ୍ରଧାନ, ସତ୍ୟବ୍ରତ ପ୍ରଧାନ, ପ୍ରମୋଦ ପ୍ରଧାନ, ମନୋଜ ସାମଲ, ପବିତ୍ର ବେହୁରା, ଚନ୍ଦ୍ରଶେଖର ବେହୁରା, ଦେବେନ୍ଦ୍ର ବେହୁରା, ମହେନ୍ଦ୍ର କୁମାର ସିଂହ, ସୂର୍ଯ୍ୟନାରାୟଣ ତ୍ରିପାଠୀ, ହରପ୍ରସାଦ ସାମଲ, ବିଜୟ କୁମାର ସାମଲ, ସୁନିଲ କୁମାର ମହାନ୍ତି ପ୍ରମୁଖ ନାଟକ ପ୍ରତିଯୋଗିତାରେ ସହଯୋଗ ପ୍ରଦାନ କରିଥିଲେ।

# ଶିଶୁ ସୁରକ୍ଷା ସମ୍ବନ୍ଧୀୟ ବ୍ଲକସ୍ତରୀୟ ସଭା



ତିହିଡି (ଭାସ୍କର ନ୍ୟୁଜ): ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ, ଭଦ୍ରକ ପକ୍ଷରୁ ତିହିଡି ପଞ୍ଚାୟତ ସମିତି ସଭା ଗୃହ ପରିସରରେ ଶିଶୁ ସୁରକ୍ଷା ସମ୍ବନ୍ଧୀୟ ବ୍ଲକସ୍ତରୀୟ ଅଂଶୀଦାର ସମୂହଙ୍କୁ ନେଇ ସଚେତନତା କାର୍ଯ୍ୟକ୍ରମ ଗୋଷ୍ଠୀ ଉନ୍ନୟନ ଅଧିକାରୀ ନିରଞ୍ଜନ ବାରିକଙ୍କ ଆବାହକତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ରୂପେ ପଞ୍ଚାୟତ ସମିତି ଅଧ୍ୟକ୍ଷା ଅବନ୍ତି ଦାସ, ସମ୍ମାନିତ ଅତିଥି ରୂପେ ଥାନା ଅଧିକାରୀ ସତ୍ୟବ୍ରତ ଗ୍ରହାଚାର୍ଯ୍ୟ, ଅନ୍ୟତମ ଅତିଥି ମାନଙ୍କ ମଧ୍ୟରେ ଅନୁ ଶିକ୍ଷାଧିକାରୀ ଲକ୍ଷ୍ମୀପ୍ରିୟା ମାଝୀ, ସିଡ଼ିପିଓ ସବିତା ବେହେରା, ସାମାଜିକ କର୍ମୀ ରଞ୍ଜୁଲତା ଗାହାଣ ପ୍ରମୁଖ ଯୋଗଦାନ କରିଥିଲେ। ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟର ଆଇନ ପ୍ରୋବେସନ ଅଧିକାରୀ ସୁବ୍ରତ ଦାସଙ୍କ ମଞ୍ଚ ସଂଯୋଜନା ସଭାରେ ଶିଶୁ ସୁରକ୍ଷା ଅଧିକାରୀ ଅବିନାଶ ମହାନ୍ତି ପ୍ରାରମ୍ଭିକ ସୂଚନାରେ ଶିଶୁଙ୍କ ନିମନ୍ତେ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଆଭିମୁଖ୍ୟ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ନିଜ ବକ୍ତବ୍ୟରେ ଶିଶୁ ନିମନ୍ତେ କାର୍ଯ୍ୟକ୍ରମ ତୃଣମୂଳ ସ୍ତରରେ ବ୍ୟାପକ ପ୍ରଚାର ପ୍ରସାର ହେବା ଉଚିତ୍ ବୋଲି ଉଲ୍ଲେଖ କରିଥିଲେ। ଏହି ସଭାରେ ଶିଶୁ ବିକାଶର ସୁପର ଭାଇଜର କରିସ୍ମା ପାଣିଗ୍ରାହୀ, ବୈଜୟନ୍ତିମାଳା ନାୟକ, କ୍ଷମାପ୍ରଭା ବାରିକଙ୍କ ସମେତ ସ୍ୱାସ୍ଥ୍ୟ କର୍ମୀ, ମିଶନ ଶକ୍ତିର ଏମବିକେ, ବିଭିନ୍ନ ବିଭାଗର କର୍ମକର୍ତ୍ତା ଅଂଶଗ୍ରହଣ କରିଥିଲେ। ଶିଶୁ ସୁରକ୍ଷା ଶାଖାର ବାହ୍ୟ କର୍ମୀ ମହେଶ ଚନ୍ଦ୍ର ଦାଶ, ଯୋଗିରଷି ଶିଶୁ ଅନୁଷ୍ଠାନର ଅଧୀକ୍ଷକ ଜ୍ୟୋତି ପ୍ରକାଶ ପତି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ପରିଶେଷରେ ଶିଶୁ ବିକାଶ ପ୍ରକଳ୍ପର ମହିଳା ପରିଦର୍ଶିକା କାଜଲ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ନାବାଳିକାକୁ ଅସଦାଚରଣ ଅଭିଯୋଗ, ଫରେଷ୍ଟର ଗିରଫ

ଗୁଣୁପୁର (ଭାସ୍କର ନ୍ୟୁଜ): ରାୟଗଡା ଜିଲ୍ଲା ଗୁଡାରି ବନଖଣ୍ଡ କେନ୍ଦୁଗୁଡା ସେକ୍ସନର ଫରେଷ୍ଟର ୧୧ ବର୍ଷର ନାବାଳିକାକୁ ଅସଦାଚରଣ କରୁଥିବା ବେଳେ ମାଡି ବସିଲେ ଖମାରିଗୁଡା ଗ୍ରାମବାସୀ। ରଙ୍ଗିଲା ଫରେଷ୍ଟରକୁ ଗ୍ରାମବାସୀ ଅଟକ ରଖି ପଦ୍ମପୁର ପୋଲିସକୁ ହସ୍ତାନ୍ତର କରିଛନ୍ତି। ନାବାଳିକା ଜଣକ ଗତକାଲି ବିଦ୍ୟାଳୟରୁ ଅଧ୍ୟୟନ ସାରି ଫେରୁଥିଲେ। ଫେରିବା ବେଳେ ନାବାଳିକାକୁ ଫରେଷ୍ଟର ଘର ଭିତରକୁ ଡାକି ଅସଦାଚରଣ କରିଥିଲେ। ନାବାଳିକା ଜଣକ ଷଷ୍ଠ ଶ୍ରେଣୀରେ ଅଧ୍ୟୟନ କରୁଥିବା ଜଣାପଡିଛି। ନାବାଳିକାର ଘର ଖମାରିଗୁଡା ଗ୍ରାମ ରହିଥିବା ବେଳେ ଜେଜେମା ପାଖରେ ରହି ବିଦ୍ୟାଳୟରେ ଅଧ୍ୟୟନ କରୁଥିଲେ। ନାବାଳିକାର ବାପା ଓ ମା' ଉଭୟ ବାହାର ରାଜ୍ୟରେ ଦିନମଜୁରିଆ କାମ କରୁଥିଲେ। ଝିଅର ଏଭଳି ଅଭାବନୀୟ ଖବର ପାଇ ଗ୍ରାମରେ ପହଞ୍ଚି ପଦ୍ମପୁର ପୋଲିସ୍ ପାଖରେ ନ୍ୟାୟ ମାଗିଛନ୍ତି। ଏନେଇ ପଦ୍ମପୁର ଥାନାରେ ନାବାଳିକାର ଜେଜେମା ଅଭିଯୋଗ କରିଛନ୍ତି। ଶନିବାର ଦିନ ନାବାଳିକା ଓ ରଙ୍ଗିଲା ଫରେଷ୍ଟର ନରସିଂହ ଶତପଥୀ (ବୟସ ୫୯)ଙ୍କ ଡାକ୍ତରୀ ମାଇନା କରାଯିବା ନେଇ ପଦ୍ମପୁର ଥାନା ଅଧିକାରୀ ସୂଚନା ଦେଇଛନ୍ତି। ନାବାଳିକାକୁ ଚକୋଲେଟ୍ ଓ ଖାତା କିଣିବା ପ୍ରଲୋଭନ ଦେଖାଇ ଫରେଷ୍ଟର ନରସିଂହ ଶତପଥୀ ନିଜ ଘର ଭିତରକୁ ଡାକି ଅସଦାଚରଣ କରୁଥିଲେ। ପୋଲିସ୍ ଫରେଷ୍ଟରକୁ ପଚରାଉଚୁରା କରିବା ସହ ଗିରଫ କରିଛି।

# କେନ୍ଦ୍ରାପଡା ମହାବିଦ୍ୟାଳୟରେ ନୂଆ ଅଧକ୍ଷ



କେନ୍ଦ୍ରାପଡା (ଭାସ୍କର ନ୍ୟୁଜ୍): କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟରେ ଦୀର୍ଘଦିନର ଅଚଳାବସ୍ଥା ପରେ ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଡ. ସଞ୍ଜୀବ କୁମାର ମହାନ୍ତିଙ୍କୁ ଅଧକ୍ଷ ଭାବରେ ନିଯୁକ୍ତି ଦିଆଯାଇଛି। ଗତ ୨୨ ତାରିଖରେ ଡ. ମହାନ୍ତି କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧକ୍ଷ ଭାବରେ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ତାଙ୍କର ନିଷ୍ଠା ଓ ଦକ୍ଷତା ବଳରେ ବିଗତ ୪ବର୍ଷ ଧରି ଏହି ମହାବିଦ୍ୟାଳୟରେ ହଜିଯାଇଥିବା ଶୈକ୍ଷିକ ବାତାବରଣ ପୁନର୍ବାର ଫେରିଆସିଥିବା ଦେଖିବାକୁ ମିଳିଛି। ଏହାକୁ ନେଇ ମହାବିଦ୍ୟାଳୟର ଛାତ୍ରଛାତ୍ରୀ, ଅଭିଭାବକ, କର୍ମଚାରୀ ଓ ଜନସାଧାରଣଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି। ନୂତନ ଅଧକ୍ଷ ମହାବିଦ୍ୟାଳୟ ପରିସରରେ ଥିବା ଅଧକ୍ଷଙ୍କ କ୍ୱାଟରରେ ରହୁଥିବାରୁ କଲେଜ ପ୍ରଶାସନ ମଧ୍ୟ ସକ୍ରୀୟ ହୋଇ ଉଠିଛି। କଲେଜ ପରିସରରେ ଶୈକ୍ଷିକ ପରିବେଶର ଉନ୍ନତି ସହ ଶୃଙ୍ଖଳା ଫେରିଆସିଥିବାରୁ ଶିକ୍ଷାନୁଷ୍ଠାନର ପୁରୁଣା ହୃତଗୌରବ ବୃଦ୍ଧି ପାଉଥିବା ବେଳେ ସାଧାରଣଜନତାଙ୍କ ବିଶ୍ୱାସ ଦୃଢ଼ିଭୂତ ହୋଇଛି। ଆଗାମୀ ଦିନରେ ମହାବିଦ୍ୟାଳୟର ଆୟବ୍ୟୟ ସମ୍ପର୍କରେ ନୂତନ ଅଧକ୍ଷ ଦୃଢ ପଦକ୍ଷେପ ଗ୍ରହଣ କରି ସେଥିରେ ସୁଧାର ଆଣିବାକୁ କଲେଜର ହିତୈଷୀମାନେ ଆଶାବ୍ୟକ୍ତ କରିଛନ୍ତି। ଏତଦ୍‌ବ୍ୟତୀତ ମହାବିଦ୍ୟାଳୟ ଭିତ୍ତିଭୂମିର ବିକାଶ ଏବଂ ଖର୍ଚ୍ଚ ହୋଇନପାରି ଫେରିଯାଉଥିବା ସରକାରୀ ଅନୁଦାନର ତୁରନ୍ତ ସଦୁପଯୋଗ କରାଯିବା ପାଇଁ ନୂତନ ଅଧକ୍ଷ ଓ ମହାବିଦ୍ୟାଳୟ ପରିଚାଳନା ଦାୟିତ୍ୱରେ ଥିବା ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ବିଳମ୍ବରେ ହେଲେ ମଧ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ଏତାଦୃଶ ପଦକ୍ଷେପ ଓ ସ୍ଥାନୀୟ ବିଧାୟକଙ୍କ ଆସ୍ତିବାଚକ ଭୂମିକା ପାଇଁ କେନ୍ଦ୍ରାପଡାର ବୁଦ୍ଧିଜୀବୀ, ଜନସାଧାରଣ ଓ ପୁରାତନ ଛାତ୍ରଛାତ୍ରୀମାନଙ୍କ ପକ୍ଷରୁ ପ୍ରଫେସର ନନ୍ଦକିଶୋର ପରିଡା, ତପନ କୁମାର ପତି, ଡ. ପ୍ରମୋଦ କୁମାର ଦାସ, ଡ. ପ୍ରଦୀପ୍ତ କିଶୋର ଦାଶ, ଚିତ୍ତରଞ୍ଜନ ଦାସ, ରବୀନ୍ଦ୍ର ଦାଶ, ପ୍ରତାପ ମହାନ୍ତି ପ୍ରମୁଖ ସାଧୁବାଦ ଜଣାଇଛନ୍ତି।

# ଘାଟି ରାସ୍ତାର ବିଭିନ୍ନ ସ୍ଥାନରେ ତ୍ରୁଟିପୂର୍ଣ୍ଣ ନିର୍ମାଣ



କେନ୍ଦୁଝର (ଭାସ୍କର ନ୍ୟୁଜ୍): କେନ୍ଦୁଝର ଜିଲ୍ଲା ଦେଇ ଯାଇଥିବା ରାସ୍ତାଗୁଡିକ ମଧ୍ୟରୁ ଅନେକ ରାସ୍ତା ଘାଟିରାସ୍ତା ଭାବେ ଜଣାଶୁଣା। ଏହି ରାସ୍ତାଗୁଡିକରେ ଅନେକ ସମୟରେ ଦୁର୍ଘଟଣାମାନ ଘଟି ଧନଜୀବନ ହାନୀ ହେବା କିଛି ନୂଆ କଥା ନୁହେଁ। ଏଭଳି ପରିସ୍ଥିତିରେ ତ୍ରୁଟିପୂର୍ଣ୍ଣ ରାସ୍ତା ନିର୍ମାଣ ଯୋଗୁଁ ବହୁ ସମୟରେ ଗାଡିମୋଟର ଦୁର୍ଘଟଣାର ସମ୍ମୁଖୀନ ହୋଇ ଧନଜୀବନ କ୍ଷୟକ୍ଷତି ହେବାରେ ଲାଗିଛି। ବିଶେଷ କରି ଜାତୀୟ ରାଜପଥ ୪୯ର କାଞ୍ଜିପାଣି ଘାଟି, ଜୁଡିଆ ଘାଟି, ବେଲଦା ଘାଟି ସମେତ ଅନ୍ୟାନ୍ୟ ଆଭ୍ୟନ୍ତରୀଣ ରାସ୍ତାରେ ଥିବା ଗୋନାସିକା ଘାଟି, କୁଆଁଝରଣ ଘାଟି, ଠାକୁରଡିହି ଘାଟି ରାସ୍ତାର ତ୍ରୁଟିପୂର୍ଣ୍ଣ ନିର୍ମାଣ ଦୁର୍ଘଟଣାର ମୂଳ ଉତ୍ସ ବୋଲି ଅଭିଯୋଗ ହେଉଛି। ଏହି ଘାଟି ରାସ୍ତାଗୁଡିକ ଲୋକଙ୍କ ପାଇଁ ମରଣଯନ୍ତା ହୋଇଥିବାବେଳେ ବହୁ ସମୟରେ ଏହି ଘାଟି ରାସ୍ତାରେ ଦୁର୍ଘଟଣା ଘଟି ଧନଜୀବନ ହାନୀ ହେବାରେ ଲାଗିଛି। ରାସ୍ତା ନିର୍ମାଣକାରୀ ସଂସ୍ଥା, ଜାତୀୟ ରାଜପଥ କର୍ତ୍ତୃପକ୍ଷ ଓ ପୂର୍ତ୍ତ ବିଭାଗର ଅଦୂରଦର୍ଶିତା କାର୍ଯ୍ୟ ଫଳରେ କେନ୍ଦୁଝର ଜିଲ୍ଲାର ଅନେକ ଘାଟି ରାସ୍ତାରେ ବାରମ୍ବାର ସଡ଼କ ଦୁର୍ଘଟଣା ଏବେ ସାଧାରଣ ଲୋକଙ୍କୁ ଚିନ୍ତାରେ ପକାଇଛି। ଯେପରି ଭାବରେ ରାସ୍ତା ନିର୍ମାଣ ହେବା କଥା ସେପରି ହେଉନଥିବାରୁ ଦୁର୍ଘଟଣା ଘଟି ଅନେକ ନିଷ୍ପାପ ଜୀବନ ଅକାଳରେ ଝଡି ପଡୁଥିବାବେଳେ ଅନେକ ମଧ୍ୟ ଶାରିରୀକ ବିକଳାଙ୍ଗ ହୋଇ ଜୀବନସାରା ଦୁଃଖ ଯନ୍ତ୍ରଣା ଭୋଗ କରୁଥିବା ଜଣାପଡିଛି। ଏହି କ୍ରମରେ କାଞ୍ଜିପାଣି-ତେଲକୋଇକୁ ସଂଯୋଗ କରୁଥିବା କୁସୁମୀ ଘାଟିରେ ବାରମ୍ବାର ଦୁର୍ଘଟଣାମାନ ଘଟି ଗତ କିଛିମାସ ମଧ୍ୟରେ ୫ରୁ ଅଧିକ ଲୋକଙ୍କର ଜୀବନ ଗଲାଣି। କେନ୍ଦୁଝର ପୂର୍ତ୍ତ ବିଭାଗ ଅଧୀନରେ ଥିବା ଏହି ରାସ୍ତାର ନିର୍ମାଣଶୈଳୀ ତ୍ରୁଟିପୂର୍ଣ୍ଣ ହୋଇଥିବା ଅଭିଜ୍ଞ ବ୍ୟକ୍ତିମାନେ ମତବ୍ୟକ୍ତ କରୁଛନ୍ତି। ଏହାସତ୍ତ୍ୱେ ପୂର୍ତ୍ତ ବିଭାଗ ତ୍ରୁଟିପୂର୍ଣ୍ଣ ରାସ୍ତାକୁ ସଠିକ୍ ନିର୍ମାଣ କରିବାର ଚିନ୍ତା ପଶୁନଥିବା ଯୋଗୁଁ ସାଧାରଣ ପଥଚାରୀମାନେ ଉଦ୍‌ବେଗ ପ୍ରକାଶ କରୁଛନ୍ତି। ଏହି ରାସ୍ତାରେ ସମ୍ମୁଖ ଭାଗରୁ ଆସୁଥିବା ଗାଡିମୋଟରଗୁଡିକ ଦୃଶ୍ୟମାନ ହେବାର ଆବଶ୍ୟକୀୟ ଇଞ୍ଜିନିୟରିଂ ବ୍ୟବସ୍ଥା ହୋଇନଥିବା ସହ ତ୍ରୁଟିପୂର୍ଣ୍ଣ ବାଙ୍କ ନିର୍ମାଣ ଯୋଗୁଁ ଦୁର୍ଘଟଣା ଘଟି ଚାଲିଛି। ରାସ୍ତା ଉପରେ ପୁରୁଣା ବିଦ୍ୟୁତ ଖୁଣ୍ଟଗୁଡିକ ରହିଥିବାରୁ ଏହା ମଧ୍ୟ ଦୁର୍ଘଟଣାକୁ ଆମନ୍ତ୍ରଣ କରୁଛି। ଜାତୀୟ ରାଜପଥ ୪୯ର କାଞ୍ଜିପାଣି ଠାରୁ ତେଲକୋଇ-ଛାମୁଣ୍ଡା ଦେଇ ଜଗମୋହନପୁର ଆଡକୁ ଏବଂ ତେଲକୋଇ ଦେଇ ରାଇସୁଆଁ, କାଳିଆହତା ଏବଂ ଢେଙ୍କାନାଳ ଜିଲ୍ଲାକୁ ଯାତ୍ରୀବାହୀ ବସ୍, ହାଲୁକା ଯାନଗୁଡିକ ଯାଉଥିବାବେଳେ ଏହି ରାସ୍ତାର କୁସୁମୀ ଘାଟିରେ ବାରମ୍ବାର ଦୁର୍ଘଟଣା ଯାତ୍ରୀଙ୍କ ପାଇଁ କାଳ ହୋଇଛି। ତୁରନ୍ତ ଏହି ତ୍ରୁଟିପୂର୍ଣ୍ଣ ରାସ୍ତାକୁ ପୁନଃନିର୍ମାଣ କରିବା ସହ ରାସ୍ତାକଡରେ ଥିବା ପୁରୁଣା ବିଦ୍ୟୁତ ଖୁଣ୍ଟକୁ ଅନ୍ୟତ୍ର ସ୍ଥାନାନ୍ତର ନକଲେ ଆଗାମୀ ଦିନରେ ଅନେକ ଯାତ୍ରୀ ଦୁର୍ଘଟଣାର ସମ୍ମୁଖୀନ ହେବା ଘଟଣାକୁ ଅସ୍ୱୀକାର କରାଯାଇନପାରେ। ରାସ୍ତା ନିର୍ମାଣ ତଦାରଖ ଦାୟିତ୍ୱରେ ଥିବା ପୂର୍ତ୍ତ ବିଭାଗ ଏହି ସମସ୍ୟାର ଗୁରୁତ୍ୱ ଉପଲବ୍ଧି କରି ଘାଟି ଅଞ୍ଚଳଗୁଡିକର ପୁନଃ ନିର୍ମାଣ ଏବଂ ଦୁର୍ଘଟଣାକୁ ରୋକିବା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କଲେ ଦୁର୍ଘଟଣାକୁ ରୋକାଯାଇ ପାରନ୍ତା ବୋଲି ସାଧାରଣରେ ମତପୋଷଣ ହୋଇଛି।

# ଗୋରେଖନାଥଙ୍କ ଭୋଗ ଦୋକାନ ପାଇଁ ଟେଣ୍ଡର ଆବେଦନ ଫର୍ମ ବିକ୍ରି ଶେଷ

ରଘୁନାଥପୁର (ଭାସ୍କର ନ୍ୟୁଜ୍): ଜଗତସିଂହପୁର ଜିଲ୍ଲା ପ୍ରସିଦ୍ଧ ବିଭୂତି କ୍ଷେତ୍ର ପ୍ରଭୁ ଗୋରେଖନାଥଙ୍କ ବାର୍ଷିକ ଭୋଗ, ଦୀପ, ଫୁଲ ଓ ଜାଁବାଳ ଦୋକାନ ପାଇଁ ପ୍ରତିବର୍ଷ ଦେବତ୍ତର ବିଭାଗ ପକ୍ଷରୁ ନିଲାମ ପକ୍ରିୟା କରାଯାଇଥାଏ। ଏହି ପକ୍ରିୟା ପ୍ରତିବର୍ଷ ମାର୍ଚ୍ଚମାସ ଶେଷ ଭାଗରେ କରାଯାଇ ଅପ୍ରେଲ ୧ ତାରିଖରେ ଶେଷ ହୋଇଥାଏ। ଏହି ପରିପେକ୍ଷୀରେ ଚଳିତ ବର୍ଷ ପ୍ରଭୁଙ୍କ ପୀଠ କାର୍ଯ୍ୟାଳୟରେ ଗତ ମାର୍ଚ୍ଚ ୨୭ତାରିଖ ଠାରୁ ଟେଣ୍ଡର ଆବେଦନ ଫର୍ମ ବିକ୍ରି ଚାଲୁରହିଥିଲା। ଶନିବାର ମଧ୍ୟାନ ୧୨ଟା ପର୍ଯ୍ୟନ୍ତ ଏହାର ଶେଷ ସମୟ ରଖାଯାଇଥିଲା। ତେବେ ନିର୍ଦ୍ଧାରିତ ସୟପରେ ମୋଟ ୧୧ଗୋଟି ଫର୍ମ ୯ଜଣ ବ୍ୟକ୍ତି କିଣିଥିବା ପିଠ କାର୍ଯ୍ୟାଳୟର ହିସାବ ରକ୍ଷକ ସରୋଜ କୁମାର ସାହାଣି ପ୍ରକାଶ କରିଛନ୍ତି।





ମୁରିବାହାଲ (ଭାସ୍କର ନ୍ୟୁଜ): ବଲାଙ୍ଗୀର ଜିଲ୍ଲା ମୁରିବାହାଲ ବ୍ଲକ ଡଙ୍ଗରପଡ଼ା ପଞ୍ଚାୟତ ମୁଖ୍ୟାଳୟ ସ୍ଥିତ ଡଙ୍ଗରପଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ବିଦ୍ୟାଳୟ କମିଟି ସଭାପତି ଶଙ୍କର ତାଣ୍ଡି ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି ।ମୁଖ୍ୟ ଅତିଥି ଭାବେ ମୁରିବାହାଲ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ କୈଳାସ ଚନ୍ଦ୍ର ଭୋଇ,ସମ୍ମାନିତ ଅତିଥି ଡଙ୍ଗରପଡ଼ା ସରପଞ୍ଚ ରାମଦାସ ମହାକୁଡ, ସାମାଜିକ କର୍ମୀ କପିଳାସ ଭୋଇ,ମୁଖ୍ୟବକ୍ତା ସିଆରସିସି ପ୍ରମୋଦ କର୍ମୀ ଯୋଗଦେଇଥିଲେ ।ପ୍ରଧାନ ଶିକ୍ଷକ ଲଳିତମୋହନ ଭୋଇ ପ୍ରାରମ୍ଭିକ ବକ୍ତବ୍ୟ ପ୍ରଦାନ କରିଥିଲେ।ବାଗଦେବୀ ସରସ୍ୱତୀଙ୍କ ଫଟୋ ଚିତ୍ରରେ ପୂଜାର୍ଚ୍ଚନା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ।ଅତିଥି ମାନଙ୍କୁ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ଶିକ୍ଷା ହିଁ ସମାଜର ମେରୁଦଣ୍ଡ, ସମାଜ ଗଠନରେ ଶିକ୍ଷାର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଶିକ୍ଷା ବିନା ମଣିଷ ଜୀବନ ପୂର୍ଣ୍ଣାଙ୍ଗ ହୋଇପାରେ ନାହିଁ ବୋଲି ଅତିଥି ଗଣ ମତବ୍ୟକ୍ତ କରିଥିଲେ । ଏହି ଅବସରରେ ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ଗ୍ରାମର ଦିଗସନ ଭୋଇ,ବ୍ରାହ୍ମଣ ତାଣ୍ଡି,ଦେବରାଜ ଲୁହା, ୱାର୍ଡ ସଭ୍ୟ ଦାନ ଜାନୀ ପ୍ରମୁଖ ଉପସ୍ଥିତ ଥିଲେ । ବିଦ୍ୟାଳୟର ଶିକ୍ଷକ ଶୁଭକାନ୍ତ ସାହୁ,ବେଣୁଧର ମେହେର, ସହ ଶିକ୍ଷୟିତ୍ରୀ ଭାରତୀ ସିଂ ବରିହା, ରାଜଶ୍ରୀ ମହାନ୍ତି, ରାଜସ୍ମିତା ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ ।ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା ।



## ମୁଖ୍ୟ ସଡ଼କର ଏଲ୍ଇଡି ଲାଇଟ୍ —
# ଅଧା ଜଳୁଛି, ଅଧା ଜଳୁନି



ଉମରକୋଟ:(ଭାସ୍କର ନ୍ୟୁଜ): ନବରଙ୍ଗପୁର ଜିଲ୍ଲା ଉମରକୋଟ ସହରର ସୌନ୍ଦର୍ଯ୍ୟକରଣ ନିମନ୍ତେ ପୌର ପରିଷଦ ପକ୍ଷରୁ ଦଣ୍ଡକାରଣ୍ୟ ଠାରୁ ପୁରୁଣା ବସଷ୍ଟାଣ୍ଡ ପର୍ଯ୍ୟନ୍ତ ଉମରକୋଟ ସହରର ମୁଖ୍ୟ ସଡ଼କର ଡିଭାଇଡ଼ର ମଝିରେ ଥିବା ବିଦ୍ୟୁତ୍ ଖୁଣ୍ଟ ଗୁଡ଼ିକରେ ଲଗାଯାଇଥିଲା ଏଲଇଡି ଲାଇଟ୍। ପରିତାପର ବିଷୟ ସେହି ଏଲ୍ଇଡି ଲାଇଟ ଗୁଡିକ ମଧ୍ୟରୁ ଅଧାଅଧି ଜଳୁଥିବା ବେଳେ ଆଧା ଜଳୁନାହିଁ । ଗୋଟିଏ ବର୍ଷ ମଧ୍ୟ ଗଲା ନାହିଁ ଏହି ଲାଇଟ୍ ଗୁଡ଼ିକ। ପୌର ପରିଷଦ ତରଫରୁ ୬୫ ଟି ବିଦ୍ୟୁତ ଖୁଣ୍ଟ ପୋତା ଯାଇଥିଲା। ସେଥିମଧ୍ୟରୁ କେତୋଟି ବିଦ୍ୟୁତ ଖୁଣ୍ଟ ଗାଡ଼ି ଧକ୍କାରେ ଭାଙ୍ଗି ଗଲାଣି। ଆଉ ଯାହା ବାକି ରହିଲା ସେଥିମଧ୍ୟରୁ ୧୫ ରୁ ଊର୍ଦ୍ଧ୍ୱ ବିଦ୍ୟୁତ ଖୁଣ୍ଟରେ ଜମାରୁ ଲାଇଟ ଲାଗୁନି। ବାକି ଯାହା ରହିଲା ବିଦ୍ୟୁତ ଖୁଣ୍ଟ ଲାଗିଥିବା ଲାଇଟି ଗୁଡ଼ିକ ଅଧା ଜଳୁଛି ଅଧା ଜଳୁନି। ଠିକ ସେହିପରି ଦଣ୍ଡକାରଣ୍ୟ ଠାରେ ଥିବା 'ଆଇ ଲଭ ଉମରକୋଟ'ର ମଧ୍ୟ ସମାନ ପରିସ୍ଥିତି ଦେଖିବାକୁ ମିଳିଛି ।ସେଠାରେ ବି ଅର୍ଦ୍ଧାଧିକ ଲାଇଟ ଜଳୁ ନାହିଁ ରକ୍ଷଣା ଅଭାବରୁ ଏହା ଭାଙ୍ଗି ରୁଜି ଗଲାଣି। ସରକାର କା ମାଲ ଦରିଆ ମେ ଡାଲ ଭଳି ମନେ ହେଉଛି। ସରକାରଙ୍କ କୋଟି କୋଟି ଟଙ୍କାର ଅପବ୍ୟୟ ଏଠାରେ ଦେଖିବାକୁ ମିଳିଛି। ଉମରକୋଟ ସହରକୁ ସ୍ୱଚ୍ଛ ଓ ସୁନ୍ଦର କରିବାକୁ ପୌର ପରିଷଦ ଏକଦମ ପଛରେ। ଏଥିପାଇଁ ସହର ବାସୀ ପୌର ଅଧ୍ୟକ୍ଷାଙ୍କୁ ଦାୟୀ କରୁଥିବା ଦେଖିବାକୁ ମିଳିଛି । କାରଣ ଯେଉଁ ଠିକାଦାର ଏହି ଲାଇଟ ଲଗେଇଥିଲେ ଆଜି ପର୍ଯ୍ୟନ୍ତ ତାଙ୍କୁ ଲାଇଟର ଟଙ୍କା ପୈଠ କରାଯାଇନାହିଁ ଗୋଟିଏ ପୋଲରେ ଲାଇଟ ୮୩୦୭/ଟଙ୍କା ଖର୍ଚ୍ଚ ହୋଇଛି। ଏଭଳି ୬୫ ଟି ପୋଲ ରେ ମୋଟ ୫୩୯୯୫୫(ପାଞ୍ଚ ଲକ୍ଷ ଅଣଚାଳିଶ ହଜାର ନଅ ସହ ପଂଚାବନ )ଟଙ୍କା ଖର୍ଚ୍ଚ ହୋଇଛି। କିନ୍ତୁ ଏପର୍ଯ୍ୟନ୍ତ ଠିକାଦାର ବିଲ ପାଇପାରୁନାହିଁ। ଚଳିତ ମାସ ୩୧ ତାରିଖରୁ ଉମରକୋଟ ସହର ପ୍ରସିଦ୍ଧ ମା ଜଗତଜନନୀ ଙ୍କ ନବଦିନ ଯାତ୍ରା ଆରମ୍ଭ ହେବାକୁ ଯାଉଛି । ଏହି ଯାତ୍ରା ଦେଖିବା ପାଇଁ ରାଜ୍ୟ ଓ ଜିଲ୍ଲା ବାହାରୁ ବହୁ ସଂଖ୍ୟା ରେ ଭକ୍ତ ଉମରକୋଟ ସହରେ ଆସିବେ। ଏହି ନଅ ଦିନ ସହର ଉତ୍ସବ ମୁଖର ହୋଇଉଠିବ। ଏପରି ପରିସ୍ଥିତିରେ ଉମରକୋଟ ପୌର ପରିଷଦ ପକ୍ଷରୁ ଧ୍ୟାନ ଦେବା ଆବଶ୍ୟକ ରହିଛି ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

## ପାନୀୟ ଜଳ ଯୋଗାଣ ପାଇଁ ବିଡିଓଙ୍କୁ ଦାବିପତ୍ର



ଖପ୍ରାଖୋଲ(ଭାସ୍କର ନ୍ୟୁଜ) : ଖପ୍ରାଖୋଲ ବ୍ଲକ୍ ଭାନପୁର ଗାଁ ରେ ପାନୀୟ ଜଳ ଯୋଗାଣ ପାଇଁ ଗାଁ ର ମହିଳା ମାନେ ବିଡ଼ିଓ ବିବେକାନନ୍ଦ ଷଡ଼ଙ୍ଗୀ ଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଗାଁ ରେ ଦୁଇବର୍ଷ ହେଲା ପାନୀୟ ଜଳ ଯୋଗାଣ ପାଇଁ ଟେଣ୍ଡର ସରିବା ସହିତ କୂଅ, ଓଭର ହେଡ ଟ୍ୟାଙ୍କ ନିର୍ମାଣ ସରି ସରିଛି। ସେହିପରି ଗାଁ ରେ ଷ୍ଟାଣ୍ଡ ପୋଷ୍ଟ ମଧ୍ୟ ନିର୍ମାଣ ହୋଇଛି। ହେଲେ ଓଭର ହେଡ୍ ଟ୍ୟାଙ୍କରୁ ଗାଁ କୁ ସଂଯୋଗ କରୁଥିବା ପାଇପ ଲାଇନ୍ କାମ ବନ୍ଦଥିବାରୁ ବର୍ଷେ ହେଲା କାମ ଶେଷ ପରେ ବି ପାଣି ପାଇବାରୁ ଗ୍ରାମବାସୀ ବଞ୍ଚିତ ରହିଛନ୍ତି। ତୁରନ୍ତ ପାଇପଲାଇନ ସଂଯୋଗ କରି ପାନୀୟ ଜଳ ଯୋଗାଇ ଦେବାକୁ ସରପଞ୍ଚ ରୀନା ଜାଲ ସମେତ ମହିଳାମାନେ ଦାବିପତ୍ର ପ୍ରଦାନ କରିଥିଲେ। ଏହି ଅବସରରେ ବିଡ଼ିଓ ପାନୀୟ ଜଳ ଯୋଗାଣ ବିଭାଗ ସହକାରୀ ଯନ୍ତ୍ରୀ ଶ୍ୟାମ କୁମାର ଉପସ୍ଥିତ ଥିଲେ। ଏନେଇ ବିଡ଼ିଓ ଙ୍କୁ ପଚାରିବାରୁ ସପ୍ତାହେ ମଧ୍ୟରେ ସମସ୍ୟା ସମାଧାନ କରାଯିବ ବୋଲି କହିଛନ୍ତି।

## ଜିଲ୍ଲାସ୍ତରୀୟ 'ନିପୁଣ ଓଡ଼ିଶା ମେଳା'



ନବରଙ୍ଗପୁର (ଭାସ୍କର ନ୍ୟୁଜ) : ସ୍ଥାନୀୟ ଜିଲ୍ଲା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ, ନବରଙ୍ଗପୁର ଠାରେ ଜିଲ୍ଲା ସ୍ତରୀୟ 'ନିପୁଣ ଓଡିଶା ମେଳା' ୨୦୨୪-୨୫ ମହା ସମାରୋହରେ ଅନୁଷ୍ଠିତ ହୋଇଯାଇଅଛି। ଏହି କାର୍ଯ୍ୟକ୍ରମ ପ୍ରଥମରୁ ତୃତୀୟ ଶ୍ରେଣୀ ର ପିଲାମାନଙ୍କ ମୌଳିକ ଭାଷା ଓ ସଂଖ୍ୟାଜ୍ଞାନର ଉନ୍ନତି ପାଇଁ ଉଦ୍ଦିଷ୍ଟ। ଏହି କାର୍ଯ୍ୟକ୍ରମ କୁ ଜିଲ୍ଲାପାଳ ତଥା ଅଧ୍ୟକ୍ଷ, ସମଗ୍ର ଶିକ୍ଷା, ଡ. ଶୁଭଙ୍କର ମହାପାତ୍ର ଉଦଘାଟନ କରିଥିବାବେଳେ 'ବିଦ୍ୟାଳୟ ରେ ଶିକ୍ଷାଦାନ ସହିତ ଉଚିତ୍ ଶିକ୍ଷଣ ସାମଗ୍ରୀର ଚୟନ ହିଁ ପ୍ରକୃତ ଶିକ୍ଷକର ପରିଚୟ' ର ବାର୍ତ୍ତା ରଖିଥିଲେ। ବରେଣ୍ୟ ଅତିଥି ଭାବରେ ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଲିପିକା ବାରୋଇ, ପି.ଏମ ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ, ନବରଙ୍ଗପୁରର ଅଧ୍ୟକ୍ଷ ହିତେଶ ବର୍ମା, ସମସ୍ତ ବ୍ଲକର ଗୋଷ୍ଠି ଶିକ୍ଷା ଅଧିକାରୀ, ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ, ନବରଙ୍ଗପୁର ର ଅଧ୍ୟକ୍ଷ ଓ ପିରାମଲ ଫାଉଣ୍ଡେସନ ର ଜିଲ୍ଲା ପ୍ରତିନିଧି ଯୋଗ ଦେଇଥିଲେ । ଉକ୍ତ କାର୍ଯ୍ୟକ୍ରମକୁ ଜିଲ୍ଲା ଶିକ୍ଷା ଅଧିକାରୀ ଛତ୍ରପତି ସାହୁ ପରିଚାଳନା କରିଥିବା ବେଳେ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଡ. ରେଶମ ଲାଲ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ରେ ୧୦ ଗୋଟି ବ୍ଲକ ରୁ ୧୦୦ ରୁ ଊର୍ଦ୍ଧ୍ୱ ଶିକ୍ଷକଙ୍କ ଦ୍ୱାରା ବିଭିନ୍ନ ଶିକ୍ଷଣ ସାମଗ୍ରୀ ପ୍ରଦର୍ଶନ କରିବା ସହ, ସମଗ୍ର ଶିକ୍ଷା ତରଫରୁ ୨ ଗୋଟି ଶିକ୍ଷଣ ସାମଗ୍ରୀ ଷ୍ଟଲ ପ୍ରଦର୍ଶନୀ କରାଯାଇଥିଲା । ଏହା ସହିତ ଜିଲ୍ଲା ପ୍ରୟୋଗଶାଳା ର ୩୦ ଜଣ ଶିଶୁ ଙ୍କ ସହ ସେମାନଙ୍କ ପିତାମାତା ଓ ଅଭିଭାବକ ଯୋଗ ଦେଇ ଶିକ୍ଷଣ ସାମଗ୍ରୀ ଷ୍ଟଲ୍ ଗୁଡ଼ିକ ବୁଲି ଦେଖିଥିଲେ। ସମାବର୍ତ୍ତନ ସମାରୋହ ରେ ମୁଖ୍ୟ ଅତିଥି ଭାବରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଦ୍ରୌପଦୀ କହଁର ଯୋଗଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଡାବୁଗାଁ ବ୍ଲକ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ, ରାଇଘର ଓ ଚନ୍ଦାହାଣ୍ଡି ବ୍ଲକ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ । ଏହା ସହ ଅନ୍ୟ ସମସ୍ତ ବ୍ଲକ କୁ ଜିଲ୍ଲା ଶିକ୍ଷା ବିଭାଗ ତରଫରୁ ସ୍ମୃତି ଫଳକ ପ୍ରଦାନ କରାଯାଇଥିଲା ।ଏହି କାର୍ଯ୍ୟକ୍ରମ କୁ ଶୈକ୍ଷିକ ସଂଯୋଜକ କବିତା ପଣ୍ଡା ସଂଯୋଜନା କରିଥିଲେ। ଏଥିରେ ସମଗ୍ର ଶିକ୍ଷା କାର୍ଯ୍ୟାଳୟ ଓ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

## ଜୟ କିଷାନ ଆନ୍ଦୋଳନକାରୀଙ୍କ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ




ବରଗଡ(ଭାସ୍କର ନ୍ୟୁଜ) : ବରଗଡ଼ ଗାନ୍ଧୀ ଛକ ଠାରେ ଜୟ କିଷାନ ଆନ୍ଦୋଳନ ତରଫରୁ କୁଶପୁତ୍ତଳିକା ଦାହ କାର୍ଯ୍ୟକ୍ରମ ରଖାଯାଇଥିଲା । କିନ୍ତୁ କୁଶପୁତ୍ତଳିକା ଦାହ କରିବା ସମୟରେ ଶହ ଶହ ସଂଖ୍ୟାରେ ପୋଲିସ ପହଞ୍ଚି ପୁତ୍ତଳିକା ଛଡେଇ ନେଇ ନିଜେ ଚିରି ଦେଇଥିଲେ। ଜୟ କିଷାନ ଆନ୍ଦୋଳନର କର୍ମୀମାନେ ଗାନ୍ଧୀ ଛକ ଠାରେ ସମବେତ ହୋଇ ଚାଷୀ ଆନ୍ଦୋଳନକୁ ଦମନ କରିବା ଚଳିବ ନାହିଁ ଆଦି ସ୍ଲୋଗାନ ଦେଇ ଏକ ପଥପ୍ରାନ୍ତ ସଭା କରାଯାଇଥିଲା। ଦିଲ୍ଲୀର ଖନୌରୀ ଏବଂ ସଂହୁ ବୋର୍ଡର ରେ ଚାଲିଥିବା କୃଷକ ଆନ୍ଦୋଳନକୁ ଗତ ୧୯ ତାରିଖ ରେ ଯେଭଳି ଭାବରେ ଦମନ କରାଗଲା ଏବଂ ସରକାରଙ୍କ ସହିତ ଆଲୋଚନା ସମୟରେ ସେହି କୃଷକ ନେତାମାନଙ୍କୁ ଯେଭଳି ଭାବରେ ଗିରଫ କରାଗଲା ଏହାକୁ ଚାଷୀ ନେତା ଲିଂଗରାଜ ଦୃଢ ନିନ୍ଦା କରିଥିଲେ। ତିନି କଳା କୃଷି ଆଇନ ପ୍ରତ୍ୟାହାର ସମୟରେ ଯେଉଁ ସବୁ ପ୍ରତିଶ୍ରୁତି ସରକାର ଦେଇଥିଲେ ସହି ପ୍ରତିଶ୍ରୁତି ପାଳନ ପାଇଁ ସଂଯୁକ୍ତ କିଷାନ ମୋର୍ଚ୍ଚା ପୁଣି ଥରେ ଆନ୍ଦୋଳନ ର ଆରମ୍ଭ କରାଯାଇଥିଲା। ସଂଯୁକ୍ତ କିଷାନ ମୋର୍ଚ୍ଚା (ଅଣରାଜନୈତିକ) ର ନେତା ଜଗଜୀତ ସିଂହ ଦଲ୍ଲେୱାଲ ଦୀର୍ଘ ୧୨୦ ଅନଶନରେ ଥିଲେ। ବିଭିନ୍ନ ପର୍ଯ୍ୟାୟ ରେ ସରକାର ଆନ୍ଦୋଳନକାରୀମାନଙ୍କ ସହିତ ଆଲୋଚନା ମଧ୍ୟ କରୁଥିଲେ। କିନ୍ତୁ ହଠାତ୍ ପଞ୍ଜାବର ଭଗବତ ସିଂ ମାନ ସରକାର ବୁଲଡୋଜର୍ ଚଲାଇ ଆନ୍ଦୋଳନକୁ ଛିନ୍ନଛତ୍ର କରିଦେଇଛି ଏହାକୁ ବରଦାସ୍ତ କରାଯିବ ନାହିଁ ଏବଂ ଆଗାମୀ ଦିନରେ ରାଷ୍ଟ୍ରୀୟ ସ୍ତରରେ ପୁଣି କୃଷକ ଆନ୍ଦୋଳନ ସଂଗଠିତ ହୋଇ ସଂଘର୍ଷ କରିବେ ଏବଂ ଚାଷୀ ବିରୋଧି ସରକାରମାନଙ୍କୁ ଉଚିତ ଜବାବ ଦିଆଯିବ ବୋଲି ଶ୍ରୀ ଲିଂଗରାଜ କହିଥିଲେ । ଏହି କାର୍ଯ୍ୟକ୍ରମରେ ଜୟ କିଷାନ ଆନ୍ଦୋଳନର ଜିଲ୍ଲା ସଭାପତି ସୁଶୀଲ କୁମାର ସାହୁ, ସାଧାରଣ ସଂପାଦକ ହରବଣିଆଁ, ବରିଷ୍ଠ ଚାଷୀ ନେତା ଶିବ ପ୍ରସାଦ ପ୍ରଧାନ, ଚଞ୍ଚଳ ପ୍ରଧାନ, ଅରୁଣ କୁମାର ସାହୁ, ସରୋଜ ପଧାନ, ସିଲିଂ ସାହୁ, ଭଞ୍ଜନ ବାରିକ, କିଶୋର ସାହୁ, କୁନା ବେହେରା, ବିଜୟ ପ୍ରଧାନ, ତପୋବନ୍ତ ନାୟକ ରେବତି କାନ୍ତ ବେହେରା, ଲକ୍ଷ୍ମଣ ସୁନା ଉପସ୍ଥିତ ଥିଲେ।

## ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳା
# ନିରାଶ ହୋଇ ଫେରିଲେ ୧୨ଟି ବ୍ଲକ୍‌ର ଚାକିରି ଆଶାୟୀ ଯୁବକ-ଯୁବତୀ

- ସମୁଦାୟ ୬୦ଟି ଷ୍ଟଲରୁ ଅଧିକାଂଶ ଖାଲି
- ରେଜିଷ୍ଟ୍ରେସନ ପରେ ତୁରନ୍ତ ବନ୍ଦକୁ ନେଇ ଅସନ୍ତୋଷ
- ନିଯୁକ୍ତି ମେଳାରେ ଥିଲେ ନାମ ନଥିବା ସଂସ୍ଥା

କନ୍ଧମାଳ(ଭାସ୍କର ନ୍ୟୁଜ୍): କନ୍ଧମାଳ ଜିଲ୍ଲା ପ୍ରଶାସନର ଅଣଦେଖା ଫଳରେ ଜିଲ୍ଲାର ଶିକ୍ଷିତ ଯୁବକ ଓ ଯୁବତୀ ନିଯୁକ୍ତି ମେଳାକୁ ଯାଇ ନିରାଶ ହୋଇ ଫେରିଛନ୍ତି। ଉକ୍ତ ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳାଟି ଓଡ଼ିଶା ଦକ୍ଷତା ବିକାଶ ପ୍ରାଧି ମିଳିତ ଆନୁକୂଲ୍ୟରେ ଆସନ୍ତା ତା: ୨୮.୦୩.୨୦୨୫ ଫୁଲବାଣୀ କରୋନେସନ୍ ପଡ଼ିଆ ଠାରେ ଆୟୋଜନ କରାଯାଇଥିଲା। ଏହି ମେଳାରେ ରାଜ୍ୟରେ ଥିବା ଛୋଟ ଛୋଟ ସଂସ୍ଥା ନିଯୁକ୍ତିଦାତା ଓ ତାଲିମ୍ ପ୍ରଦାନକାରୀ ସଂସ୍ଥା ଯୋଗଦେଇ ଥିବା ବେଳେ ୬୦ ଗୋଟି ଷ୍ଟଲରୁ ଅଧିକାଂଶ ଷ୍ଟଲ ଗୁଡିକ ଖାଲି ପଡିଥିଲା। ଏହା ସହିତ ମଧ୍ୟ ନିଜ ନିଜର ଫ୍ଲେକ୍ସ ଓ କାଗଜ ପତ୍ର ଠିକ ନ ଥିବାର ଦେଖିବାକୁ ମିଳିଥିଲା। ସେହିପରି ମଧ୍ୟ ଯୁବକ ଓ ଯୁବତୀ ମାନେ ରେଜିଷ୍ଟ୍ରି କରିସାରିବା ପରେ କିଛି ସମୟପରେ ଷ୍ଟଲ ଗୁଡିକ ବନ୍ଦ ହୋଇଯାଇଥିଲା। ଏଥିରେ ଯୁବକ ଓ ଯୁବତୀ ମାନେ ବହୁତ ହଇରାଣ ହୋଇ ମନ ଦୁଃଖ କରିଥିଲେ ।ଉକ୍ତ ନିଯୁକ୍ତି ମେଳା ପାଇଁ ଆସିଥିବା ୧୨ ଟି ବ୍ଲକର ଯୁବକ ଓ ଯୁବତୀ ମାନଙ୍କ ପାଇଁ କିଛି ଯିବା ଆସିବାର ବ୍ୟବସ୍ଥା ନ ଥିବ ବେଳେ ସେମାନେ ଏହି ମେଳାକୁ ଆସି ହଇରାଣ ହୋଇଥିବା ଅଭିଯୋଗ କରିଛନ୍ତି। ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳାରେ କେତେକ ନାଁ ନ ଥିବା ସଂସ୍ଥା ଓ ସ୍ୱଳ୍ପକାଳୀନ ତାଲିମ୍ ପରେ ନିଯୁକ୍ତି ପ୍ରଦାନ କରିବାର ଷ୍ଟଲ ମଧ୍ୟ ଆସିଥିଲେ। ସୁତରାଂ କନ୍ଧମାଳ ଜିଲ୍ଲାର ଚାକିରି ସନ୍ଧାନରେ ଥିବା ୧୮ ରୁ ୩୫ ବର୍ଷ ମଧ୍ୟରେ ୫ମ ପାସରୁ ସ୍ନାତକ ପାସ୍ କରିଥିବା ଆଗ୍ରହୀ ଯୁବକ ଓ ଯୁବତୀମାନେ ଉକ୍ତ ମେଳାରେ ଭାଗ ନେବାର ସୁଯୋଗ ରଖାଯାଇଥିଲା ହେଲେବି ଆଶା ରୁ ନିରାଶା ହୋଇ ଶତାଧିକ ଯୁବକ ଓ ଯୁବତୀ ଫେରିଥିଲେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଏଥିପ୍ରତି ଦୃଷ୍ଟି ଦେଇ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଦକ୍ଷତା ବିକାଶ ଓ ନିୟୋଜନ ଅଧିକାରୀ କନ୍ଧମାଳଙ୍କ ପ୍ରତି ଦୃଢ଼ କାର୍ଯ୍ୟାନୁଷ୍ଠାନ ନେଲେ ନିଯୁକ୍ତି ମେଳାରେ ଯୁବକ ଓ ଯୁବତୀ ରୋଜଗାର ପାଇପାରିବେ ବୋଲି ବୁଦ୍ଧିଜୀବୀ ମହଲରେ କୁହାଯାଇଛି।

## ମେକା ଆଶ୍ରମ ବିଦ୍ୟାଳୟର ଚତୁର୍ଥ ବାର୍ଷିକ ଉତ୍ସବ




ମାଲକାନଗିରି (ଭାସ୍କର ନ୍ୟୁଜ) : ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ୍ ଅନ୍ତର୍ଗତ ମେକା ପଞ୍ଚାୟତର ଅନୁସୂଚିତ ଜାତି ଓ ଜନଜାତି ଆଶ୍ରମ ବିଦ୍ୟାଳୟର ଚତୁର୍ଥ ବାର୍ଷିକ ଉତ୍ସବ ଉତ୍ସାହ ଏବଂ ଉଦ୍ଦୀପନାର ସହ ପାଳନ କରାଯାଇଥିଲା। ଏହି ଅବସରରେ ସ୍ଥାନୀୟ ନେତା, ଶିକ୍ଷକ ଏବଂ ସମାଜସେବୀ ମାନେ ଯୋଗଦେଇ ବିଦ୍ୟାଳୟର ଉନ୍ନତି ଏବଂ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ ବିଷୟରେ ଉଦ୍‌ବୋଧନ ଦେଇଥିଲେ। ଉତ୍ସବର ମୁଖ୍ୟ ଅତିଥି ରଞ୍ଜିତା ପୂଜାରୀ (ସରପଞ୍ଚ, ମେକା) ଉଦ୍‌ବୋଧନ ଦେଇ କହିଲେ, ଉଚ୍ଚତମ ଶିକ୍ଷା ଏବଂ ସମ୍ପୃକ୍ତିରେ ଗ୍ରାମର ଅଗ୍ରଗତି ଅତ୍ୟନ୍ତ ଆବଶ୍ୟକ। ଏହି ପ୍ରକାର ଆୟୋଜନ ଦ୍ୱାରା ଛାତ୍ରଛାତ୍ରୀମାନେ ଉତ୍ସାହ ଓ ନୂଆ ଅବସର ପାଇବେ। ଏହି ଉତ୍ସବରେ ସମ୍ମାନିତ ଅତିଥିମାନଙ୍କ ମଧ୍ୟରୁ ସମାଜସେବୀ ସଦାଶିବ ପୂଜାରୀ , ପ୍ରଧାନ ଶିକ୍ଷକ ଶ୍ୟାମ ସୁନ୍ଦର ବାରିକ, ସଭାପତି ଭୀମସେନ ପୂଜାରୀ, ମେକା ସମିତି ସଭ୍ୟ ମୁକ୍ତା ପୂଜାରୀ, ନାଏବ ସରପଞ୍ଚ ପଦ୍ମିନୀ ଦାସା, ଶିକ୍ଷକ କବିରାଜ ପ୍ରଧାନ , ବିଜୟ ପାତ୍ର, କାଶୀ ବିଶ୍ୱନାଥ ସୁନାମୁଦି, ମୋହନ ପାଙ୍ଗି, କ୍ଷୀରୋଦ ମହାନ୍ତି, ପ୍ରସନ ନାୟକ ଓ ଅନ୍ୟମାନେ ମଧ୍ୟ ଉପସ୍ଥିତ ଥିଲେ। ଏହି ଉତ୍ସବର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଶିକ୍ଷା ଏବଂ ଅଗ୍ରଗତି ଦିଗରେ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିବା। ଶେଷରେ, ବିଦ୍ୟାଳୟ ପକ୍ଷରୁ ଅତିଥିମାନଙ୍କୁ ସମ୍ମାନିତ କରାଯାଇଥିଲା

## ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ମାଲକାନଗିରି (ଭାସ୍କର ନ୍ୟୁଜ) : ମାଲକାନଗିରି ସଦର ମହକୁମାରେ ସ୍ଥିତ ଜୟପୁରିଆ ଗୁଡ଼ା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ କଳ୍ପନା ରାୟଙ୍କୁ ବିଦ୍ୟାଳୟ ପରିଚାଳନା କମିଟି ତରଫରୁ ଅବସର କାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଏଥିରେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ସୋନୁ ମୁଦୁଲିଙ୍କ ସଭାପତିତ୍ୱରେ, ଗୋଟିଏ ସଭାର ଆୟୋଜନ କରାଯାଇଥିଲା। ଉକ୍ତ ସଭାରେ ଉପ- ସଭାପତି ତାରା ମାଝୀ, ସାମ୍ବାଦିକ ତଥା ଶିକ୍ଷାବିତ୍ ଶିବ ପ୍ରସାଦ କୀର୍ତ୍ତନିୟା,ସିଆରସିସି,



ମାନସ ମହାପାତ୍ର, ଗାନ୍ଧୀନଗର ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଅରୁଣା ବେପାରୀ, ସହକାରୀ ଶିକ୍ଷୟିତ୍ରୀ ବେଲା ରାଣୀ ଶୀଲ ଏବଂ ସୁନୀତି ଗୋଲଦାର ଯୋଗଦେଇଥିଲେ। ଏହି ସଭାରେ ସମସ୍ତ ଅତିଥି ମାନେ କଳ୍ପନା ରାୟଙ୍କ ଦୀର୍ଘ ୩୫ ବର୍ଷର ଶିକ୍ଷକତା ଜୀବନର ବିଭିନ୍ନ ଘଟଣା ବିଷୟରେ ବକ୍ତବ୍ୟ ପ୍ରଦାନ କରିବା ସଙ୍ଗେ ସଙ୍ଗେ, ଉପସ୍ଥିତ ସମସ୍ତ ଛାତ୍ରଛାତ୍ରୀମାନଙ୍କୁ ମନଦେଇ ପାଠ ପଢ଼ି ଉଜ୍ଜ୍ୱଳ ଭବିଷ୍ୟତ ଗଢ଼ିବା ସହିତ ଉତ୍ତମ ଚରିତ୍ର ଗଠନ ନିମନ୍ତେ ଉପଦେଶ ଦେଇଥିଲେ। ଏହି ଅବସରରେ ବିଦ୍ୟାଳୟ ପରିଚାଳନା କମିଟି ଏବଂ ଛାତ୍ରଛାତ୍ରୀମାନଙ୍କ ତରଫରୁ କଳ୍ପନା ରାୟଙ୍କୁ ବିଭିନ୍ନ ଉପଢୌକନ ଓ ଉପହାର ପ୍ରଦାନ କରାଯାଇଥିଲା। ସହକାରୀ ଶିକ୍ଷୟିତ୍ରୀ ବେଲା ରାଣୀ ଶୀଲ ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ଓ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

## ଗବେଷିକାଙ୍କ ବିଭିନ୍ନ ବିଦ୍ୟାଳୟ ପରିଦର୍ଶନ




ବରଗଡ(ଭାସ୍କର ନ୍ୟୁଜ) : ସୋହେଲା ବ୍ଲକର ବିଭିନ୍ନ ଉଚ୍ଚ ବିଦ୍ୟାଳୟକୁ ନିଜର ଗବେଷଣାର ତଥ୍ୟ ସଂଗ୍ରହ ପାଇଁ ଗବେଷିକା ପ୍ରମିତା ନାୟକ ପରିଦର୍ଶନ କରିଥିଲେ । ସମ୍ବଲପୁର ବିଶ୍ୱବିଦ୍ୟାଳୟ ଅଧିନରେ ଡ. ପର୍ଶୁରାମ ମିଶ୍ର ଅଗ୍ରଗାମୀ ଶିକ୍ଷା ପ୍ରତିଷ୍ଠାନର ଗବେଷିକା ପ୍ରମିତା ନାୟକ 'ବରଗଡ ଜିଲ୍ଲାର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ପଠନ ଅଭ୍ୟାସ, ବୁଦ୍ଧିମତା ଏବଂ ଚାପର ଶୈକ୍ଷିକ ଉପଲବ୍ଧି ଉପରେ ପ୍ରଭାବର ଏକ ଅଧ୍ୟୟନ' ଶୀର୍ଷକ ଉପରେ ନିଜର ଗବେଷଣା ପାଇ ଆବଶ୍ୟକ ତଥ୍ୟ ଏବଂ ସୂଚନା ସଂଗ୍ରହ କରିବା ପାଇଁ ସୋହେଲା ବ୍ଲକର ଜଟଲା, ସରକଣ୍ଡା, କନଗାଁ, ସୋହେଲା ବାଳକ ଉଚ୍ଚ ବିଦ୍ୟାଳୟ, ସୋହେଲା ବାଳିକା ଉଚ୍ଚ ବିଦ୍ୟାଳୟ ଓ ପାଣିମୋରା ଉଚ୍ଚ ବିଦ୍ୟାଳୟକୁ ପରିଦର୍ଶନ କରି ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଉପସ୍ଥିତିରେ ଛାତ୍ରଛାତ୍ରୀମାନଙ୍କ ସହ ଆଲୋଚନା କରିଥିଲେ । ଏହି ପରିଦର୍ଶନ ସମୟରେ ସମ୍ବଲପୁର ବିଶ୍ୱ ବିଦ୍ୟାଳୟ ଜ୍ୟୋତିବିହାର ଶିକ୍ଷା ବିଭାଗର ମୁଖ୍ୟ ପ୍ରଫେସର ଯୁବରାଜ ଖମାରୀ, ସିଆରସିସି କେଦାରନାଥ ସାହୁ, ସିଆରସିସି ନରେଶ ଚନ୍ଦ୍ର ସାହୁ ଉପସ୍ଥିତ ଥିଲେ ।

## ୨ ଷ୍ଟ୍ରବେରୀ ଚାଷୀ ରାଜ୍ୟସ୍ତରରେ ସମ୍ମାନିତ

କୋରାପୁଟ(ଭାସ୍କର ନ୍ୟୁଜ୍): ଭୁବନେଶ୍ୱର ଆୟୋଜିତ ସିଓ୍ୱାଇଏସଡିର ୪୩ତମ ବାର୍ଷିକ ଉତ୍ସବରେ କୋରାପୁଟ ଜିଲ୍ଲା କାଉଗୁଡା ଗ୍ରାମର ୨ମହିଳା ଷ୍ଟବେରୀ ଚାଷୀ ସମ୍ମାନିତ ହୋଇଛନ୍ତି । ଏଥିରେ ରାଜ୍ୟ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଜୈବିକ ପଦ୍ଧତିରେ ଷ୍ଟବେରୀ ଚାଷ କରି ଜିଲ୍ଲା ପାଇଁ ସଫଳତା ଆଣିଥିବା ମାଳତୀ ଗଦବା ଓ କମଳା ଗଦବାଙ୍କୁ ସମ୍ମାନିତ କରିଥିଲେ । କୋରାପୁଟ ଜିଲ୍ଲା ପ୍ରଶାସନ ଓ ସିଓ୍ୱାଇଏସଡିର ମିଳିତ ସହଯୋଗରେ କାଉଗୁଡା ଗ୍ରାମର ମାଳତୀ ଓ କମଳାଙ୍କ ନେତୃତ୍ୱରେ ୩୨ଚାଷୀ ୨୦ଏକର ଜମିରେ ଷ୍ଟବେରୀ ଅମଳ କରିଛନ୍ତି । କାର୍ଯ୍ୟକ୍ରମରେ ରାଜ୍ୟ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ବିଭାଗୀୟ ସଚିବ ଆର.ଏସ. ଗୋପୀନାଥ, ପୂର୍ବତନ ସୁପ୍ରିମକୋର୍ଟ ଜର୍ଜ ଅନଙ୍ଗ କୁମାର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

## ଜଙ୍ଗଲ ଧୂଆଁରେ ଅଣନିଃଶ୍ୱାସୀ ଫୁଲବାଣୀବାସୀ

କନ୍ଧମାଳ(ଭାସ୍କର ନ୍ୟୁଜ୍): କନ୍ଧମାଳ ଜିଲ୍ଲା ଫୁଲବାଣୀ ବନ ବିଭାଗ ଅଧିକାରୀ ଓ କର୍ମଚାରୀଙ୍କ ମନମୁଖୀ ଓ ଦାୟିତ୍ୱହୀନତାଯୋଗୁ ଖରାଦିନେ ଜଙ୍ଗଲ ନଷ୍ଟ, ଜଙ୍ଗଲ ପୋଡି ହେବା ଫଳରେ ଫୁଲବାଣୀ ଜନସାଧାରଣ ମାନେ ଧୂଆଁରେ ଶ୍ୱାସରୁଦ୍ଧହୋଇ ବିଭିନ୍ନ ରୋଗରେ ପୀଡିତ ହେଉଥିବାର ଅଭିଯୋଗ ହୋଇଛି। ଖରାଦିନ ଆସିଲେ ବନ ବିଭାଗ କୋଟି କୋଟି ଟଙ୍କା ଖର୍ଚ୍ଚ କରି ରହିବା ସ୍ଥାନରେ ଗଛ ଲଗାଇ,ବିଭିନ୍ନ ସଚେତନତା କରିଛି। କିନ୍ତୁ ଫଳ ନିଷ୍ଫଳ ।ଏହା ପ୍ରତି ମୁଖ୍ୟମନ୍ତ୍ରୀ, ଜଙ୍ଗଲ ବିଭାଗ ମନ୍ତ୍ରୀ ବନ ବିଭାଗ ଅଧିକାରୀଙ୍କ କିଛି ଦୃଢ଼ କାର୍ଯ୍ୟାନୁଷ୍ଠାନ ନ ହେବା ଫଳରେ ଜନସାଧାରଣ ମାନେ ବିପଦର ସମ୍ମୁଖିନ ହେଉଛନ୍ତି ।ବନ ବିଭାଗ ଅଧିକାରୀ ଫୁଲବାଣୀ ଓ କନ୍ଧମାଳର ଚତୁର୍ପାର୍ଶ୍ୱରେ ଧୂଆଁ ହେବା ଓ ଜଙ୍ଗଲ ପୋଡି ଜାଣି କୌଣସି ଦୃଢ଼ ପଦକ୍ଷେପ ନନେଇ ଜନସାଧାରଣ ଙ୍କୁ ବିପଦ ମୁହଁକୁ ଠେଲିଦେଉଛନ୍ତି। ଜଙ୍ଗଲ ମନ୍ତ୍ରୀ ବନ ଅଧିକାରୀଙ୍କ ପ୍ରତି ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ସହିତ ଏହାର କିପରି ସୁରକ୍ଷା ହେବ ଦୃଷ୍ଟି ଦେବା ପାଇଁ ଦାବି ହେଉଛି।

## ଲାଞ୍ଚ କାରବାର ମାମଲାରେ ଡା. ନିଶିଥ ନିଶାନ୍ତ ମାଲୁ ଦଣ୍ଡିତ



କନ୍ଧମାଳ(ଭାସ୍କର ନ୍ୟୁଜ) : ଫୁଲବାଣୀ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ବିଚାରପତି ସମର ବିଳାସ ବେହେରା ଶୁକ୍ରବାର ଏକ ଲାଞ୍ଚ କାରବାର ମାମଲାରେ ଜଣେ ଡାକ୍ତରଙ୍କୁ ଦୋଷୀ ସାବ୍ୟସ୍ତ କରି ୩ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ତାଙ୍କୁ ଜରିମାନା ମଧ୍ୟ କରାଯାଇଛି। ଏହି ଦଣ୍ଡିତ ଡାକ୍ତର ମନରେ ଭୟର ବାତାବରଣ ଦେଖାଯାଇଛି। ଜନସାଧାରଣମାନେ ଉଚିତ ସଜା କୋର୍ଟରେ ବିଚାରପତି ଶୁଣାଇଛନ୍ତି ।ସେ ହେଲେ କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ପୂର୍ବତନ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. ନିଶିଥ ନିଶାନ୍ତ ମାଲୁ। ବର୍ତ୍ତମାନ ସେ ତାଳଚେର ଉପଖଣ୍ଡ ଚିକିତ୍ସାଳୟରେ ମେଡିକାଲ ଅଫିସର ଅଛନ୍ତି।

## ଭାରସିଂ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ



ଗୁଣୁପୁର(ଭାସ୍କର ନ୍ୟୁଜ) : ଗୁଣପୁର ବ୍ଲକ ଅନ୍ତର୍ଗତ ଭାରସିଂ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ମହା ଆଡମ୍ବରରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ପ୍ରାକ୍ତନ ସ୍ୱତନ୍ତ୍ର ସଚିବ ରଘୁମଣି ଗମାଙ୍ଗ ଯୋଗଦେଇ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସଂସ୍କାର ଓ ଚରିତ୍ର ଗଠନ ହୋଇପାରିଲେ ସେମାନେ ସମାଜରେ ପ୍ରତିଷ୍ଠିତ ହୋଇପାରିବେ ସେଥିପାଇଁ ଅଭିଭାବକ ଓ ଶିକ୍ଷକଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି କହିଥିଲେ । ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ପ୍ରଦୀପ୍ତ କୁମାର ଦଳେଇ, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଗଙ୍ଗାଧର ବେହେରା, ବାଘଶାଳା ଗ୍ରାମ ପଞ୍ଚାୟତ ସରପଞ୍ଚ , ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବାଳକକ୍ରିଷ୍ଣ ଶବର, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଚକ୍ରପାଣି ରତ୍ନାଲୁ, ଗୌରୀଶଂକର ମିଶ୍ର ଓ ମୁଖ୍ୟବକ୍ତା ଭାବେ ଶିକ୍ଷା ମଣ୍ଡଳାଧିଶ ଶ୍ୟାମଘନ ଭୂୟାଁ ଯୋଗଦେଇ ଶୃଙ୍ଖଳା ବିକାଶର ଚାବିକାଠି, ତେଣୁ ଛାତ୍ରଛାତ୍ରୀ ଶୃଙ୍ଖଳିତ ହେବା ସହ କଠିନ ପରିଶ୍ରମ କଲେ ଜୀବନର ଲକ୍ଷସ୍ଥଳରେ ପହଂଚି ପାରିବେ ବୋଲି ନିଜ ବକ୍ତବ୍ୟରେ କହିଥିଲେ। କାର୍ଯ୍ୟକ୍ରମର ଆବାହକ ତଥା ପ୍ରଧାନଶିକ୍ଷକ ଦେବେନ୍ଦ୍ର କୁମାର ପଣ୍ଡା ବିବରଣି ପାଠ କରିବା ସହ ଏହି ବିଦ୍ୟାଳୟର ଛାତ୍ରଛାତ୍ରୀ ରାଜ୍ୟସ୍ତରର ବିଭିନ୍ନ ପ୍ରତିଯୋଗିତାରେ ଶ୍ରେଷ୍ଠତା ପ୍ରତିପାଦନ କରି ବିଦ୍ୟାଳୟକୁ ଗୌରବାନ୍ୱିତ କରିଆସୁଥିବା ଯୋଗୁ ବିଦ୍ୟାଳୟରେ ଏକ ଖେଳ ପଡିଆ ଯୋଗାଇଦେବା ପାଇଁ ପ୍ରଶାସନ ପକ୍ଷରୁ ପଦକ୍ଷେପ ନେବା ପାଇଁ ଅନୁରୋଧ କରିଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ ମୋନାଲିସା ପଣ୍ଡା ସଂଯୋଜନା କରିଥିବାବେଳେ ପୁରସ୍କାର ବିତରଣ କାର୍ଯ୍ୟକ୍ରମକୁ ଶିକ୍ଷକ ସନ୍ତୋଷ ପଣ୍ଡା ପରିଚାଳନା କରିଥିଲେ। ଏହି ଅବସରରେ ଛାତ୍ରୀମାନେ ଆକର୍ଷଣୀୟ ଓ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରି ସମସ୍ତ ଦର୍ଶକଙ୍କ ମନମୁଗ୍ଧ କରିଦେଇଥିଲେ । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

## ଗୋକୁଳ ପାର୍ବତୀ ଗ୍ରାମ୍ୟ ମହାବିଦ୍ୟାଳୟ କୁନ୍ତରାରେ ଆତ୍ମସୁରକ୍ଷା ତାଲିମ





କୁଚିଣ୍ଡା(ଭାସ୍କର ନ୍ୟୁଜ): ଗୋକୁଳ ପାର୍ବତୀ ଗ୍ରାମ୍ୟ ବିଦ୍ୟାଳୟ କୁନ୍ତରାରେ ଆତ୍ମସୁରକ୍ଷା ତାଲିମ କାର୍ଯ୍ୟକ୍ରମ ହୋଇଯାଇଛି।। ଏହି କାର୍ଯ୍ୟକ୍ରମରେ କଲେଜର ଅଧ୍ୟକ୍ଷ ଖଗପତି ଅମାତ ଓ ପୂର୍ବତନ ଅଧ୍ୟକ୍ଷ ଦୁର୍ଯ୍ୟୋଧନ ମେହେର ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଆତ୍ମ ସୁରକ୍ଷା ତାଲିମ୍‌ର ଗୁରୁତ୍ୱ ବିଷୟରେ ଛାତ୍ରୀମାନଙ୍କୁ ଅବଗତ କରାଇଥିଲେ । ଛାତ୍ରୀମାନେ ନିଜେ ନିଜର ସୁରକ୍ଷା କରିବାକୁ ସକ୍ଷମ ହେବା ସହ ପ୍ରତ୍ୟେକ ସଶକ୍ତ ନାରୀ ଭାବେ ସୁସ୍ଥ ସମାଜ ଗଠନ କରିବାରେ ଅଂଶ ଗ୍ରହଣ କରି ପାରିବେ , ଏହାହିଁ ହେଉଛି ଏହି ଶିବିରର ମୂଳ ଉଦ୍ଦେଶ୍ୟ । ଦୀର୍ଘ ୮ ଦିନ ଧରି ଅନୁଷ୍ଠିତ ହୋଇଥିବା ଏହି ଶିବିରକୁ ଆତ୍ମ ସୁରକ୍ଷା ତାଲିମ୍ ପ୍ରଶିକ୍ଷଣ ଦାୟିତ୍ୱରେ ଥିବା ଅଧ୍ୟାପିକା ଦୀପିକା ବେହେରା ପରିଚାଳନା କରିଥିଲେ। ଅଞ୍ଜନା କିସାନ ମାଷ୍ଟର ଟ୍ରେନର ରୂପେ +୩ ପ୍ରଥମ ବର୍ଷ ଛାତ୍ରୀମାନଙ୍କୁ ତାଲିମ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମର ଅନ୍ତିମରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ଏହି ସଭାରେ ୩୭ ଛାତ୍ରୀଙ୍କୁ ମାନପତ୍ର ପ୍ରଦାନ କରାଯାଇଥିବା ବେଳେ ଅନ୍ୟାନ୍ୟ ସମସ୍ତ ବିଭାଗର ଅଧ୍ୟାପକ ଅଧ୍ୟାପିକା ଉପସ୍ଥିତ ଥିଲେ ଓ ତାଲିମ ଟି ସଫଳ କରିବାରେ ସାହାଯ୍ୟ କରିଥିଲେ।



ଆଗ୍ରା : ମିଆଁମାର ବିନାଶକାରୀ ଭୂମିକମ୍ପ ରିଲିଫ ଓ ଉଦ୍ଧାର କାର୍ଯ୍ୟ ନିମନ୍ତେ ଭାରତ ଅପରେସନ 'ବ୍ରାହ୍ମା'ରେ ନୌସେନା ଜାହାଜ ପଠାଇଛି। ଏହା ସହ ଏକ ଫିଲ୍ଡ ହସ୍ପିଟାଲ ମଧ ଶନିବାର ଏୟାରଲିଫ୍ଟ କରାଯାଇଛି। ବୈଦେଶିକ ମନ୍ତ୍ରାଳୟ (ଏମଇଏ) ଏହି ସୂଚନା ଦେଇଛନ୍ତି। ବିଦେଶ ମନ୍ତ୍ରାଳୟ ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି ଯେ ଏହି ମାନବୀୟ ସହାୟତା ଅଭିଯାନରେ ଆଉ ୨ଟି ନୌସେନା ଜାହାଜ ଖୁବ୍ ଶୀଘ୍ର ମିଆଁମାର ଯାତ୍ରା କରିବେ। ୧୧୮ ସଦସ୍ୟ ଚିକିତ୍ସକ ଦଳଙ୍କ ସହିତ ଏକ ଫିଲ୍ଡ ହସ୍ପିଟାଲକୁ ମଧ ଶନିବାର ଏୟାରଲିଫ୍ଟ କରାଯାଇଛି। ଏହି ଦଳ ଆଗ୍ରାରୁ ପ୍ରସ୍ଥାନ କରିଛନ୍ତି। ଅପରେସନ ବ୍ରହ୍ମାରେ ଜାତୀୟ ବିପର୍ଯ୍ୟୟ ପ୍ରତିକ୍ରିୟା ଦଳ (ଏନଡିଆରଏଫ)ଟିମ ମିଆଁମାରରେ ମୁତୟନ ହୋଇଛି। ଏନଡିଆରଏଫ ଟିମ୍ ଭୂମିକମ୍ପ ପ୍ରଭାବିତ ଅଞ୍ଚଳରେ ରିଲିଫ ଓ ଉଦ୍ଧାର ପରିଚାଳନା ନିମନ୍ତେ ଅତ୍ୟାଧୁନିର ଉପକରଣରେ ସଜ୍ଜିତ, ଯେଉଁଥିରେ ମଜଭୁତ କଙ୍କ୍ରିଟ କଟର ସହିତ ଡ୍ରିଲ ମେସିନ, ହାତୁଡି ଓ ପ୍ଲାଜମା କଟିଂ ମେସିନ ଆଦି ରହିଛି।

## 'ପରିବେଶ-୨୦୨୫' ଶୀର୍ଷକ ଜାତୀୟ ସମ୍ମିଳନୀକୁ ଉଦ୍‌ଘାଟନ କଲେ ରାଷ୍ଟ୍ରପତି



ନୂଆଦିଲ୍ଲୀ : ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଶନିବାର ନୂଆଦିଲ୍ଲୀ ଠାରେ 'ପରିବେଶ - ୨୦୨୫' ଉପରେ ଦୁଇ ଦିନିଆ ଜାତୀୟ ସମ୍ମିଳନୀକୁ ଉଦଘାଟନ କରିଛନ୍ତି। ପରିବେଶ ସହ ଜଡିତ ସମସ୍ତ ଦିବସ ଏହି ବାର୍ତ୍ତା ଦେଇଥାଏ ଯେ ଆମେ ପ୍ରତିଦିନ ସେଗୁଡିକର ଲକ୍ଷ୍ୟ ଏବଂ କାର୍ଯ୍ୟକ୍ରମକୁ ଧ୍ୟାନରେ ରଖିବା ଉଚିତ ଏବଂ ସେସବୁକୁ ଯଥାସମ୍ଭବ ଆମର ଦୈନନ୍ଦିନ ଜୀବନର ଏକ ଅଂଶ କରିବା ଉଚିତ୍ ବୋଲି ଏହି ଅବସରରେ ରାଷ୍ଟ୍ରପତି କହିଥିଲେ । ସଚେତନତା ଏବଂ ସମସ୍ତଙ୍କ ଅଂଶଗ୍ରହଣ ଉପରେ ଆଧାରିତ ନିରନ୍ତର ସକ୍ରିୟତା ଦ୍ୱାରା ହିଁ ପରିବେଶ ସୁରକ୍ଷା ଏବଂ ପ୍ରୋତ୍ସାହନ ସମ୍ଭବ ହୋଇପାରିବ ବୋଲି ସେ ଉଲ୍ଲେଖ କରିଥିଲେ । ରାଷ୍ଟ୍ରପତି କହିଥିଲେ ଯେ ଆମ ପିଲାମାନେ ଏବଂ ଯୁବପିଢ଼ି ବହୁତ ବ୍ୟାପକ ସ୍ତରରେ ପରିବେଶ ପରିବର୍ତ୍ତନର ସମ୍ମୁଖୀନ ହେବା ସହ ଏହି କ୍ଷେତ୍ରରେ ସେମାନଙ୍କୁ ଯୋଗଦାନ କରିବାକୁ ପଡ଼ିବ। ପ୍ରତ୍ୟେକ ପରିବାରର ବୟସ୍କ ମାନେ ଚିନ୍ତା କରନ୍ତି ଯେ ସେମାନଙ୍କ ପିଲାମାନେ କେଉଁ ସ୍କୁଲ କିମ୍ବା କଲେଜରେ ପାଠ ପଢିବେ ଏବଂ ସେମାନେ କେଉଁ କ୍ୟାରିୟର ବାଛିବେ। ମା' ପରି ପ୍ରକୃତି ଆମକୁ ପରିପୁଷ୍ଟ କରେ ବୋଲି ଆମେ ବିଶ୍ୱାସ କରିଥାଉ ଏବଂ ଆମେ ପ୍ରକୃତିକୁ ସମ୍ମାନ ଏବଂ ସୁରକ୍ଷା ଦେବା ଉଚିତ୍ ବୋଲି ରାଷ୍ଟ୍ରପତି ଉଲ୍ଲେଖ କରିଥିଲେ । ରାଷ୍ଟ୍ରପତି କହିଥିଲେ ଯେ ଆମ ଦେଶର ପର୍ଯ୍ୟାବରଣ ପ୍ରଶାସନରେ ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲ (ଏନଜିଟି) ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । ରାଷ୍ଟ୍ରପତି କହିଥିଲେ ଯେ ଆମ ଦେଶ ଏବଂ ସମଗ୍ର ବିଶ୍ୱ ସମୁଦାୟକୁ ଏକ ପରିବେଶ ଅନୁକୂଳ ମାର୍ଗ ଅନୁସରଣ କରିବାକୁ ପଡିବ । ଏନଜିଟି ଦ୍ୱାରା ଆୟୋଜିତ 'ପରିବେଶ - ୨୦୨୫' ଶୀର୍ଷକ ଜାତୀୟ ସମ୍ମିଳନୀର ଉଦ୍ଦେଶ୍ୟ ହେଉଛି ପ୍ରମୁଖ ହିତଧାରକମାନଙ୍କୁ ଏକାଠି କରି ଗୁରୁତ୍ୱପୂର୍ଣ୍ଣ ପରିବେଶ ଆହ୍ୱାନ ଉପରେ ଆଲୋଚନା କରିବା, ସର୍ବୋତ୍ତମ ଅଭ୍ୟାସ ସମ୍ପର୍କରେ ଆଲୋଚନା କରିବା ଏବଂ ସ୍ଥାୟୀ ପରିବେଶ ପରିଚାଳନା ପାଇଁ ଭବିଷ୍ୟତ କାର୍ଯ୍ୟ ଯୋଜନାରେ ସହଯୋଗ କରିବା ।

## ସଡ଼କ ଦୁର୍ଘଟଣା: ମହିଳାଙ୍କ ସମେତ ୨ ମୃତ



ଦାଦର : ମୁମ୍ବାଇରେ ଶନିବାର ଏକ ବଡ଼ ଧରଣର ଦୁର୍ଘଟଣା ଘଟିଯାଇଛି। ଏକ ଦ୍ରୁତଗାମୀ ଏସୟୁଭି ଫ୍ଲାଏଓଭରରେ ଓଭରଟେକିଂ କରୁଥିବା ବେଳେ ଗାଡିକୁ ଧକ୍କା ଦେବାରୁ ତାହା ସାମ୍ନାରୁ ଆସୁଥିବା ଯାତ୍ରୀବାହୀ ଟ୍ୟାକ୍ସି ସହ ଧକ୍କା ଲାଗିଛି। ଫଳରେ ଟ୍ୟାକ୍ସି ଚାଳକଙ୍କ ସମେତ ଏଥିରେ ଯାତ୍ରା କରୁଥିବା ମହିଳା ଯାତ୍ରୀ ଘଟଣା ସ୍ଥଳରେ ପ୍ରାଣ ହରାଇଛନ୍ତି। ଏହି ଘଟଣା ମୁମ୍ବାଇର ଦାଦର ଅଞ୍ଚଳରେ ହୋଇଛି। ପୋଲିସ ପହଞ୍ଚି ମୃତ ଦେହ ଜବତ କରିବା ସହିତ ମାମଲାର ତଦନ୍ତ ଆରମ୍ଭ କରିଛି। ଦୁର୍ଘଟଣା ଘଟାଇଥିବା ଏସୟୁଭି ଚାଳକକୁ ପୋଲିସ ଗିରଫ କରିଛି। ରିପୋର୍ଟ ଅନୁସାରେ ମଧ୍ୟାହ୍ନ ପ୍ରାୟ ୧ଟା ୧୫ ମିନିଟରେ ସେନାପତି ବାପଟ ଫ୍ଲାଇ ଓଭରରେ ଏକ ମହିନ୍ଦ୍ରା ଏସୟୁଭି ଦ୍ରୁତବେଗରେ ଟୟୋଟା ଇଟିଓସକୁ ଓଭରଟେକିଂ କରିବାକୁ ଉଦ୍ୟମ କରୁଥିଲା। ଏହି ସମୟରେ ସନ୍ତୁଳ ହରାଇ ଏସୟୁଭିଟି ଇଟିଓସକୁ ଧକ୍କା ଦେଇଥିଲା ଓ ତାହା ବିପରୀତ ଦିଗରୁ ଆସୁଥିବା ଟ୍ୟାକ୍ସି ସହ ମୁହାଁମୁହିଁ ଧକ୍କା ହୋଇ ଯାଇଥିଲା। ଫଳରେ ଉଭୟ ଗାଡ଼ି କ୍ଷତିଗ୍ରସ୍ତ ହୋଇଥିବା ବେଳେ ଟ୍ୟାକ୍ସି ଚାଳକ ଓ ଏଥିରେ ଥିବା ମହିଳା ଯାତ୍ରୀଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଛି।

## ୧୦ହଜାର ଭାରତୀୟଙ୍କୁ ମୁକୁଳାଇଛନ୍ତି ମୋଦୀ ସରକାର

### ଭାରତର କୂଟନୀତିର ପ୍ରଭାବ



ନୂଆଦିଲ୍ଲୀ: ମୋଦୀ ସରକାରଙ୍କ ସକାରାତ୍ମକ ଏବଂ ନିରନ୍ତର କୂଟନୈତିକ ପ୍ରୟାସ ଗତ ଦଶନ୍ଧି ମଧ୍ୟରେ ବିଭିନ୍ନ ଦେଶରେ ଫସି ରହିଥିବା ହଜାର ହଜାର ଭାରତୀୟ ନାଗରିକଙ୍କୁ ମୁକ୍ତି ଏବଂ କ୍ଷମା ପ୍ରଦାନ କରିବାରେ ସହାୟକ ହୋଇଛି। ଏହାର ସଦ୍ୟତମ ଉଦାହରଣ ହେଉଛି ୟୁଏଇ ଦ୍ୱାରା ୫୦୦ ଭାରତୀୟ କଏଦୀଙ୍କୁ କ୍ଷମା ପ୍ରଦାନ, ଯାହାକି ଭାରତ ଏବଂ ଉପସାଗରୀୟ ଦେଶ ମଧ୍ୟରେ ଦୃଢ଼ ଦ୍ୱିପାକ୍ଷିକ ସମ୍ପର୍କକୁ ପ୍ରତିଫଳିତ କରୁଛି। ୨୦୧୪ ଠାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱ କୂଟନୈତିକ ଆଲୋଚନା ଏବଂ ଉଚ୍ଚସ୍ତରୀୟ ହସ୍ତକ୍ଷେପ ମାଧ୍ୟମରେ ବିଦେଶରେ ବନ୍ଦୀ ଥିବା ପ୍ରାୟ ୧୦,୦୦୦ ଭାରତୀୟଙ୍କ ନିରାପଦ ପ୍ରତ୍ୟାବର୍ତ୍ତନ ସୁନିଶ୍ଚିତ କରାଯାଇଛି। ଭାରତ ସବୁବେଳେ ବିଦେଶରେ ଥିବା ଭାରତୀୟ ନାଗରିକଙ୍କ କଲ୍ୟାଣକୁ ପ୍ରାଥମିକତା ଦେଇଛି। କୂଟନୀତିକ ପ୍ରୟାସ ମାଧ୍ୟମରେ ଭାରତୀୟ ନାଗରିକଙ୍କୁ ସୁବିଧାର କେତେକ ପ୍ରମୁଖ ଉଦାହରଣ ରହିଛି । ୟୁଏଇ ମୋଟ୍ ୨୭୮୩ ଜଣ ଭାରତୀୟ କଏଦୀଙ୍କୁ କ୍ଷମାଦାନ ଦେଇଛି। ରମଜାନ ୨୦୨୫ ପୂର୍ବରୁ ୟୁଏଇ ୫୦୦ରୁ ଅଧିକ ଭାରତୀୟ କଏଦୀଙ୍କୁ କ୍ଷମାଦାନ ଦେଇଛି । ପୂର୍ବରୁ ୨୦୨୪ରେ ଇଦ ଉଲ୍ ଫିତର ଏବଂ ୟୁଏଇର ଜାତୀୟ ଦିବସ ଅବସରରେ ଏହି ଦେଶ ୯୪୪ ଜଣ ଭାରତୀୟ କଏଦୀଙ୍କୁ ମୁକୁଳାଇଥିଲା। ୨୦୨୩ରେ ୟୁଏଇ ଅଧିକାରୀଙ୍କ ଦ୍ୱାରା ୭୦୦ରୁ ଅଧିକ ଏବଂ ୨୦୨୨ରେ ମୋଟ୍ ୬୩୯ ଜଣ ଭାରତୀୟ କଏଦୀଙ୍କୁ କ୍ଷମାଦାନ ଦିଆଯାଇଥିଲା। ସେହିପରି ୨୦୧୯ରେ ସାଉଦୀ କ୍ରାଉନ ପ୍ରିନ୍ସ ମହମ୍ମଦ ବିନ୍ ସଲମାନ ତାଙ୍କ ଭାରତ ଗସ୍ତ ଅବସରରେ ୮୫୦ ଜଣ ଭାରତୀୟ କଏଦୀଙ୍କୁ ମୁକ୍ତ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ, ଯାହା ଏକ ଗୁରୁତ୍ୱପୂର୍ଣ୍ଣ କୂଟନୀତିକ ସଫଳତା ଥିଲା। ଅନ୍ୟ ଏକ ଘଟଣାକ୍ରମରେ ୨୦୨୩ ମସିହାରେ ଭାରତୀୟ ନୌସେନାର ଆଠ ଜଣ ପୂର୍ବତନ ଅଧିକାରୀଙ୍କୁ କତରରେ ମୃତ୍ୟୁଦଣ୍ଡ ଦିଆଯାଇଥିଲା। ଭାରତ ସରକାରଙ୍କ କୂଟନୈତିକ ହସ୍ତକ୍ଷେପ ଯୋଗୁଁ ସେମାନଙ୍କ ଦଣ୍ଡାଦେଶ ହ୍ରାସ କରାଯାଇଥିଲା। ଏହାପରେ ସେମାନଙ୍କ ମଧ୍ୟରୁ ଅଧିକାଂଶଙ୍କୁ ମୁକ୍ତ କରାଯାଇଥିଲା। ଇରାନ୍ ୨୦୨୪ରେ ୭୭ ଜଣ ଏବଂ ୨୦୨୩ରେ ୪୩ ଜଣ ଭାରତୀୟଙ୍କୁ ମୁକ୍ତ କରିଥିଲା। ଏମାନଙ୍କ ମଧ୍ୟରେ ୧୨ ଜଣ ମତ୍ସ୍ୟଜୀବୀ ସାମିଲ ଥିଲେ। ୨୦୧୯ରେ ବାହାରିନ ଏକ ମହତ ପ୍ରୟାସ ସ୍ୱରୂପ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଗସ୍ତ ଅବସରରେ ଜେଲରେ ବନ୍ଦୀ ଥିବା ୨୫୦ ଭାରତୀୟଙ୍କୁ ମୁକ୍ତ କରିଥିଲା। ୨୦୧୭ରେ କୁଏତର ଅମୀର କୂଟନୀତିକ ଆଲୋଚନା ପରେ ୨୨ ଜଣ ଭାରତୀୟଙ୍କୁ ମୁକ୍ତ କରିଥିଲା ଏବଂ ଅନ୍ୟ ୯୭ ଜଣଙ୍କ ଦଣ୍ଡ କମାଇଥିଲା। ନିୟମିତ ହସ୍ତକ୍ଷେପ ଫଳରେ ଶ୍ରୀଲଙ୍କା ଗିରଫ କରିଥିବା ଭାରତୀୟ ମତ୍ସ୍ୟଜୀବୀଙ୍କୁ ଏକାଧିକ ବାର ମୁକ୍ତ କରିଛି । ୨୦୧୪ ପରଠାରୁ ଏବେ ସୁଦ୍ଧା ୩୬୯୭ ଜଣ ମତ୍ସ୍ୟଜୀବୀଙ୍କୁ ଶ୍ରୀଲଙ୍କା ମୁକ୍ତ କରିସାରିଛି। ନିୟମିତ ଭାବେ ଭାରତର କୂଟନୀତିକ ହସ୍ତକ୍ଷେପ କାରଣରୁ ୨୦୧୪ଠାରୁ ବର୍ତ୍ତମାନ ସୁଦ୍ଧା ପାକିସ୍ତାନ ୨୬୩୯ ମତ୍ସ୍ୟଜୀବୀ ଏବଂ ୭୧ ଜଣ ସାଧାରଣ କଏଦୀଙ୍କୁ ମୁକ୍ତ କରିଛି। ବିଶ୍ୱର ନେତାମାନଙ୍କ ସହ ପ୍ରଧାନମନ୍ତ୍ରୀ ମୋଦୀଙ୍କ ବ୍ୟକ୍ତିଗତ ସମ୍ପର୍କ କାରଣରୁ ଏଗୁଡ଼ିକ ମଧ୍ୟରୁ ଅନେକ ସଫଳତା ସମ୍ଭବ ହୋଇପାରିଛି। ଏହି ସଫଳ ହସ୍ତକ୍ଷେପଗୁଡ଼ିକ ଭାରତର କ୍ରମବର୍ଦ୍ଧିଷ୍ଣୁ ବିଶ୍ୱସ୍ତରୀୟ କୂଟନୈତିକ ପ୍ରତିଷ୍ଠା ଏବଂ ବିଦେଶରେ ଭାରତୀୟ ନାଗରିକମାନଙ୍କ ସୁରକ୍ଷା ପ୍ରତି ମୋଦୀ ସରକାରଙ୍କ ଅତୁଟ ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି।

## ବିହାର ମାଟ୍ରିକ ପରୀକ୍ଷା ଫଳାଫଳ ଘୋଷଣା : ୧୦ ଛାତ୍ରୀ ଟପ୍ପର

ପାଟନା : ବିହାର ସ୍କୁଲ ପରୀକ୍ଷା ବୋର୍ଡ (BSEB) ଶନିବାର ମାଟ୍ରିକ (ଦଶମ) ପରୀକ୍ଷା ଫଳାଫଳ ଘୋଷଣା ହୋଇଛି। ସମ୍ପୂର୍ଣ୍ଣ ଫଳାଫଳ ସମୟରେ, ୪୮୯ ସଂଖ୍ୟା ବିଷୟରେ ବହୁତ ଆଲୋଚନା ହୋଇଥିଲା କାରଣ ଏହି ସଂଖ୍ୟାଟି କେବଳ ଗୋଟିଏ ନୁହେଁ ବରଂ ତିନୋଟି ପିଲା ଏକାଠି ପାଇଥିଲେ। ଚଳିତ ବର୍ଷର ଫଳାଫଳରେ, ସାକ୍ଷୀ କୁମାରୀ, ଅଂଶୁ କୁମାରୀ ଏବଂ ରଞ୍ଜନ ବର୍ମା ମିଳିତ ଭାବରେ ୯୭.୮% (୫୦୦ ରୁ ୪୮୯) ମାର୍କ ସହିତ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ବିଶେଷ କଥା ହେଉଛି ଏହି ବର୍ଷ ଶ୍ରେଷ୍ଠ ୧୦ ଜଣଙ୍କ ମଧ୍ୟରେ ୧୨୩ ଜଣ ଛାତ୍ରୀଙ୍କ ମଧ୍ୟରୁ ୬୦ ଜଣ ଝିଅ ଅଛନ୍ତି। ବିହାର ବୋର୍ଡ ମାଟ୍ରିକ ପରୀକ୍ଷାରେ ତିନି ଜଣ ଛାତ୍ର ୪୮୯ ନମ୍ବର ପାଇଛନ୍ତି, ଯେଉଁଥିରେ ଜଣେ ପୁଅ ଏବଂ ଦୁଇଜଣ ଝିଅ ଅଛନ୍ତି। ସମସ୍ତିପୁରର ଜେପିଏନ ହାଇସ୍କୁଲର ଛାତ୍ରୀ ସାକ୍ଷୀ କୁମାରୀ ୪୮୯ ନମ୍ବର ପାଇଛନ୍ତି। ସେହିପରି ପଶ୍ଚିମ ଚମ୍ପାରଣର ଗହରିସ୍ଥିତ ଭାରତୀୟ ଇଣ୍ଟର କଲେଜର ଅଂଶୁ କୁମାରୀ ମଧ ୪୮୯ ନମ୍ବର ପାଇଛନ୍ତି। ଭୋଜପୁରର ଆଗିଆଓଁ ବଜାରର ରଞ୍ଜନ ବର୍ମା ମଧ ୪୮୯ ନମ୍ବର ପାଇଛନ୍ତି। ସେ ଆଗିଆଓଁ ବଜାର ହାଇସ୍କୁଲରେ ପଢ଼ନ୍ତି। ନିଜର କଠିନ ପରିଶ୍ରମ ଏବଂ ନିଷ୍ଠା ସହିତ, ଏହି ତିନିଜଣ କେବଳ ସେମାନଙ୍କ ପରିବାର ପାଇଁ ନୁହେଁ ବରଂ ସମଗ୍ର ବିହାର ପାଇଁ ଗୌରବ ଆଣିଥିଲେ। ଦ୍ୱିତୀୟ ସ୍ଥାନରେ ବକ୍ସରର ପୁନିତ କୁମାର ସିଂହ, ଜାମୁଇର ସଚିନ କୁମାର ରାମ ଏବଂ ପ୍ରିୟାଂଶୁ ରାଜ ଅଛନ୍ତି, ଯେଉଁମାନେ ୪୮୮ ନମ୍ବର ପାଇଛନ୍ତି। ଶ୍ରେଷ୍ଠ ୫ ଜଣଙ୍କ ମଧ୍ୟରେ ମୋଟ ୨୫ ଜଣ ଛାତ୍ରୀଛାତ୍ରୀ ସାମିଲ ହୋଇଛନ୍ତି, ଯେତେବେଳେ ୯୮ ଜଣ ଛାତ୍ରୀଛାତ୍ର ୬ଷ୍ଠରୁ ୧୦ମ ସ୍ଥାନରେ ସ୍ଥାନ ପାଇଛନ୍ତି। ଏହି ବର୍ଷ, ୧୨୩ ଜଣ ଛାତ୍ର ଶ୍ରେଷ୍ଠ ୧୦ ଜଣଙ୍କ ମଧ୍ୟରେ ସ୍ଥାନ ପାଇଛନ୍ତି, ଯେଉଁଥିରୁ ୬୩ ଜଣ ପୁଅ ଏବଂ ୬୦ ଜଣ ଝିଅ ଥିଲେ। ଏହି ସଂଖ୍ୟା ଗତ ବର୍ଷର ୫୧ ଜଣ ଟପର ଅପେକ୍ଷା ବହୁତ ଅଧିକ, ଯେଉଁଥିରୁ ୨୩ ଜଣ ଝିଅ ଥିଲେ।

## ନକ୍ସଲବାଦ ବିରୋଧରେ ନିର୍ଣ୍ଣାୟକ ମୋଡରେ ଛତିଶଗଡ : ବିଷ୍ଣୁଦେବ



ରାୟପୁର : ଛତିଶଗଡ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ ଶନିବାର ସୁକମା ଜିଲ୍ଲାର କେରଲାପାଲ ଥାନା ଅନ୍ତର୍ଗତ ଉପମପଲ୍ଲୀରେ ସୁରକ୍ଷାକର୍ମୀ ଏବଂ ମାଓବାଦୀଙ୍କ ମଧ୍ୟରେ ହୋଇଥିବା ଗୁଳିବିନିମୟରେ ସୁରକ୍ଷାକର୍ମୀଙ୍କୁ ଏକ ବଡଧରଣର ସଫଳତା ମିଳିଥିବାରୁ ଶୁଭେଚ୍ଛା ଜଣାଇଛନ୍ତି। ଶ୍ରୀ ସାଏ କହିଛନ୍ତି ଏହି ସାହସିକ କାର୍ଯ୍ୟ ସୁରକ୍ଷାବଳର ବାହାଦୁରୀ ଏବଂ ସୁଚିନ୍ତିତ ରଣନୀତି ଯୋଗୁଁ ସଫଳ ହୋଇପାରିଛି। ସେ କହିଥିଲେ ମାନବତା ବିରୋଧରେ ନକ୍ସଲବାଦକୁ ସମାପ୍ତ କରିବା ପାଇଁ ଆମର ସୁରକ୍ଷାବଳ ନକ୍ସଲ ପ୍ରପୀଡିତ ରାଜ୍ୟରେ ବୁଲିବୁଲି ମାଓବାଦୀଙ୍କୁ ହତ୍ୟା କରୁଛନ୍ତି। ଆମର ଏହି ସଫଳତା ଆମ ଯବାନଙ୍କ ସମର୍ପଣର ନିଦର୍ଶନ ବୋଲି ସେ କହିଥିଲେ। ସୁରକ୍ଷାକର୍ମୀଙ୍କ ବିରତ୍ୱକୁ ମୁଁ ସଲାମ କରୁଛି ବୋଲି ଶ୍ରୀ ସାଏ କହିବା ସହ ଗୋଟିଏ ଦିନରେ ୧୮ ନକ୍ସଲକୁ ହତ୍ୟା କରିବା ଏକ ବଡ ସଫଳତା ବୋଲି କୁହାଯାଇପାରେ। ଏହି ଏନ୍‌କାଉଣ୍ଟରରେ ଦୁଇ ଜଣ ଯବାନ ଆହତ ହୋଇଛନ୍ତି। ସେମାନଙ୍କୁ ଶୀଘ୍ର ଆରୋଗ୍ୟ କାମନା କରି ବିଷ୍ଣୁଦେବ ପ୍ରାର୍ଥନା କରିଥିବା କହିଛନ୍ତି। ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହାଙ୍କ ଘୋଷଣା ଅନୁଯାୟୀ ସାରା ଦେଶରେ ନକ୍ସଲବାଦର ବିଲୋପ ପାଇଁ କାର୍ଯ୍ୟ ଜାରି ରହିଛି। ୨୦୨୬ ମାର୍ଚ୍ଚ ୩୧ ସୁଦ୍ଧା ଆମେ ଆମର ଲକ୍ଷ୍ୟ ପୂରଣ କରିବୁ ବୋଲି କହିଥିଲେ।

## ବଙ୍ଗଳାରେ ସାମ୍ପ୍ରଦାୟିକ ଦଙ୍ଗା: ୩୪ ଗିରଫ

କୋଲକାତା: ପଶ୍ଚିମବଙ୍ଗ ମାଲଦା ଜିଲ୍ଲା ମୋଥାବାରିରେ ଏକ ବଡ଼ଧରଣର ସାମ୍ପ୍ରଦାୟିକ ଦଙ୍ଗା ହୋଇଛି। ରାମ ନବମୀ ନିମନ୍ତେ ଏକ ଶୋଭାଯାତ୍ରା ଲାଗି ଏହି ଦଙ୍ଗା ହୋଇଥିବା କୁହାଯାଉଛି। ଫଳରେ ଉକ୍ତ ଅଞ୍ଚଳରେ ଇଣ୍ଟରନେଟ୍ ସେବା ବନ୍ଦ କରାଯାଇଛି। ଏଥିସହିତ ୩୪ ଜଣଙ୍କୁ ଗିରଫ ମଧ କରାଯାଇଛି। ଘଟଣାରେ ହାଇକୋର୍ଟ ହସ୍ତକ୍ଷେପ କରିବା ସହ ଏନେଇ ପୋଲିସ ପ୍ରଶାସନ ନିକଟରୁ କାର୍ଯ୍ୟାନୁଷ୍ଠାନ ରିପୋର୍ଟ ତଲବ କରିଛନ୍ତି। ଘଟଣାକୁ ନେଇ ପୋଲିସ ଆଇଜି ରାଜେଶ ଯାଦବ କହିଛନ୍ତି, ଗତ ରାତିରେ ରାମ ନବମୀ ନିମନ୍ତେ ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଶୋଭାଯାତ୍ରା ଯିବା ବେଳେ ମସ୍‌ଜିଦ୍ ଉପରକୁ ବାଣ ଫିଙ୍ଗାଯାଇଥିବା ଅଭିଯୋଗ କରି ମୁସଲିମ ସମ୍ପ୍ରଦାୟର କେତେକ ଲୋକ ଶୋଭାଯାତ୍ରା ଉପରକୁ ଢେଲାପଥର ମାଡ଼ କରିଥିଲେ ଓ ରାସ୍ତା ଅବରୋଧ କରିଥିଲେ। ପୋଲିସ ପହଞ୍ଚି ରାସ୍ତା ଅବରୋଧ ହଟାଇବାକୁ ଉଦ୍ୟମ କରିଥିଲା। ଏହି ସମୟରେ ସେମାନଙ୍କ ଉପରେ ମଧ ଆକ୍ରମଣ କରିବା ସହ ପୋଲିସ ଜିପ୍ ଭାଙ୍ଗି ଦେଇଥିଲେ। ସେମାନଙ୍କୁ ଆୟତ୍ତ କରିବାକୁ ପୋଲିସ ଲୁହବୁହା ଗ୍ୟାସ୍ ଓ ଲାଠି ମାଡ଼ କରିଥିଲା। ଆଜି ପୂର୍ବାହ୍ଣରେ ଗତକାଲିର ଘଟଣାକୁ ନେଇ ପୁଣିଥରେ ଦୁଇ ସମ୍ପ୍ରଦାୟର ଲୋକମାନେ ପରସ୍ପରକୁ ଆକ୍ରମଣ କରିଛନ୍ତି। ତେବେ ପୋଲିସ ହସ୍ତକ୍ଷେପ ପରେ ବର୍ତ୍ତମାନ ସ୍ଥିତି ନିୟନ୍ତ୍ରଣାଧୀନ ରହିଥିଲେ ମଧ୍ୟ ଚାପା ଉତ୍ତେଜନା ଲାଗିରହିଛି। ପରିସ୍ଥିତିକୁ ଦେଖି ଭିଡିଓ ଆଧାରରେ ଦଙ୍ଗାକାରୀଙ୍କୁ ଚିହ୍ନଟ ପ୍ରକ୍ରିୟା ଜାରି ରହିଛି। ଅପରପକ୍ଷରେ ଏହି ଘଟଣାକୁ ନେଇ ଆଗତ ଏକ ଜନସ୍ୱାର୍ଥ ମାମଲାର ଶୁଣାଣି କରି କୋଲକାତା ହାଇକୋର୍ଟର ବିଚାରପତି ସେମେନ୍ ସେନ୍ ଓ ସ୍ମିତା ଦାସଙ୍କୁ ନେଇ ଗଠିତ ଖଣ୍ଡପୀଠ ଜିଲ୍ଲାପ୍ରଶାସନ ଓ ପୋଲିସ ପ୍ରଶାସନକୁ ନୋଟିସ ଜାରି କରିଛନ୍ତି। ଏପ୍ରିଲ୍ ୩ ତାରିଖ ସୁଦ୍ଧା 'ଆକ୍ସନ ଟେକନ୍'ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

# ବାଣିଜ୍ୟ



ମୁମ୍ବାଇ: ଆଉ ମାସକ ପରେ ଏଟିଏମ୍‌ରୁ ଟଙ୍କା ଉଠାଇବା କିମ୍ବା ବାଲାନ୍ସ ଯାଞ୍ଚ କରିବା ଲାଗି ଅଧିକ ଟଙ୍କା ଗଣିବାକୁ ପଡ଼ିବ। ପ୍ରତି ବ୍ୟାଙ୍କ ସେମାନଙ୍କ ଗ୍ରାହକଙ୍କୁ ନିଜ ଏଟିଏମ୍ ଏବଂ ଅନ୍ୟ ବ୍ୟାଙ୍କର ଏଟିଏମ୍‌କୁ ମାଗଣାରେ ନିର୍ଦ୍ଦିଷ୍ଟ କେତେକ ଥର ବ୍ୟବହାର କରିବା ଅନୁମତି ଦେଇଛନ୍ତି। ସେହି ସୀମା ଶେଷ ହୋଇଯିବା ପରେ ଯଦି କୌଣସି ଗ୍ରାହକ ଏଟିଏମ୍‌କୁ ବ୍ୟବହାର କରୁଛନ୍ତି, ତେବେ ତାଙ୍କୁ ଏଟିଏମ୍ କାରବାର ଶୁଳ୍କ ଦେବାକୁ ପଡୁଛି। ଏହି ଶୁଳ୍କ କାରବାର ପିଛା ୨୧ ଟଙ୍କା ଥିଲା। ସେଥିରେ ୨ ଟଙ୍କା ବୃଦ୍ଧି କରି ରିଜର୍ଭ ବ୍ୟାଙ୍କ ତାହାକୁ ୨୩ ଟଙ୍କା କରିଛନ୍ତି। ଶୁଳ୍କରେ କରାଯାଇଥିବା ବୃଦ୍ଧି ଆସନ୍ତା ମେ' ୧ରୁ ଲାଗୁ ହେବ। ଗ୍ରାହକମାନେ ପ୍ରତି ମାସରେ ଉଭୟ ଆର୍ଥିକ ଓ ଅଣ ଆର୍ଥିକ କାମ ପାଇଁ ଏଟିଏମ୍‌କୁ ମାଗଣାରେ ୫ ଥର ବ୍ୟବହାର କରିପାରୁଛନ୍ତି। ଅନ୍ୟ ବ୍ୟାଙ୍କ ଏଟିଏମ୍‌କୁ ସେମାନେ ମେଟ୍ରୋ ସହରରେ ମାସକୁ ମାଗଣାରେ ତିନି ଥର ଓ ଅଣ ମେଟ୍ରୋ ସହରରେ ୫ ଥର ବ୍ୟବହାର କରିପାରିବେ ବୋଲି ରିଜର୍ଭ ବ୍ୟାଙ୍କ ସ୍ପଷ୍ଟ କରିଛନ୍ତି। ଏଟିଏମ୍ ଶୁଳ୍କରେ ୨ ଟଙ୍କା ବୃଦ୍ଧି ପାଇଁ ରହିଥିବା ପ୍ରସ୍ତାବକୁ ରିଜର୍ଭ ବ୍ୟାଙ୍କ ଓ ନ୍ୟାସନାଲ୍ ପେମେଣ୍ଟ କର୍ପୋରେସନ୍ ଅଫ୍ ଇଣ୍ଡିଆ (ଏନ୍‌ପିସିଆଇ) ମଞ୍ଜୁର କରିଛନ୍ତି।

## ବନ୍ଧନ ବ୍ୟାଙ୍କ ପକ୍ଷରୁ ବାୟୁସେନା ସହିତ ବୁଝାମଣାପତ୍ର ସ୍ୱାକ୍ଷରିତ

ନୂଆଦିଲ୍ଲୀ: ବନ୍ଧନ ବ୍ୟାଙ୍କ ପକ୍ଷରୁ ଭାରତୀୟ ବାୟୁସେନା ସହ ଏକ ବୁଝାମଣାପତ୍ର (ଏମ୍‌ଓୟୁ) ସ୍ୱାକ୍ଷରିତ ହୋଇଛି। ଯାହା ପ୍ରତିରକ୍ଷା କର୍ମଚାରୀଙ୍କ ପାଇଁ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ କରାଯାଇଥିବା କର୍ପୋରେଟ ବେତନ ଖାତା ବନ୍ଧନ ବ୍ୟାଙ୍କ ଶୌର୍ଯ୍ୟ ବେତନ ଖାତା ପ୍ରଦାନ କରିବ। ବାୟୁସେନା ଯବାନମାନେ ବନ୍ଧନ ବ୍ୟାଙ୍କର ୧୭୦୦ରୁ ଅଧିକ ଶାଖାରୁ ଜିରୋ ବାଲାନ୍ସ ସଂଚୟ ଖାତା, ନିଜ ଓ ପରିବାର ପାଇଁ ସୁରକ୍ଷା ଏବଂ ଆକର୍ଷଣୀୟ ସୁଧ ହାର ଭଳି ଅନେକ ସ୍ୱତନ୍ତ୍ର ସୁବିଧା ପାଇପାରିବେ । ଶୌର୍ଯ୍ୟ ବେତନ ଖାତା ପାଇଁ ଭାରତୀୟ ବାୟୁସେନା ସହିତ ବ୍ୟାଙ୍କ ପ୍ରତିରକ୍ଷା କର୍ମଚାରୀମାନଙ୍କ ପାଇଁ ଏକ ସ୍ୱର୍ଶ ସେବା କେନ୍ଦ୍ର ଖୋଲିଛି। ବ୍ୟାଙ୍କ କଂଟ୍ରୋଲର ଜେନେରାଲ ଅଫ୍ ଡିଫେନ୍ସ ଆକାଉଣ୍ଟସ (ସିଜିଡିଏ) ସହିତ ଭାଗିଦାରୀ କରି ୫୫୭ ଟି ନିର୍ଦ୍ଦିଷ୍ଟ ଶାଖା ମାଧ୍ୟମରେ ପ୍ରତିରକ୍ଷା ପେନସନଭୋଗୀ ଏବଂ ସେମାନଙ୍କ ପରିବାରକୁ ସେବା ପ୍ରଦାନ କରିବା ପାଇଁ ସେବା କେନ୍ଦ୍ର ସ୍ଥାପନ କରିଛି। ଏହି ବୁଝାମଣାପତ୍ରରେ ପ୍ରତିରକ୍ଷା ମନ୍ତ୍ରଣାଳୟର ଆସିଷ୍ଟାଂଟ୍ ଚିଫ୍ ଅଫ୍ ଦି ଏୟାର ଷ୍ଟାଫ୍ (ଆକାଉଂଟସ୍ ଆଣ୍ଡ ଏୟାର ଭେଟେରାନ୍ସ) ଏୟାର ଭାଇସ୍ ମାର୍ଶଲ ଉପଦେଶ ଶର୍ମା ଭିଏସ୍‌ଏମ୍ ଏବଂ ବନ୍ଧନ ବ୍ୟାଙ୍କର ସରକାରୀ ବ୍ୟବସାୟ ଗ୍ରୁପ ମୁଖ୍ୟ ଦେବରାଜ ଶାହ ସ୍ୱାକ୍ଷର କରିଥିବା ବେଳେ ବନ୍ଧନ ବ୍ୟାଙ୍କର ଶାଖା ବ୍ୟାଙ୍କିଂ ମୁଖ୍ୟ ସୁଜୟ ରାୟ, ବନ୍ଧନ ବ୍ୟାଙ୍କର କେନ୍ଦ୍ର ସରକାରଙ୍କ ବ୍ୟବସାୟ ମୁଖ୍ୟ ସ୍ୱାତୀ ଦତ୍ତଙ୍କ ସମେତ ବାୟୁସେନା ଓ ବନ୍ଧନ ବ୍ୟାଙ୍କର ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ବନ୍ଧନ ବ୍ୟାଙ୍କର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ତଥା ମୁଖ୍ୟ ବ୍ୟବସାୟ ଅଧିକାରୀ ରାଜେନ୍ଦ୍ର ବବର ଏହି ଭାଗିଦାରୀ ସମ୍ପର୍କରେ କହିଛନ୍ତି ଯେ, 'ଏକ ଅଗ୍ରଣୀ ସର୍ବଭାରତୀୟ ସାର୍ବଜନୀନ ବ୍ୟାଙ୍କ ଭାବରେ ବନ୍ଧନ ବ୍ୟାଙ୍କ ଆମର ପ୍ରତ୍ୟେକ ପଦକ୍ଷେପ ମାଧ୍ୟମରେ ଦେଶକୁ ସମର୍ଥନ କରିବାକୁ ଗଭୀର ପ୍ରତିଶ୍ରୁତିବଦ୍ଧ ।ବାୟୁସେନା ସହିତ ଆମର ସହଯୋଗିତାକୁ ସୁଦୃଢ଼ କରିବା ଏବଂ ଏକ ଉନ୍ନତ ବ୍ୟାଙ୍କିଂ ଅଭିଜ୍ଞତା ପ୍ରଦାନ କରିବାକୁ ଉତ୍ସାହିତ। ଏହି ଅବସରରେ ବନ୍ଧନ ବ୍ୟାଙ୍କର ସରକାରୀ ବିଜନେସ୍ ଗ୍ରୁପ୍ ମୁଖ୍ୟ ଦେବରାଜ ଶାହ କହିଛନ୍ତି ଯେ, 'ଭାରତୀୟ ବାୟୁସେନା ସହ ଏହି ଭାଗିଦାରୀ ଆମ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଂଟ। ଶୌର୍ଯ୍ୟ ବେତନ ଖାତା ଜରିଆରେ ସେମାନଙ୍କ ବ୍ୟାଙ୍କିଂ ଆବଶ୍ୟକତା ପୂରଣ ପାଇଁ ପ୍ରସ୍ତୁତ ବ୍ୟକ୍ତିଗତ ସେବା ସହିତ ନିରବଚ୍ଛିନ୍ନ ସମାଧାନ ପ୍ରଦାନ କରିବା ପାଇଁ ବାୟୁସେନା ସହ ସହଯୋଗିତା କରି ଆମେ ଗର୍ବ ଅନୁଭବ କରୁଛୁ।'

## ସିଜିୟୁ ସହ ଜେଏସ୍‌ପିର ବୁଝାମଣାପତ୍ର ସ୍ୱାକ୍ଷର



ଭୁବନେଶ୍ୱର (ଭାସ୍କର ନ୍ୟୁଜ୍) : ସ୍କିଲ୍ ଇଣ୍ଡିଆ ମିଶନକୁ ସମଗ୍ର ଦେଶରେ କାର୍ଯ୍ୟକାରୀ କରିବା ପାଇଁ ନବୀନ ଜିନ୍ଦଲଙ୍କ ପରିକଳ୍ପନାକୁ ଆଉ ଏକ ପାଦ ଆଗକୁ ନେଇ, 'ଦକ୍ଷତା' କାର୍ଯ୍ୟକ୍ରମ ଅଧୀନରେ କର୍ମଚାରୀ ମାନଙ୍କ କୌଶଳ ବୃଦ୍ଧି ପାଇଁ ଜିନ୍ଦଲ ଷ୍ଟିଲ ଏଣ୍ଡ ପାୱାର (ଜେଏସପି) ଓଡ଼ିଶାର ସିଭି ରମଣ ଗ୍ଲୋବାଲ ୟୁନିଭର୍ସିଟି (ସିଜିୟୁ-ଓଡ଼ିଶା) ସହିତ ଏକ ବୁଝାମଣାପତ୍ର (ଏମଓୟୁ) ସ୍ୱାକ୍ଷର କରିଛି । ଜେଏସପି ଅନୁଗୁଳ ମୁଖ୍ୟ ତଥା କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପଙ୍କଜ ମଲହାନ ଏବଂ ସିଜିୟୁର ପ୍ରୋ ଭାଇସ୍ ଚାନସ୍ଲେର ଡ. ଜି ଶ୍ରୀଦେବୀ ଏହି ଏହି ବୁଝାମଣାପତ୍ରରେ ସ୍ୱାକ୍ଷର କରିଛନ୍ତି । ଏହି ଅବସରରେ ଜେଏସପିର ମୁଖ୍ୟ ମାନବ ସମ୍ବଳ ଅଧିକାରୀ ଦିଲୀପ କୁମାର ସିହ୍ନା, ଭାଇସ୍ ପ୍ରେସିଡେଣ୍ଟ (ମାନବ ସମ୍ବଳ) ସୁଭାଷ ଚନ୍ଦ୍ର; ସିଜିୟୁର ପ୍ରଫେସର ଅଫ୍ ପ୍ରାକ୍ଟିସ୍ ଅମୂଲ୍ୟ ମହାପାତ୍ର; ୱେଲ୍ଡିଂ ସିଓଇ ମୁଖ୍ୟ ଦେବାଶିଷ ମହାପାତ୍ର ଏବଂ ଅଟୋମେସନ୍ ସିଓଇ ମୁଖ୍ୟ ରଜତ ସାମନ୍ତରାୟ ଉପସ୍ଥିତ ଥିଲେ। ଏହି ବୁଝାମଣାପତ୍ର ଅନୁଯାୟୀ ଜେଏସପି ଏବଂ ସିଜିୟୁ-ଓଡ଼ିଶା ମିଳିତ ଭାବେ ଜେଏସପିର ଅନୁଗୁଳ ସ୍ଥିତ ନବୀନ ଜିନ୍ଦଲ ସ୍କିଲ୍ ସେଣ୍ଟର ଏବଂ ସିଜିୟୁ-ଓଡ଼ିଶାର ସେଣ୍ଟର ଅଫ୍ ଏକ୍ସଲେନ୍ସ (ସିଓଇ)ରେ ବିଭିନ୍ନ ପ୍ରଶିକ୍ଷଣ ପ୍ରଦାନ କରିବେ । ୱେଲ୍ଡିଂ, ଫେବ୍ରିକେସନ୍ ଏବଂ ଇଲେକ୍ଟ୍ରିସିଆନ୍ ଆଦି କ୍ଷେତ୍ର ସହିତ ଅନ୍ୟାନ୍ୟ ଭବିଷ୍ୟ-ଉପଯୋଗୀ ଦକ୍ଷତା ବୃଦ୍ଧି ଉପରେ ଏହି ପ୍ରଶିକ୍ଷଣରେ ଗୁରୁତ୍ୱ ଦିଆଯିବ। ଏହାସହିତ ଶିଳ୍ପ ଅଟୋମେସନ୍ ରେ ବିଶେଷ ଦକ୍ଷତା ପ୍ରଶିକ୍ଷଣ ପ୍ରଦାନ କରାଯିବ, ଯେଉଁଥିରେ ପିଏଲସି, ଏଚଏମଆଇ, ସ୍କାଡା, ଡିସିଏସ, ହାଇଡ୍ରୋଲିକ୍ସ, ନ୍ୟୁମେଟିକ୍ସ ଆଦି କ୍ଷେତ୍ର ସହିତ ଉନ୍ନତ ୱେଲ୍ଡିଂ, ଉନ୍ନତ ମେସିନିଂ, ସିମୁଲେସନ ଏବଂ ମଡେଲିଂ ଆଦି କ୍ଷେତ୍ର ରହିବ। ଏହି ବୁଝାମଣାପତ୍ରରେ ସ୍ୱାକ୍ଷର କରି ଜେଏସପିର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ଅନୁଗୁଳ) ପଙ୍କଜ ମାଲହନ କହିଛନ୍ତି ଯେ, ଭାରତର ଭବିଷ୍ୟତର ଆବଶ୍ୟକତା ପୂରଣ କରିବା ନିମନ୍ତେ ଏକ ଉଚ୍ଚ କୁଶଳୀ କର୍ମଚାରୀ ଗୋଷ୍ଠୀ ସୃଷ୍ଟି କରିବା ପାଇଁ ଆମର ପ୍ରତିବଦ୍ଧତାକୁ ଏହି ସହଭାଗୀତା ପ୍ରଦର୍ଶନ କରେ। ଆମେ ବିଶ୍ୱାସ କରୁଛୁ ଯେ ଆମର ଅଧକ୍ଷ ଶ୍ରୀ ନବୀନ ଜିନ୍ଦଲଙ୍କ ପ୍ରତିବଦ୍ଧତାକୁ ଦୃଢ଼ କରୁଥିବା ଏହି ପଦକ୍ଷେପ ଜେଏସପି ତଥା ସମଗ୍ର ଭାରତରେ କାର୍ଯ୍ୟଦକ୍ଷତା ଏବଂ କୌଶଳ ବୃଦ୍ଧି କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେବ।

## ଭାରତର ୧୭୦ରୁ ଅଧିକ ସହରକୁ ସେବା ଯୋଗାଉଛି ଆମାଜନ ଫ୍ରେସ୍

ନୂଆଦିଲ୍ଲୀ : ଆମାଜନ ଇଣ୍ଡିଆ ଦେଶର ୧୭୦ ରୁ ଅଧିକ ସହର/ଟାଉନରେ ଏହାର ଫୁଲ୍ ବାସ୍କେଟ୍ ଗ୍ରୋସରୀ ସେବା ଆମାଜନ ଫ୍ରେସକୁ ସଂପ୍ରସାରଣ କରିଛି। ଏହି ସମ୍ପ୍ରସାରଣ ସହିତ ଆମାଜନ ଫ୍ରେସ ୨୦୨୩ ତୁଳନାରେ ୨୦୨୪ ର ଦ୍ୱିତୀୟାର୍ଦ୍ଧରେ ବାର୍ଷିକ ୫୦% ବୃଦ୍ଧି ହାସଲ କରିଛି। ଆମାଜନ ଫ୍ରେସ୍ ଫଳ, ପନିପରିବା, ଦୁଗ୍ଧ ଏବଂ ବ୍ରେଡ ସମେତ ଡାଏରୀ, ଫ୍ରୋଜେନ୍ ଉତ୍ପାଦ, ସୌନ୍ଦର୍ଯ୍ୟ ସାମଗ୍ରୀ, ଶିଶୁ ଯତ୍ନ ଅତ୍ୟାବଶ୍ୟକ ସାମଗ୍ରୀ, ବ୍ୟକ୍ତିଗତ ଯତ୍ନ ଉତ୍ପାଦ ଏବଂ ଗୃହପାଳିତ ପଶୁ ଯୋଗାଣ ସମେତ ବିଭିନ୍ନ ଓଦା ଏବଂ ଶୁଖିଲା ଗ୍ରୋସରୀ ସାମଗ୍ରୀ ପ୍ରଦାନ କରେ । ସତେଜତା ଏବଂ ଗୁଣବତା ସୁନିଶ୍ଚିତ କରିବା ପାଇଁ ଆମାଜନ ଫ୍ରେସ୍ ବିକ୍ରେତାମାନେ ୧୧,୦୦୦ ରୁ ଅଧିକ ଚାଷୀଙ୍କଠାରୁ ଫଳ ଏବଂ ପନିପରିବା ସଂଗ୍ରହ କରନ୍ତି। ଗ୍ରାହକଙ୍କ ଦ୍ୱାରରେ ପହଂଚିବା ପୂର୍ବରୁ ସମସ୍ତ ଉତ୍ପାଦକୁ କଠୋର '୪-ଷ୍ଟେପ୍ କ୍ୱାଲିଟି ଚେକ୍' ପ୍ରକ୍ରିୟା ଦେଇ ଗତି କରିବାକୁ ପଡ଼ିଥାଏ। ଏ ସମ୍ପର୍କରେ ଆମାଜନ ଫ୍ରେସ ଇଣ୍ଡିଆର ନିର୍ଦ୍ଦେଶକ ଶ୍ରୀକାନ୍ତ ଶ୍ରୀରାମ କହିଛନ୍ତି, ଆମାଜନ ଫ୍ରେସ୍ ମାଧ୍ୟମରେ ୧୭୦ ରୁ ଅଧିକ ସହର/ଟାଉନକୁ ଆମର ସମ୍ପ୍ରସାରଣ ଭାରତର ଟିୟର-୨, ଟିୟର-୩ ସିଟି/ଟାଉନ୍ ଏବଂ ଏହା ବାହାରେ ଏହାର ପହଂଚକୁ ବିସ୍ତାର କରିବା ସହ ଗ୍ରାହକମାନଙ୍କୁ ପ୍ରତିଯୋଗିତାମୂଳକ ମୂଲ୍ୟରେ ଉଚ୍ଚମାନର ଗ୍ରୋସରୀ ସାମଗ୍ରୀ ଉପଲବ୍ଧ କରାଉଛି। ଏହା ସହିତ ଏହାକୁ ସୁବିଧାରେ ସେମାନଙ୍କ ଦ୍ୱାରରେ ପହଂଚାଇପାରୁଛି। ୨୦୨୪ ଦ୍ୱିତୀୟାର୍ଦ୍ଧରେ



୫୦% ଅଭିବୃଦ୍ଧି ସହିତ, ଆମେ ଦେଖିଛୁ ଯେ ଗ୍ରାହକମାନେ ସଂଚୟ, ବିଶାଳ ଚୟନ ଏବଂ ଭରସାଯୋଗ୍ୟ ସ୍ଲଟେଡ୍ ଡେଲିଭରି ପାଇଁ ଆମାଜନ ଫ୍ରେସକୁ ପ୍ରଶଂସା କରିଛନ୍ତି। ଗୋରଖପୁର, ଚିତ୍ତୁର, ଅମ୍ବାଲା, ବିଜୟୱାଡା ଏବଂ ଆହୁରି ଅନେକ ସହରରେ ଆମାଜନ ଫ୍ରେସର ସମ୍ପ୍ରସାରଣ ଅର୍ଥ ହେଉଛି ଅଧିକ ଗ୍ରାହକ ବର୍ତ୍ତମାନ ସେମାନଙ୍କ ସାପ୍ତାହିକ ଏବଂ ମାସିକ ଗ୍ରୋସରୀ ବାସ୍କେଟ୍ ପ୍ରସ୍ତୁତ କରିପାରିବେ।





ନୂଆଦିଲ୍ଲୀ: ଭାରତୀୟ କ୍ରିକେଟ କଂଟ୍ରୋଲ ବୋର୍ଡ ସେଂଟ୍ରାଲ କଂଟ୍ରାକ୍ଟ ଏବଂ ଅନ୍ୟ ପ୍ରସଙ୍ଗ ଉପରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତି ନେଇପାରେ । ମାର୍ଚ୍ଚ ୨୯ରେ ଗୌହାଟୀରେ ବିସିସିଆଇ ସେକ୍ରେଟାରୀ, କୋଚ ଏବଂ ଚୟନ କମିଟି ମୁଖ୍ୟଙ୍କୁ ନେଇ ବୈଠକ ଆୟୋଜିତ ହେବାକୁ ଅଛି । ରୋହିତ ଶର୍ମା, ବିରାଟ କୋହଲି ଓ ରବୀନ୍ଦ୍ର ଜାଡେଜାଙ୍କ ପରି ସିନିୟର ଖେଳାଳିଙ୍କ ସେଂଟ୍ରାଲ କଂଟ୍ରାକ୍ଟରେ ପରିବର୍ତ୍ତନ କରାଯିବା ସମ୍ଭାବନା ରହିଛି । ସେହିପରି ସପୋର୍ଟିଂ ଷ୍ଟାଫଙ୍କୁ ନେଇ ମଧ ବୋର୍ଡ ବଡ ଧରଣର ପରିବର୍ତ୍ତନ କରିବା ଲକ୍ଷ୍ୟରେ ରହିଛି । ରିପୋର୍ଟ ମୁତାବକ ଅଭିଷେକ ନାୟାର ଓ ଟି ଦିଲୀପଙ୍କୁ ସପୋର୍ଟ ଷ୍ଟାଫର ବାହାର କରାଯାଇପାରେ । ଏବେ ସପୋର୍ଟ ଷ୍ଟାଫରେ କୋଚ ଗୌତମ ଗମ୍ଭୀର, ବୋଲିଂ କୋଚ ମୋର୍ଣ୍ଣେ ମୋର୍କେଲ, ଫିଲ୍ଡିଂ କୋଚ ଟି ଦିଲୀପ, ସହଯୋଗୀ କୋଚ ରେୟାନ ଟେନ ଡୋଶ୍ଚେଟଙ୍କ ବ୍ୟତୀତ ଅଭିଷେକ ନାୟାର, ରାଘବେନ୍ଦ୍ର, ଦୟାନନ୍ଦ ଗରାନୀ, କମଲେଶ ଜୈନ, ଅରୁଣ କନାଡେ, ଚେତନ କୁମାର, ରାଜୀବ କୁମାର, ସୁମୀରଙ୍କ ସମେତ ଆହୁରି ୬ଜଣ ସଦସ୍ୟ ରହିଛନ୍ତି । ବିସିସିଆଇ ଅଧିକାଂଶ ସଦସ୍ୟଙ୍କୁ ବାହାର କରିବା ଲକ୍ଷ୍ୟରେ ରହିଛି । ଯେଉଁମାନେ ୩ ବର୍ଷରୁ ଅଧିକ ସମୟ ହେବ ଦାୟିତ୍ୱରେ ରହିଛନ୍ତି ସେମାନଙ୍କୁ ପ୍ରଥମେ ବାହାର କରାଯିବ । ଅବଶ୍ୟ ବିସିସିଆଇ ପକ୍ଷରୁ ଏ ସମ୍ପର୍କରେ କିଛି କୁହାଯାଇ ନାହିଁ । ଏହା କିନ୍ତୁ ନିଶ୍ଚିତ ଏଥର ସେଂଟ୍ରାଲ କଂଟ୍ରାକ୍ଟରେ ଏକ ବଡ ଧରଣର ପରିବର୍ତନ ଦେଖିବାକୁ ମିଳିବ ।

**୯ମ ମ୍ୟାଚ୍ | ଗୁଜରାଟ ଟାଇଟନ୍ସ ବନାମ ମୁମ୍ବାଇ ଇଣ୍ଡିଆନ୍ସ**

## ଗୁଜରାଟ ଟାଇଟନ୍ସ ୩୬ରନ୍‌ରେ ବିଜୟୀ



ଅହମ୍ମଦାବାଦ : ଅହମ୍ମଦାବଦର ନରେନ୍ଦ୍ର ମୋଦୀ ଷ୍ଟାଡିୟମରେ ଶନିବାର ଇଣ୍ଡିଆନ୍ ପ୍ରିମିୟର ଲିଗ୍ ନବମ ମ୍ୟାଚ୍‌ରେ ମୁମ୍ବାଇ ଇଣ୍ଡିଆନ୍ସ ଏବଂ ଗୁଜରାଟ ଟାଇଟନ୍ସ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି । ପ୍ରଥମେ ଟସ୍ ଜିତି ଘରୋଇ ଦଳକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲା ମୁମ୍ବାଇ ଇଣ୍ଡିଆନ୍ସ । ଗୁଜରାଟ ଟାଇଟନ୍ସ ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୧୯୬ ରନ୍ ସଂଗ୍ରହ କରିଥିଲା । ଓପନର ସାଇ ସୁଦର୍ଶନ ସର୍ବାଧିକ ୬୧ରନ ସଂଗ୍ରହ କରିଛନ୍ତି । ସେ ୪୧ଟି ବଲରୁ ୪ଟି ଚୌକା ଓ ଦୁଇଟି ଛକା ମାରିଛନ୍ତି । ସେହିପରି ଅଧିନାୟକ ଶୁବମନ ଗିଲ୍ ୩୮ ରନ, ଯୋଶ୍ ବଟଲର ୩୯ ରନ, ରଦରଫର୍ଡ ୧୮ ରନ ସଂଗ୍ରହ କରିଛନ୍ତି । ଅନ୍ୟପଟେ ମୁମ୍ବାଇ ଇଣ୍ଡିଆନ୍ସ ପକ୍ଷରୁ ଅଧିନାୟକ ଦୁଇଟି ୱିକେଟ୍ ନେଇଛନ୍ତି । ଟେଷ୍ଟ ବୋଲ୍ଟ, ଦୀପକ ଚହର, ମୁଜିବ ଏବଂ ସତ୍ୟାନାରାୟଣ ରାଜୁଙ୍କୁ ଗୋଟିଏ ଲେଖାଏଁ ୱିକେଟ୍ ଅକ୍ତିଆର କରିଥିଲେ । ୧୯୭ ରନ୍‌ର ଟାର୍ଗେଟ ନେଇ ମୈଦାନକୁ ଓହ୍ଲାଇଥିଲା ମୁମ୍ବାଇ ଇଣ୍ଡିଆନ୍ସ । ପ୍ରଥମରୁ ଦଳକୁ ଶକ୍ତ ଝଟ୍‌କା ଲାଗିଥିଲା । ଓପନର ରୋହିତ ଶର୍ମା ମାତ୍ର ୮ରନ୍ କରି ବିଦାୟ ନେଇଥିଲେ । ସେହିପରି ୱିକେଟ କିପର ରିୟାନ ରିକ୍‌ଲେଟନ୍ ୬ରନ୍ କରିଥିଲେ । ସେହିପରି ତିଳକ ବର୍ମା ୩୯ ଓ ସୂର୍ଯ୍ୟକୁମାର ଯାଦବ ସର୍ବାଧିକ ୪୮ରନ୍ କରିଥିଲେ । ରବିନ୍ ମିଞ୍ଜ୍ ୩, ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା ୧୧, ନମନ ଧିର ୧୮ ଓ ମିଚେଲ୍ ସାଣ୍ଟନର ୧୮ରନ୍ କରିଥିଲେ । ଯାହାଫଳରେ ଦଳ ୨୦ଓଭରରେ ୬ୱିକେଟ ହରାଇ ୧୬୦ରନ୍ କରି ମ୍ୟାଚ୍ ହାରି ଯାଇଥିଲେ । ମୁମ୍ବାଇ ପକ୍ଷରୁ ମହମ୍ମଦ ସିରାଜ ୨ୱିକେଟ ଓ ରାବଡା ୧, ସାଇ କିଶୋର ୧, ପ୍ରସିଦ୍ଧ କ୍ରିଷ୍ଣା ୨ ୱିକେଟ ଅକ୍ତିଆର କରିଥିଲେ ।

## ୪୫୦ ଟି୨୦ ମ୍ୟାଚ୍ ଖେଳିବାରେ ରୋହିତ ପ୍ରଥମ ଭାରତୀୟ

ଅହମ୍ମଦାବାଦ: ଆଇପିଏଲ୍‌ରେ ଆଉ ଏକ ରେକର୍ଡ କରିଛନ୍ତି ରୋହିତ ଶର୍ମା । ରୋହିତ ୪୫୦ ଟି୨୦ ମ୍ୟାଚ ଖେଳିବାରେ ପ୍ରଥମ ଭାରତୀୟ ହୋଇଛନ୍ତି । ରୋହିତଙ୍କ ପଛକୁ ଦୀନେଶ କାର୍ତିକ ୪୧୨ ମ୍ୟାଚ ସହ ଦ୍ୱିତୀୟ ସ୍ଥାନରେ ରହିଛନ୍ତି ।। ବିରାଟ କୋହଲି(୪୦୧) ଓ ଏମଏସ ଧୋନୀ(୩୯୩) ତୃତୀୟ ଏବଂ ଚତୁର୍ଥ ସ୍ଥାନରେ ରହିଛନ୍ତି । ରୋହିତଙ୍କ ନେତୃତ୍ୱରେ ଭାରତ ୨୦୨୪ ଟି୨୦ ବିଶ୍ୱକପ ଜିତିବା ପରେ ସେ ଆନ୍ତର୍ଜାତୀୟ ଟି୨୦ରୁ ଅବସର ଘୋଷଣା କରିଥିଲେ । ବିରାଟ କୋହଲି ଓ ରବୀନ୍ଦ୍ର ଜାଡେଜା ମଧ ଆନ୍ତର୍ଜାତୀୟ ଟି୨୦ରୁ ଅବସର ନେଇଛନ୍ତି । ମୁମ୍ବାଇକୁ ୫ ଥର ଚାମ୍ପିୟନ କରାଇଥିବା ରୋହିତଙ୍କୁ ଗତ ସଂସ୍କରଣରେ ଅଧିନାୟକ ପଦରୁ ହଟେଇ ଦିଆଯାଇଥିଲା । ତାଙ୍କ ସ୍ଥାନରେ ହାର୍ଦ୍ଦିକ ପାଣ୍ଡ୍ୟା ଦଳର ନେତୃତ୍ୱ ନେଇଥିଲେ । ମୁମ୍ବାଇ ନୈରାଶ୍ୟଜନକ ପ୍ରଦର୍ଶନ କରି ପଂଏଟ ଟେବୁଲରେ ଶେଷ ସ୍ଥାନରେ ରହିଥିଲା । ଚଳିତ ସଂସ୍କରଣରେ ମୁମ୍ବାଇ ତାର ପ୍ରଥମ ମ୍ୟାଚ ଚେନ୍ନାଇ ସୁପର କିଙ୍ଗସ ନିକଟରୁ ହାରିଯାଇଛି । ଏହି ମ୍ୟାଚରେ ରୋହିତ ଖାତା ଖୋଲିପାରି ନ ଥିଲେ ।

## ଜାତୀୟ ଉପକନିଷ୍ଠ ଅସିଚାଳନା: ଲିଖିତଙ୍କୁ କାଂସ୍ୟ ପଦକ

କଟକ (ଭାସ୍କର ନ୍ୟୁଜ୍): ଜବାହରଲାଲ୍ ନେହରୁ ଇନ୍‌ଡୋର ଷ୍ଟାଡିୟମ୍‌ରେ ଚାଲିଥିବା ୨୬ତମ ଜାତୀୟ ଉପକନିଷ୍ଠ ଅସିଚାଳନାରେ ଓଡ଼ିଶାକୁ ପ୍ରଥମ ପଦକ ଭେଟି ଦେଇଛନ୍ତି ଲିଖିତ କୁମାର ବିଶ୍ୱାଳ । ଶୁକ୍ରବାର ଇପି ମ୍ୟାଚ୍‌ରେ ଲିଖିତ ୧୨-୧୫ ପଏଣ୍ଟରେ ହରିୟାଣାର



ଅଶ୍ୱିନୀ କୁମାରଙ୍କଠୁ ହାରି କାଂସ୍ୟରେ ସନ୍ତୁଷ୍ଟ ରହିଛନ୍ତି । ହରିୟାଣା ପ୍ରତିଯୋଗୀ ଚମତ୍କାର ପ୍ରଦର୍ଶନ କରି ଦ୍ୱିତୀୟ ଦିନରେ ଗୋଟିଏ ସ୍ୱର୍ଣ୍ଣ, ଦୁଇଟି ରୌପ୍ୟ ଓ ତିନିଟି କାଂସ୍ୟ ଜିତିଛନ୍ତି । ପୁରସ୍କାର ବିତରଣ ଉତ୍ସବରେ ଓଡ଼ିଶା ରାଜ୍ୟ ଅସିଚାଳନା ସଂଘ ଉପସଭାପତି ରମେଶ ଚନ୍ଦ୍ର ମଲ୍ଲିକ୍, ସହଦେବ ସାହୁ, ସଂପାଦକ ଦେବେନ୍ଦ୍ର ସାହୁ, ସଂଗଠନ ସଂପାଦକ ସୁମିତ ରଞ୍ଜନ ପୁରୋହିତ, ଅମିତ କୁମାର ସାହୁ କୃତି ପ୍ରତିଯୋଗୀଙ୍କୁ ପଦକ ଦେଇଥିଲେ । ଓଡ଼ିଶା ରାଜ୍ୟ ଅସିଚାଳନା ସଂଘ, ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ଓ ଭାରତୀୟ ଅସିଚାଳନା ସଂଘ ମିଳିତ ଉଦ୍ୟମରେ ଏହି ପ୍ରତିଯୋଗିତା ଚାଲିଛି ।

## ଦକ୍ଷିଣ ଅଷ୍ଟ୍ରେଲିଆକୁ ସେଫିଲ୍ଡ ସିଲ୍ଡ ଟାଇଟଲ



କାନ୍‌ବେରା : ଦକ୍ଷିଣ ଅଷ୍ଟ୍ରେଲିଆ ଦଳ ସେଫିଲ୍ଡ ସିଲ୍ଡ ଟାଇଟଲ ଜିତି ଇତିହାସ ରଚିଛନ୍ତି । ଏହି ଟୁର୍ନାମେଣ୍ଟର ଫାଇନାଲରେ କୁଇନ୍ସଲ୍ୟାଣ୍ଡକୁ ପରାସ୍ତ କରି ଦଳ ୨୯ ବର୍ଷ ପରେ ଟାଇଟଲ ଜିତିଛି । ଦକ୍ଷିଣ ଅଷ୍ଟ୍ରେଲିଆ ଟୁର୍ନାମେଣ୍ଟ ଫାଇନାଲକୁ ୪ ଉଇକେଟରେ ଜିତିଥିବା ବେଳେ ୧୧ ଉଇକେଟ ନେଇଥିବା ବୋଲରଙ୍କୁ ପ୍ଲେୟାର ଅଫ୍ ଦି ମ୍ୟାଚ୍ ଘୋଷଣା କରାଯାଇଥିଲା । ଫାଇନାଲରେ ୧୧ ଉଇକେଟ ନେଇଥିବା ବୋଲରଙ୍କ ନାମ ବ୍ରେଣ୍ଡନ ଡଗେଟ । ୩୦ ବର୍ଷୀୟ ବ୍ରେଣ୍ଡନ ଜଣେ ଡାହାଣହାତୀ ଦ୍ରୁତ ବୋଲର ଏବଂ ଦକ୍ଷିଣ ଅଷ୍ଟ୍ରେଲିଆ ଦଳର ଖେଳାଳି । ମ୍ୟାଚ୍‌ରେ କୁଇନ୍ସଲ୍ୟାଣ୍ଡ ପ୍ରଥମେ ବ୍ୟାଟିଂ କରିଥିଲା । କିନ୍ତୁ ଦକ୍ଷିଣ ଅଷ୍ଟ୍ରେଲିୟ ବୋଲର ବ୍ରେଣ୍ଡନ ଡଗେଟଙ୍କ ଦ୍ୱାରା ସୃଷ୍ଟି ହୋଇଥିବା ବିପର୍ଯ୍ୟୟ ଯୋଗୁ ସେମାନଙ୍କର ପ୍ରଥମ ଇନିଂସ ମାତ୍ର ୯୫ ରନରେ ଅଟକିଥିଲା । ବ୍ରେଣ୍ଡନ ଡଗେଟ ପ୍ରଥମ ଇନିଂସରେ ୬ ଉଇକେଟ ନେଇଥିଲେ । ସେ ୧୧.୨ ଓଭରରେ ୩୧ ରନ ଦେଇ ଏହି ଉଇକେଟ ନେଇଥିଲେ । କ୍ୱିନ୍ସଲ୍ୟାଣ୍ଡକୁ ୯୫ ରନରେ ଅଲଆଉଟ କରିବା ପରେ, ଦକ୍ଷିଣ ଅଷ୍ଟ୍ରେଲିଆ ତାର ପ୍ରଥମ ଇନିଂସରେ ୨୭୧ ରନ କରିଥିଲା, ଯେଉଁଥିରେ ଜେକ ଲେହମ୍ୟାନଙ୍କ ଏକ ବଡ଼ ଶତକ ଥିଲା । ଲେହମାନ ମଧ୍ୟକ୍ରମରେ ୧୫୨ ବଲ ସାମ୍ନା କରି ୧୦୨ ରନ କରିଥିଲେ । ପ୍ରଥମ ଇନିଂସରେ ଦକ୍ଷିଣ ଅଷ୍ଟ୍ରେଲିଆ ୧୭୬ ରନର ଲିଡ୍ ପାଇଥିଲା । ପ୍ରଥମ ଇନିଂସ ପରି କ୍ୱିନ୍ସଲ୍ୟାଣ୍ଡ ଦ୍ୱିତୀୟ ଇନିଂସରେ ସମାନ ଭୁଲ କରି ନ ଥିଲା । ଏଥର ଦଳ ବଡ଼ ସ୍କୋର କରିଥିଲା । ଜ୍ୟାକ ଗ୍ଲିଟନ୍ ? ଏବଂ ଜ୍ୟାକ୍ ? ୱାଇଲ୍ଡରମୁଥଙ୍କ ଶତକ ବଳରେ କ୍ୱିନ୍ସଲ୍ୟାଣ୍ଡ ଦ୍ୱିତୀୟ ଇନିଂସରେ ୪୪୫ ରନ କରିଥିଲା । ଜ୍ୟାକ ଗ୍ଲିଟନ ୨୪୯ ବଲ ସାମ୍ନା କରି ୧୦୦ ରନ କରିଥିଲେ । ଯେତେବେଳେ ୱାଇଲ୍ଡରମୁଥ ୧୪୦ ବଲ ରେ ୧୧୧ ରନର ଇନିଂସ ଖେଳିଥିଲେ । ଦକ୍ଷିଣ ଅଷ୍ଟ୍ରେଲିଆର ବୋଲର ବ୍ରେଣ୍ଡନ ଡଗେଟ ମଧ କ୍ୱିନ୍ସଲ୍ୟାଣ୍ଡର ଦ୍ୱିତୀୟ ଇନିଂସରେ ପ୍ରଭାବ ପକାଇବାରେ ସଫଳ ହୋଇଥିଲେ । ସେ ଏଥର ମଧ ୫ ଉଇକେଟ ନେଇଥିଲେ । ଏହିପରି, ଫାଇନାଲ ମ୍ୟାଚ୍ ?ର ଉଭୟ ଇନିଂସକୁ ମିଶାଇ, ଡଗେଟ ମୋଟ ୧୧ ଉଇକେଟ ନେଇଥିଲେ । ଏବେ ଦକ୍ଷିଣ ଅଷ୍ଟ୍ରେଲିଆ ପ୍ରଥମ ଇନିଂସରେ ୧୭୬ ରନର ଲିଡ୍ ହାସଲ କରିସାରିଥିଲା । ଏପରି ପରିସ୍ଥିତିରେ ସେମାନଙ୍କ ସମ୍ମୁଖରେ ୨୭୦ ରନ ଲକ୍ଷ୍ୟ ଥିଲା । ଏହାକୁ ସେମାନେ ୬ ଉଇକେଟ ହରାଇ ହାସଲ କରିଥିଲେ । ୪ ଉଇକେଟରେ ବିଜୟ ସହିତ, ସେମାନେ ୨୯ ବର୍ଷ ମଧ୍ୟରେ ପ୍ରଥମ ଥର ପାଇଁ ସେଫିଲ୍ଡ ସିଲ୍ଡ ଟାଇଟଲ ହାସଲ କରିଥିଲେ । ଦକ୍ଷିଣ ଅଷ୍ଟ୍ରେଲିଆ ପାଇଁ, ଜେସନ ସାଙ୍ଘା ଦ୍ୱିତୀୟ ଇନିଂସରେ ୧୨୬ ରନ କରିଥିବା ବେଳେ ଆଲେକ୍ସ କେରି ୧୦୫ ରନ କରିଥିଲେ ।

## ଧୋନୀଙ୍କୁ ସେହବାଗ୍‌ଙ୍କ ସମାଲୋଚନା



ଚେପକ: ଆଇପିଏଲ୍‌ରେ ମହେନ୍ଦ୍ର ସିଂ ଧୋନୀଙ୍କ ବ୍ୟାଟିଂ ଅର୍ଡର ନେଇ ପୂର୍ବତନ କ୍ରିକେଟର ଓ ପ୍ରଶଂସକମାନେ ନୈରାଶ୍ୟ ବ୍ୟକ୍ତ କରିଛନ୍ତି । ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁର ବିପକ୍ଷ ମ୍ୟାଚରେ ଚେନ୍ନାଇ ସୁପର କିଙ୍ଗସର ଷ୍ଟାର ଖେଳାଳି ଧୋନୀ ୯ମ ସ୍ଥାନରେ ବ୍ୟାଟିଂ କରିବାକୁ ଆସିଥିଲେ । ଏପରିକି ଦଳର ଖରାପ ପ୍ରଦର୍ଶନ ସତ୍ତ୍ୱେ ଧୋନୀଙ୍କ ଆଗରେ ରବିଚନ୍ଦ୍ରନ ଅଶ୍ୱୀନ ବ୍ୟାଟିଂ କରିବାକୁ ଆସିଥିଲେ । ପ୍ରଶଂସକମାନେ ସୋସିଆଲ ମିଡିଆରେ ଏ ନେଇ ତାଙ୍କୁ ଟ୍ରୋଲ କରିବା ଆରମ୍ଭ କରିଛନ୍ତି । ଧୋନୀ ୧୬ ବଲରେ ୩୦ ରନ କରିଥିଲେ ମଧ ତାହା ମୂଲ୍ୟହୀନ ଥିଲା । ସେ ସମୟରେ ଚେନ୍ନାଇ ହାତରୁ ମ୍ୟାଚ ଖସିଯିବା ସହ କେବଳ ଔପଚାରିକତା ରହିଥିଲା । ପୂର୍ବତନ ବିସ୍ଫୋରକ ବ୍ୟାଟ୍ସମ୍ୟାନ ବୀରେନ୍ଦ୍ର ସେହ୍ୱାଗ ସମାଲୋଚନା କରି କହିଛନ୍ତି ଯେ, ଧୋନୀ ଏଥର ବହୁତ ଶୀଘ୍ର ବ୍ୟାଟିଂ କରିବାକୁ ଆସିଲେ । ସେ ପ୍ରାୟତଃ ୧୯ କିମ୍ବା ୨୦ ଓଭରରେ ବ୍ୟାଟିଂ କରିବାକୁ ଆସନ୍ତି ଏଥର ତ ୧୬ ଓଭରରେ ଆସିଛନ୍ତି । ବୋଧହୁଏ ତାଙ୍କ ଦଳର ବ୍ୟାଟ୍ସମ୍ୟାନ ଶୀଘ୍ର ୱିକେଟ ହରାଇ ଦେଲେ । ଇରଫାନ ପଠାନ ମଧ ଖୋଲାଖୋଲି ଭାବେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି । ଧୋନୀଙ୍କୁ ୯ ନମ୍ବର ସ୍ଥାନରେ ମୁଁ କେବେ ହେଲେ ବ୍ୟାଟିଂ କରିବା ସମର୍ଥନରେ ରହିବି ନାହିଁ । ଏହା ଦ୍ୱାରା ଦଳର କ୍ଷତି ହେବ । ଯେତେବେଳେ ୧୫ ଆଭରେଜରେ ରନ ଆବଶ୍ୟକ ଥିଲା ସେ ସମୟରେ ଧୋନୀ ନ ଆସିବା ବୁଝା ପଡୁନି । ବ୍ୟାଟିଂ ଅର୍ଡର ନେଇ ଧୋନୀଙ୍କ ପକ୍ଷରୁ କୌଣସି ବୟାନ ଆସି ନାହିଁ ।

## ଆଇପିଏଲ୍‌କୁ ରାହୁଲଙ୍କ ପ୍ରତ୍ୟାବର୍ତ୍ତନ



ନୂଆଦିଲ୍ଲୀ: ଚଳିତ ଇଣ୍ଡିଆନ ପ୍ରିମିୟର ଲିଗରେ ଭାରତୀୟ ୱିକେଟକିପର ଓ ବ୍ୟାଟ୍ସମ୍ୟାନ କେଏଲ ରାହୁଲ ଏ ପର୍ଯ୍ୟନ୍ତ ଗୋଟିଏ ହେଲେ ମ୍ୟାଚ ଖେଳି ନାହାନ୍ତି । ରାହୁଲଙ୍କ ପତ୍ନୀ ଆଥିୟା ଶେଟ୍ଟୀ ମାର୍ଚ୍ଚ ୨୪ରେ ଏକ କନ୍ୟା ସନ୍ତାନର ମାଆ ହୋଇଛନ୍ତି । ଏହି କାରଣ ଯୋଗୁ ରାହୁଲ ଲକ୍ଷ୍ନୌ ସୁପର ଜ୍ୟାଂଟସ ବିପକ୍ଷ ମ୍ୟାଚରେ ଖେଳି ନ ଥିଲେ । ତାଙ୍କ ଅନୁପସ୍ଥିତି ସତ୍ତ୍ୱେ ଅକ୍ଷର ପଟେଲଙ୍କ ନେତୃତ୍ୱରେ ଦିଲ୍ଲୀ ତାର ପ୍ରଥମ ମ୍ୟାଚରେ ବିଜୟ ହାସଲ କରିଛି । ଏବେ ରିପୋର୍ଟ ମୁତାବକ ରାହୁଲ ଦଳ ସହିତ ଯୋଗ ଦେଇଛନ୍ତି । ଦିଲ୍ଲୀ ଫ୍ରାଂଚାଇଜ ପକ୍ଷରୁ ରାହୁଲଙ୍କୁ ସ୍ୱାଗତ କରାଯାଇଛି । ସେ ସନରାଇଜର୍ସ ହାଇଦ୍ରାବାଦ ବିପକ୍ଷ ମ୍ୟାଚରେ ଖେଳିବା ଏକ ପ୍ରକାର ନିଶ୍ଚିତ ହୋଇଛି । ଗତ ବର୍ଷ ମେଗା ନିଲାମରେ ଦିଲ୍ଲୀ ତାଙ୍କୁ ୧୪ କୋଟି ଟଙ୍କାରେ ଦଳରେ ନେଇଛି । ରାହୁଲ ୧୩୨ ଆଇପିଏଲ ମ୍ୟାଚରେ ୪୫.୪୭ ଆଭରେଜରେ ୪୬୮୩ ରନ ସଂଗ୍ରହ କରିଛନ୍ତି । ୨୦୧୩ରେ ସେ ପଦାର୍ପଣ କରିବା ପରଠାରୁ ଏ ପର୍ଯ୍ୟନ୍ତ ୪ ଶତକ ଓ ୩୭ ଅର୍ଦ୍ଧଶତକ ମାରି ସାରିଛନ୍ତି । ଆଶୁତୋଷ ଶର୍ମାଙ୍କ ୩୧ ବଲରେ ୬୬ ରନ ସହାୟତାରେ ଦିଲ୍ଲୀ ରୋମାଂଚକ ମୁକାବିଲାରେ ଲକ୍ଷ୍ନୌକୁ ୧ ୱିକେଟରେ ପରାସ୍ତ କରିଥିଲା ।

## ଇଣ୍ଡିଆନ୍ ଗ୍ରାଁ ପ୍ରି-୧: ପ୍ରଜ୍ଞା ପ୍ରଶାନ୍ତିଙ୍କୁ ରୌପ୍ୟ ପଦକ



ବେଙ୍ଗାଲୁରୁ: ବେଙ୍ଗାଲୁରୁ ଆୟୋଜିତ ଇଣ୍ଡିଆନ୍ ଗ୍ରାଁ ପ୍ରି-୧ରେ ଶୁକ୍ରବାର ଓଡ଼ିଆ ଝିଅ ପ୍ରଜ୍ଞା ପ୍ରଶାନ୍ତି ସାହୁ ରୌପ୍ୟ ଜିତି ରାଜ୍ୟ ପାଇଁ ଗୌରବ ଆଣିଛନ୍ତି । ମହିଳା ୧୦୦ ମିଟର ବାଧାଦୌଡ଼ର ଫାଇନାଲ୍‌ରେ ପ୍ରଜ୍ଞା (୧୩.୪୪ ସେକେଣ୍ଡ) ଦ୍ୱିତୀୟ ସ୍ଥାନରେ ରହି ପଦକ ଜିତିଛନ୍ତି । ତାଙ୍କ ରିଲାଏନ୍ସ ଏଚ୍‌ପିସି ସାଥୀ ଜ୍ୟୋତି ୟାରାଜୀ (୧୩.୦୭) ସ୍ୱର୍ଣ୍ଣ ଜିତିଥିଲା ବେଳେ ତାମିଲନାଡୁର ନନ୍ଦିନୀ କେ (୧୩.୭୮) କାଂସ୍ୟ ପାଇଥିଲେ । ପୁରୁଷ ୨୦୦ ମିଟର ଦୌଡ଼ରେ ଓଡ଼ିଶାର ଲାଲୁ ପ୍ରସାଦ ଭୋଇ (୨୧.୨୬ ସେକେଣ୍ଡ) କାଂସ୍ୟ ଜିତିଥିଲା ବେଳେ ତାଙ୍କ ରିଲାଏନ୍ସ ଏଚ୍‌ପିସି ସାଥୀ ଅମ୍ଲାନ ବଡ଼ଗୋହାଇଁ (୨୦.୮୩) ଓ ମଣିକାନ୍ତ ହୋବଳିଧର (୨୧.୨୦) ଯଥାକ୍ରମେ ସ୍ୱର୍ଣ୍ଣ ଓ ରୌପ୍ୟ ପାଇଥିଲେ । ପଞ୍ଜାବର ଗୁରିନ୍ଦରବୀର ସିଂହ ଦେଶର ଦ୍ରୁତତମ ଧାବକ ହୋଇଛନ୍ତି । ସେ ୧୦୦ ମିଟର ଦୌଡ଼କୁ ୧୦.୨୦ ସେକେଣ୍ଡରେ ଶେଷ କରି ଏହି କୀର୍ତ୍ତିମାନର ଅଧିକାରୀ ହୋଇଥିଲେ । ରିଲାଏନ୍ସରୁ ପ୍ରତିନିଧିତ୍ୱ କରିଥିବା ଏହି ଧାବକ, ମଣିକାନ୍ତ ହୋବଳିଧର (୧୦.୨୩)ଙ୍କ ରେକର୍ଡ ଭାଙ୍ଗିଥିଲେ । ମଣିକାନ୍ତ ଅକ୍ଟୋବର ୨୦୨୩ରେ ଏହି ରେକର୍ଡ କରିଥିଲେ । ପୂର୍ବରୁ ଗୁରିନ୍ଦରବୀରଙ୍କ ଶ୍ରେଷ୍ଠ ସମୟ ଥିଲା ୧୦.୨୭ ସେକେଣ୍ଡ୍ । ୨୦୧୧ରେ ୬୩ତମ ଅନ୍ତଃରାଜ୍ୟ ଦେଡ଼କୁଦରେ ସେ ଏହି ସମୟ ରେକର୍ଡ କରିଥିଲେ ।

## ଏନସିଏ କ୍ୟାମ୍ପରେ ଯୋଗ ଦେବେ ଓଡିଶାରୁ ୪ ଖେଳାଳି



ଭୁବନେଶ୍ୱର (ଭାସ୍କର ନ୍ୟୁଜ୍): ଓଡିଶାର ୪ ଜଣ ଯୁବ ଖେଳାଳି ନ୍ୟାଶନାଲ କ୍ରିକେଟ ଏକାଡେମୀ (ଏନ୍‌ସିଏ) ୧୬ ବର୍ଷରୁ କମ ଏଲିଟ କ୍ୟାମ୍ପ ୨୦୨୫ ପାଇଁ ଚୟନ ହୋଇଛନ୍ତି । ୨୦୨୪-୨୫ ବିଜୟ ମର୍ଚ୍ଚାଂଟ ଟ୍ରଫିରେ ଭଲ ପ୍ରଦର୍ଶନ କରିଥିବାରୁ ସେମାନଙ୍କୁ ଚୟନ କରାଯାଇଛି ବୋଲି ଓଡିଶା କ୍ରିକେଟ ଆସୋସିଏଶନ ପକ୍ଷରୁ କୁହାଯାଇଛି । ଏହି ୪ ଜଣ ଖେଳାଳି ହେଲେ ମହେଶ ସାହୁ, ପଙ୍କଜ ମୋକ୍ଷିତ, ସ୍ୱାଗତ ସୌରଭ ମିଶ୍ର ଓ ରାଜ ଯାଦବ । ମହେଶ ସାଲେମରେ ହେବାକୁ ଥିବା ଟିମ ଏ କ୍ୟାମ୍ପରେ ଯୋଗ ଦେବେ । ସେହିପରି ପଙ୍କଜ ଟିମ ବି ଜୟପୁରରେ ଏବଂ ସ୍ୱାଗତ ଓ ରାଜ ଟିମ ଡିର ହେବାକୁ ଥିବା ପୁଣେ କ୍ୟାମ୍ପରେ ଯୋଗ ଦେବେ । ଏପ୍ରିଲ ୧୮ରୁ ମେ ୧୪ ପର୍ଯ୍ୟନ୍ତ ଏହି ପ୍ରଶିକ୍ଷଣ ଶିବିର ଆୟୋଜିତ ହେବ । ଏହି ପ୍ରଶିକ୍ଷଣ ମାଧ୍ୟମରେ ଖେଳାଳିମାନେ ଆନ୍ତର୍ଜାତୀୟସ୍ତରର ମୁକାବିଲା ପାଇଁ ନିଜକୁ ପ୍ରସ୍ତୁତ କରିପାରିବେ ।





## ନୀଳ କଇଁ

ସୁହଂସ ଭୋଇ

ଶରତ ସନ୍ଧ୍ୟାରେ ଅଳସ ଭାଙ୍ଗୁଛି
ଖେଳୁଛି ସରସୀ ଜଳେ
ଆକୁଳେ କୁମୁଦ ଅନେଇଛି ଉର୍ଦ୍ଧ
ଚନ୍ଦ୍ରମାକୁ ଅନାବିଳେ ।।

ସରୋବର କୋଳେ କୁଆଁରୀ କଢିଟି
ଫୁଟି ସେ ହେଲାଣି କଇଁ
ବାସ ଅନୁସରି ଚତୁର ମଳୟ
ଆସି ଦେଇ ଯାଏ ଛୁଇଁ ।।
ମଧୁପ ଲମ୍ପଟ ଘିରିଘିରି ବୁଲେ
ବାନ୍ଧିବାକୁ ପ୍ରେମଜାଳେ

ଆଗଭର ହୋଇ ଛଳନାରେ ଧୀରେ
କଥା କୁହେ କାନେ ଗେଲେ ।।
ଆବେଗର ଆଖି ଆତୁରେ ଚାହିଁଛି
ପ୍ରଣୟ ପରଶ ପାଇଁ
ନ ଦେଖି ବିରହେ ଛଟପଟ ହୁଏ
ଜହ୍ନ ବିନା ନୀଳକଇଁ ।।
ଆଶା ଆକାଶରେ ବିଛେଇ ହୋଇଛି
ନିରାଶାର କଳା ଛାଇ
ନିର୍ଲଜୀ ନୀରଦ ଉଦ୍ଦେଶ୍ୟ ତା ମନ୍ଦ
ଲୁଚେଇଛି ଆଉ କାହିଁ ।।
ଭାବନାରେ ତାର କେତେ ଯେ ଉଦାସ
ହତାଶ ବି ଆସେ ମାଡି
ଉଇଁଲେ ଅରୁଣ ତା' ରୂପ ଲାବଣ୍ୟ
ସକାଳକୁ ଯିବ ଝଡି ।।

# ଅମୃତ ପ୍ରତୀକ୍ଷା



ଅନସୂୟା ପଣ୍ଡା

ଏପ୍ରିଲ ମାସ। ଦେଶରେ ଗ୍ରୀଷ୍ମ ତା' ରୌଦ୍ର ରୂପ ଦେଖାଇବା ଆରମ୍ଭ କରି ଦେଇଥିଲା। ପାଖାପାଖି ଦୁଇବର୍ଷ ପରେ ଜାପାନର ଟୋକିଓ ସହରରୁ ଅସ୍ମିତ ଆସିଥିଲା ଭାରତକୁ। ଏୟାରପୋର୍ଟରେ ଟ୍ୟାକ୍ସି ଧରିବାକୁ ଆସୁ ଆସୁ ବରକୋଳି ପରି ବଡ ବଡ ଠୋପା ବର୍ଷା ବରଷି ଗଲା। ଗୋଟେ ପରିଚିତ ମାଟିର ବାସ୍ନାରେ ଶୀତେଇ ଉଠିଲା ମନ ପ୍ରାଣ।

ସେଠି ବର୍ଷା ହୁଏ, ହେଲେ ଏମିତି କେବେ ତାକୁ ପୁଲକିତ ଲାଗିନି। ଟ୍ୟାକ୍ସିରେ ବସି ବେଧଡକ ବର୍ଷାକୁ ଉପଭୋଗ କରୁ କରୁ ସ୍ମୃତିର ଉଜାଣିରେ ଚାଲିଗଲା ହଜିଲା ଅତୀତକୁ। ଅସଂଖ୍ୟ ଅନୁଭବର ଛବି ସତେ ଯେପରି ତା' ଆଗରେ ଜୀବନ୍ତ।

ମନେ ପଡିଲା ସାନୁ କଥା। ଇଞ୍ଜିନିୟରିଂ ପଢିବା ବେଳେ ତାର ସହପାଠିନୀ ସାନୁ ଥିଲା ତାର ପ୍ରଥମ ପସନ୍ଦ। କଥାରେ କାମରେ ସଂଯମର ସ୍ୱର୍ଶ ଅଧିକ। ତା' ସୁଗଠିତ ଅଙ୍ଗସୌଷ୍ଠବ ମୋ ପାଇଁ ଆକର୍ଷଣୀୟ ଥିଲା। କେତେ ଯେ ବର୍ଷା ଖରା ଖାଇ ଦୌଡ଼ିଛି ତା' ପଛରେ।

ସେ କିନ୍ତୁ ଧରା ଦେଇନି ସହଜରେ ମୋ ପାଖରେ। ଆଜି ବି ସେଇ ସାନୁ ସତେଜ ତା ସ୍ମୃତିର ବଗିଚାରେ। ସାନୁ ସୁନ୍ଦର ଥିଲା।

ଅଦ୍ଭୁତ ମାଦକତା ତା' କଥାରେ ଆଉ ଆଖିରେ। କାହାରିକୁ ସାହାଯ୍ୟର ହାତଟିଏ ସର୍ବପ୍ରଥମ ବଢ଼ାଇବା କାମ ସାନୁର। ଚାହେଁ ପ୍ରାକ୍ଟିକାଲ ରେକର୍ଡ ଲେଖା କି ଦେହ ଖରାପ, ଯାହା ଅସୁବିଧା ଆସିଲେ। ସମସ୍ତେ ତାକୁ ପ୍ରଶଂସା କରନ୍ତି। ହେଲେ ମୁଁ ଯଦି କିଛି କହିବା ପାଇଁ ଯାଏ ସେ ବାଆଁରେଇ ହୋଇ ଚାଲିଯାଏ। କହେ ଛାଡ ସେ କଥା। ମତେ ମୁହଁ ଶୁଖେଇ ଆସିବାକୁ ପଡେ ସେଠୁ। ସମୟ ଗଡି ଚାଲିଲା। କ୍ୟାରିୟର୍ ଗଢିବା ନାମରେ କିଶୋରୀ ସାନୁ ଦୂରେଇ ଗଲା। ମୁଁ ତା' ସ୍ମୃତିକୁ ଜାବୁଡି ଧରି ଏକ ତରଫା ପ୍ରତୀକ୍ଷାରେ ରହିଲି।

ଦୃଢ ଆତ୍ମବୋଧରେ ବିଶ୍ୱାସ କିନ୍ତୁ ହରେଇ ନଥିଲି। ମୁଁ ବିଦେଶ ପଳେଇ ସେଇଠି ନିଜ ଭବିଷ୍ୟତ ଗଢିଲି।

ଏହା ଭିତରେ ଗାଆଁ ଭିତରକୁ ମୋ ଗାଡି ଗଡ଼ିଲାଣି। ଗାଁ ଶ୍ମଶାନ ପଡେ ଆଗ। ପ୍ରଣାମଟିଏ କଲା ଜେଜେଙ୍କ ଉଦ୍ଦେଶ୍ୟରେ। ଘରେ ପହଞ୍ଚି ଖାଲି ପାଦରେ ଦାଣ୍ଡରେ ଘେରାଏ ବିଜୁଳି ବେଗରେ ବୁଲି ଆସିଲା।

ଏକମାତ୍ର କୁଳନନ୍ଦନକୁ ବହୁତ ଦିନ ପରେ ଦେଖି ବୋଉ କହୁଥିଲା, "ପାଗଳାଟା ! କାଦୁଅ ଗୋଡଯାକ ହେଲା। ରହ ! ମୁଁ ପାଣି ଆଣି ଦିଏ। ଗୋଡଟା ଧୋଇ ଘରକୁ ଆସିବୁ।"

-ବୋଉ ଟିକେ ରହ ମୁଁ ଟିକେ ଭିଜେ ଏ ବର୍ଷାରେ, ଏ ମାଟିର ବାସ୍ନାରେ। ଅଦ୍ଭୁତ ଆନନ୍ଦ ଏଥିରେ।

ପରେ ଘର ଭିତରକୁ ଯିବି କହି ଖାଲି ପାଦରେ ସିଧା ଚାଲିଗଲା ଗାଁ ମନ୍ଦିର ଯାଏ। ସିଂହାସନରେ ବିଜେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ମୁଣ୍ଡିଆଟିଏ ମାରି ଫେରିଲା। ବୋଉ କାନିରେ ମୁଣ୍ଡ ପୋଛିଦେଲା। ଗରମ ଗରମ ଶାଗ, ବଡ଼ିଚୁରା, ଚୁନା ମାଛ, ବାଇଗଣ ପୋଡ଼ା, ତା ସାଙ୍ଗକୁ ପନିର ଖାଇବାକୁ ସେ ବାଢିଦେଲା। ବାଡି କୁଅର ନଡିଆ ରସ ପରି ମଧୁର ପାଣିରେ ଖୁସି ଲାଗିଲା।

ଅସ୍ମିତ କହିଲା, "ଏତେ ଭଲ ଭଲ ଖାଇବାରେ ପନିର୍ କାହିଁକି କରୁଥିଲୁ। ମୁଁ ଥିବା ଯାଏ ଆଉ ପନିର୍ କରିବୁନି। ମୁଁ କେବଳ ତୋ ହାତର ଓଡ଼ିଆ ଖାଦ୍ୟ ଖାଇବି। ଏଥର ଟିକେଟ୍ କରିଦେଉଛି ତୁ ଆଉ ବାପା ମୋ ସହିତ ଯିବ।"

ବୋଉ ପଚାରିଲା, "ଜେଜେ ମା କୋଉଠି ରହିବେ ? ଠାକୁର କିଏ ପୂଜା କରିବ ? ତୁ ତ ଜାଣିଛୁ ବାପା ସ୍ଥିର ଲୋକ ନୁହଁନ୍ତି। ସେ ଘଣ୍ଟାରେ ଦୁଇଥର କୁଆଡେ ଯାଇ ବୁଲି ଆସନ୍ତି। ବଞ୍ଚିଥିବା ଯାଏ ଲୋଭ। ଏ ବାଡ଼ି ଘରଦ୍ୱାର ଲୋକ କ'ଣ ରଖିବେ ? ଜୀବନ ସାରା ଖଟଣିରେ ସଜାଡିଛନ୍ତି ଏ ଘର ସଂସାର। ତତେ ତ ବିବାହ ପାଇଁ କହି କହି ଥକିଲି। କେତେ ଜିଦ୍ କଲି, ରାଗିଲି, ରୁଷିଲି, କାନ୍ଦିଲି। ହେଲେ ସବୁ ବୃଥା। ସବୁବେଳେ ଷ୍ଟଗଲର କହି ଫ୍ୟୁଚର ଗଢିବା ବାହାନାରେ ଟାଳିଦେଲୁ। ତୋର ବୁଝିବା ବୟସ କେବେ ହେବ କେଜାଣି ?"

ବୋଉ ବ୍ୟସ୍ତ ହେବାଟା ଥୟ। ଘରେ ଅସ୍ମିତ ଥିବା ଯାଏ ଲାଗିଲା ଯେମିତି କିଛି ପର୍ବ ପର୍ବାଣୀ। ସବୁଦିନ କେତେ ରକମର ରୋଷେଇ। ବୋଉକୁ ଯେମିତି ଫୁରୁସତ୍ ନ ଥାଏ। ସମୟ ପାଇଲେ ଅସ୍ମିତ ସହ ଗପ, ମୁଣ୍ଡରେ ତେଲ ମାଲିସ୍ ଇତ୍ୟାଦିରେ ସମୟ ସରିସରି ଆସୁଥାଏ। କେବେ ବୋଉକୁ କହେ ଚାଲ ଯିବା ନଈକୂଳ ଯାଏ। ସେଇଠିକାର ପବନ ଲାଗେ ଖୁବ୍ ଆତ୍ମୀୟ। ସେ ବସେ, ବୋଉ ସହ ଗପେ। ଅକ୍ଷୟ ମହାନ୍ତିଙ୍କ ଓଡ଼ିଆ ଗୀତ ଗୁଣୁ ଗୁଣୁ ଗାଏ।

ବୋଉ ପଚାରେ ସେଠି ପରା ତୁ ଏତେ ବୁଲୁଛୁ। ଏ ଗାଁରେ କ'ଣ ଅଛି ଯେ ତୁ ଏତେ ଭାବୁକ ସ୍ୱଭାବର ହେଉଛୁ।

-ଏଠି ବୋଉ ଅଛି। ଜୀବନ ଅଛି, ଶାନ୍ତି ଅଛି, ଆତ୍ମୀୟତା ଅଛି। ମାଟିର ବାସ୍ନାରେ ସମ୍ମୋହନ ଅଛି। ପବନରେ ସମ୍ବେଦନା ଅଛି। ନୈସର୍ଗିକ ଅନୁଭବ ଅଛି। ସେଠି ମୁଁ ମେସିନ୍ ଭଳି। ମୋ ଭିତରେ ରାଗ, ଅନୁରାଗ, ଅଭିମାନ, ସ୍ନେହଶ୍ରଦ୍ଧା ସବୁ ଶୁଷ୍କ କହିଲେ ଅତ୍ୟୁକ୍ତି ହେବନି। ପବନରେ ଉତ୍କଣ୍ଠା କି ବ୍ୟାକୁଳତାର ଇଙ୍ଗିତ ନଥାଏ।

ପିଲାଙ୍କ ଅନ୍ତର ଚିହ୍ନିବାର ଶକ୍ତି ମମତାର ସର୍ବସହଣୀ ମାଆଙ୍କର ଥାଏ। କାହିଁକି କେଜାଣି ଅସ୍ମିତର କଥାରେ ବୋଉର ମନଟା କୋରି ବିଦାରି ହେଇଗଲା। ପୁଅର ଅନ୍ତର୍ନାଦ ତାଙ୍କ ହୃଦୟକୁ ଦୋହଲାଇ ଦେଲା। ସେ ବିକଳ ହୋଇ କହିଲେ, "ଏକୁଟିଆ ପଣ ତତେ ଏତେ ଅସହ୍ୟ ଲାଗୁଛି ସେଠି। ଗୋଟେ ଭଲ ବିବାହ ପ୍ରସ୍ତାବ ଆସିଛି। ମୋ ମନକୁ ତ ବହୁତ ପାଇଛି। ହେଲେ ପୁଅ ରାଜି ନୁହେଁ କହି ମଧ୍ୟସ୍ଥିକୁ ଦୁଇଥର ଫେରେଇ ଦେଇଥିଲି। ଝିଅର ଫଟୋ ମୋ ମୋବାଇଲରେ ଅଛି। ଟିକେ ଦେଖୁନୁ। ଝିଅ ଭୁବନେଶ୍ୱରରେ ସହକାରୀ ପ୍ରଫେସର। ସ୍ଥାୟୀ ଚାକିରୀ। ଦେଖିବାକୁ ସୁନ୍ଦର।"

-ଦେଖା ତ ଫଟୋ କହିଲା ଅସ୍ମିତ। ଫଟୋ ଦେଖି ଅସ୍ମିତ ଆଶ୍ଚର୍ଯ୍ୟ ହେଲା। ଉତ୍କଣ୍ଠା ଓ ଆଗ୍ରହରେ ତା' ପାଟିରୁ ବାହାରି ଗଲା, "ଆରେ ମୋ ସାନୁ। ବୋଉ ! ତା'ରି ପାଇଁ ତ ମୁଁ ବାହା ହେଲିନି। ମୋ ଜୀବନଠୁ ବଳି ତାକୁ ଭଲ ପାଉଥିଲି। ମନେମନେ ଭାବିଥିଲି ଯଦି ବାହା ହେବି କେବଳ ତାକୁ। ନ ହେଲେ ନାହିଁ। ତୁ ମତେ ଆଗରୁ କହିଲୁନି।" ଖୁସିରେ କୁରୁଳି ଉଠିଲା।

ଏଭଳି ଏକ ଅଚିନ୍ତନୀୟ ସମାଧାନରେ ବୋଉ ମନତଳର ଓଜନିଆ ପାହାଡ଼ଟା ସୋଲପରି ଭାସି ଉଠିଲା। କାଳ ବିଳମ୍ବ ନ କରି ମନ୍ଦିରରେ ଭଲ ଲଗ୍ନାହରେ ବିବାହ ସମ୍ପନ୍ନ ହୋଇଥିଲା ଦୁହିଁଙ୍କର। ବହୁ ପ୍ରତୀକ୍ଷିତ ମିଳନର ଶୁଭରାତ୍ରିରେ ସୁସଜ୍ଜିତା ସାନୁକୁ ସାଦର ସ୍ୱାଗତ କଲେ। ପତ୍ନୀର ପ୍ରୀତିରେ ସମ୍ପୂର୍ଣ୍ଣ ମୋହଗ୍ରସ୍ତ ଅସ୍ମିତ ହାତ ମାରି ଦେଖୁଥିଲା ତା' ସାନୁକୁ। ଆରେ ଏ ସବୁ ସତରେ ଘଟୁଛି ନା ମୁଁ ସୁଖଦ ସ୍ୱପ୍ନରେ ଦେଖୁଛି। ଅକ୍ଷୁର୍ଣ୍ଣ କୌମାର୍ଯ୍ୟର ପବିତ୍ର ଦ୍ୟୁତି ଝଲକି ଉଠୁଛି ପ୍ରାଣବଲ୍ଲଭାର ଅପୂର୍ବ ରୂପକାନ୍ତିରେ।

ଅଧୋବଦନା ସାନୁ ମୁରୁକି ମୁରୁକି ହସି ଦେଇ କହିଥିଲା, "ଏମିତି ହୃଦୟ ଦେଇ ଭଲ ପାଉଥିବା ରୋମାଣ୍ଟିକ୍ ମନର ମଣିଷକୁ ଛାଡି କ'ଣ ରହି ହୁଏ। ମୁଁ ବି ଏ ମାହେନ୍ଦ୍ର ଲଗ୍ନକୁ ପ୍ରତୀକ୍ଷା କରି ବିବାହ ନ କରି ରହିଥିଲି।"

ଅତ୍ୟନ୍ତ ଅନୁରାଗରେ ପାଖକୁ ଆଉଜାଇ ଆଣି ଯୁଗ୍ମ ଜୀବନର ପ୍ରାରମ୍ଭ କଲେ। ଅମୃତ ପ୍ରତୀକ୍ଷାର ଅନ୍ତ ହେଲା।

ଅସ୍ମିତକୁ ଘର ସଂସାର, ମାଟିର ବାସ୍ନା ବେହାଲ୍ କରୁଥିଲା। ଆଉ ସେ ଜାପାନ ଫେରିଯାଇ ନଥିଲା। ଏଇଠି ନିଜ ରାଜ୍ୟରେ ନୂଆ ଷ୍ଟାର୍ଟଅପ୍ ଖୋଲିଥିଲା।

*ବୁର୍ଲା, ସମ୍ବଲପୁର*
*ମୋ- ୯୪୩୯୨୧୧୯୭୧*

## କବିତା ଗୁଚ୍ଛ



## ସେହି ମୋ ପ୍ରେମ ଉତ୍କଳ ଭୂଇଁ

ସୁଜିତ୍ କୁମାର ମିଶ୍ର

ଉଇଁଲେ ସୂର୍ଯ୍ୟ ଛୁଟଇ ଯାର
ଆଶାଫୁଲର ବାସ
ଉଦୟ ରାଗେ କଣ୍ଠରୁ ଝରେ
ପ୍ରଣୟ ଗୀତ ରସ
ସୁନା କିରଣ ସରାଗ ଯାର
ସବୁକୁ ଯାଏ ଛୁଇଁ....
ସେହି ମୋ ପ୍ରେମ ଉତ୍କଳ ଭୂଇଁ ।

ଯାର ଆକାଶେ ଭାବର ରଙ୍ଗ
ସାତସୁରରେ ଝରେ
ପାହାଡ ବନ ଶୁଖିଲା ଓଠେ
ଶ୍ୟାମଳ ହସ ଭରେ,
ତାର ମନଟି ସୁନ୍ଦର ବନ
ମରତେ ମଧୁର ନଈ...
ସେହି ମୋ ପ୍ରେମ ଉତ୍କଳ ଭୂଇଁ ।

ଯା ବଡଦାଣ୍ଡେ ଜଗତ ନାଥ
ଆମ ମୁରବୀ ନିତି,
ପାହାଚ ଚଢି ପ୍ରାପତ ହୁଏ
ଅମୂଲ୍ୟ ହୀରା ମୋତି,
ତା ପରିଚୟ ବଡ ଠାକୁର
ଜଗତେ ଆଉ କାହିଁ....
ସେହି ମୋ ପ୍ରେମ ଉତ୍କଳ ଭୂଇଁ ।

ଯାର ବାଲୁତ ବଡ ସାହସୀ
ଜ୍ଞାନ ଗରିମା ବୁଣି,
ସାଧନ ବଳେ ସୁନା ସପନେ
ଜଗତ ଯାନ୍ତି ଜିଣି,
ଚାରୁ କଳାର କୋଣାର୍କ ଗଢା
ଯଶ କୀରତି ଗାଇ....
ସେହି ମୋ ପ୍ରେମ ଉତ୍କଳ ଭୂଇଁ ।

*ଜନାର୍ଦ୍ଦନପୁର ଶାସନ*
*କେନ୍ଦୁଝର*
*ମୋ-୭୬୮୩୮୬୭୭୪୨*

## ଚଇତ ଆସିଛି...

ରାମଚନ୍ଦ୍ର ବେହେରା

ବସନ୍ତ ସମ୍ଭାରେ ଚଇତ ଆସିଛି
କୁସୁମେ ସଜେଇ ଦେହ
ମୃଦୁ ମଳୟରେ ମଲ୍ଲୀ ଓ ବକୁଳ
ବାସୁଅଛି ମହମହ
ଚଉଦିଶ ମଧୁମୟ
ପତ୍ରଝଡା ତରୁ ନବ ପଲ୍ଲବରେ
ଦିଶୁଅଛି ଶୋଭାମୟ।

ନାଲି ଟହଟହ ଅଶୋକ ଶିମୂଳୀ
କି'ସୁନ୍ଦର ତା'ର ଶିରୀ
କୋଇଲି ଗାଉଛି କୁହୁକୁହୁ ଗୀତ
ପଂଚମ ରାଗିଣୀ ଭରି
ଉଜ୍ଜ୍ୱଳ ଦୀପ୍ତି ପ୍ରକାଶେ
ଦିବ୍ୟ ଋତୁରାଜ କମନୀୟ ରୂପ
ସ୍ୱର୍ଗ ଅନୁରୂପ ଦିଶେ।

ନୀଳ ଆକାଶରେ ତପନ ହସୁଛି
ଅଜାଡିଛି ଟାଣ ଖରା
ବଣ ଜଂଗଲର ବିନାଶ କାରଣେ
ଜୀବଜନ୍ତୁ ବେସାହାରା
ଶୁଭେ ଶଂଖ ହୁଳହୁଳି
ଚଇତି ମଂଗଳା ପୂଜନ୍ତି ଗୃହିଣୀ
ଗାଆଁ ଦାଣ୍ଡେ ହୋଇ ମେଳି।

ଆଗକୁ ଆସୁଛି ପୂଣ୍ୟ ନବରାତ୍ର
ପୂଜା ହେବେ ଦୁର୍ଗାମାତ
ସତ୍ୟନିଷ୍ଠ ଚିତ୍ତେ ଶ୍ରଦ୍ଧାଳୁ ପାଳିବେ
ରଖି ଉପବାସ ବ୍ରତ
ରାଧାକୃଷ୍ଣ ନାମ ଧ୍ୟାୟୀ
ବସନ୍ତ ରାହାସ ପାଳିବେ ରାଇଜେ
ଧର୍ମ ନୀତି ଆପଣାଇ।

ଆମ୍ବ ଚଣା ହସେ ଗାଆଁ ତୋଟାମାଳେ
କେତକୀ ମହକ ଆସେ
କଅଁଳ କାକୁଡି ଆମ୍ବ ନସି ସହ
ପଖାଳ ତୋରାଣୀ ବାସେ
ହଳଦୀ ବସନ୍ତ ଆସେ
କିଚିରି ମିଚିରି ଗୀତ ଗାଇ ଗାଇ
ସଭିଂକ ପରାଣ ତୋଷେ।

*ତେନ୍ତୁଳିପଦା, ଜଗତସିଂହପୁର*
*ମୋ-୭୩୫୬୭୩୪୩୪୬*

## ଋତୁରାଜଙ୍କ ଆଗମନେ

ସଙ୍ଗୀତା ଦିପ

ମତ୍ତ ମଧୁପର ମୃଦୁ ଗୁଞ୍ଜନେ
ମୁକୁଳର ଅଭିନନ୍ଦନ,
କୋକିଳର ପଞ୍ଚମ ତାନରେ ଶୋଭେ
ବସନ୍ତର ଆଗମନ ।।

ଲାସ୍ୟମୟୀ ପ୍ରକୃତିର ଅପୂର୍ବ ସମ୍ଭାର
ଶୋଭା ସମ୍ପଦ ପସରା,
ନବ ପଲ୍ଲବିତ କୁସୁମିତ ଧରା
ସୁରଭିତ ଜଗତ ସାରା ।।

ଜୁଇ ଜାଇ ମଲ୍ଲୀ ମାଳତୀ ସେବତୀ
ଧରଣୀର ସାଜେ ଗଭା,
ସବୁଜ ବର୍ଣ୍ଣର ପାଟ ଅଙ୍ଗ ବସ୍ତ୍ର
ବିମୁଗ୍ଧ କରେ ଶୋଭା ।।

ମଳୟର ମୃଦୁ ମନ୍ଦ ପ୍ରବାହରେ
ଯୌବନରେ ମାଦକତା,
ଏ ଋତୁ ହେଉଛି ଆନନ୍ଦ ଉଲ୍ଲାସର
ମଧୁମୋହତ୍ସବ ମଧୁରତା ।।

ନବ ଯୌବନା ଷୋଡ଼ଶୀ ଧରଣୀ
ରୂପରେ କରେ ସ୍ୱାଗତ,
ଢାଳି ଦେଉଅଛି ପ୍ରେମର ପରସ
ଆସିଛି ବୋଲି ବସନ୍ତ ।।

ବଉଳ ସୁଗନ୍ଧରେ ଆମ୍ରୋବିଭୋର
କୋଇଲି କରେ ରାସ,
ବଉଳ କୋଇଲିର ଅଟୁଟ ପ୍ରେମ
ଚହଟୁ ଥାଏ ଚତୁର ପାସ ।।

ଫଗୁଣ ସହ ମଳୟ ସମ୍ପର୍କ ଯେମିତି
ଚୈତ ସହ ଚୈତାଳିର,
ବଉଳ ସହ ବସନ୍ତର ଯେମିତି
ବସନ୍ତ ସହ ଧରଣୀର ।।

ଋତୁ ପ୍ରକୃତିର ମିଳନ ପର୍ବରେ
କବି କଲମ ହୁଏ ଝର ଝର,
ପ୍ରକୃତି ପ୍ରେମରେ ହଜି ଯାଏ ପୁଣି
ସମ୍ପର୍କ ଗଢେ କବି ସହ କବିତାର ।।

*ବରଗଡ଼, ହାଟପଦା*
*ମୋ-୭୯୯୧୦୬୫୩୩୮*

## ସୀମାନ୍ତ ଯୋଦ୍ଧା

ରତ୍ନକାନ୍ତି ମିଶ୍ର

ନିଜ ସ୍ୱାର୍ଥ ପାଇଁ ନୁହେଁ ମୋ ଜୀବନ
ଦେଶସେବା ମୋର ବ୍ରତ
ସୈନିକ ମୁଁ ଏକ ଭାରତବର୍ଷର
ସୀମାନ୍ତ ମୋ କର୍ମକ୍ଷେତ୍ର ।।

ଅତନ୍ଦ୍ର ମୁଁ ଏଠି ଜଗିଛି ସୀମାନ୍ତ
ଲେଶ ମାତ୍ର ନାହିଁ ଭୟ
କିବା ଦିନ କିବା ରାତି ମୁଁ ଜାଗ୍ରତ
ଦେଶ ସୁରକ୍ଷାରେ ଲୟ ।।

ଏ ମାଟି ମୋ ପାଇଁ ସରଗଠୁ ବଡ଼
ମୁଁ ଯୋଦ୍ଧା ସୈନିକ ବୀର
ଏ ଦେଶ ସୀମାନ୍ତ ସୁରକ୍ଷା ନିମିତ୍ତ
ପ୍ରାଣ ଉତ୍ସର୍ଗିତ ମୋର ।।

ଜୀବନକୁ ମୁହିଁ କରିପାରେ ତୁଚ୍ଛ
ପ୍ରିୟ ମାତୃଭୂମି ପାଇଁ
ଶତ୍ରୁକୁ ରୋଧିବି ଯଶ ରଖିଯିବି
ଲକ୍ଷ ପଥେ ସ୍ଥିର ରହି ।।

ମୋ ଦେହର ଯଦି ଶେଷ ରକ୍ତ ବିନ୍ଦୁ
ତୋଳେ ଦେଶ ଜୟକାର
ସେଇ ହେବ ମୋର ଦୀପ୍ତ ପରିଚୟ
ଦୃପ୍ତ ବିଦାୟର ସ୍ୱର ।।

ସହୀଦ ହୋଇଲେ ମାଟି ମାଆ ପାଇଁ
ସେଇ ମୋର ସନମାନ
ମୋ ଦେହ ରକତ ହେବ ମୋ ଲଲାଟେ
ବିଜୟ ତିଳକ ଚିହ୍ନ ।।

*ଆଳି, କେନ୍ଦ୍ରାପଡା*

## ଆଗୋ ରଜନୀ



ରମାକାନ୍ତ ଦାସ

ଆଗୋ ରଜନୀ
ତୁମେ ଆସନି
ତୁମେ ଆସିଲେ
ହୃଦୟ କଳେ ନୀରବରେ
ଝରି ଝରି ଯାଏ
ସବୁ ପ୍ରୀତି ମୋର
ଲୁହର ଝରଣାରେ ।।

ଆଗୋ ରଜନୀ
ତୁମେ ଆସିଲେ
ମନେ ବଢଇ ଅଶାନ୍ତ କୋହ
ସ୍ୱପ୍ନ ଧାରେ ଧାରେ
ଲୋତକର ନଦୀ ଝରେ
ତୁମ ସ୍ମୃତି ଜାଳେ ଅହରହ ।।

ଆଗୋ ରଜନୀ
ତୁମେ ଭରିଦିଏ
ହୃଦୟରେ ଶୂନ୍ୟତା
ଜହ୍ନ ଉଇଁଲେ
ତାରା ହସିଲେ
ଲୁହରେ ଭିଜଇ ଆଖିପତା ।।

ଆଗୋ ରଜନୀ
ତୁମେ ଜଳାଅ
ଅୟୁତ ଯୁଗର ଯନ୍ତ୍ରଣାରେ
ଜୀବନ ଘଣ୍ଟା ମୋ
ଅଟକାଇ ଦିଅ
ଅତୀତର ସ୍ମୃତିଘରେ ।।

ଆଗୋ ରଜନୀ
ତୁମେ ପାହନି
ଶେଫାଳୀ ପଡ଼ିବ ଝରି
ଅଶାନ୍ତର ଉର୍ମି
ଶାନ୍ତ ପଡ଼ିଯିବ
ମୋ ସ୍ୱପ୍ନସବୁ ଯିବ ସରି ।।

ଆଗୋ ରଜନୀ
ତୁମେ ଯାଅନି
ନୂଆ ସକାଳକୁ ମୁଁ ଡ଼ରେ
ମୋ ସ୍ୱପ୍ନସବୁ ତାକୁ ଡରେ
ମୁଁ ଭଲପାଏ ତାକୁ ଅନ୍ଧାରରେ ।।

*ନନ୍ଦିଗ୍ରାମ , ନାଉଗାଁ"*
*ଜଗତସିଂହପୁର*
*ମୋ - ୯୬୬୮୮୧୫୩୬୯*

## ସକାଳ ଦେହକୁ ହିତ.........

ଗୋପୀନାଥ ଦାଶ

ସକାଳ ଖରା ଭାରି ମଜାଳିଆ
ଦେହକୁ ଭାରି ଭଲ
ସକାଳୁ ସକାଳୁ ଭଲ ଲାଗେ ସବୁ
ମନଟା ଥାଏ ନିର୍ମଳ।

ସକାଳ ଛବି କେତେ ମନୋହର
ମନ କୁ କିଣି ନିଏ
ନିଡ ଛାଡି ପକ୍ଷୀ ଉଡି ଯାଉଥାନ୍ତି
ଚାଷୀ ହଳ ନେଉ ଥାଏ।

ସକାଳ କାକର ସବୁଜ ଘାସ ରେ
ଚାଲିବାକୁ ହୁଏ ମନ

ସକାଳ ସମୀର ଫୁର୍ତ୍ତି ଆଣେ କେତେ
ବୁଲି ଆସିଲେ କିଛି କ୍ଷଣ।

ପରିବା କ୍ଷେତ କୁ ସକାଳୁ ଦେଖିଲେ
ପୁରିଯାଏ ସତେ ପେଟ
ଜଳ ସ୍ଥଳ ବାୟୁ ଲାଗେ କେତେ ତୋଫା
ସକାଳ ଦେହକୁ ହିତ।

ସକାଳେ ପିଲେ ଅଭ୍ୟାସ କଲେ
ସହଜ ହୁଏ ପାଠ
ସଅଁଳ ସଅଁଳ ଶେଜ କୁ ଛାଡିବ
କରିବନି କେବେ ମଠ।

*ବରପାଲି ପଡା, ବଲାଙ୍ଗିର*
*ମୋ- ୬୩୭୧୮୦୫୦୭୦*

## ମୋ ଭାଷା

ବିଷ୍ଣୁପ୍ରିୟା ମହାପାତ୍ର

ଓଡ଼ିଶା ମୋହର ଜନମ ଭୂଇଁରେ
ଓଡ଼ିଆ ମୋହର ଭାଷା,
ଇତିହାସ କହେ ମୋ ମାଟି ଗୌରବ
ଗର୍ବ ଗାରିମାର ଗାଥା।
ସ୍ୱର୍ଣ୍ଣଭୂମି ଏହି ପବିତ୍ର ମାଟି
ମୋ ଦେବଭୂମି ଅଟେ ସେହି,
ମୋ ମାଟିର କବି ରଚିଲେ କବିତା
କାଳଜୟୀ ଅଛି ହୋଇ।
ଭଗ୍ନ କୋଣାର୍କର ଚାରୁ ଚିତ୍ରପଟ୍ଟ
ସଭିଙ୍କୁ କରେ ଚକିତ,
ନିହାଣ ମୂନରେ ମୋ ମାଟିର ଭାଷା
ହୋଇଛି ଦେଖ ଖୋଦିତ।
ଧଉଳି ଯେ ଗାଏ ଅଶୋକଙ୍କ ଗାଥା
ଚଣ୍ଡାଶୋକ ଥିଲେ ସେହି,
କି ଭାଷା କହିଲା ମୋ ଉତ୍କଳ ମାଟି
ଗଲେ ଧର୍ମାଶୋକ ହୋଇ।
ମୋ ମାଟି ନିର୍ଝର କୋଟି ଜନମନ
ନେଉଥାଏ ପରା କିଣି
କବି ରଚିଥାଏ କବିତା ଯେଉଁଠି
ଦେଖି ତାର ଠାଣିମାଣି।
ଶିଳାକହେ କଥା ମୋପୂଣ୍ୟ ମାଟିରେ
ମୋ ଭାଷା ନୁହଁଇ ହୀନ,
ଗଢିଅଛି କେତେ ବୀର ବୀରଙ୍ଗନା
କିଏ ବା ରଖିଛି ମନେ।
ମୋ ମାଟିର ପ୍ରାଚୀ ଅଟେ ଗରିୟସୀ
ଗଙ୍ଗା ଠାରୁ ସେ ପବିତ୍ର,
ମୋ ଜଗାର ଅନ୍ନ ଖାଇଯେ ଆନନ୍ଦେ
ମୁଣ୍ଡେ ବୋଳୁଥାନ୍ତି ହାତ।
ମୋ ଦେଶର ଚାରୁ ଚିତ୍ରପଟ ସିନା
ହରୁଥାଏ ସବୁ ମନ,
ଦେଶବିଦେଶର ଦର୍ଶକଙ୍କୁ ସେତ
ଭାବରେ କରେ ନିମଗ୍ନ।
ମନ୍ଦିର ମାଳିନୀ ଓଡିଶା ଭୂଇଁ ମୋ
ଦେବତା କହେଟି କଥା,
ଜୟଦେବଙ୍କ ର ଗୀତଗୋବିନ୍ଦ ରେ
କୃଷ୍ଣ ଦେଇଥାନ୍ତି ଦେଖା।
ମୋମାଟିର ଭାଷା କେତେଯେ ମହତ
କେବେ ତା ନୁହଁଇ ହୀନ
ଯା ଗାଥା ଗାଇଲେ ବିଶ୍ୱେ ପରିଚିତ
ହରୁଥାଏ ଜନମନ।

*ଦହିଖିଆ, କାକଟପୁର, ପୁରୀ*


Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com

ମୁଖ୍ୟ ସମ୍ପାଦକ: **ପ୍ରଦୋଷ ପଟ୍ଟନାୟକ**
Chief Editor: Pradosh Pattanaik



କେନ୍ଦୁଝର(ଭାସ୍କର ନ୍ୟୁଜ୍): କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ପଦ୍ମପୁର ପଞ୍ଚାୟତ ଜଡିଚାତର ଗ୍ରାମରେ ସାନ୍ତାଳି ଅଲଚିକି ବିଦ୍ୟାଳୟ(ଆଦିମ ମାର୍ଶାଲ ସାନ୍ତାଳି ଅଲଚିକି ଅକାଳା)ଉଦ୍ଘାଟିତ ହୋଇଛି ।ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଜେପି ରାଇସୁଆଁ ମଣ୍ଡଳ ସଭାପତି ସମୀର କୁମାର ସାହୁ,ବକ୍ତା ବସନ୍ତ କୁମାର ଦାନୀ,କେନ୍ଦୁଝର ଜିଲ୍ଲା ସାନ୍ତାଳ ସମାଜର ଜିଲ୍ଲା ପାରାଗାନା ସମ୍ବରା ଟୁଡୁ,ବିଶିଷ୍ଟ ସମାଜସେବୀ ସଞ୍ଜୟ ମୁଣ୍ଡା,ସାନ୍ତାଳି ଶିକ୍ଷା ଆସୋସିଏସନ୍ ରାଇରଙ୍ଗପୁର ସଭାପତି ମନୋରଞ୍ଜନ ମୁର୍ମୁ,ସଭାପତି ଲକ୍ଷ୍ମଣ କିସ୍କୁ ସମେତ ସ୍ଥାନୀୟ ଅଞ୍ଚଳର ମାଝୀବାବାମାନେ ନିମନ୍ତ୍ରିତ ଅତିଥି ଭାବେ ଉପସ୍ଥିତ ଥିଲେ। ସ୍କୁଲର ପ୍ରତିଷ୍ଠାତା ଓ ଲକ୍ଷ୍ୟ ଉଦ୍ଦେଶ୍ୟ ସାନ୍ତାଳି ଭାଷା, ଶିକ୍ଷା ସଂସ୍କୃତି ପରମ୍ପରାକୁ ବଜାୟ ରଖି ପରବର୍ତ୍ତୀ ପିଢି ଏହାକୁ ମନେ ରଖି ଏହି ରାସ୍ତାକୁ ଅନୁସରଣ କରିବେ ବୋଲି ମାର୍ଗ ଦର୍ଶନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଚେୟାରମ୍ୟାନ ରଘୁନାଥ ଟୁଡୁ,ସମ୍ପାଦକ ଗୋପାଳ ହେମ୍ବ୍ରମ,କୋଷାଧ୍ୟକ୍ଷ ପରେଶ ଟୁଡୁ, ପ୍ରଧାନ ଶିକ୍ଷକ ଶ୍ୟାମ ସୁନ୍ଦର ବେସ୍ରା,ଶିକ୍ଷୟିତ୍ରୀ ମିତା ହାସଦାଃ କମିଟି ମେମ୍ବର ଦିଲ୍ଲିପ ମାର୍ଡି, ଯୋଗେନ୍ଦ୍ର ମାର୍ଡି, ସୁରେନ୍ଦ୍ର ହେମ୍ବ୍ରମ, ପିତାମ୍ବର ମୁର୍ମୁ,ବିଦ୍ୟାଧର ଟୁଡୁ,ମାର୍ଶାଲ କ୍ଲବର ସମସ୍ତ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ୩୦ରେ ଅନ୍ତ୍ୟୋଦୟ ଗୃହ ଯୋଜନା ଶୁଭାରମ୍ଭ

## ଅସ୍ତରଙ୍ଗରୁ ପ୍ରଥମ ପର୍ଯ୍ୟାୟରେ ୧୦ ହିତାଧିକାରୀ ଚୟନ

ଅସ୍ତରଙ୍ଗ (ଭାସ୍କର ନ୍ୟୁଜ୍): ବିଭିନ୍ନ ସରକାରୀ କଟକଣା ଯୋଗୁଁ ପୂର୍ବରୁ ଜାରୀ ରହିଥିବା ଆବାସ ଯୋଜନାରୁ ବଞ୍ଚିତ ଗରିବ ଓ ନିରାଶ୍ରୟ ଲୋକଙ୍କ ନିମନ୍ତେ ରାଜ୍ୟ ସରକାର ନୂତନ କରି ଅନ୍ତ୍ୟୋଦୟ ଗୃହ ଯୋଜନାର ଶୁଭାରମ୍ଭ କରିଛନ୍ତି। ଯାହାକୁ ଆଜି ତଥା ଚଳିତ ମାସ ୩୦ତାରିଖରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଲୋକାର୍ପଣ କରିବେ। ଏହି ଯୋଜନାକୁ ତୃଣମୂଳସ୍ତରରେ ପହଞ୍ଚାଇବା ପାଇଁ ପ୍ରୟାସ ଆରମ୍ଭ ହୋଇଥିବା ବେଳେ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକରୁ ଚୟନ କରାଯାଇଥିବା ପ୍ରଥମ ପର୍ଯ୍ୟାୟରେ ୧୦ଜଣ ହିତାଧିକାରୀଙ୍କୁ ଏହି ସମାରୋହ ରେ ସ୍ଥାନୀୟ ବ୍ଲକ ଅଧକ୍ଷା ଆରତୀ ନାଏକ କାର୍ଯ୍ୟାଦେଶ ବଣ୍ଟନ କରିବେ ବୋଲି ଜଣାପଡିଛି। ସୂଚନା ମୁତାବକ, ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକର ୧୫ଗୋଟି ପଂଚାୟତରେ ସର୍ଭେ କରିବା ପରେ ବ୍ଲକ ପ୍ରଶାସନ ପକ୍ଷରୁ ପ୍ରତି ପଂଚାୟତରୁ ୧୫ଜଣ ଲେଖାଏଁ ଯୋଗ୍ୟ ହିତାଧିକାରୀଙ୍କ ତାଲିକା ପ୍ରସ୍ତୁତ କରିବା ପାଇଁ ସୂଚନା ରହିଥିଲା। କିନ୍ତୁ ପ୍ରଥମ ପର୍ଯ୍ୟାୟରେ ୧୫ଗୋଟି ପଂଚାୟତରୁ ମାତ୍ର ୧୦ଜଣକ ତାଲିକା ରାଜ୍ୟ ସରକାରଙ୍କ ଅନୁମୋଦନ ନିମନ୍ତେ ଜିଲ୍ଲା ପ୍ରଶାସନ ଜରିଆରେ ପ୍ରଦାନ କରାଯାଇଛି। ସେଥିମଧ୍ୟରେ ତାଳଦା ପଂଚାୟତ ରୁ ୪ଜଣ ନୂଆଗଡ ପଂଚାୟତରୁ ୩ଜଣ, କୋରଣା ପଂଚାୟତରୁ ୧ଜଣ, ନଗର ପଂଚାୟତ ରୁ ୧ଜଣ ଓ ଛୁରିଆନାପଂଚାୟତ ରୁ ୧ଜଣ ହିତାଧିକାରୀ ଚୟନ ହୋଇଛନ୍ତି। ଫେବୃଆରୀ ୨ ତାରିଖରେ ପଂଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ଏହି ନୂତନ ଆବାସ ଯୋଜନା ନେଇ ଗାଇଡଲାଇନ ଜାରୀ କରାଯାଇଥିଲା। ଗ୍ରାମାଞ୍ଚଳରେ ଚାଳ ଛପର ଘରେ ବସବାସ କରୁଥିବା ଅସହାୟ ବିଧବା ମହିଳା, ଦିବ୍ୟାଙ୍ଗ, ଦୁରାରୋଗରେ ପୀଡିତ ଘରର ମୁଖିଆ ଓ ଗରିବ ବାସହୀନ ପରିବାରକୁ ଏହି ଯୋଜନାରେ ସାମିଲ କରାଯିବ। ସେହିପରି ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟରେ ଘର ଭାଙ୍ଗିରୁଜି ଯାଇଥିବା ବ୍ୟକ୍ତିଙ୍କୁ ମଧ୍ୟ ଏହି ଯୋଜନାରେ ସାମିଲ କରିବାକୁ ଗାଇଡ ଲାଇନରେ ଉଲ୍ଲେଖ କରାଯାଇଥିଲା। ଏହି ହିତାଧିକାରୀ ଚୟନ ଦାୟିତ୍ୱ ପଂଚାୟତ ନିର୍ବାହୀ ଅଧିକାରୀ ଓ କନିଷ୍ଠ ଯନ୍ତ୍ରୀଙ୍କ ଉପରେ ନ୍ୟସ୍ତ ରହିଥିଲା। ହିତାଧିକାରୀଙ୍କୁ ଗୃହ ନିର୍ମାଣ ନିମନ୍ତେ ୩ଗୋଟି ପର୍ଯ୍ୟାୟରେ ୧ଲକ୍ଷ ୨୦ହଜାର ଟଙ୍କା ପ୍ରଦାନ କରାଯିବ। ଯଦି ହିତାଧିକାରୀ କାର୍ଯ୍ୟାଦେଶ ପାଇବାର ୪ମାସ ମଧ୍ୟରେ ଗୃହ ନିର୍ମାଣ ଶେଷ କରିବ, ତାଙ୍କୁ ପ୍ରଶାସନ ପକ୍ଷରୁ ଅଧିକ ୨୦ହଜାର ଟଙ୍କା ଓ ୬ମାସରେ ଶେଷ କଲେ ୧୦ହଜାର ଟଙ୍କାର ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବାର ନିୟମ ରହିଛି।

# ଭିଜିଲାନ୍ସ ଜାଲରେ ଦେବାଶିଷ




କାନ୍ଧମାଳ(ଭାସ୍କର ନ୍ୟୁଜ୍): ଜମିରେ କିଛି ଇଟା ପ୍ରସ୍ତୁତ କରିଥିବା ଜମି ମାଲିକ (ଅଭିଯୋଗକାରୀ) ଙ୍କ ଠାରୁ ୭୦୦୦ ହଜାର ଟଙ୍କା ମାଗିଥିଲେ ରାଜସ୍ୱ ଇନ୍ସପେକ୍ଟର ଦେବାଶିଷ ନାୟକ । ସେ ୭,୦୦୦ ରେ ରାଜି ହୋଇଥିଲେ । ଅଭିଯୁକ୍ତ ଶ୍ରୀ ନାୟକ, ଅଭିଯୋଗକାରୀଙ୍କ ଠାରୁ ୭,୦୦୦ / - ଟଙ୍କା ଲାଞ୍ଚ ମାଗି କହିଥିଲେ କି ଯଦି ତାଙ୍କୁ ଲାଞ୍ଚ ନ ଦିଆଯାଏ ତେବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏହି ଅଭିଯୋଗ ଭିଜିଲାନ୍ସ କର୍ତ୍ତୃପକ୍ଷଙ୍କ ନିକଟକୁ ଆସିଥିଲ। ଓଡିଶା ଭିଜିଲାନ୍ସର ଏକ ଟିମ୍ ଆଜି ଶ୍ରୀ ନାୟକ, ଆର.ଆଇ. ଅଭିଯୁକ୍ତ ଶ୍ରୀ ନାୟକ, ଆର.ଆଇ.ଙ୍କୁ ଗିରଫ କରିବା ସହିତ ତାଙ୍କର ସମ୍ପତ୍ତିକୁ ମଧ୍ୟ ଜବତ କରାଯାଇଛି ।ଏହା ସହିତ ତାଙ୍କ ନାମରେ ଭିଜିଲାନ୍ସ ଥାନା ମାମଲା ନଂ ୪/୨୦୨୫, ଟ / ଏସ୍ ୭ ପିସି (ସଂଶୋଧନ) ଅଧିନିୟମ, ୨୦୧୮ ରେଜିଷ୍ଟ୍ରେସନ୍ ହୋଇଛି । ଅଭିଯୁକ୍ତ ଶ୍ରୀ ନାୟକ ଗିରଫ ହୋଇ ଜେଲ ଯାଇଛନ୍ତି।

# ୩ ବିଦ୍ୟାଳୟର ସବୁଜ ବାହିନୀ ଛାତ୍ରୀଛାତ୍ରଙ୍କୁ ତାଲିମ ପ୍ରଦାନ

ମାଲକାନଗିରି (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲା ବନ ବିଭାଗ ତରଫରୁ ଶୁକ୍ରବାର କପାଟୁଟି, ବଡ଼ପଡ଼ା ଓ ପାପୁରୁଲ ଉଚ୍ଚ ବିଦ୍ୟାଳୟର ୭୦ ରୁ ଊର୍ଦ୍ଧ୍ୱ ସବୁଜ ବାହିନୀ ଛାତ୍ରୀଛାତ୍ରଙ୍କୁ ନେଇ ଦ୍ୱିତୀୟ ପର୍ଯ୍ୟାୟ ତାଲିମ ଚିତ୍ରକୋଣ୍ଡା ପ୍ରାକୃତିକ ପର୍ଯ୍ୟଟନସ୍ଥଳୀ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବଳରାମ ନାୟକଙ୍କ ତତ୍ତ୍ୱାବଧାନରେ ଖଣ୍ଡୀୟ ବନାଧିକାରୀ ପ୍ରତାପ କତାପାଲ୍ଲୀଙ୍କ ନିର୍ଦ୍ଦେଶ ଅନୁଯାୟୀ ସବୁଜ ବାହିନୀ ପ୍ରଶିକ୍ଷକ ଦୁର୍ଯ୍ୟୋଧନ ପାତ୍ର, ଶଶିଭୂଷଣ ଖରା, ବଡ଼ପଡ଼ା ବିଦ୍ୟାଳୟ ଶିକ୍ଷକ ଅଜୟ କୁମାର ରାଉତ, ପାପୁଲୁର ବିଦ୍ୟାଳୟର ଶିକ୍ଷକ ମାନୁବାବୁ ମାସେ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ ଯୋଗଦେଇ ସବୁଜ ବାହିନୀ ଛାତ୍ରୀଛାତ୍ରଙ୍କୁ ତାଲିମ ଦେଇଥିଲେ। ଜଙ୍ଗଲରେ ବାସ କରୁଥିବା ଜୀବଜନ୍ତୁଙ୍କ ସୁରକ୍ଷା, ନିଆଁ ଦାଉରୁ ରକ୍ଷାକରିବା, ବନ ସଂରକ୍ଷଣର କର୍ତ୍ତବ୍ୟ ଓ ଦାୟିତ୍ୱ, ଜଙ୍ଗଲ ସମ୍ପଦ ପରିଚାଳନା, ନୂତନ ଚାରା ରୋପଣ ଓ ତା'ର ରକ୍ଷଣାବେକ୍ଷଣ, ବନାଞ୍ଚଳବାସୀଙ୍କ ଭାଗୀଦାରି, ସବୁଜ ବାହିନୀ ଛାତ୍ରୀଛାତ୍ରଙ୍କ କର୍ତ୍ତବ୍ୟ ଓ ଅନ୍ୟଙ୍କୁ ସଚେତନ କରାଇବା ଆଦି ସମ୍ବନ୍ଧରେ ତାଲିମ ପ୍ରଦାନ କରିଥିଲେ। ପରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଜଙ୍ଗଲ ସମ୍ବନ୍ଧୀୟ ପ୍ରଶ୍ନୋତ୍ତର ପରୀକ୍ଷା କରାଯାଇଥିଲା। ମାଲକାନଗିରି ଜିଲ୍ଲାରେ କେଉଁ ପ୍ରକାର ଜଙ୍ଗଲ ଦେଖାଯାଏ ବୋଲି ପ୍ରଶ୍ନ କରାଯାଇଥିଲା। ଏଥିରେ ଛାତ୍ରୀମାନେ ଉତ୍ତର ରଖି ପ୍ରଥମ, ଦ୍ୱିତୀୟ, ତୃତୀୟ ସ୍ଥାନ ଅଧିକାର କରିବା ସହ ସମାନଙ୍କୁ ମାନପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା। ଶନିବାର ବାଲିମେଳା ଜଳଭଣ୍ଡାରରେ ଲଞ୍ଚ ଦ୍ୱାରା ପରିଦର୍ଶନ କରିବା ସହ ପ୍ରାକୃତିକ ଜଙ୍ଗଲରେ ଜୀବଜନ୍ତୁ ବୃକ୍ଷରାଜି ବଞ୍ଚିବା ପାଇଁ କିପରି ପୁଷ୍କରିଣୀ ନିର୍ମାଣ କରାଯାଇଛି ସେ ସମ୍ବନ୍ଧରେ ସ୍ଥାନୀୟ ବନ ସଂରକ୍ଷଣ ସମିତି ସହ



ମତ ବିନିମୟ କରାଯିବା କାର୍ଯ୍ୟକ୍ରମ ରହିଛି। କାର୍ଯ୍ୟକ୍ରମରେ ଚିତ୍ରକୋଣ୍ଡାର ସମସ୍ତ ବନପାଳ ଓ ବନରକ୍ଷୀ ଅଂଶଗ୍ରହଣ କରିଥିଲେ। ଅପରାହ୍ନରେ କମାରଗୁଡ଼ା ନିକଟ ସିଲେରୁ ନିକଟସ୍ଥ ଜଙ୍ଗଲରେ ନିଆଁ ଲାଗିଥିବା ଖବର ପାଇ ସମସ୍ତ ଛାତ୍ରୀଛାତ୍ର ଏବଂ ପ୍ରଶିକ୍ଷକମାନେ ଘଟଣାସ୍ଥଳକୁ ଯାଇ ନିଆଁ ଲିଭେଇବା କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ।

# ରାମପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଥମ ବାର୍ଷିକ ଉତ୍ସବ



ବୋଲଗଡ(ଭାସ୍କର ନ୍ୟୁଜ୍): ବୋଲଗଡ ଶିକ୍ଷା ବ୍ଲକ ଅନ୍ତର୍ଗତ ବୋଲଗଡ ଗ୍ରାମ ପଞ୍ଚାୟତ ରାମପୁର ଗ୍ରାମ ସ୍ଥିତ ରାମପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଜୟନ୍ତୀ ସାହୁଙ୍କ ସଭାପତିତ୍ୱରେ ଓ ରାମପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଆନୁକୂଲ୍ୟରେ ଶୁକ୍ରବାର ଦିନ ପ୍ରଥମ ବାର୍ଷିକ ଉତ୍ସବ ମହାଡମ୍ବର ସହକାରେ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏହି ବାର୍ଷିକ ଉତ୍ସବରେ ପ୍ରଧାନ ଶିକ୍ଷୟିତ୍ରୀ ଜୟନ୍ତୀ ସାହୁଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ବୋଲଗଡ ବ୍ଲକ ଗୋଷ୍ଠି ଶିକ୍ଷା ଅଧିକାରୀ ଗୋକୁଳ ଚନ୍ଦ୍ର ବଳବନ୍ତରାୟ, ମୁଖ୍ୟ ବକ୍ତାଭାବେ ଜିଲ୍ଲାପରିଷଦ ସଭ୍ୟା ସୁନନ୍ଦିତା ସାହୁ, ସମ୍ମାନିତ ଅତିଥିଭାବେ ବୋଲଗଡ ବ୍ଲକ ଅତିରିକ୍ତ ଗୋଷ୍ଠି ଶିକ୍ଷା ଅଧିକାରିଣୀ ଅମିତା ମିଶ୍ର,ବ୍ଲକ ଅଧକ୍ଷା ହୁଲ୍ଲାସ ପ୍ରଧାନ, ବୋଲଗଡ ଗ୍ରାମ ପଞ୍ଚାୟତ ସରପଞ୍ଚ ଗୀତାଞ୍ଜଳି ସାହୁ, ସମିତି ସଭ୍ୟା ନିର୍ମଳା ପ୍ରଧାନ, ସାମ୍ବାଦିକ କାର୍ତ୍ତିକ ସ୍ୱାଇଁ,ସ୍କୁଲ ପରିଚାଳନା କମିଟି ସଭାପତି ବ୍ରହ୍ମଚାରୀ ରାଉତରାୟ ପ୍ରମୁଖ ଯୋଗଦେଇ ଜଗନ୍ନାଥଙ୍କ ପ୍ରତିମୂର୍ତ୍ତିରେ ଫୁଲ, ଚନ୍ଦନ, ଧୂପ ଦୀପ ଦେଇ ଓ ପ୍ରଦୀପ ପ୍ରଜ୍ୱଳନ କରି ଏହାକୁ ଶୁଭ ଉଦଘାଟନ କରିଥିଲେ। ଉତ୍ସବର ପ୍ରାରମ୍ଭରେ ବିଦ୍ୟାଳୟର ଛାତ୍ରୀମାନେ ସ୍ୱାଗତ ସଂଗୀତ ପରିବେଷଣ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଜୟନ୍ତୀ ସାହୁ ସ୍ୱାଗତ ଭାଷଣ ଦେଇଥିବା ବେଳେ ବିଦ୍ୟାଳୟର ସହକାରୀ ଶିକ୍ଷକ ମନମୋହନ କହଲସିଂହ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ । ଶିକ୍ଷକ ତ୍ରିନାଥ ଜେନା ବାର୍ଷିକ ବିବରଣୀ ପଠନ କରିଥିଲେ। କୃତୀ ଛାତ୍ରଛାତ୍ରୀମାନଙ୍କୁ ସମସ୍ତ ନିମନ୍ତ୍ରିତ ଅତିଥିମାନେ ପୁରସ୍କାର ସ୍ୱରୂପ ପ୍ରମାଣ ପତ୍ର ଟ୍ରଫି ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟ ଶିକ୍ଷୟିତ୍ରୀ ମୋନାଲିସା ସାହୁ, ରୋଜାଲିନି ମହାପାତ୍ର ପ୍ରମୁଖ ସହଯୋଗ କରି ପରିଚାଳନା କରିଥିଲେ । ଶିକ୍ଷା ବିକାଶର ଚାବିକାଠି ଓ ଜୀବନର ମାନଦଣ୍ଡ ହୋଇଥିବାରୁ ପ୍ରତ୍ୟେକ ଛାତ୍ର ଛାତ୍ରୀମାନେ ଶିକ୍ଷା ଅଧ୍ୟୟନ ସମୟରେ କଠିନ ପରିଶ୍ରମ କରିବା ସହିତ ବିଦ୍ୟାଳୟକୁ ନିୟମିତ ଆସିବେ ଏବଂ ପିତା,ମାତା ଓ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ପ୍ରତିଦିନ ମୁଣ୍ଡିଆ ମାରି ଭକ୍ତିକରିବାକୁ ମୁଖ୍ୟ ଅତିଥି ଗୋକୁଳ ଚନ୍ଦ୍ର ବଳବନ୍ତରାୟ ଛାତ୍ର ଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ । ପ୍ରତ୍ୟେକ ଶିକ୍ଷକ, ଶିକ୍ଷୟିତ୍ରୀମାନେ ଛାତ୍ର ଛାତ୍ରୀମାନଙ୍କୁ ଗୁଣାତ୍ମକ ଶିକ୍ଷାଦାନ ପ୍ରଦାନ କରିବା ପାଇଁ ଶ୍ରୀ ବଳବନ୍ତରାୟ ଅନୁରୋଧ କରିଥିଲେ । ବିଦ୍ୟାଳୟର ଛାତ୍ର ଛାତ୍ରୀମାନଙ୍କ ଦ୍ୱାରା ବିଭିନ୍ନ ପ୍ରକାରର ମନୋରଞ୍ଜନ ଧର୍ମୀ ସାଂସ୍କୃତିକ କାର୍ଯ୍ୟକ୍ରମ ମାନ ପରିବେଷଣ କରାଯାଇଥିଲା । ବିଦ୍ୟାଳୟ ଛାତ୍ର ଛାତ୍ରୀମାନଙ୍କ ଦ୍ୱାରା ବାଲ୍ୟ ବିବାହ ଉଚ୍ଛେଦ ଉପରେ ଏକ ସାମାଜିକ ସଚେତନତା ଉପରେ ଏକ ଛୋଟ ନାଟକ ପରିବେଷଣ କରିଥିଲେ। ପରିଶେଷରେ ଶିକ୍ଷୟିତ୍ରୀ ରୋଜାଲିନି ମହାପାତ୍ର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# କରଞ୍ଜିଆରେ କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଲୋକସଭାରେ ଦାବି କଲେ ସାଂସଦ



କେନ୍ଦୁଝର(ଭାସ୍କର ନ୍ୟୁଜ୍): କେନ୍ଦୁଝର ଲୋକସଭା ସାଂସଦ ଅନନ୍ତ ନାୟକ ଗୁରୁବାର ଦିନ ସଂସଦରେ ମୟୁରଭଂଜ ଜିଲ୍ଲାର କରଂଜିଆରେ କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତିଷ୍ଠା କରିବାକୁ ଦାବି କରିଛନ୍ତି । ନିୟମ ୩୭୭ ଅନୁଯାୟୀ ଏହି ପ୍ରସଙ୍ଗକୁ ଉଠାଇ ଶ୍ରୀ ନାୟକ ଏହି ଦାବି କରିଛନ୍ତି । ସେ କହିଛନ୍ତି ଯେ ଏହି ଦାବି ଦୀର୍ଘ ଦିନର ଦାବି ଓ ଯାହା ପୂରଣ ହେଲେ ହଜାର ହଜାର ଛାତ୍ର ଛାତ୍ରୀଙ୍କୁ ଲାଭ ହେବ। ଶ୍ରୀ ନାୟକ କହିଥିଲେ ଯେ କରଂଜିଆ ଏକ ଜନଜାତି ବହୁଳ ଅଂଚଳ ଓ ଏହାର ଲୋକସଂଖ୍ୟା ଦୁଇ ଲକ୍ଷରୁ ଅଧିକ । ଏହା ସତ୍ତ୍ୱେ ଏହି ଅଂଚଳରେ ଗୋଟିଏ ହେଲେ କେନ୍ଦ୍ରୀୟ ବିଦ୍ୟାଳୟ ନାହିଁ । କେନ୍ଦୁଝର ଠାରେ ଓ ମୟୁରଭଂଜ ଜିଲ୍ଲା ମୁଖ୍ୟାଳୟ ବାରିପଦା ଠାରେ କେନ୍ଦ୍ରୀୟ ବିଦ୍ୟାଳୟ ଅଛି ଯାହା କରଂଜିଆ ଠାରୁ ଢେର ଦୂରରେ । ଏହି କାରଣରୁ ଜନଜାତୀୟ ଓ ଆର୍ଥିକ ଭାବେ ଦୁର୍ବଳ ବର୍ଗର ଛାତ୍ର ଛାତ୍ରୀ ମାନଙ୍କୁ ସିବିଏସଇ ଆଧାରିତ ଗୁଣବତ୍ତାପୂର୍ଣ୍ଣ ଶିକ୍ଷାପ୍ରାପ୍ତ କରିବାରେ ଅନେକ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି । କରଂଜିଆର ଭୌଗଳିକ ସ୍ଥିତି ଓ ସାମାଜିକ- ଆର୍ଥିକ ପରିସ୍ଥିତିକୁ ଦୃଷ୍ଟିରେ ରଖି ଏଠାରେ କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତିଷ୍ଠାର ଆବଶ୍ୟକତା ରହିଛି । ଏହା ଦ୍ୱାରା କେବଳ ଯେ ଜନଜାତୀୟ ଛାତ୍ର ଛାତ୍ରୀ ମାନେ ଶିକ୍ଷା ପ୍ରାପ୍ତ କରିବାରେ ସଫଳ ହେବେ ତା ନୁହେଁ ବରଂ ଜନଜାତୀୟ ସମାଜର ସଶକ୍ତିକରଣ ମଧ୍ୟ ହୋଇ ପାରିବ ବୋଲି ଶ୍ରୀ ନାୟକ କହିଛନ୍ତି । ଶ୍ର ନାୟକ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରିଛନ୍ତି ଯେ କରଂଜିଆ ଠାରେ କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତିଷ୍ଠାକୁ ଶୀଘ୍ର ସ୍ୱୀକୃତି ପ୍ରଦାନ କରାଯାଉ ଯଦ୍ୱାରା ଏହି ଅଂଚଳର ଲୋକ ମାନଙ୍କର ଦୀର୍ଘ ଦିନର ଆକାଂକ୍ଷା ପୂରଣ ହୋଇ ପାରିବ ଓ ବିଦ୍ୟାର୍ଥୀମାନଙ୍କୁ ସୁଲଭ ମୂଲ୍ୟରେ ଗୁଣବତାପୂର୍ଣ୍ଣ ଶିକ୍ଷା ମିଳିପାରିବ ।

# ମୁଖ୍ୟ ରାସ୍ତା ଜାମ୍ ପାଇଁ ପ୍ରଶାସନକୁ ଦାୟୀ କଲେ ଜନସାଧାରଣ




ବୋଲଗଡ଼ (ଭାସ୍କର ନ୍ୟୁଜ୍): ବୋଲଗଡ଼ ବ୍ଲକ ଅନ୍ତର୍ଗତ କଳାପଥର ସ୍ଥିତ ଭୁବନେଶ୍ୱର ଠାରୁ ବାଘମାରୀ ଦେଇ କଣ୍ଟିଲୋ, ଗଣିଆ ସଂଯୋଗ ଫୁଲବାଣୀ ଯାଇଥିବା ୫୭ ନଂ ରାଜ୍ୟ ରାଜପଥ ଓ କଳାପଥର ଠାରୁ ଖଣ୍ଡପଡା ଦେଇ କୋଷକା ଯାଇଥିବା ରାସ୍ତା ଓ ଧଳାପଥର ଗୋଲେଇଛକଠାରୁ ବୈଦେଶ୍ୱର ଟି- ସେତୁ ଦେଇଯାଇଥିବା ଢେଙ୍କାନାଳ ପର୍ଯ୍ୟନ୍ତ ରାସ୍ତାଟି ଦଶବର୍ଷ ପୂର୍ବରୁ ଜନଗହଳି ଥିଲାବେଳେ ମୁଖ୍ୟମନ୍ତ୍ରୀ ଙ୍କ ଦ୍ୱାରା ମହାନଦୀ ଉପରେ ଉଦଘାଟିତ ହୋଇଥିବା ଟି - ସେତୁ ପ୍ରତିଷ୍ଠା ହେବା ଦ୍ୱାରା ଜନଗହଳି ବହୁମାତ୍ରାରେ ବଢିଯାଇଛି । ଅପରପାର୍ଶ୍ୱରେ ମହାନଦୀରୁ ବାଲିଉଠାଇ ଖୋର୍ଦ୍ଧା, ବାଘମାରି, ଭୁବନେଶ୍ୱର ଓ ରେଲୱେ ଷ୍ଟେସନକୁ ଯାଉଥିବା ବାଲିଘାଟରୁ ହାଇୱା ଆହୁରି ଅଧିକ ମାତ୍ରାରେ ଯାଉଥିବାରୁ ସକାଳୁ ସଞ୍ଜ ପର୍ଯ୍ୟନ୍ତ ୨୪ ଘଣ୍ଟା ରାସ୍ତାଟି ଜାମ ରହୁଛି। ଯେହେତୁ ପ୍ରଶାସନିକ ଅଧିକାରୀଙ୍କ ଦୃଷ୍ଟିରୁ କଳାପଥର, ଧଳାପଥର ଦୁଇଟି ପଞ୍ଚାୟତର ଧଳାପଥରଠାରେ ଏକ ଫାଣ୍ଡି ଅଛି ସେଥିରେ ମାତ୍ର ଦୁଇ ତିନି ଜଣ କର୍ମଚାରୀ, କଳାପଥର ବୈଦେଶ୍ୱର ଠାରେ ଏକ ଥାନା ଯେଉଁଥିରେ ମାତ୍ର ଚାରି ଛଅ ଜଣ କର୍ମଚାରୀ ରହୁଛନ୍ତି। ଯେତେବେଳେ ସନ୍ଧ୍ୟା ସମୟରେ ରାସ୍ତା ଜାମ ରହେ ଗହଳିକୁ ନିୟନ୍ତ୍ରଣ କରିବା ପାଇଁ କୌଣସି ଅଧିକାରୀ ରୁହନ୍ତି ନାହିଁ ସେଥିପାଇଁ ଘଣ୍ଟା ଘଣ୍ଟା ଧରି ଗାଡିଗୁଡାକ ରାସ୍ତା ଉପରେ ଜାମ ରହୁଛି। ମୁଖ୍ୟରାସ୍ତାର ଅପରପାର୍ଶ୍ୱରେ ବାଳିକା ଉଚ୍ଚବିଦ୍ୟାଳୟ, ଭାରତୀୟଷ୍ଟେଟ ବ୍ୟାଙ୍କ, ଆରଆଇ ଅଫିସ, ଧଳାପଥର ଗ୍ରାମ ପଞ୍ଚାୟତ ଅଫିସ, ମିନି ବ୍ୟାଙ୍କ ଓ ଇଲେକ୍ଟ୍ରି ଅଫିସ ଥିବାବେଳେ ପରିବା ବଜାର ଠାରୁ ମାତ୍ର ୨୦ ମିଟର ଦୂରରେ କଳାପଥର ଡାକ୍ତରଖାନା ଅବସ୍ଥିତ। ସକାଳ ହେବା ମାତ୍ରେ ପରିବା ବେପାରୀ, ସାଇକେଲ ଭାଡ଼ିଆ, ପରିବା ଚାଷୀଙ୍କର ଗହଳି, ସ୍କୁଲ ଯାଉଥିବା ଛାତ୍ରଛାତ୍ରୀ, ପରିବା ବୋଝେଇ ଗାଡି, ଯାତ୍ରୀବାହି ବସ ସେହି ଡାକ୍ତରଖାନାର ପାଖାପାଖି ଅଞ୍ଚଳ ଜନଗହଳିପୂର୍ଣ୍ଣ ରହୁଥିବା ସମୟରେ ଗୋଟିଏ ଆମ୍ବୁଲାନ୍ସ ପାସ କରି ଡାକ୍ତରଖାନାକୁ ଯାଇପାରୁନାହିଁ। ଏହି ବିଦ୍ୟାଳୟ କଳାପଥର ହାଇସ୍କୁଲ ଠାରୁ କଳାପଥର ଗ୍ରାମର ଶେଷ ପର୍ଯ୍ୟନ୍ତ ଆଠଟି ଯାକ ଶିକ୍ଷାନୁଷ୍ଠାନ ରାସ୍ତାରେ ଦୁଇପାର୍ଶ୍ୱରେ ଅବସ୍ଥିତ ତେଣୁ ହଜାର ହଜାର ସ୍କୁଲ ଛାତ୍ର କେବଳ ଏକମାତ୍ର ରାସ୍ତା ଉପରେ ନିର୍ଭର କରିଥାନ୍ତି। ଏହି ରାସ୍ତାଟି ଜାମ ରହିବା ଦ୍ୱାରା ବହୁତ ଦୁର୍ଘଟଣା ଘଟେ, ଯେହେତୁ ଏହି ଅଞ୍ଚଳଟି ଦୁଇଟି ଜିଲ୍ଲାର ପ୍ରଶାସନିକ ଅଧିକାରୀଙ୍କ ଅଧୀନରେ ଯାଉଛି, ସେଥିପାଇଁ କୌଣସି ପ୍ରଶାସନିକ ଅଧିକାରୀ ଏହି କଥା ଉପରେ ନଜର ଦେଇନଥାନ୍ତି। ସ୍ଥାନୀୟ ଅଞ୍ଚଳରୁ ବିଭିନ୍ନ ସଂଗଠନ ତରଫରୁ ବହୁତ ଥର ଏହି କଥା ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ ସରକାର ଆଜି ପର୍ଯ୍ୟନ୍ତ ଅବହେଳିତ କରି ଆସୁଛନ୍ତି। ତୁରନ୍ତ କଳାପଥରରେ ଏକ ଥାନା ପ୍ରତିଷ୍ଠା କରାଯିବା ସହିତ ଧଳାପଥର ଫାଣ୍ଡିରେ ଆଉ କିଛି କର୍ମଚାରୀ ଯୋଗେଇଦେବା ସହ ଟ୍ରାଫିକ ସମସ୍ୟାକୁ ଦୂର କରାଗଲେ ଏହି ଯାତାୟତର ସୁବିଧା ହେବ, ନଚେତ ଆଗକୁ ଏକ ଜନ ଆନ୍ଦୋଳନ ଗଢିଉଠିବ ବୋଲି ବୁଦ୍ଧିଜିବୀଙ୍କ ତରଫରୁ ମଟର କର୍ମଚାରୀ ସଂଘର ସଭାପତି ସୁରେନ୍ଦ୍ର କୁମାର ବିଶ୍ୱାଳ, ଆଇନ୍ ଯିବି ପ୍ରଦୀପ କୁମାର ପଟ୍ଟନାୟକ ଦୃଢ଼ ଦାବୀ କରିଛନ୍ତି।

# ସରକାରୀ ଉଚ୍ଚ ବିଦ୍ୟାଳୟରେ ଅଭିଭାବକ ସହଭାଗୀ ବୈଠକ



କୋଣାର୍କ(ଭାସ୍କର ନ୍ୟୁଜ୍): ରାଜ୍ୟ ସରକାରଙ୍କ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ ଶୁକ୍ରବାର ପୂର୍ବାହ୍ନ ସମୟରେ ଅଭିଭାବକ ସହଭାଗୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନିହାର ପ୍ରସାଦ ଲେଙ୍କାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବରେ ଆର୍ତ୍ତତ୍ରାଣ କାର୍ତ୍ତିକେଶ୍ୱର ବିଦ୍ୟାପୀଠର ପ୍ରଧାନ ଶିକ୍ଷକ ରାମକୃଷ୍ଣ ମହାନ୍ତି, ଗୋଷ୍ଠୀ ସାଧନ କେନ୍ଦ୍ର ସଂଯୋଜକ ତଥା ଶିକ୍ଷାବିତ ରବିନ୍ଦ୍ର ନାଥ ବାହିନୀପତି, ସତ୍ୟସାଇ ସେବା ସଂଗଠନର ସଂପାଦକ ବାମଦେବ ଆଲୁକ ଓ କୋଣାର୍କ ମେଡିକାଲର ଆୟୁଷ ଡାକ୍ତର ବିଧୁଭୂଷଣ ନାୟକ ପ୍ରମୁଖ ଯୋଗଦେଇ ବିଦ୍ୟାଳୟର ପାରିପାର୍ଶ୍ୱିକ ଉନ୍ନୟନ, ଶୈକ୍ଷିକ ବାତାବରଣ ସୃଷ୍ଟି ଓ ଉନ୍ନତ ଶିକ୍ଷା ଦାନର ମାର୍ଗ ପ୍ରଶସ୍ଥ କରିବା ଦିଗରେ ଅଧ୍ୟୟନରତ ଛାତ୍ର ଛାତ୍ରୀ ମାନଙ୍କ ଅଭିଭାବକ ମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। ଅଧ୍ୟୟନରତ ଛାତ୍ର ଛାତ୍ରୀ ମାନଙ୍କ ପିତା ମାତା ମାନଙ୍କ ସହଭାଗୀ ମନୋଭାବର ଦୃଢୀକରଣ ହୋଇପାରିଲେ ବିଦ୍ୟାଳୟର ବିକାଶ ଓ ଶିକ୍ଷାଦାନ ଉନ୍ନତିକରଣ ହୋଇ ଛାତ୍ରଛାତ୍ରୀ ମାନଙ୍କୁ ସୁସ୍ଥ ସମାଜ ଗଠନ ଦିଗରେ ବ୍ରତୀ କରିଥାଏ ବୋଲି ମତ ପ୍ରକାଶ ପାଇଥିଲା। ବିଦ୍ୟାଳୟର ଶିକ୍ଷକ ସତ୍ୟ ସୁନ୍ଦର ମିଶ୍ର ଅଭିଭାବକ ସହଭାଗୀ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନିହାର ପ୍ରସାଦ ଲେଙ୍କା ସଂପାଦକୀୟ ବିବରଣୀ ପାଠ କରିଥିବା ବେଳେ ବରିଷ୍ଠ ଶିକ୍ଷୟିତ୍ରୀ ନୟନା ଶତପଥୀ ଓ ଶିକ୍ଷକ ଭାଗିରଥି ପାଇକରାୟ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ପରିପ୍ରେକ୍ଷୀରେ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ଚେତନା ଧର୍ମୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ନେଇ ଅନୁଷ୍ଠିତ ଝୋଟି ଓ ରଙ୍ଗୋଲି ପ୍ରତିଯୋଗିତାରେ ଅଂଶଗ୍ରହଣ କରି ସଫଳତା ହାସଲ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ସରକାରୀ ଉଚ୍ଚ ବିଦ୍ୟାଳୟର ନବମ ଶ୍ରେଣୀର ଛାତ୍ର ରଚିତ ସେଠୀ ବାଲୁକା କଳା ମାଧ୍ୟମରେ କାର୍ଯ୍ୟକ୍ରମକୁ ନିଖୁଣ ଭାବେ ପ୍ରଦର୍ଶିତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସରକାରୀ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଅର୍ଜୁନ ଦଳାଇ, ଗୌରୀ ଶଙ୍କର ଜେନା, ଶିକ୍ଷୟିତ୍ରୀ ସୁଲୋଚନା ବେହେରା, ଦୀପିକା ଜେନା, ଅମିୟା ପ୍ରିୟ ଦର୍ଶନୀ ଧାରୁଆ, ରୀତା କୁମାରୀ ବଡଗାଇଁଆ, ସିଲା ଭଟ୍ଟ, ବାସନ୍ତୀ ରାଉଳ, ବର୍ଷା ପ୍ରିୟଦର୍ଶିନୀ ରାଉତ ପ୍ରମୁଖ ପରିଚାଳନା କରିଥିଲେ।

# ପାନୀୟ ଜଳରୁ ବଞ୍ଚିତ ଭାପୁର ବଜାର ଓ ନିହଲପ୍ରସାଦ ଗ୍ରାମବାସୀ

ଭାପୁର(ଭାସ୍କର ନ୍ୟୁଜ୍): ବର୍ତ୍ତମାନ ପ୍ରବଳ ଗ୍ରୀଷ୍ମ ପ୍ରବାହ ଚାଲିଥିବାରୁ ଭାପୁର ବଜାର ଏବଂ ନିହଲପ୍ରସାଦ ଗ୍ରାମକୁ ବିଗତ ୪/୫ ଦିନ ହେଲା ପାନୀୟ ଜଳ ଆସୁନଥିବାରୁ ଜନସାଧାରଣ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହୋଇଛନ୍ତି । ଉଲ୍ଲେଖଯୋଗ୍ୟ, ଫତେଗଡ-ଖଣ୍ଡପଡା ରାସ୍ତା କାର୍ଯ୍ୟ ପ୍ରଶସ୍ତିକରଣ କାର୍ଯ୍ୟ ଚାଲିଥିବାରୁ ଇତିମଧ୍ୟରେ ଭାପୁର ବଜାର ପ୍ରଶସ୍ତିକରଣ କାର୍ଯ୍ୟ ଚାଲୁରହିଛି । କାର୍ଯ୍ୟ କରୁଥିବା ତକ୍ଷଶିଳା ପ୍ରୋଜେକ୍ଟର ଅଧିକାରୀମାନେ ଭାପୁର ବଜାର ଉପର ରାସ୍ତା କାର୍ଯ୍ୟ କରୁଥିବା ବେଳେ ମାଟି ତଳେ ରହିଥିବା ପାଇପ୍ ଲାଇନ୍ କୁ କାଟିକୁଟି ଭାଙ୍ଗି ଦେଇଥିବାରୁ ଭାପୁର ବଜାର ଏବଂ ନିହଲପ୍ରସାଦ ଗ୍ରାମକୁ ଗତ ୪/୫ ଦିନ ହେଲା ପାନୀୟ ଜଳ ଆସୁନାହିଁ । ନିୟମ ରହିଛି ରାସ୍ତା ପ୍ରଶସ୍ତିକରଣ ସମୟରେ ଭଙ୍ଗା ଯାଇଥିବା ପାଇପଲାଇନ୍‌କୁ ତକ୍ଷଶିଳା ପ୍ରୋଜେକ୍ଟ କରିବା କଥା କିନ୍ତୁ, ସେ ଗାଲୁଆମି କରୁଥିବା ନେଇ ଅଭିଯୋଗ ହୋଇଛି । ଫଳରେ, ବ୍ୟବସାୟିକ ସଂସ୍ଥା ତଥା ନିହଲପ୍ରସାଦ ଗ୍ରାମବାସୀ ପାନୀୟ ଜଳରୁ ବଞ୍ଚିତ ହୋଇଛନ୍ତି । ବର୍ତ୍ତମାନ ୩୮ ଡିଗ୍ରୀ ରୁ ଅଧିକ ତାପମାତ୍ରା ରହିଥିବାରୁ ଭାପୁର ବଜାର ମଧ୍ୟରେ ଅବସ୍ଥିତି ସମସ୍ତ ବ୍ୟବସାୟୀ,ବାଟୋଇ ତଥା ନିହଲପ୍ରସାଦ ଗ୍ରାମବାସୀ ପାନୀୟ ଜଳ ପାଇଁ ଛଟପଟ ହେଉଛନ୍ତି । ଏପରି ଜଳକଷ୍ଟକୁ ହୃଦୟଙ୍ଗମ କରି ବ୍ଲକ ଜଳ ଓ ପରିମଳ ବିଭାଗ ତରଫରୁ ଶନିବାର ଦିନ ମରାମତି କାର୍ଯ୍ୟ ଆରମ୍ଭ ହୋଇଛି ଏବଂ ଦିନେ ଦୁଇଦିନ ମଧ୍ୟରେ କାର୍ଯ୍ୟ ସମାପ୍ତ ପରେ ପାନୀୟ ଜଳ ଯୋଗାଣ ସ୍ୱାଭାବିକ ହେବ ବୋଲି ବ୍ଲକ ବିଭାଗୀୟ ଯନ୍ତ୍ରୀ କହିଛନ୍ତି କିନ୍ତୁ, ପାଇପ୍ ଲାଇନ୍ ମରାମତି ହେଲା ପର୍ଯ୍ୟନ୍ତ ଭାପୁର ବଜାର ତଥା ନିହଲ ପ୍ରସାଦ ଗାଁ କୁ ପାଣି ଟ୍ୟାଙ୍କର ଯୋଗେଇଦେବା ପାଇଁ ଦାବି ହେଉଛି ।



# ବାଲିଚନ୍ଦ୍ରପୁର ହେବ ଶିକ୍ଷାର ହବ୍: ବିଧାୟକ



ବାଲିଚନ୍ଦ୍ରପୁର,(ଭାସ୍କର ନ୍ୟୁଜ୍ ) : ବାଲିଚନ୍ଦ୍ରପୁର ଅଞ୍ଚଳରେ ଅନେକ ଗୁଡ଼ିଏ ଶିକ୍ଷାନୁଷ୍ଠାନ ରହିଛି। ଗୋଟିଏ ପିଲା ତାର ଉତ୍ତମ ଭବିଷ୍ୟତ ଗଢିପାରିବ ଭଲ ଭିତ୍ତିଭୂମି, ଭଲ ଶିକ୍ଷକ ଓ ଶୈକ୍ଷିକ ପରିବେଶ ଯଦି ନଥିବ ତେବେ ଶିକ୍ଷାନୁଷ୍ଠାନଟି ଭଲ ପିଲା ସମାଜକୁ ଦେଇପାରିବ ନାହିଁ। ବଡ଼ଚଣାରେ ୬୨ଟି ଉଚ୍ଚ ବିଦ୍ୟାଳୟ ଓ ୨୫୭ଟି ପ୍ରଥମିକ ଶିକ୍ଷାନୁଷ୍ଠାନ ଅଛି। ପାଖାପାଖି ୪୦ ହଜାର ପିଲା ପାଠ ପଢୁଥିବା ବେଳେ ସବୁ ଶିକ୍ଷାନୁଷ୍ଠାନ ଗୁଡ଼ିକର ଭିତ୍ତିଭୂମିର ବିକାଶ ଧାରା ଜାରି ରହିଛି। ଏକ ବିକଶିତ ବଡ଼ଚଣା ଗଢିବାକୁ ହେଲେ ଶିକ୍ଷାର ବିକାଶ ହେବା ଆବଶ୍ୟକ ଏଥିପାଇଁ ଶିକ୍ଷକ, ଅବିଭାବକ ଏବଂ ଆମମାନଙ୍କର ଦାୟିତ୍ୱ ରହିଛି ସମସ୍ତଙ୍କ ସହଯୋଗରେ ଏହାକୁ ଆଗେଇ ନେଇଯାଇପାରିବା। ବାଲିଚନ୍ଦ୍ରପୁର ଅଞ୍ଚଳ ଆଗାମୀ ଦିନରେ ଶିକ୍ଷାର ହବ୍ ହବ ଏବଂ ସ୍ତର ବଦଳିବ। ଏଥିପାଇଁ ଶିକ୍ଷାନୁଷ୍ଠାନମାନଙ୍କୁ ସରକାରଙ୍କ ତରଫରୁ ପର୍ଯ୍ୟାୟ କ୍ରମେ ଆର୍ଥିକ ଅନୁଦାନ ଦିଆଯାଉଛି। ଶିକ୍ଷାନୁଷ୍ଠାନ ଗୁଡ଼ିକୁ ସଜାଡ଼ିବା ପାଇଁ ମିଶନ ମୋଡ଼ରେ କାର୍ଯ୍ୟ କରିବା ପାଇଁ ପଲିସ ଆକାରରେ ନିଅନ୍ତୁ ବୋଲି ସରକାରଙ୍କ ପାଖରେ ପ୍ରସ୍ତାବ ରଖିଛି। ଆଗାମୀ ଦିନରେ ସରକାର ଏହାକୁ ବିଚାରକୁ ନେବେ ବୋଲି ଭରସା ରଖିଛି। ଏକ ବିକଶିତ ବଡ଼ଚଣା ଗଠନ କରିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି। ଏପରି ଉକ୍ତି ରଖିଛନ୍ତି ବାଲିଚନ୍ଦ୍ରପୁର ସରକାରୀ ଉଚ୍ଚ ବିଦ୍ୟାଳୟର ୫୬ତମ ବାର୍ଷିକ ଉତ୍ସବରେ ଯୋଗଦେଇ ବଡ଼ଚଣା ବିଧାୟକ ଅମର କୁମାର ନାୟକ। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ବନୀତା ବିଶ୍ୱାଳଙ୍କ ଅଧକ୍ଷତାରେ ଆୟୋଜିତ ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ଭାବେ ବିଧାୟକ ଅମର କୁମାର ନାୟକ, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଧ୍ୟାପକ ତଥା ସାହିତ୍ୟିକ ମନୋରଞ୍ଜନ ମହାନ୍ତି, ସମ୍ମାନିତ ଅତିଥି ଭାବେ ପୁରାତନ ଛାତ୍ର ସଂସଦର ଉପଦେଷ୍ଟା ପ୍ରାକ୍ତନ ପ୍ରଧାନ ଶିକ୍ଷକ ପ୍ରତାପ ଚନ୍ଦ୍ର ପରିଡ଼ା ପ୍ରମୁଖ ଯୋଗଦେଇଥିବା ବେଳେ ଅନ୍ୟତମ ମଞ୍ଚାସୀନଙ୍କ ମଧ୍ୟରେ ପୁରାତନ ଛାତ୍ର ସଂସଦ ପକ୍ଷରୁ ପ୍ରକାଶ ଚନ୍ଦ୍ର ସାମଲ, ଭକ୍ତ ଚରଣ ସାହୁ, ଅଶୋକ କୁମାର ସିଂହ ପ୍ରମୁଖ ମଞ୍ଚାସୀନ ଥିଲେ।

# ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ତାଲିକାରେ ୫ ସ୍କୁଲ

କେନ୍ଦୁଝର(ଭାସ୍କର ନ୍ୟୁଜ୍): ରାଜ୍ୟ ସରକାରଙ୍କ ତରଫରୁ ପଣ୍ଡିତ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନାରେ ପ୍ରତି ଗ୍ରାମ ପଞ୍ଚାୟତରେ ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ପ୍ରତିଷ୍ଠା କରିବାକୁ ନିଷ୍ପତ୍ତି ହୋଇଛି । ଏହି ଯୋଜନାରେ ରାଜ୍ୟର ପ୍ରତ୍ୟେକ ପଂଚାୟତରେ ଅଧିକ ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିବା ଗୋଟିଏ ଲେଖାଁଏ ବିଦ୍ୟାଳୟକୁ ଏହି ଯୋଜନାରେ ସାମିଲ କରାଯାଇଛି । ରାଜ୍ୟରେ ସମୁଦାୟ ୬,୭୯୪ ଟି ବିଦ୍ୟାଳୟ ଏହି ଯୋଜନାରେ ସାମିଲ କରାଯିବ । ଏହି ପରିପ୍ରେକ୍ଷୀରେ ପ୍ରଥମ ପର୍ଯ୍ୟାୟରେ ରାଜ୍ୟରେ ୧୧୭ ଟି ବିଦ୍ୟାଳୟ ଏବଂ କେନ୍ଦୁଝର ଜିଲ୍ଲାର ୫ଟି ବିଦ୍ୟାଳୟ ସାମିଲ ହେବ ଏବଂ ଦ୍ୱିତୀୟ ପର୍ଯ୍ୟାୟରେ କେନ୍ଦୁଝର ଜିଲ୍ଲାରେ ୮୮ ଟି ବିଦ୍ୟାଳୟ ସାମିଲ ହେବ । ପ୍ରଥମ ପର୍ଯ୍ୟାୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଗାଁ ସ୍କୁଲ ରାଇକଳା ଉନ୍ନୀତ ଉଚ୍ଚ ବିଦ୍ୟାଳୟ ସମେତ ହରିଚନ୍ଦନପୁର ବ୍ଲକର ଜାମୁଯୋଡି ସରକାରୀ ୟୁପିଏସ୍, ଘସିପୁରା ବ୍ଲକର ବାନର ସେନା ସରକାରୀ ୟୁପିଏସ୍,ପାଟଣା ବ୍ଲକର ସରକାରୀ ୟୁପିଏସ୍, ଆନନ୍ଦପୁର ବ୍ଲକର ମହେନ୍ଦ୍ର ନୋଡାଲ ୟୁପିଏସ୍ ସ୍କୁଲକୁ ଚୟନ କରାଯାଇଥିବା ଜଣାପଡିଛି ।

## ବଜ୍ରାଘାତରେ ପ୍ରାଣ ହରାଇଥିବା ମୃତକଙ୍କ ପରିବାରକୁ ମିଳିଲା ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ରାଶି




ଭବାନୀପାଟଣା, (ଭାସ୍କର ନ୍ୟୁଜ୍): ପ୍ରାୟ ବର୍ଷକ ତଳେ ରାଜମିସ୍ତ୍ରୀ କାମ କରୁଥିଲା ବେଳେ ଅଦିନଆ ବର୍ଷା ଓ ବଜ୍ରପାତରେ ପ୍ରାଣ ହରାଇଥିବା ୨୮ ବର୍ଷର ଯୁବକ କାମନ୍ତ ଚନ୍ଦନଙ୍କ ବାପାଙ୍କୁ ବୀମା କମ୍ପାନୀ ପକ୍ଷରୁ ଦୁଇ ଲକ୍ଷ ଟଙ୍କାର କ୍ଷତିପୂରଣ ପ୍ରଦାନ କରାଯାଇଥିବା ଖବର ମିଳିଛି। ଭାରତୀୟ ଷ୍ଟେଟବ୍ୟାଙ୍କର କଳାହାଣ୍ଡି ଜିଲ୍ଲାର ବେହେରା ଶାଖା ପକ୍ଷରୁ ଏହି ଅର୍ଥ ରାଶି ମୃତକଙ୍କ ପରିବାରକୁ ପ୍ରଦାନ କରାଯାଇଛି। ଘଟଣାରୁ ପ୍ରକାଶ ଯେ ଗତ ୨୦୨୪ ମସିହା ମେ' ମାସ ୨୯ ତାରିଖ ଦିନ ଧର୍ମଗଡ଼ ବ୍ଲକ ଧର୍ଁପୁର ପଞ୍ଚାୟତ ତେନ୍ତୁଲିପଡା ଗ୍ରାମର ଚନ୍ଦ୍ର ଚନ୍ଦନ ଓ ଫୁଲମତୀ ଚନ୍ଦନଙ୍କ ପୁଅ କାମନ୍ତ ଚନ୍ଦନ (୨୮) ବଜ୍ରାଘାତରେ ମୃତ୍ୟୁ ବରଣ କରିଥିଲେ। କାମନ୍ତ ପେଶାରେ ରାଜମିସ୍ତ୍ରୀ ଭାବରେ କାମ କରୁଥିବା ବେଳେ ସେଦିନ ଘଡ଼ଘଡ଼ି ହେବା ସହ ବର୍ଷା ହେବାରୁ ସେ ଗୋଟିଏ ଗଛ ତଳେ ଆଶ୍ରୟ ନେଇଥିଲେ। ଏହି ସମୟରେ ହଠାତ୍ ବଜ୍ରାଘାତ ହେବାରୁ ତାଙ୍କର ମୃତ୍ୟୁ ହୋଇଥିଲା। ହେଲେ ମୃତକ କାମନ୍ତ ବିଭିନ୍ନ ସରକାରୀ ଯୋଜନା ସମ୍ପର୍କରେ ଜାଣିଥିବାରୁ ଭାରତୀୟ ଷ୍ଟେଟବ୍ୟାଙ୍କ ବେହେରା ଶାଖାରେ ବାର୍ଷିକ କୋଡିଏ ଟଙ୍କାର ପ୍ରିମିୟମ ବାନ୍ଧି ନିଜ ନାମ ଦେଇ ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନାରେ ପଞ୍ଜୀକୃତ ହୋଇଥିଲେ। ବୀମା କରାଇଥିବା ଫଳ ସ୍ୱରୂପ ଶୁକ୍ରବାର ତାଙ୍କ ପିତା ଚନ୍ଦ୍ର ଚନ୍ଦନଙ୍କୁ ବେହେରା ଷ୍ଟେଟ ବ୍ୟାଙ୍କ ଶାଖା ପକ୍ଷରୁ ୨୮ତାରିଖ ଶୁକ୍ରବାର ଦିନ ୨ ଲକ୍ଷ ଟଙ୍କାର ବୀମା ରାଶି ପ୍ରଦାନ କରାଯାଇଥିଲା। ବେହେରା ଏସ୍‌ବିଆଇ ଶାଖା ପକ୍ଷରୁ ଏହି ଚେକ୍ ପ୍ରଦାନ ବେଳେ ଶାଖା ପରିଚାଳକ ଦେବାଶିଷ ଜେନା, ବେହେରା ଗ୍ରା.ପ.ର ସରପଞ୍ଚ କୁମୁଦିନୀ ଗଇଁତା, ବ୍ୟାଙ୍କ ସହକାରୀ ପ୍ରକାଶ ଠାକୁର ଓ ଅନ୍ୟାନ୍ୟ କର୍ମଚାରୀ ଓ ଗ୍ରାମବାସୀ ଉପସ୍ଥିତ ଥିଲେ। ବ୍ୟାଙ୍କ ସହକାରୀ ଶ୍ରୀ ଠାକୁରଙ୍କ ଠାରୁ ଦୁଇ ଲକ୍ଷ ଟଙ୍କାର ଚେକ୍ ଗ୍ରହଣ କରି ସ୍ୱର୍ଗତ କାମନ୍ତଙ୍କ ବାପା ଏସବିଆଇ, ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା ଓ ବୀମା କମ୍ପାନୀଙ୍କୁ କୃତଜ୍ଞତା ଜଣାଇଛନ୍ତି। ଏଠାରେ ପ୍ରକାଶ ଯୋଗ୍ୟ ଯେ ଏହି ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନାରେ ବାର୍ଷିକ ମାତ୍ର ୨୦ ଟଙ୍କା ପ୍ରିମିୟମ କଟାଇବାକୁ ପଡିଥାଏ। ଦୁର୍ଘଟଣା ଯୋଗୁଁ ମୃତ୍ୟୁ କିମ୍ବା ସମ୍ପୂର୍ଣ୍ଣ ଅକ୍ଷମ ହେଲେ ୨ ଲକ୍ଷ ଟଙ୍କା ଏବଂ ଆଂଶିକ ଅକ୍ଷମ ହେଲେ ୧ ଲକ୍ଷ ଟଙ୍କା ବୀମା ରାଶି ପ୍ରଦାନ କରାଯାଇଥାଏ। ନିଜେ ବ୍ୟାଙ୍କକୁ ଯାଇ କିମ୍ବା ଅନଲାଇନ୍ ମାଧ୍ୟମରେ ଏଥିରେ ସାମିଲ ହେବାକୁ ଶାଖା ଅଧିକାରୀ ଶ୍ରୀ ଜେନା ଜନସାଧାରଣଙ୍କୁ ଆହ୍ୱାନ ଜଣାଇଛନ୍ତି।

## ୟଙ୍ଗ୍ ବ୍ଲଡ ପବ୍ଲିକ୍ ସ୍କୁଲର ବାର୍ଷିକୋତ୍ସବ ଉଦ୍‌ଯାପିତ

ନର୍ଲା,(ଭାସ୍କର ନ୍ୟୁଜ): ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ୟଙ୍ଗ ବ୍ଲଡ୍ ପବ୍ଲିକ ସ୍କୁଲ (ୱାଇବିପିଏସ) ରୂପ୍ରାରୋଡର ଦ୍ୱିତୀୟ ବାର୍ଷିକ ଉତ୍ସବ ଉଦଯାପିତ ହୋଇଯାଇଛି। ନର୍ଲା ବ୍ଲକ ଲାଖଗୁଡା ଠାରେ ଏହି ସ୍କୁଲର ନୂତନ କ୍ୟାମ୍ପସ ଲୋକାର୍ପିତ ହେବା ସହ ବାର୍ଷିକ ଉତ୍ସବର ଉଦଘାଟନୀ ସମାରୋହ ଅନୁଷ୍ଠିତ ହୋଇଥିଲା। ରୂପ୍ରାରୋଡ ସ୍ଥିତ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଉଦଯାପନୀ ସମାରୋହ ସାମପନ ହୋଇଥିଲା। ଉଦଯାପନୀ ସମାରୋହରେ ସ୍କୁଲର ଭାଇସ୍ ଚ୍ୟାରମେନ୍ ରତନ କୁମାର ଅଗ୍ରୱାଲ, ସମ୍ପାଦକ ସୁମିତ କୁମାର ଅଗ୍ରୱାଲ, ବରିଷ୍ଠ ସଦସ୍ୟ ଆନନ୍ଦ କୁମାର ଅଗ୍ରୱାଲ, ମହେଶ ଅଗ୍ରୱାଲ, କୈଳାଶ କୁମାର ଅଗ୍ରୱାଲ, ରୂପଚନ ଜୈନ, ପ୍ରଦୀପ କୁମାର ଅଗ୍ରୱାଲ ଓ ଦେବେଶ କୁମାର ଅଗ୍ରୱାଲ ପ୍ରମୁଖ ମଞ୍ଚାସୀନ ଥିଲେ। ଉପଦେଷ୍ଟା ଦେବୀଦେବ ଶର୍ମା ଓ ସୁବାସ ଚନ୍ଦ୍ର ଅଗ୍ରୱାଲ ଛାତ୍ରଛାତ୍ରୀମାନଙ୍କ ସର୍ବାଙ୍ଗିନ ବିକାଶ ଦିଗରେ କାର୍ଯ୍ୟ କରିବାକୁ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ବାର୍ତ୍ତା ପ୍ରେରଣ କରିଥିଲେ। ରୂପ୍ରାରୋଡ ସରପଞ୍ଚ ଅତିଥି ଭାବେ ଯୋଗଦେଇ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ପ୍ରୀତି ଉପହାର ପ୍ରଦାନ ସହ ସ୍କୁଲର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ସଭାର ଅଧ୍ୟକ୍ଷତା କରିଥିଲେ ସ୍କୁଲର ଭାଇସ ପ୍ରିନ୍ସପାଲ ବିଭୁ ରଞ୍ଜନ ମହାନ୍ତି। ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ସ୍କୁଲ ପରିଚାଳନା କମିଟିର କାର୍ଯ୍ୟକର୍ତ୍ତା ଓ ସଦସ୍ୟମାନେ ପୁରସ୍କୃତ କରିଥିଲେ। ବିଦ୍ୟାଳୟ ପାଇଁ ଜମିଦାନ କରିଥିବା ଜମିଦାତାମାନଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା। ସ୍କୁଲର କୁନି କୁନି ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଚିତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମମାନ ପରିବେଷିତ ହୋଇଥିଲା। ଶିକ୍ଷୟିତ୍ରୀ ଅନିମା ଅଗ୍ରୱାଲ, ନିବେଦିତା ସାହୁ, ତୁଳସୀ ବେହେରା, ପ୍ରେମାଞ୍ଜଳୀ ପୋଢ, ପୂଜା ଅଗ୍ରୱାଲ, ଅଞ୍ଜୁ ବେହେରା, କୁନ୍ତୀ ଭୋଇ, ଶିକ୍ଷକ ବିଜୟ କୁମାର ମହାପାତ୍ର, ଚୈତନ୍ୟ ସାହୁ, ପଦ୍ମନାଭ ଝାଙ୍କର, ତୁଷାର ଗଉଡ, ଦେବେନ୍ଦ୍ର ସେନାପତିଙ୍କ ସମେତ ବିଦ୍ୟାଳୟର କର୍ମଚାରୀ ଧିରୋଜ ସେଠୀ, ସୁମିତ୍ରା ପୋଢ, ବୃନ୍ଦାବନ ସା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମର ଅବିଭାବକ/ଅବିଭାବିକା ଓ ବହୁ ସଂଖ୍ୟାରେ ଜନସାଧାରଣ ଉପସ୍ଥିତ ଥିଲେ।

## ତେରେସିଂହାରେ ଷୋହଳ ପ୍ରହର ନାମଯଜ୍ଞ

କର୍ଲାମୁଣ୍ଡା, (ଭାସ୍କର ନ୍ୟୁଜ୍): କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ ଅନ୍ତର୍ଗତ ତେରେସିଂହା ଗ୍ରାମର ରାଧାବଲ୍ଲଭ ପଡ଼ାରେ ହେଉଥିବା ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ପୂର୍ଣ୍ଣାହୁତି ହୋଇଯାଇଛି। ଯଜ୍ଞ ପୂର୍ବ ଦିନ ଅଧ୍ୟାତ୍ମିକ ପରିବେଶ ମଧ୍ୟରେ ଘଣ୍ଟ, ଶଙ୍ଖ, ହୁଳହୁଳି, ସଂକୀର୍ତ୍ତନ ସହ କଳସ ଯାତ୍ରାରେ ଅନୁଷ୍ଠାନ ତଥା ଗ୍ରାମର ଶତାଧିକ ମହିଳା କଳସ ଯାତ୍ରାରେ ସାମିଲ ହୋଇଥିଲେ। ଏଥିରେ ଅନୁଷ୍ଠାନର ଡମ୍ବରୁଧର ରଣା ଓ ତାଙ୍କ ପତ୍ନୀ ଗୌରୀ ରଣା ଯଜ୍ଞକର୍ତ୍ତା ଦାୟିତ୍ୱରେ ରହିଥିବା ବେଳେ ପୂଜକ ଡୋଳାମଣି ପଣ୍ଡିଆ ପୂଜାକାର୍ଯ୍ୟ ସଂପାଦନ କରିଥିଲେ। ଷଡ଼ ବୈଷ୍ଣବ ଭାବରେ କୁରୁକ୍ଷେତ୍ର ରଣା, ସନ୍ତୋଷ ରଣା, ରତିକାନ୍ତ ରଣା, ସୁଶାନ୍ତ ରଣା, ଗୁଣନିଧି ରଣା, ସୁରଥ ରଣା ରହିଥିଲେ । ଅନୁଷ୍ଠାନର ସମ୍ପାଦକ କୃଷ୍ଣଚନ୍ଦ୍ର ରଣା ଓ ପରିଚାଳନା କମିଟି ସଦସ୍ୟ ତ୍ରିନାଥ ରଣା, ଭୁବନେ ରଣା, ହରିହର ରଣା, ଭରତ ରଣା, କୁଳମଣି ରଣା, ମୁରଲୀଧର ରଣା, ହେମସାଗର ରଣା, ଅବଧୂତ ରଣା, ସମ୍ବାରୁ ରଣା, କ୍ଷେତ୍ରମଣି ରଣା, ଯୁଗଳ କିଶୋର ନାଏକ, ମନୋଜ ରଣା, ଚତୃଭୁଜ ରଣା, ବୈଲୁଚନ ରଣା, ସମ୍ବାରୁ ରଣା, ପୁରନ୍ଦର ରଣାଙ୍କ ସମେତ ଅନୁଷ୍ଠାନର ସମସ୍ତ ସଦସ୍ୟ ବିଭିନ୍ନ କାର୍ଯ୍ୟରେ ସହଯୋଗ କରିଥିଲେ ।

## ଗୁଣପୁର ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ




ନର୍ଲା (ଭାସ୍କର ନ୍ୟୁଜ୍): ନର୍ଲା ବ୍ଲକ ଅନ୍ତର୍ଗତ ବୁରାଟ କ୍ଲଷ୍ଟରର ଗୁଣପୁର ପ୍ରାଥମିକ ବିଦ୍ୟାଳୟ ରେ ବାର୍ଷିକ ଉତ୍ସବ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବଳରାମ ମାଝୀ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବରେ ଗାଡେବନ୍ଧ ପଞ୍ଚାୟତର ସରପଞ୍ଚ କବିତା ବାଗ, ସମ୍ମାନିତ ଅତିଥି ଭାବରେ ସମିତି ସଭ୍ୟା ସୁଜାତା ସାହୁ, ୱାର୍ଡ ମେମ୍ବର ଡିଙ୍ଗର ମୁଣ୍ଡା ଓ ଗୌରୀ ମାଝୀ, ପୂର୍ବତନ ଛାତ୍ର ତଥା ଯୁବ ସମାଜ ସେବୀ ଅଜିତ୍ ସାହୁ, ପୂର୍ବତନ ଛାତ୍ର ତଥା ନବରଙ୍ଗପୁର ଥାନା ଭାରପ୍ରାପ୍ତ ଅଧିକାରୀ ବିଦ୍ୟାଳୟର ଗର୍ବ ଓ ଗୌରବ ଟଙ୍କଧର ମୁଣ୍ଡା, ବିଦ୍ୟାଳୟ ପାଇଁ ଜମି ଦାନ କରିଥିବା ସ୍ୱର୍ଗତ ପଦ୍ମନାଭ ଯାନୀଙ୍କ ସୁପୁତ୍ର ଅମର ସିଂ ଯାନୀ, ମୁଖ୍ୟ ବକ୍ତା ରଣିପଟା ଉପ୍ରା ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଋତୁରାଜ ରଣା, ଗାଡେ ବନ୍ଧ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଭାକର ପାଣ୍ଡେ, ବିଦ୍ୟାଳୟ ପରିଚାଳନା କମିଟିର ଚେୟାରମେନ ଧନୁର୍ଯ୍ୟ ସାହୁ ଯୋଗ ଦେଇ ଛାତ୍ର ଛାତ୍ରୀଙ୍କ ଉଦ୍ଦେଶ୍ୟ ରେ ଉଦ୍‌ବୋଧନ ଦେଇଥିଲେ। ମଞ୍ଚ ପରିଚାଳନା କରିଥିଲେ ବିଦ୍ୟାଳୟର ସହ ଶିକ୍ଷକ କ୍ଷିତିଶ ଚନ୍ଦ୍ର ମାଝୀ। ପରେ ବିଦ୍ୟାଳୟର ଛାତ୍ରଛାତ୍ରୀ ଓ ପୂର୍ବତନ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ମଞ୍ଚ ପରିଚାଳନା କରିଥିଲେ ବିଶିଷ୍ଟ ମଞ୍ଚ ପରିଚାଳକ ତଥା ଶିକ୍ଷକ ଲଳିତ ମୋହନ ଭୋଇ। ଶେଷରେ ବିଭିନ୍ନ ପ୍ରତିଯୋଗିତା ର ପୁରସ୍କାର ସହ ପ୍ରମାଣପତ୍ର ଛାତ୍ରଛାତ୍ରୀଙ୍କୁ ବଣ୍ଟନ କରାଯାଇଥିଲା। ଏଥିରେ ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ ସଦସ୍ୟା ଓ ଗ୍ରାମବାସୀ ବିଶେଷ ସହଯୋଗ କରିଥିଲେ।

## ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା




ଧର୍ମଗଡ଼ (ଭାସ୍କର ନ୍ୟୁଜ)ଧର୍ମଗଡ଼ ବ୍ଲକ ତେଣ୍ଡାପାଲି ପଞ୍ଚାୟତପଦ୍ମପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ଅନନ୍ତ ରାମ ନାଏକଙ୍କୁ ଏକ ବର୍ଣ୍ଣାଢ୍ୟ ସମାବେଶରେ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘ ଯୁଗ୍ମ ସମ୍ପାଦକ ଲଳିତ ନାଏକଙ୍କ ସଭାପତିତ୍ୱରେ ଧର୍ମଗଡ଼ ଗୋଷ୍ଠୀ ଶିକ୍ଷାଧିକାରୀ ପାଙ୍କଜିନି ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ମୁଖ୍ୟ ବକ୍ତା ଭାବେ ଜିଲ୍ଲା ପ୍ରାଥମିକ ସଂଘ ସଂଯୋଜକ ପଦ୍ମକିଶୋର ନାଏକ ଏବଂ ସମ୍ମାନୀୟ ଅତିଥି ଭାବେ ଗୋଷ୍ଠୀ ସହ ଶିକ୍ଷା ଅଧିକାରୀ ବିଶ୍ୱଜିତ ବେହେରା, ଧର୍ମଗଡ ପ୍ରାଥମିକ ଶିକ୍ଷକ ସଂଘ ସଭାପତି କ୍ଷେତ୍ର ମୋହନ ମାଝି, ସମ୍ପାଦକ ଆଶିଷ କୁମାର ପ୍ରଧାନୀ, ଉପ ସଭାପତି ବେଣୁ ଧର ନାଏକ, କୋଷାଧ୍ୟକ୍ଷ ଲୋକେଶ ପାରି, ଅବସରପ୍ରାପ୍ତ ଝଓ ଅଜିତ ପଣ୍ଡା, ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଆଶିଷ କୁମାର ନାଏକ ପ୍ରମୁଖ ଯୋଗଦେଇଥିଲେ। ଶିକ୍ଷକ ଅନନ୍ତ ରାମ ନାଏକ ୨୦୦୨ ମସିହାରେ ବିକଳ୍ପ ବିଦ୍ୟାଳୟରେ ନିଯୁକ୍ତି ପାଇଥିବା ବେଳେ ୨୦୦୮ରେ ଗଣ ଶିକ୍ଷକ ଏବଂ ୨୦୧୭ରେ ରେଗୁଲାର ଶିକ୍ଷକ ଭାବରେ ନିଯୁକ୍ତି ପାଇ ଏଯାବତ ଶିକ୍ଷା ପ୍ରଦାନ କରିଆସୁଥିଲେ। ସେ ଜଣେ ମେଳାପୀ, ସୁବ୍ୟବହାରୀ ଶିକ୍ଷକ ଭାବରେ ନିଜ ଦାୟିତ୍ୱ ତୁଲାଇଥିଲେ। ତାଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଅବସରରେ ୧୦୦ରୁ ଅଧିକ ଶିକ୍ଷକ ଶିକ୍ଷୟତ୍ରୀ ଓ ଗ୍ରାମବାସୀ ସହ ଛାତ୍ରଛାତ୍ରୀ ମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ କୁ ଶିକ୍ଷକ ନିଲାମ୍ବର ପୋଡ ପରିଚାଳନା କରିଥିବା ବେଳେ ଶିକ୍ଷକ ଆଶିଷ କୁମାର ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।

## ମାଆ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ବାଣିଜ୍ୟ ବିଭାଗର ଜାତୀୟ କର୍ମଶାଳା




ଭବାନୀପାଟଣା, (ଭାସ୍କର ନ୍ୟୁଜ୍): ସ୍ଥାନୀୟ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ବାଣିଜ୍ୟ ବିଭାଗ ଆନୁକୂଲ୍ୟରେ 'ବିଜନେସ୍ ଆଣ୍ଡ ପ୍ରଫେସ୍‌ନାଲ୍ ଲିଡରସିପ୍' ଶୀର୍ଷକ ଏକ ଦୁଇ ଦିନିଆ ଜାତୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏହି କର୍ମଶାଳାରେ ଭାରପ୍ରାପ୍ତ କୁଳପତି ଡକ୍ଟର ନିବେଦିତା ନାଥ ସଭାପତିତ୍ୱ କରିଥିବାବେଳେ କୁଳସଚିବ ପିତାମ୍ବର ଭୋଇ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। ଅନ୍ୟତମ ସମ୍ମାନିତ ଅତିଥି ରୂପେ କଳାହାଣ୍ଡି ଜିଲ୍ଲା ମାଇଁ ଭାରତ ନେହେରୁ ଯୁବକେନ୍ଦ୍ର, ଜିଲ୍ଲା ଯୁବ ଅଧିକାରୀ, ପ୍ରସନ୍ନ ମେହେର, ବରିଷ୍ଠ ସାମ୍ବାଦିକ ତଥା ସ୍ତମ୍ଭକାର ଉମାଶଙ୍କର କର ପ୍ରମୁଖ ଏହି ଜାତୀୟ କର୍ମଶାଳା ରେ ଯୋଗଦେଇଥିଲାବେଳେ ଡକ୍ଟର ମଲ୍ଲିକା କୁମାର, ଆଭାସୀ ମାଧ୍ୟମରେ ଦିଲ୍ଲୀର ଶ୍ରୀରାମ କଲେଜ ଅଫ କମର୍ସ ରୁ ଯୋଗଦାନ କରିଥିଲେ । ଏହି କର୍ମଶାଳାକୁ ବାଣିଜ୍ୟ ବିଭାଗର ମୁଖ୍ୟ ଡକ୍ଟର ହଳଧର ସାହୁ ସଂଯୋଜନା କରିଥିଲେ ଓ ଶେଷରେ ଡକ୍ଟର ଚିତ୍ତରଞ୍ଜନ ଖୁଣ୍ଟିଆ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ବାଣିଜ୍ୟ ବିଭାଗର ଅନ୍ୟତମ ଅଧ୍ୟାପକ ଡକ୍ଟର ଚିତ୍ତରଞ୍ଜନ ଖୁଣ୍ଟିଆ ଏବଂ ତାଙ୍କର ଦୁଇ ସହଯୋଗୀ ଦୁର୍ଗା ମାଧବ ମହାପାତ୍ର ଓ ମିନତୀ ମହାନ୍ତିଙ୍କ ଦ୍ୱାରା ଲିଖିତ ଶିକ୍ଷା ପୁସ୍ତକ "ଫଣ୍ଡାମେଣ୍ଟାଲସ୍ ଅଫ୍ ଏଣ୍ଟରପ୍ରିନ୍‌ରସିପ୍ ଆଣ୍ଡ ଇ-କମର୍ସ"କୁ ବିଶ୍ୱବିଦ୍ୟାଳୟର କୁଳପତି ଡକ୍ଟର ନିବେଦିତା ନାଥ, କୁଳସଚିବ ଶ୍ରୀ ଭୋଇ ଏବଂ ଅନ୍ୟାନ୍ୟ ଅତିଥିଗଣମାନଙ୍କ ଦ୍ୱାରା ଉନ୍ମୋଚନ କରିଥିଲେ। ଏହି ପୁସ୍ତକଟି ନୂତନ ଶିକ୍ଷାନୀତି -୨୦୨୦ ଅନୁସାରେ ପ୍ରସ୍ତୁତ ହୋଇ ସମଗ୍ର ଓଡିଶାରେ କଳା, ବିଜ୍ଞାନ ଓ ବାଣିଜ୍ୟର ସ୍ନାତକ ଛାତ୍ରଛାତ୍ରୀମାନଙ୍କ ପାଇଁ ଦ୍ୱିତୀୟ ସେମିଷ୍ଟାରର ମଲ୍ଟିଡିସ୍ ପ୍ଲିନାରୀ କୋର୍ସ – ୨ ପାଠ୍ୟକ୍ରମରେ ସାମିଲ କରାଯାଇଅଛି । ଏହି ପୁସ୍ତକ ଲିଖନର ସଫଳତା ପାଇଁ କୁଳପତି, କୁଳସଚିବ ଏବଂ ଅନ୍ୟାନ୍ୟ ଅତିଥି ମାନେ ଡକ୍ଟର ଖୁଣ୍ଟିଆଙ୍କୁ ଅଭିନନ୍ଦନ ଜଣାଇଥିଲେ ।

## ପର୍ଲା ଅନନ୍ତ ପ୍ରସାଦ ଦାସ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

# 'କଠିନ ପରିଶ୍ରମ କଲେ ଲକ୍ଷ୍ୟ ହାସଲ ସମ୍ଭବ'




ଧର୍ମଗଡ଼,(ଭାସ୍କର ନ୍ୟୁଜ):ଧର୍ମଗଡ଼ ବ୍ଲକ ପର୍ଲା ସ୍ଥିତ ଅନନ୍ତ ପ୍ରସାଦ ଦାସ ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ ଶୁକ୍ରବାର ଦିନ ଠାରୁ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଥିବା ବେଳେ ଶନିବାର ଦିନ ଉଦଯାପିତ ହୋଇ ଯାଇଛି। ମୁଖ୍ୟ ଅତିଥି ଭାବେ ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପଟ୍ଟଯୋଶୀ ଯୋଗ ଦେଇ -ଛାତ୍ରଛାତ୍ରୀମାନଙ୍କ ଉତ୍ତରୋତ୍ତର କାମନା କରିଥିଲେ। ତାଙ୍କ ବକ୍ତବ୍ୟ ରେ ଗୋଟେ ସୁନାଗରିକ ହେବା ରାଜ୍ୟ ଓ ଦେଶ ବିକାଶ ଦିଗରେ ନିଜ କର୍ତ୍ତବ୍ୟ ରଖିବା ସହ ସମାଜ କଲ୍ୟାଣରେ ଅଂଶୀଦାର ହେବା ହିଁ ପ୍ରକୃତ ଅଧ୍ୟୟନ ଓ କଠିନ ପରିଶ୍ରମ କଲେ ଲକ୍ଷ୍ୟ ହାସଲ ସମ୍ଭବ କହିବା ସହ କଠିନ ପରିଶ୍ରମ କରିବାକୁ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ ଦେଇଥିଲେ। ଛାତ୍ରଛାତ୍ରୀମାନଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣଙ୍କୁ ମୁଖ୍ୟ ଅତିଥି ମାନ ପତ୍ର ସହ ପୁରସ୍କାର ପ୍ରଦାନ କରିଥିଲେ। ଦୁଇଦିନ ଧରି ଚାଲିଥିବା କାର୍ଯ୍ୟକ୍ରମରେ ପ୍ରଥମ ଦିନ କ୍ରୀଡ଼ା ଉତ୍ସବ ରେ ମୁଖ୍ୟ ଅତିଥି ଭାବେ ଧର୍ମଗଡ଼ ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ପଙ୍କଜିନି ମାଝୀ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଯାପିତ ବାର୍ଷିକ ଉତ୍ସବରେ ସମ୍ମାନିତ ଅତିଥି ଭାବେ ସରପଞ୍ଚ ବ୍ରିଜଲାଲ ନାଏକ, ସମାଜସେବୀ ହୃଷିକେଶ ସାହୁ, ଅବସରପ୍ରାପ୍ତ କିରାଣୀ ଶୁସାନ୍ତ କୁମାର ଦାସ, ଅବସର ପ୍ରାପ୍ତ ସୈନିକ ସାଧୁରାମ ଶବର ଉପସ୍ଥିତ ଥିବା ବେଳେ ଉଦ୍‌ଘାଟନ ଉତ୍ସବରେ ସମ୍ମାନିତ ଅତିଥି ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ବିଶ୍ୱଜିତ ବେହେରା,ସମିତି ସଭ୍ୟା-ପୂର୍ଣ୍ଣମୀ ଝଙ୍କାର, ବିଦ୍ୟାଳୟ କମିଟି ସଭାପତି-ଧନୁର୍ଦ୍ଧର ଅଦା, ଅବସରପ୍ରାପ୍ତ ଶିକ୍ଷକ ସରୋଜ କୁମାର ଦାସ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମନୋରମା ତ୍ରିପାଠୀ ସଭାପତି କରିଥିବାବେଳେ ଶିକ୍ଷକ ତେଜସ୍ୱର ସାହୁ ମଞ୍ଚ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷକ ନବ କୁମାର ସୁନାରୀ ପ୍ରମୁଖ ଭୂମିକା ତୁଲାଇଥିବାବେଳେ ଶିକ୍ଷକ ରୁଦ୍ର ମାଧବ ନାଏକ, ବୀରେନ୍ଦ୍ର ସୁନାନୀ, ଶିକ୍ଷୟିତ୍ରୀ ଦିବ୍ୟ ଭାରତୀ ନାଏକ,ପ୍ରତିଭା ପରିଡା, ଜ୍ୟୋତିର୍ମୟୀ ସାହୁ, ଶୁଭଲକ୍ଷ୍ମୀ ସାହୁ, ଶିକ୍ଷକ ମୁକ୍ତିକାନ୍ତ ମିଶ୍ର, ଶଶ ବିନ୍ଦୁ କୁମାର, ସୋମନାଥ ମିଶ୍ର, ଲକ୍ଷ୍ମୀକାନ୍ତ ମେହେର, ତୁଷାର ରଞ୍ଜନ ନାଏକ,ସାରଦା ପ୍ରସାଦ ଦାସ, ଅର୍ଜୁନ ଗୋପାଳ,ପ୍ରୟାଗ ପଣ୍ଡା, ବିକାଶ ଦାସ,ପ୍ରିୟବ୍ରତ ବେହେରା, ପ୍ରବୀଣ ଦାସ,ଭାଗିରଥି ପଟେଲ, ଗୁଣମତି ଶବର ପ୍ରମୁଖ ସହଯୋଗ କରିଥିଲେ। ସୂଚନା ଯେ ପର୍ଲା ଅନନ୍ତ ପ୍ରସାଦ ଦାସ ସରକାରୀ ଉଚ୍ଚ ବିଦ୍ୟାଳୟ କେନ୍ଦ୍ର ସରକାରଙ୍କ ଅନୁମୋଦନରେ ପିଏମଶ୍ରୀରେ ପରିଣତ ହୋଇଛି। ଶିକ୍ଷାର ଗୁଣାତ୍ମକ ବିକାଶ ପାଇଁ ଏହି ଯୋଜନାରେ ସାମିଲ କରି ତାର ସର୍ବାଙ୍ଗୀନ ବିକାଶ ଉଦ୍ଦେଶ୍ୟରେ ପ୍ରଧାନମନ୍ତ୍ରୀ ଏହି ଅଭିନବ ଯୋଜନା ପ୍ରଣିତ କରି ଶିକ୍ଷାକୁ ଏକ ଦିଗନ୍ତ ଦେବାରେ ପ୍ରୟାସ କରିଛନ୍ତି। କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ବ୍ଲକ ରେ ପର୍ଲା ଓ ଧର୍ମଗଡ଼ ସରକାରୀ ଉଚ୍ଚ ବିଦ୍ୟାଳୟ ଏହି ଯୋଜନାରେ ସାମିଲ ହୋଇଛି। ଯାହାକୁ ନେଇ ଛାତ୍ରଛାତ୍ରୀମାନଙ୍କ ଭିତରେ ଉତ୍ସାହ ଦେଖାଦେଇଥିବାବେଳେ ଶିକ୍ଷାର ଗୁଣାତ୍ମକ ପରିଭାଷା ସ୍ପଷ୍ଟ ପରିପ୍ରକାଶ ପାଇଛି।

## ରାଶିଫଳ

ରବିବାର, ୩୦ ମାର୍ଚ୍ଚ ୨୦୨୫



**ମେଷ:** ପରିଶ୍ରମର ଫଳ ମିଠା ହେବ। ସାମାଜିକ କାର୍ଯ୍ୟରେ ଆଗ୍ରହୀ ହେବେ। ଆପଣଙ୍କୁ ସମ୍ମାନ ମିଳିବ। ବ୍ୟବସାୟ ଇଚ୍ଛାକୃତ ଲାଭ ପ୍ରଦାନ କରିବ। ଜଣେ ପ୍ରଭାବଶାଳୀ ବ୍ୟକ୍ତିଙ୍କ ପରିଚୟ ବୃଦ୍ଧି ପାଇବ। ଶାରୀରିକ କଷ୍ଟ ସମ୍ଭାବନା। ଅଜ୍ଞାତ ଭୟ ହନ୍ତସନ୍ତ କରିବ। ଚିନ୍ତା ଏବଂ ଟେନସନ ରହିବ।



**ବୃଷ:** ଆପଣ ଦୂରରୁ ସୁଖଦ ସୂଚନା ପାଇପାରିବେ । ଅତିଥିମାନେ ଘରେ ପହଞ୍ଚିବେ। ଖର୍ଚ୍ଚ ହେବ। ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ବିପଦ ଏବଂ ବନ୍ଧକ କାର୍ଯ୍ୟରୁ ଦୂରେଇ ରୁହନ୍ତୁ। ବଡ କାମ କରିବାକୁ ଇଚ୍ଛା କରିବେ । ପରିବାର ସହାୟତା ଯୋଗାଇ ଦିଆଯିବ। ଖୁସି ହେବେ। ଆପଣଙ୍କର ବୁଦ୍ଧି ବ୍ୟବହାର କରନ୍ତୁ।



**ମିଥୁନ:** ନୂତନ ପୋଷାକ କିଣିବା ଉପରେ ଖର୍ଚ୍ଚ ହେବ। ଯାତ୍ରା ଚିତ୍ତାକର୍ଷକ ହେବ । ଆପଣଙ୍କର ଭାଇମାନଙ୍କ ସମର୍ଥନ ପାଇବେ। ବିପଦ ଏବଂ ବନ୍ଧକ କାର୍ଯ୍ୟରୁ ଦୂରେଇ ରୁହନ୍ତୁ। ଘର ବାହାରେ ଖୁସିର ପରିବେଶ ରହିବ। ନୂତନ ବନ୍ଧୁ ସୃଷ୍ଟି ହେବ।



**କର୍କଟ:** ପାରିବାରିକ ଚିନ୍ତାଧାରା ରହିବ। କାରବାରରେ ତତ୍ପର ହୁଅନ୍ତୁ ନାହିଁ । ଆବଶ୍ୟକ ଦ୍ରବ୍ୟ ହଜିଯାଇ ପାରେ । ବିବାଦକୁ ପ୍ରୋତ୍ସାହିତ କରନ୍ତୁ ନାହିଁ । ଜଣେ ବ୍ୟକ୍ତିଙ୍କ ଉତ୍ତେଜନାରେ ଆସନ୍ତୁ ନାହିଁ । ଆଜି କୈଣସି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଅନ୍ତୁ ନାହିଁ। ବୁଦ୍ଧିର ବ୍ୟବହାର ଲାଭ ବୃଦ୍ଧି କରିବ। ଆୟ ରହିବ। କ୍ଲାନ୍ତ ଅନୁଭବ କରିବେ।



**ସିଂହ:** ପରିବାର ଏବଂ ସାଙ୍ଗମାନଙ୍କ ସହିତ ଏକ ମନୋରମ ଯାତ୍ରା ଆୟୋଜିତ ହୋଇପାରିବ। ବନ୍ଦ ହୋଇଥିବା ଅର୍ଥ ହେଉଛି ପ୍ରାପ୍ତିର ପରିମାଣ। ସାଙ୍ଗମାନଙ୍କ ସାହାଯ୍ୟରେ କାର୍ଯ୍ୟ ସମାପ୍ତ ହେବ। ଏକ ନୂତନ କାର୍ଯ୍ୟ ଆରମ୍ଭ କରିବାକୁ ମନ ବଳାଇବେ।



**କନ୍ୟା:** କର୍ମକ୍ଷେତ୍ରରେ ପରିବର୍ତ୍ତନ ସମ୍ଭବ। ଆଜିର ଯୋଜନା ସଫଳ ହେବ। ବ୍ୟବସାୟ ଅଭିବୃଦ୍ଧିକୁ ବିଚାର କରାଯାଇପାରେ । ଅଧିକାରୀମାନେ ଚାକିରିରେ ଖୁସି ହେବେ। ଅଧସ୍ତନମାନଙ୍କ ସହଯୋଗ ଯୋଗାଇ ଦିଆଯିବ । ପାରିବାରିକ ଚିନ୍ତାଧାରା ରହିବ। ବ୍ୟବସାୟରେ ଅନୁକୂଳ ଲାଭ ହେବ। ଉତ୍ସାହ ଏବଂ ସୁଖ ରହିବ । ସ୍ୱାସ୍ଥ୍ୟ ଭଲ ରହିବ।



**ତୁଳା:** ଏକ ଧାର୍ମିକ ସ୍ଥାନକୁ ଯାତ୍ରା ଯୋଜନା କରାଯାଇପାରେ। ସତସଙ୍ଗର ଲାଭ ହେବ । ପରିବାର ସହାୟତା ଉପଲବ୍ଧ ହେବ। ଘର ବାହାରେ ଶାନ୍ତି ଏବଂ ସୁଖ ରହିବ। ଜଣେ ପ୍ରଭାବଶାଳୀ ବ୍ୟକ୍ତିଙ୍କ ମାର୍ଗଦର୍ଶନ ସହାୟକ ହେବ।



**ବିଛା:** ଆଘାତ ଏବଂ ଦୁର୍ଘଟଣାରୁ କ୍ଷତି ସମ୍ଭବ। ବେପରୁଆ ହୁଅନ୍ତୁ ନାହିଁ। ଜଣେ ବ୍ୟକ୍ତିଙ୍କ ସହିତ ଏକ ଅର୍ଥହୀନ ବିବାଦ ହୋଇପାରେ। ମାନସିକ ଦୁଃଖ ଆସିବ । ମୂଲ୍ୟବାନ ସାମଗ୍ରୀକୁ ସୁରକ୍ଷିତ ରଖନ୍ତୁ । ବିପଦ ଏବଂ ବନ୍ଧକ କାର୍ଯ୍ୟରୁ ଦୂରେଇ ରୁହନ୍ତୁ। ଚିନ୍ତା ଏବଂ ଟେନସନ ରହିବ । ଆୟ ହ୍ରାସ ହୋଇପାରେ । ବ୍ୟବସାୟ ଭଲ କରିବ । ଲୋକଙ୍କଠାରୁ ଅଧିକ ଆଶା କରନ୍ତୁ ନାହିଁ ।



**ଧନୁ:** ଶୀଘ୍ର କାର୍ଯ୍ୟ କଲେ ତାହା ଖରାପ ହେବ ଏବଂ ସମସ୍ୟା ବଢ଼ିପାରେ । ବିଭିନ୍ନ କ୍ଷେତ୍ରରେ ବିରୋଧ ହେବ। ପ୍ରେମ ସଂପର୍କରେ ସୁସଙ୍ଗତତା ରହିବ। ବାହାରକୁ ଯିବାକୁ ଯୋଜନା ହେବ। ଜଣେ ବୟସ୍କ ବ୍ୟକ୍ତିଙ୍କ ସହଯୋଗ କାର୍ଯ୍ୟକୁ ସହଜ କରିବ । ଘର ବାହାରେ ଶାନ୍ତି ରହିବ। ଚାକିରିରେ ଶାନ୍ତି ରହିବ। ବ୍ୟବସାୟ ଲାଭଦାୟକ ହେବ ।



**ମକର:** ଜମି, ବିଲଡିଂ, ଦୋକାନ, ଶୋ'ରୁମ୍ ଏବଂ କାରଖାନା ଇତ୍ୟାଦି କିଣାବିକାରେ ଲାଭବୃଦ୍ଧି ହେବ। ବଡ କାରବାର ବଡ ଲାଭ ଦେଇପାରେ। ଭାଗ୍ୟର ପଦୋନ୍ନତି ପ୍ରୟାସ ସଫଳ ହେବ। ବିବାଦକୁ ପ୍ରୋତ୍ସାହିତ କରନ୍ତୁ ନାହିଁ । ଦୁର୍ନିତିରୁ ଦୂରେଇ ରୁହନ୍ତୁ । ବିପଦ ଏବଂ ବନ୍ଧକ କାର୍ଯ୍ୟରୁ ଦୂରେଇ ରୁହନ୍ତୁ । ଟଙ୍କା ମିଳିବା ସହଜ ହେବ । ସାଙ୍ଗମାନଙ୍କ ଠାରୁ ସମର୍ଥନ ପାଇବେ।



**କୁମ୍ଭ:** ମୂଲ୍ୟବାନ ଜିନିଷକୁ ସୁରକ୍ଷିତ ରଖନ୍ତୁ। ଏକ ପାର୍ଟି ଏବଂ ପିକନିକ୍ ପାଇଁ ଏକ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇପାରିବ । ଶୁଭ କାର୍ଯ୍ୟରେ ଭାଗ ନେବାକୁ ଆପଣ ଏକ ସୁଯୋଗ ପାଇବେ। ସୁସ୍ୱାଦୁ ଖାଦ୍ୟଗୁଡ଼ିକ ଉପଭୋଗ ହେବ । ସାଙ୍ଗମାନଙ୍କଠାରୁ ସମର୍ଥନ ପାଇବେ । ପରିବାରରେ ସୁଖ ମିଳିବ । ଶୀଘ୍ର କାର୍ଯ୍ୟ କଲେ କ୍ଷତି ସମ୍ଭବ ।



**ମୀନ:** ଅନ୍ୟମାନଙ୍କଠାରୁ ଅଧିକ ଆଶା କରନ୍ତୁ ନାହିଁ। ଶୀଘ୍ର କାର୍ଯ୍ୟରେ ବାଧା ସୃଷ୍ଟି କରିବ । ଦୌଡ଼ଧାପଡ ଅଧିକ ହେବ। ଆପଣ ଚିନ୍ତାଜନକ ସୂଚନା ପାଇବେ, ଧୈର୍ଯ୍ୟବାନ ହୁଅନ୍ତୁ। ନିର୍ମାଣ କାର୍ଯ୍ୟ ବିଳମ୍ବ ହେବ। ଚିନ୍ତା ଏବଂ ଟେନସନ ରହିବ। ସାଙ୍ଗମାନଙ୍କ ସହିତ ସମୟ ଭଲ ହେବ। ଚାକିରିରେ ରହିବେ। ଆୟରେ ନିଶ୍ଚିତତା ରହିବ।




ପ୍ରସ୍ତୁତି
ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯